

ରାସ୍ତାରେ ଚୁଡ଼ା ସନ୍ତୁଳା ବିକିଲେ ଉମା | ପୃଷ୍ଠା ୬

# ସଂଚାର
THE SANCHAR

Website: sanchar.live  mail Id: sancharodisha@gmail.com
RNI NO :ODIODI/2001/04811  Postal Regd No : BN/249/15-17

Vol. 34 | ISSUE 18 ଭାଗ ୩୪ | ସଂଖ୍ୟା ୧୮ | Thursday 9 April 2026 | Page 8 Rs. 5.00 | ଭୁବନେଶ୍ୱର ଗୁରୁବାର ୯ ଏପ୍ରିଲ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ଯୁଦ୍ଧ ବିରତି ଘୋଷଣାକୁ ୨୪ ଘଣ୍ଟା ପୂରିନି

## ପୁଣି ହର୍ମୁଜ ବନ୍ଦ କଲା ଇରାନ

- ଲେବାନନ ଉପରେ ଆକ୍ରମଣକୁ ବିରୋଧ
- ପରିବହନ ଶୁଳ୍କ ସର୍ତ୍ତକୁ ଓମାନର ପ୍ରତ୍ୟାଖ୍ୟାନ

ତେହରାନ,୮।୪ଃ ଇରାନ ଓ ଆମେରିକା ମଧ୍ୟରେ ଦୁଇ ସପ୍ତାହର ଯୁଦ୍ଧ ବିରତି ଘୋଷଣାର ୨୪ ଘଣ୍ଟା ନପୂରୁଣୁ ପୁଣି ଥରେ ହର୍ମୁଜ ପ୍ରଣାଳୀକୁ ବନ୍ଦ କରିଛି ତେହରାନ। ଲେବାନନ ଉପରେ ଇସ୍ରାଏଲର ପ୍ରଚଣ୍ଡ ଆକ୍ରମଣକୁ ବିରୋଧ କରି ଇରାନ ଆଜି ଏହି ପ୍ରତିବନ୍ଧକ ଲଗାଇଛି। ଯୁଦ୍ଧ ବିରତି ପାଇଁ ଇରାନ ଓ ଆମେରିକା ରାଜି ହେବା ପରେ ଲେବାନନ ଉପରେ ସାମରିକ ଆକ୍ରମଣ ସର୍ତ୍ତରେ ସାମିଲ ନୁହେଁ ବୋଲି ଇସ୍ରାଏଲ ଦାବି କରିଥିଲା।

ଲେବାନନ ଉପରେ ବୁଧବାର ଇସ୍ରାଏଲ ପ୍ରଚଣ୍ଡ ଆକ୍ରମଣ କରିଛି। ଏହି ଆକ୍ରମଣରେ ଖବର ଲେଖାଯିବା ପର୍ଯ୍ୟନ୍ତ ୨୫୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୧ ଶହରୁ ଅଧିକ ଆହତ ହୋଇଥିଲେ। ଲେବାନନ ରାଜଧାନୀ ବେରୁଟ ସମେତ ପ୍ରମୁଖ ସ୍ଥାନ ଉପରେ ଇସ୍ରାଏଲ ➾ପୃଷ୍ଠା-୬

### ୪୦, ୮୧୧ କୋଟିରେ ୩୬ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଲୋକାର୍ପଣ

# ଓଡ଼ିଶାରେ ଆରମ୍ଭ ହୋଇଛି ଦ୍ୱିତୀୟ ଶିଳ୍ପ ବିପ୍ଳବ

- ସମୃଦ୍ଧ ଓଡ଼ିଶା ସ୍ୱର୍ଣ୍ଣିମଯାତ୍ରାରେ ନୂଆ ଫର୍ଦ୍ଦ
- ସୃଷ୍ଟି ହେବ ୫୯,୦୦୦ରୁ ଅଧିକ ନିଯୁକ୍ତି ସୁଯୋଗ
- ଶିଳ୍ପପତିଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ରାଉଣ୍ଡ ଟେବୁଲ୍ ବୈଠକ
- ଶିଳ୍ପ ପାଇଁ ସବୁ ସୁବିଧା ଯୋଗାଇଦେବାକୁ ଦେଲେ ପ୍ରତିଶ୍ରୁତି
- ବିକଶିତ ରାଜ୍ୟ ଗଠନରେ ସହାୟକ ହେବାକୁ ନିବେଶକଙ୍କୁ ଆହ୍ୱାନ
- ସମ୍ଭାବନାର ନୁହେଁ, ସମୃଦ୍ଧିର ସ୍ପର୍ଶ ଅନୁଭବ କରୁଛି ଓଡ଼ିଶା:ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୮।୪(ସଂଚାର ବ୍ୟୁରୋ)ଃ ଶିଳ୍ପ ଅଭିବୃଦ୍ଧି ଏବଂ ସମୟୋଚିତ କାର୍ଯ୍ୟାନ୍ୱୟନ ପ୍ରତି ରାଜ୍ୟର ଦୃଢ଼ ପ୍ରତିବଦ୍ଧତାକୁ ଗୁରୁତ୍ୱ ଦେଇ ଓଡ଼ିଶା ସରକାର ଆଉ ଏକ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଅନ୍ତର୍ଗତ ଭୂଇଁପୁରଠାରେ ୪୦,୮୧୧ କୋଟି ଟଙ୍କା ନିବେଶରେ ସମୁଦାୟ ୩୬ଟି ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି। ଏଥିମଧ୍ୟରୁ ୨୫ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଥିବା ବେଳେ ୧୧ଟି ପ୍ରକଳ୍ପର ଲୋକାର୍ପଣ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ଏବେ ଆଉ କେବଳ ଏକ ସମ୍ଭାବନାର ରାଜ୍ୟ ହୋଇ ରହିନାହିଁ, ଆମ ରାଜ୍ୟ ଏବେ ସମୃଦ୍ଧିର ସ୍ପର୍ଶ ଅନୁଭବ କରୁଛି।

ସୂଚନାଯୋଗ୍ୟ ଯେ ଏହି ପ୍ରକଳ୍ପଗୁଡ଼ିକର ଶିଳାନ୍ୟାସ ଓ ଲୋକାର୍ପଣ ଦ୍ୱାରା ୫୯ ହଜାରରୁ ଅଧିକ ନିଯୁକ୍ତି ସୃଷ୍ଟି ହେବ। ଏହି ଶିଳ୍ପ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଗ୍ରୀନ ଏନର୍ଜି ଉପକରଣ, ଧାତୁ ଓ ଡାଉନଷ୍ଟ୍ରିମ୍ ଶିଳ୍ପ, ବୟନ ଏବଂ ପୋଷାକ ଶିଳ୍ପ , ପ୍ଲାଷ୍ଟିକ୍, ପର୍ଯ୍ୟଟନ, କୃଷି ଏବଂ ଖାଦ୍ୟ ପ୍ରକ୍ରିୟାକରଣ, ପ୍ରତିରକ୍ଷା ଉତ୍ପାଦନ, ଆଇଟି, ଅଟୋମୋବାଇଲ୍, ସିମେଣ୍ଟ ଶିଳ୍ପ ବିଭିନ୍ନ ଜିଲ୍ଲାରେ ଆରମ୍ଭ ହେବାକୁ ଯାଉଛି, ଯାହା ରାଜ୍ୟର ଅର୍ଥନୀତିରେ ଦ୍ରୁତ ବିକାଶ ଘଟାଇବ।

ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ 'ସମୃଦ୍ଧ ଓଡ଼ିଶା'ର ସ୍ୱର୍ଣ୍ଣିମ ଯାତ୍ରାରେ ଏକ ନୂତନ ଓ ଗୁରୁତ୍ୱପୂର୍ଣ୍ଣ ଫର୍ଦ୍ଦ ଯୋଡ଼ି ହୋଇଛି। ବର୍ତ୍ତମାନ ଓଡ଼ିଶାରେ ➾ପୃଷ୍ଠା-୬

## ଇଚ୍ଛାପତ୍ର କାହା ପାଖରେ, ନବୀନ ନା ଦିଲ୍ଲୀପ?



- ବିଜୁଙ୍କ ଶ୍ରାଦ୍ଧ ଦିବସକୁ ହାଇଜାକ ପ୍ଲାନ୍
- ବିଜେଡି ବିଭାଜନର ପଡ଼ିବ ମୂଳଦୁଆ

ଭୁବନେଶ୍ୱର,୮।୪(ସଂଚାର ବ୍ୟୁରୋ)ଃ ଗତ ରାଜ୍ୟସଭା ନିର୍ବାଚନରୁ ଆରମ୍ଭ ହୋଇଥିବା ବିଜୁ ଲିଗାସୀ ବିବାଦ ଆସନ୍ତା ଏପ୍ରିଲ ୧୭ ତାରିଖ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସରେ ନୂଆ ରୂପ ନେବ। ଏକାଠି ହେବେ ସବୁ ପୁରୁଣା ବିଜୁପ୍ରେମୀ ଆଉ ଲିଗାସୀ ପ୍ରମାଣ କରିବାକୁ ଦେବେ ଚ୍ୟାଲେଞ୍ଜ। ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ଉତ୍ତରାଧିକାରୀ ଭାବେ ନବୀନ ବିଜେଡିର ସର୍ବେସର୍ବା। କିନ୍ତୁ ସେ ନିଜ ସହ ବିଜୁଙ୍କ ସହଯୋଗୀଙ୍କୁ ରଖିନାହାଁନ୍ତି। ବିଜୁଙ୍କ ସେଇ ପୁରୁଣା ଅନୁଗତମାନେ ଏବେ ନବୀନଙ୍କ ଉତ୍ତରାଧିକାରୀତ୍ୱକୁ ନେଇ ପ୍ରଶ୍ନ କରିବେ।

ଗୋଟେ ପ୍ରକାର ଦେଖିବାକୁ ଗଲେ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, ସାଂସଦ ଦିଲ୍ଲୀପ ରାୟ, ପୂର୍ବତନ ମନ୍ତ୍ରୀ ଅମର ଶତପଥୀ, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ପ୍ରଭାତ ବିଶ୍ୱାଳ, ରବି ନାରାୟଣ ପାଣିଙ୍କ ଭଳି ଆଉ କିଛି ବିଜେଡିରୁ ବିତାଡ଼ିତ ନେତା ଏହି ଅଭିଯାନ ଆରମ୍ଭ କରିଛନ୍ତି। ଏହି ଅଭିଯାନର ମୂଳ ଲକ୍ଷ୍ୟ ହେଉଛି ବିଜେଡିର ବିଭାଜନ ଓ ଦଳକୁ ନିଜ ଦଖଲକୁ ନେବା। ଏହି ନେତାମାନେ ବିଭିନ୍ନ ସମୟରେ ଦାବି କରିଛନ୍ତି ଯେ ସେମାନେ ବିଜେଡି ଗଠନର ମୂଳ ନାୟକ। କିଏ ଦଳର ନାମକରଣରେ ଭୂମିକା ଥିବା କହୁଥିବା ବେଳେ ଆଉ କିଏ ଦଳର ସଙ୍କେତ ତିଆରି କରିଥିବା ଦାବି କରୁଛନ୍ତି।

ଏମାନଙ୍କ ଭିନ୍ନ ବିଜେଡି ଥାଇ ମଧ୍ୟ ଏହି ବିତାଡ଼ିତ ନେତାଙ୍କ ସହ ହାତ ମିଳାଇଥିବା ଆଉ କିଛି ବିଧାୟକ ଓ ନେତାଙ୍କର ମଧ୍ୟ ଏହି ଅଭିଯାନରେ ସହଯୋଗ ରହିଥିବା ଚର୍ଚ୍ଚା ହେଉଛି। ସେଥିରେ ବବି ଦାସଙ୍କର ମଧ୍ୟ ଯୋଗଦାନ ଥିବା ଚର୍ଚ୍ଚା ହେଉଛି। ଚର୍ଚ୍ଚା ହେଉଛି ଯେ ରାଜ୍ୟସଭା କ୍ରସ ଭୋଟିଂରେ ବିଜୟ ମହାପାତ୍ରଙ୍କୁ ବବି ଦାସ ସହଯୋଗ କରିଥିଲେ। ସେପଟେ ➾ପୃଷ୍ଠା-୬

## ପେଟ୍ରୋଲ ପମ୍ପରେ ମିଳିବ ୫ କେଜି ଗ୍ୟାସ୍ ସିଲିଣ୍ଡର



ଯୋଗାଣ ମନ୍ତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ସୂଚନା




ଭୁବନେଶ୍ୱର,୮।୪(ସଂଚାର ବ୍ୟୁରୋ)ଃ୫ କେଜି ଗ୍ୟାସ ବିତରଣ ନେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ତାଙ୍କ ସୂଚନାନୁସାରେ, ଏଣିକି ୫ କେଜି ଏଲପିଜି ଗ୍ୟାସ ପ୍ରଚୁର ମାତ୍ରାରେ ଉପଲବ୍ଧ ହେବ। ଗ୍ୟାସ କମ୍ପାନୀମାନେ ଏହିସବୁ ଗ୍ୟାସ୍ ଉପଲବ୍ଧ କରାଇବେ। ଭାରତ ସରକାରଙ୍କର ଫ୍ରି ଟ୍ରେଡ୍ ଏଲପିଜି ସ୍କିମ ମାଧ୍ୟମରେ ଏହା ଉପଲବ୍ଧ ହେବ। ପେଟ୍ରୋଲ ପମ୍ପରେ ବି ଏହି ୫ କେଜି ବିଶିଷ୍ଟ ଗ୍ୟାସ ସିଲିଣ୍ଡର ମିଳିପାରିବ। ଏହା ପାଇବାକୁ ହେଲେ ପରିଚୟପତ୍ର ଦେବାକୁ ପଡ଼ିବ। ସେହିପରି ୫ କେଜିବିଶିଷ୍ଟ ଗ୍ୟାସ ସକାଶେ ଜଣକୁ ୧୫୩୭ ଟଙ୍କା ଦେବାକୁ ପଡ଼ିବ। ସେହିପରି ରିଫିଲ ପାଇଁ ୫୯୩ ଟଙ୍କା ଦେବାକୁ ପଡ଼ିବ। ସେହିପରି କେବଳ କମ୍ପାନୀ ସିଲିଣ୍ଡର ହିଁ ଫିଲିଂ କରାଯାଇପାରିବ। ରାଜ୍ୟରେ ସକ୍ରିୟ ଥିବା ତିନି ପ୍ରମୁଖ ତୈଳ ଆବଣ୍ଟନକାରୀ କମ୍ପାନୀ ଆଇଓସିଏଲ, ଏଚପିସିଏଲ ଓ ବିପିସିଏଲ ହିଁ ଗ୍ୟାସ ନେଇପାରିବେ। ଏହାଛଡ଼ା ଦିନକୁ କେତେ ରିଫିଲ କରାଯାଇପାରିବ, ସେନେଇ କୌଣସି କଟକଣା ରହିବ ନାହିଁ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ପୂର୍ବରୁ ଶ୍ରମିକ ଓ ଛାତ୍ରଛାତ୍ରୀ ୫ କେଜି ଗ୍ୟାସ ସିଲିଣ୍ଡର କିଣିପାରିବେ ବୋଲି କୁହାଯାଇଥିଲା। ସେମାନେ ପରିଚୟପତ୍ର ଦେଖାଇଲେ ୫ କେଜି ଏଲ୍‌ପିଜି ସିଲିଣ୍ଡର୍ ନେଇପାରିବେ। ସେହିପରି ଇ-କେୱାଇସି ମାଧ୍ୟମରେ ବିକ୍ରି ହେଉଥିବା ୫ ➾ପୃଷ୍ଠା-୬

## ଯନ୍ତ୍ରୀଙ୍କ ବିଳାସପୂର୍ଣ୍ଣ ଜୀବନଶୈଳୀ

- ୨୨ ବର୍ଷରେ ଠୁଳ କରିଛନ୍ତି କୋଟି କୋଟି ଟଙ୍କାର ସମ୍ପତ୍ତି
- ୨ ବହୁତଳ ପ୍ରାସାଦ, ଫାର୍ମ ହାଉସ୍, ୮ ଦାମୀ ପ୍ଲଟ୍ ଠାବ
- ୧.୭ କୋଟିର ଜମା, ୬.୨୩ ଲକ୍ଷ ଟଙ୍କା ଓ ୩୫୦ ଗ୍ରାମ୍ ସୁନା ଜବତ



ଭୁବନେଶ୍ୱର,୮।୪(ସଂଚାର ବ୍ୟୁରୋ)ଃ ବାବୁ ଚାକିରି କରିଥିଲେ ୧୯୯୪ରେ ଯେତେବେଳେ ତାଙ୍କର ଦରମା ଥିଲା ମାତ୍ର ୨ ହଜାର ଟଙ୍କା। କିନ୍ତୁ ଇତିମଧ୍ୟରେ ଏହି କରିତ୍‌କର୍ମା ବାବୁ ଜଣଙ୍କ ଚାକିରି କାଳର ୨୨ ବର୍ଷ ଭିତରେ ଠୁଳ କରିଛନ୍ତି ଅମାପ ସମ୍ପତ୍ତି। ଭୁବନେଶ୍ୱରରେ ଗୋଟିଏ ବିଳାସପୂର୍ଣ୍ଣ କୋଠା ସହ ଦୁଇ ମହଲାବିଶିଷ୍ଟ କୋଠା ଘର ସହ ଫାର୍ମ ହାଉସ୍ ତିଆରି କରିବା ସହ ବାବୁ ୮ଟି ଦାମୀ ପ୍ଲଟ୍ ମଧ୍ୟ କିଣିଛନ୍ତି। ଏହାଛଡ଼ା କୋଟି କୋଟି ଟଙ୍କାର ସମ୍ପତ୍ତି ତାଙ୍କ ନାମରେ ରହିଥିବା ଜଣାପଡ଼ିଛି। ବାବୁ ଜଣଙ୍କ ହେଉଛନ୍ତି ଡ୍ୟାମ୍ ସେଫ୍‌ଟି ଅତିରିକ୍ତ ମୁଖ୍ୟ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟ କରୁଥିବା କେନ୍ଦ୍ର ଜଳସେଚନ ମଣ୍ଡଳର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ରାଜେଶ କୁମାର ମହାନ୍ତି। ଆଜି ସକାଳୁ ଭିଜିଲାନ୍ସ ପକ୍ଷରୁ ତାଙ୍କ ସହ ଜଡ଼ିତ ୬ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିବା ପରେ ଆଖି ଟେରା ହେବା ଭଳି ସମ୍ପତ୍ତି ଠାବ କରିଥିଲେ। ବାବୁଙ୍କ ଘରୁ ଠାବ ହୋଇଥିବା ସମ୍ପତ୍ତି ମଧ୍ୟରେ ଭୁବନେଶ୍ୱରର ବରମୁଣ୍ଡା ହାଉସିଂ କଲୋନୀରେ ୩ ହଜାର ବର୍ଗଫୁଟର ଆଲିଶାନ୍ ତିନି ମହଲା କୋଠା, ଢେଙ୍କାନାଳର ଭାପୁରରେ ୧ ଏକର ୭୧ ଡିସିମିଲରେ ଜମିରେ ଫାର୍ମ ହାଉସ୍ ଓ ଦୁଇ ତାଲା କୋଠା, ଭୁବନେଶ୍ୱର, ଯାଜପୁରର କଳିଙ୍ଗନଗର ଓ ଢେଙ୍କାନାଳର ଭାପୁରଠାରେ ୮ଟି ଦାମୀ ପ୍ଲଟ୍ ରହିଛି। ଆହୁରି ତାଙ୍କ ଘରୁ ନଗଦ ୬.୨୩ ଲକ୍ଷ ଟଙ୍କା ମିଳିଥିଲା। ଅଧିକନ୍ତୁ ➾ପୃଷ୍ଠା-୬

### ଇଣ୍ଡିଆ ୱାନ୍ ବିମାନ ଦୁର୍ଘଟଣା ମାମଲା

## ଇନ୍ଧନ କମ୍ ଥିବାରୁ ଦୁର୍ଘଟଣା

ରାଉରକେଲା,୮।୪(ସଂଚାର ବ୍ୟୁରୋ)ଃ ରାଉରକେଲା ବିମାନ ଦୁର୍ଘଟଣାର ଆସିଲା ତଦନ୍ତ ରିପୋର୍ଟ। ରିପୋର୍ଟ ଅନୁଯାୟୀ, ବିମାନରେ ଇନ୍ଧନ କମ୍ ଥିବାରୁ ଦୁର୍ଘଟଣା ଘଟିଥିଲା। ଗତ ଜାନୁଆରୀ ୧୦ ତାରିଖ ପୂର୍ବାହ୍ନରେ ଭୁବନେଶ୍ୱର ବିମାନ ବନ୍ଦରରୁ ରାଉରକେଲା ଅଭିମୁଖେ ଉଡ଼ାଣ ଭରିଥିଲା ଉକ୍ତ ଇଣ୍ଡିଆ ୱାନ ବିମାନ। ସେତେବେଳେ ବିମାନରେ ପାଇଲଟ ଓ କୋ-ପାଇଲଟ୍‌ଙ୍କ ବ୍ୟତୀତ ୪ ଜଣ ଯାତ୍ରୀ ଥିଲେ।




- ଆସିଲା ତଦନ୍ତ ରିପୋର୍ଟ
- ଫୋର୍ସ ଲ୍ୟାଣ୍ଡିଂ କରିଥିଲେ ପାଇଲଟ୍

ବିମାନଟି ରାଉରକେଲା ବିମାନ ବନ୍ଦରରେ ଅବତରଣ କରିବା ପୂର୍ବରୁ କଂସର ଗାଁରେ ଖସି ପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ୬ ଗୁରୁତରଙ୍କୁ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଯାତ୍ରୀ ସୁନୀଲ ଅଗ୍ରୱାଲଙ୍କ ସହ ପତ୍ନୀ ସବିତା ଅଗ୍ରୱାଲଙ୍କୁ ତା' ପରଦିନ ମୁମ୍ବାଇ ଏୟାର ଲିଫ୍ଟ କରାଯାଇଥିବା ବେଳେ ସନ୍ତୋଷ ବିଶ୍ୱାଳ ନାମକ ଯାତ୍ରୀ ଚିକିତ୍ସା ସମୟରେ ମୃତ୍ୟୁବରଣ କରିଥିଲେ। ପରେ ପାଇଲଟ, କୋ-ପାଇଲଟ, ଜଣେ ଯାତ୍ରୀ ରାଉରକେଲାସ୍ଥିତ ଏକ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସା ପରେ ➾ପୃଷ୍ଠା-୬

## ସଂତୃପ୍ତ ବିଜେଡି ସଂସଦୀୟ ଦଳ ନେତା!

- ଆଗୁଆ ଇସ୍ତଫା ଦେଲେ ସସ୍ମିତ ପାତ୍ର
- ସସ୍ମିତଙ୍କ ବିରୋଧରେ ଫେରାଦ ହୋଇଥିଲେ ସାଂସଦ



ଭୁବନେଶ୍ୱର,୮।୪(ସଂଚାର ବ୍ୟୁରୋ)ଃ ବିଜେଡି ସଂସଦୀୟ ଦଳରେ ଦେଖାଦେଇଥିବା ବିବାଦ ଆଜି ଏକ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିଛି। ସଂସଦୀୟ ଦଳ ନେତା ପଦରୁ ଇସ୍ତଫା ଦେଇଛନ୍ତି ସାଂସଦ ସସ୍ମିତ ପାତ୍ର। ସେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ତାଙ୍କ ଇସ୍ତଫାପତ୍ର ପଠାଇଛନ୍ତି। ନିକଟରେ ବିଜୁବାବୁଙ୍କ ପ୍ରତି ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ସେ ସଂସଦର ଏକ କମିଟିର ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। କିନ୍ତୁ ଏବେ ଦଳର ଆଭିମୁଖ୍ୟ ପ୍ରତି ଅସନ୍ତୋଷ ବ୍ୟକ୍ତ କରି ସେ ନିଜ ପଦରୁ ଇସ୍ତଫା ଦେଇଥିବା କୁହାଯାଉଛି।

ନିକଟରେ ରାଜ୍ୟସଭାରେ ସାଂସଦ ଭାବେ ଶପଥ ଗ୍ରହଣ କରିଥିବା ବିଜେଡି ସାଂସଦ ସଂତୃପ୍ତ ମିଶ୍ରଙ୍କୁ ଦଳ ରାଜ୍ୟସଭାରେ ସଂସଦୀୟ ଦଳ ନେତା କରିବାକୁ ଯୋଜନା ଚାଲିଛି। ସଂତୃପ୍ତ ଶପଥ ନେବାର କିଛି ଦିନ ପୂର୍ବରୁ ସସ୍ମିତଙ୍କୁ ସଂସଦୀୟ ନେତା ପଦରୁ ହଟାଇବାକୁ ଏକ ଅଭିଯାନ ଆରମ୍ଭ ହୋଇଥିଲା। ଯେହେତୁ ସଂତୃପ୍ତ ଶପଥ ନେଇ ନ ଥିଲେ, ତାଙ୍କ ଭିନ୍ନ ଅନ୍ୟ ସବୁ ସାଂସଦ ଓ କିଛି ପୂର୍ବତନ ସାଂସଦ ସସ୍ମିତଙ୍କୁ ସଂସଦୀୟ ନେତା ପଦରୁ ହଟାଇବାକୁ ନବୀନଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏପରିକି ଜଣେ ଭିକେ ପାଣ୍ଡିଆନଙ୍କ ଖାସ ଅନୁଗତଙ୍କୁ ସଂସଦୀୟ ଦଳ ନେତା କରିବାକୁ ନବୀନଙ୍କ ଉପରେ ଚାପ ପକାଯାଇଥିଲା। ଅବଶ୍ୟ ତା' ଉପରେ ନବୀନ କିଛି ନିଷ୍ପତ୍ତି ନେଇନାହାଁନ୍ତି। ବିଜେଡିର ସାଂସଦଙ୍କ ମଧ୍ୟରେ ସସ୍ମିତ ନବୀନ ଓ ପାଣ୍ଡିଆନ ଉଭୟଙ୍କ ଅନୁଗତ ଥିଲେ। ଏପରିକି ତାଙ୍କ ବିରୋଧରେ ଦଳବିରୋଧୀ କାର୍ଯ୍ୟ ଅଭିଯୋଗ ମଧ୍ୟ ଆସି ନ ଥିଲା। ହେଲେ ସସ୍ମିତ ବିଜେପି ସହ ଲିଙ୍କରେ ଥିବା ଅନ୍ୟ ସାଂସଦ ଓ କିଛି ପୂର୍ବତନ ସାଂସଦ ଅଭିଯୋଗ କରିଥିବା ଜଣାପଡ଼ିଛି।

କିନ୍ତୁ ଏହି ପ୍ରସଙ୍ଗରେ ➾ପୃଷ୍ଠା-୬

### ପ୍ରେମ୍ ପଟ୍ଟନାୟକ ଅସୁସ୍ଥ

## ଦିଲ୍ଲୀ ଯିବେ ନବୀନ

ଭୁବନେଶ୍ୱର, ୮।୪ (ସଂଚାର ବ୍ୟୁରୋ)ଃ ଦିଲ୍ଲୀ ଯିବେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ତେବେ ଏଥର ସେ କୌଣସି ରାଜନୈତିକ ଗସ୍ତ କି ସ୍ୱାସ୍ଥ୍ୟଜନିତ ସମସ୍ୟା ପାଇଁ ନୁହେଁ, ବରଂ ବଡ଼ ଭାଇ ପ୍ରେମ୍ ପଟ୍ଟନାୟକଙ୍କୁ ଭେଟିବାକୁ ଯିବେ। ଗତକାଲି ପ୍ରେମ୍ ପଟ୍ଟନାୟକଙ୍କର ହାର୍ଟ ସର୍ଜରୀ ହୋଇଛି। ତାଙ୍କ ହାଲ୍‌ଚାଲ୍ ବୁଝିବା ସକାଶେ ନବୀନ ଦିଲ୍ଲୀ ଗସ୍ତ କରିବେ। ଆସନ୍ତା ୧୦ ତାରିଖରେ ସେ ଦିଲ୍ଲୀ ଯିବେ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଗସ୍ତ ସମୟରେ ନବୀନ ବେଶ୍ କିଛି ଦିନ ପ୍ରେମ୍ ପଟ୍ଟନାୟକଙ୍କ ସହ ରହିବେ ବୋଲି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆସନ୍ତା ଏପ୍ରିଲ ୧୦ ତାରିଖରେ ନୂଆଦିଲ୍ଲୀ ଗସ୍ତ କରିବେ । ତାଙ୍କ ବଡ଼ ଭାଇ ପ୍ରେମ ପଟ୍ଟନାୟକଙ୍କର ଗତକାଲି ଏକ ଗୁରୁତ୍ୱପୂର୍ଣ୍ଣ ସର୍ଜରୀ ହୋଇଛି।





### କାନ ଡେରିଥା

ଗ୍ୟାସ ବଢ଼ିଗଲା ଖାଇବାକୁ ନାହିଁ
ପାଞ୍ଚ ଟଙ୍କା ଗେଣ୍ଡି ବରା
ସହର ବଜାରେ ମିଲସ ଦେଢ଼ଶ
ଦେଖି ଶୁଣି ଆଖି ଟେରା
ଧନୀଟି କାନ୍ଦେ ବିଚରା...
ପେଡ଼ିରେ ପଇସା ରୋଷେଇ ହେଉନି
କାଠ ହିଁ ମାତ୍ର ଆଶରା
ରୋଷେଇ ପାଇଁ ଝଗଡ଼ା ।

■ ଦେବାଶିଷ

### ଏଲିନା ଦେଖାଇଲେ ଆଇନା

# ଦଳୀୟ ପାଣ୍ଠିରେ ତିଆରି ହେଉଛି ରାଜ ଉଆସ



ଭୁବନେଶ୍ୱର,୮।୪(ସଂଚାର ବ୍ୟୁରୋ)ଃ ବିଜେଡିର ପୂର୍ବତନ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓରଫ କ୍ରୀତଦାସଙ୍କ ଗୋଟିଏ ପରେ ଗୋଟିଏ କଳା କାରନାମା ଏବେ ପଦାକୁ ଆସୁଛି। ଦଳର ପାଣ୍ଠିକୁ ସେ କିଭଳି ହଡ଼ପ କରି ନିଜ ପାଇଁ ରାଜପ୍ରାସାଦ ତିଆରି କରିଛନ୍ତି, ତାହା ଏବେ ପଦାରେ ପଡ଼ିଛି। ସବୁଠୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ ତାଙ୍କର ଏହି ଭବ୍ୟ ମହଲରେ ବ୍ୟବହୃତ ହୋଇଛି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଆସିଥିବା ପଥର। ଏକଥା ଆମେ କହୁନୁ, ଖୋଦ୍ ତାଙ୍କ ଦଳର ନେତ୍ରୀ ଏଲିନା ଦାସ ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି।

ଗତ ୨୯ ବର୍ଷ ଧରି ନବୀନ ନିବାସରେ ଇଟା ଖଣ୍ଡେ ପଡ଼ିନାହିଁ। ବିଜୁବାବୁଙ୍କ ସମୟରେ ନବୀନ ନିବାସର ଯେଭଳି ନିର୍ମାଣ ହୋଇଥିଲା ଆଜି ମଧ୍ୟ ସେଇ ସମାନ ଢାଞ୍ଚାରେ ତା' ରହିଛି। ସେଇ ପାର୍କିଂ, ସେଇ ବାଲକୋନି ସବୁ ପୂର୍ବଭଳି ରହିଛି। ଅବଶ୍ୟ କର୍ମଚାରୀଙ୍କ ପାଇଁ କିଛି ଅତିରିକ୍ତ କୋଠରୀ ତିଆରି ହୋଇଛି। କିନ୍ତୁ ନବୀନ ପଟ୍ଟନାୟକ ରହୁଥିବା ଘରେ ନିର୍ମାଣରେ ସାମାନ୍ୟତମ ପରିବର୍ତ୍ତନ ହୋଇନି କି ଇଟା ଖଣ୍ଡେ ବି ଲାଗିନି। ଯେଉଁଥିପାଇଁ ଆଜି ପର୍ଯ୍ୟନ୍ତ ବିଜେଡିର ସବୁ ନେତା ଓ କର୍ମୀଙ୍କର ତାଙ୍କ ପ୍ରତି ସମ୍ମାନ ରହିଛି। ନବୀନଙ୍କ ଅଗୋଚରରେ ନବୀନ ନିବାସ ସମ୍ମୁଖ ରାସ୍ତାକୁ ଅକ୍ତିଆର କରି ଯେଉଁ ଅସ୍ଥାୟୀ ନିର୍ମାଣ କରାଯାଇଥିଲା, ଯେଉଁମାନେ ଏଭଳି କାର୍ଯ୍ୟ କରି ନବୀନଙ୍କୁ ଅପବାଦ ଦେଇଥିଲେ, ସେମାନେ ଏବେ ଦଳରୁ ବିଦା ହୋଇଗଲେଣି।ସେପଟେ ନବୀନ ପଟ୍ଟନାୟକ ଯାହାକୁ ବିଶ୍ୱାସ କରି ଦଳର ସାଙ୍ଗଠନିକ ସମ୍ପାଦକ ଦାୟିତ୍ୱ ଦେଲେ ଆଉ ଦଳର ପାଣ୍ଠି ତାଙ୍କ ଜିମା ଦେଲେ, ସେ ସେଥିରେ ନିଜର ବିଳାସପୂର୍ଣ୍ଣ ଜୀବନ ଶୈଳୀ ଆରମ୍ଭ କରିଦେଲେ। ପ୍ରତିବର୍ଷ ଦେଢ଼ କୋଟି ଦୁଇ କୋଟି ଟଙ୍କାର ନୂଆ ନୂଆ ଗାଡ଼ି। ଆଉ ଗୋଟିଏ ପରେ ଗୋଟିଏ ବଙ୍ଗଳା। ବିଜେଡି ସରକାରରେ ଥିବା ବେଳେ ସରକାରୀ କ୍ୱାର୍ଟର୍ସରେ ଯେଉଁ ନିର୍ମାଣ କରିଥିଲେ ତାହା ସାରା ଓଡ଼ିଶା ଦେଖିଛି। ଏବେ ଏଲିନା ତାଙ୍କ ବ୍ୟକ୍ତିଗତ ରାଜପ୍ରାସାଦ ସୁଦୃଶ୍ୟ କୋଠାର ନିର୍ମାଣକୁ ସୋସିଆଲ ମିଡିଆରେ ଏକ୍ସପୋଜ କରିଛନ୍ତି। ଏହି କୋଠାକୁ ସେ 'କ୍ରୀତଦାସ ଉଆସ' ବୋଲି ନାମକରଣ ମଧ୍ୟ କରିଛନ୍ତି।

### ୨୯ ବର୍ଷ ଧରି ନବୀନ ନିବାସରେ ପଡ଼ିନି ଇଟା ପରିକ୍ରମା ପ୍ରକଳ୍ପ ପଥରରେ 'କ୍ରୀତଦାସ ଉଆସ'





ସୋସିଆଲ ମିଡିଆରେ ଏଲିନା ଦାବି କରିଛନ୍ତି ଯେ ଯିଏ ଥରେ ବିଶ୍ୱାସଘାତକତା କରିଛି, ସିଏ କେବେ ବି ଆଉ ଦଳର ହିତ ପାଇଁ କାମ କରିପାରିବନି। ନବୀନ ନିବାସ ଭଳି ସକାରାତ୍ମକ ଯାଗାକୁ କ୍ରୀତଦାସ ଭଳି ନକାରାତ୍ମକ ଲୋକଙ୍କ ପ୍ରବେଶ ବନ୍ଦ କରାଯାଉ। ଯେଉଁ ନେତାଙ୍କୁ ନିଜ ଜିଲ୍ଲାର ୭ ଜଣ ନେତା ବିଶ୍ୱାସ କରୁନାହାଁନ୍ତି, ନେତା ଜଣଙ୍କ ଭିତର କଥା ଆସି ବାହାରେ କହିଦେଉଛନ୍ତି, ତାଙ୍କୁ ସାଧାରଣ ଲୋକେ ବା କେମିତି ବିଶ୍ୱାସ କରିବେ ବୋଲି ଏଲିନା ପ୍ରଶ୍ନ କରିଛନ୍ତି।

## ବିଜେପିର ପ୍ରତିଷ୍ଠା ଦିବସ ପାଳିତ



କେନ୍ଦ୍ରାପଡା,୮।୪(ସଂଚାର ବ୍ୟୁରୋ)ଃ ଭାରତୀୟ ଜନତା ପାର୍ଟିର କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ପାର୍ଟିର ୪୭ ତମ ପ୍ରତିଷ୍ଠା ଦିବସ ଦୁହୁରିଆ ସ୍ଥିତ ଜିଲ୍ଲା କାର୍ଯ୍ୟାଳୟ ପରିସର ରେ ପାଳିତ ହୋଇ ଯାଇଛି। ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ପ୍ରଥମେ ଦଳୀୟ ପତାକା ଉତୋଳନ କରାଯାଇ ସମବେତ "ବନ୍ଦେ ମାତରମ୍" ଗାନ କରା ଯାଇଥିଲା। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ବହୁ କାର୍ଯ୍ୟକର୍ତାଙ୍କ ସମେତ ଦଳୀୟ ପଦାଧିକାରୀ ମାନେ କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରିଥିଲେ। ବରିଷ୍ଠ ବିଜେପି ନେତା ପ୍ରଫେସର ଭୁବନ ମୋହନ ଜେନା ଓ କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀ ନେତ୍ରୀ ଗୀତାଞ୍ଜଳୀ ସେଠୀ ପ୍ରମୁଖ ବିଜେପି ପ୍ରତିଷ୍ଠାର ଐତିହାସିକ ପୃଷ୍ଠଭୂମି ସହ ସାଂପ୍ରତିକ ରାଜନୀତି ର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଉପ ସଭାପତି ମନୀଷା ପଣ୍ଡା, ଭାରତ ଭୂଷଣ ଦାସ, ଶ୍ରୀଧର ପ୍ରଧାନ, ସାଧାରଣ ସଂପାଦକ ବିଚିତ୍ର ପ୍ରଧାନ, ପ୍ରତିମା ନାୟକ, ଅମିତାଭ ସୁଆର, ସଂପାଦକ ଝିଲ୍ଲୀ ଦାଶ, ନମିତା ବଳ, ଯୁବମୋର୍ଚ୍ଚ ସଭାପତି ଶିବାନୀ ଶଙ୍କର ଦାସ, କୃଷକ ମୋର୍ଚ୍ଚା ସଭାପତି ଦୟାନିଧି ବଳଙ୍କ ସମେତ ପୂର୍ବତନ ସଭାପତି କିଶୋର ପଣ୍ଡା, ଉପୀନ ରାଉତ, ଅଭିମନ୍ୟୁ ଗୋଛାୟତ, ନେହେରୁ ସାହୁ, ବିନୋଦ ବେହେରା ପ୍ରମୁଖ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ଶ୍ରୀଶ୍ରୀ ବରୁଣେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ବିଗ୍ରହ ପ୍ରତୀଷ୍ଠାକ୍ଷ ଉତ୍ସବ



ଆଳି,୮।୪(ସଂଚାର ବ୍ୟୁରୋ)ଃ ଶ୍ରୀଶ୍ରୀ ବରୁଣେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ମହାଯଜ୍ଞ ଆଡମ୍ବର ସହ ପାଳିତ ହେଉଛି।ଧର୍ମୀୟ ଭାବନା ର ଜାଗ୍ରତ ପ୍ରହରୀ ରୂପେ ମାନବ ସମାଜ ଅଗ୍ରସର ହେଉଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲା ଆଳି କଳସପୁର ପଞ୍ଚାୟତର ଆୟତପୁର ବାସିନ୍ଦା ଙ୍କ ପ୍ରଚେଷ୍ଟାରେ ନବ ନିର୍ମିତ ଶ୍ରୀ ଶ୍ରୀ ବରୁଣେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବ ର ମହାଜଜ୍ଞ ଧୁମ ଧାମ ରେ ପାଳିତ ହୋଇଯାଇଛି। ଗ୍ରାମ ବାସୀଙ୍କ ବୋହୁ ଦିନର ସପ୍ନ ପୁରାଣ ହୋଇଛି।ଆଧ୍ୟାତ୍ମିକ ବାତାବରଣ ମଧ୍ୟରେ କଳସ ଶୋଭାଯାତ୍ରା, କଳସ ସ୍ଥାପନ ସପ୍ତଧନ୍ୟାଦି ବପନ୍, ସୂର୍ଯ୍ୟ, ଧରିତ୍ରୀ, ଗୋପୂଜା, ମଣ୍ଡଳପସ୍ତ, ଦେବଦେବୀ ପୂଜା, ଅଗ୍ନି ସ୍ଥାପନ, ସହିତ ସହ ସହ ମହିଳା ପୁରୁଷ ଯୋଗ ଦେଇ କାଣୀ ନଦୀରୁ ପାଣି ଉଠାଇଥିବା ସହ ସୁବୈଦ୍ୟ ବ୍ରାହ୍ମଣ ପଣ୍ଡିତ ମାନଙ୍କ ଦ୍ୱାରା ସମସ୍ତ ନୀତିକାନ୍ତି ରେ ପୂଜାର୍ଚ୍ଚନା ହୋଇଥିଲା।ଏବଂଏକ ଦିନାତ୍ମକ ମହାଜଜ୍ଞ ପୂର୍ଣ୍ଣାହୁତି ହୋଇଥିଲା।ଶହ ଶହ ଶ୍ରଦ୍ଧାଳୁଙ୍କ ସମାଗମ ମନ୍ଦିର ପ୍ରାଙ୍ଗଣ ରେ ଭକ୍ତି ଭାବପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା। ସମସ୍ତ ଶ୍ରଦ୍ଧାଳୁ ମାନଙ୍କ ପାଇଁ ଅର୍ଣ୍ଣ ଯଜ୍ଞ ର ବ୍ୟବସ୍ଥା ସହ ଗ୍ରାମବାସୀ ମାନେ ସମସ୍ତ କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳାରେ ସମାହିତ କରିଥିଲେ। ଏହି କାର୍ଯ୍ୟ କ୍ରମ ଚାରି ଦିନ ଧରି ଚାଲିବ ବୋଲି ଗ୍ରାମ ବାସି କହିଛନ୍ତି।

## ଓକିଲ ସଂଘର ଶପଥ ଗ୍ରହଣ ଉତ୍ସବ

ପଟ୍ଟାମୁଣ୍ଡାଇ,୮।୪(ସଂଚାର ବ୍ୟୁରୋ)ଃ ପଟ୍ଟାମୁଣ୍ଡାଇ ଓକିଲ ସଂଘର ଶପଥ ଗ୍ରହଣ ଉତ୍ସବ କୋର୍ଟ ପରିସରରେ ଓକିଲ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଓକିଲ ସଂଘ ନିର୍ବାଚନରେ ନୂତନ ଭାବେ ନିର୍ବାଚିତ ହୋଇଥିବା ସଭାପତି ସୂର୍ଯ୍ୟ ରଞ୍ଜନ ରାଉଳ, ଉପ ସଭାପତି ଗୋପିନାଥ ତ୍ରିପାଠୀ, ସମ୍ପାଦକ - ରବିନ୍ଦ୍ର କୁମାର ଦାଶ ଯୁଗ୍ମ ସମ୍ପାଦକ କୁମାର ସତ୍ୟନାରାୟଣ ନାୟକ କୋଷାଧ୍ୟକ୍ଷ ଗୀତାଞ୍ଜଳୀ ପୃଷ୍ଟି ଓ ପାଠାଗାର ସମ୍ପାଦକ ସିନା ରାଣୀ ଓଝାଙ୍କୁ ନିର୍ବାଚନ ଅଧିକାରୀ ବରିଷ୍ଠ ଓକିଲ ଭୀମସେନ ପ୍ରଧାନ ଶପଥ ପାଠ କରାଇଥିଲେ। ଏହି ଶପଥ ଗ୍ରହଣ ଉତ୍ସବରେ ପଟ୍ଟାମୁଣ୍ଡାଇ କୋର୍ଟର ଅତିରିକ୍ତ




ଜିଲ୍ଲା ଜଜ ବିଦ୍ୟାଧର ପୃଷ୍ଟି, ସବଜଜ ଅପୂର୍ବା ଚୌଧୁରୀ, ଜେ ଏମ୍ ଏଫ ସି ବିଦ୍ୟୁତଲତା ପ୍ରଧାନ, ଅନ୍ୟତମ ଜେ ଏମ୍ ଏଫ ସି, ଡି କେ.ବାଲ କୃଷ୍ଣନ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏଥିରେ ଓଡିଶା ହାଇକୋର୍ଟ ବାର ଆସୋସିଏସନ ପ୍ରାକ୍ତନ ଉପସଭାପତି କ୍ଷୀରୋଦ କୁମାର ରାଉତ ବରିଷ୍ଠ ଆଇନଜୀବି ପୂର୍ବତନ ପ୍ରତିଷ୍ଠାତା ସଭାପତି ଅନନ୍ତ ଚନ୍ଦ୍ର ଦାଶ, ପୂର୍ବତନ ସଭପତି କିଶୋର ଚନ୍ଦ୍ର କୁଣ୍ଡ ଓ ତପନ କୁମାର ମିଶ୍ର ଡକ୍ଟର ନରହରି ଲେଙ୍କା ଅଭିଭାଷଣ ପ୍ରଦାନ କରିଥିଲେ । ଏହି ସଭା ରେ ବରିଷ୍ଠ ଆଇନଜୀବି ମହେଶ୍ୱର କର, ପ୍ରଫୁଲ୍ଲ କୁମାର ଦାଶ, ରାମକୃଷ୍ଣ ଦାଶ ଦାମୋଦର ସାହୁ, ହୃଦାନନ୍ଦ ମହାନ୍ତି, ବିଦ୍ୟାଭୂଷଣ ଦାଶ, ଅଲେଖ ଚନ୍ଦ୍ର ବଳ, ମିର୍ଜା ଫୟୁଦିନ, ଅମିୟ ଭୂଷଣ କୁଣ୍ଡ, , ଶରତ ଚନ୍ଦ୍ର ମଲ୍ଲିକ, ସରକାରୀ ଓକିଲ ସୁଶାନ୍ତ କୁମାର ସାମଲ, ସୁମନ୍ତ କୁମାର ମାଝି, ନନ୍ଦ ଦୁଲାଲ ଜେନା, ଅଶ୍ୱିନୀ କୁମାର ବେହେରା, ପ୍ରକାଶ ପାତ୍ର, ପ୍ରମୋଦ କୁମାର ବିଶ୍ୱାଳ, ଗୟାଚାନ୍ଦ ପରିଡ଼ା ସତ୍ୟନାରାୟଣ ତ୍ରିପାଠୀ, ଦେବବ୍ରତ ସ୍ୱାଇଁ, ସୀତାକାନ୍ତ ନାୟକ, ସଞ୍ଜୀବ କର, ଲଳିତ କୁମାର ଦାସମହାପାତ୍ର, କଳ୍ପତରୁ ମହାପାତ୍ର, ଗୁରୁଚରଣ ଷଣ୍ଢ, ପିତାମ୍ବର ପଣ୍ଡା, ଧବଳେଶ୍ୱର ସାହୁ, ରମେଶ ଚନ୍ଦ୍ର ଦାଶ, ସୁଶାନ୍ତ କୁମାର ବାରିକ, ବାଣୀକଣ୍ଠ ମିଶ୍ର ପ୍ରମୁଖ ଆଇନଜୀବିମାନେ ଯୋଗ ଦେଇଥିଲେ ।

● ବାସୁଦେବ ମେଳଣ ମହୋତ୍ସବରେ ମୁକ୍ତମଞ୍ଚ ନାଟକ ଆୟୋଜନ

## ସଙ୍ଗୀତ, ନୃତ୍ୟରେ ଝୁମିଲେ ଦର୍ଶକ



କେନ୍ଦ୍ରାପଡ଼ା,୮।୪ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକ୍ ଅନ୍ତର୍ଗତ କିଣିଲୋ ଗ୍ରାମରେ ବାସୁଦେବ ମେଳଣ ମହୋତ୍ସବ ବହୁ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଚୈତ୍ର ପୂର୍ଣ୍ଣିମା ରେ ଏହି ସୋତନ୍ତ ଭାଗବତ ମେଳଣକୁ ନେଇ ଭବ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ବାସୁଦେବ ଯୁବ ପରିଷଦ ଡ୍ରାମାଟିକ କ୍ଲବ୍ ଦ୍ୱାରା ଦୁଇ ରଜନୀ ଧରି ମୁକ୍ତମଞ୍ଚ ନାଟକ ପ୍ରଦର୍ଶିତ ହୋଇଥିଲା। ପ୍ରଥମ ରଜନୀରେ "ଏ କେମିତିକା ସମ୍ପର୍କ" ନାମକ ନାଟକ ଓ ଦ୍ୱିତୀୟ ରଜନୀରେ "ପୁଅ ଜନ୍ମ କରି ପାପ କରିଚି" ନାଟକ ମଞ୍ଚସ୍ଥ ହୋଇଥିଲା। ଉଭୟ ନାଟକକୁ ଶ୍ରୀପତି ଲେଙ୍କା ନିର୍ଦ୍ଦେଶନା ଦେଇଥିବା ବେଳେ ଭରଦ୍ୱାଜ ଓଝା ସଙ୍ଗୀତର ଭାର ସମ୍ଭାଳି ଥିଲେ। ଏଥିରେ ଅମରେଶ ସେନାପତି, ପବିତ୍ର ରାଉତ, ପ୍ରତାପ ସ୍ୱାଇଁ, ଦେବେନ୍ଦ୍ର ରାଉତ, ହିମାଂଶୁ ବାରିକ, ରଶ୍ମିରଞ୍ଜନ ପରିଡ଼ା, ମୁକ୍ତେଶ୍ୱର ସ୍ୱାଇଁ, ବୁଟୁନା ଦାଶ, ବିଭୂତି ସ୍ୱାଇଁ, କୁନା ବାରିକ, ଚଗଲା ସାମଲ, ପରମାନନ୍ଦ ସୂତାର, ସୁଭଜିତ୍ ନାୟକ, ଅମରେନ୍ଦ୍ର ସାହୁ, ରାକେଶ ଲେଙ୍କା, ଲିପୁନା ପରିଡ଼ା ଅଭିନୟ କରିଥିବା ବେଳେ ଏହି ଦୁଇଟି ନାଟକ ଦର୍ଶକମାନଙ୍କ ମନକୁ ଛୁଇଁଥିବା ସହ ସମାଜିକ ସନ୍ଦେଶ ଦେଇଥିଲା।

### ମାର୍ଶାଘାଇ ତହସିଲରେ ମ୍ୟୁଟେସନ ଜାଲିଆତି

# ହାତଗୁଞ୍ଜା ନଦେଲେ ଆଗକୁ ବଢୁନି ଫାଇଲ



**ଖାରଜ ପରେ ମଧ୍ୟ ଇଣ୍ଟରନେଟରେ ଉପଲବ୍ଧ ହେଉଛି ଅଚଳ ପଟ୍ଟା**

ମାର୍ଶାଘାଇ,୮।୪(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ତହସିଲ ଦୁର୍ନୀତି ଓ ଜାଲିଆତିରେ ଶୀର୍ଷରେ ପହଞ୍ଚିଛି। ବିନା ଉତ୍କୋଚରେ ଲୋକଙ୍କୁ ଆବଶ୍ୟକ ସେବା ମିଳୁନଥିବା ବେଳେ ବର୍ଷବର୍ଷ ଧରି କାମକୁ ଉଦ୍ଦେଶ୍ୟ ମୂଳକ ଭାବରେ ପକାଇ ରଖାଯାଉଛି। ଆଜି ଆସ କାଲି ଆସ ବୋଲି ଲୋକଙ୍କୁ ଦୌଡ଼ା ଯାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ୨୦୧୮ରେ ମାର୍ଶାଘାଇ ତହସିଲଦାର ଏକ ମ୍ୟୁଟେସନ କେଶର ଶୁଣାଣି କରି ଏହାକୁ ଖାରଜ କରିଥିବା ବେଳେ ଆଜି ପର୍ଯ୍ୟନ୍ତ ଉଦ୍ଦେଶ୍ୟ ମୂଳକ ଭାବରେ ଏହି ଖାରଜ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଯାଇ ନଥିବା ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗକାରୀ ରଶ୍ମି ରଞ୍ଜନ ମହାପାତ୍ରଙ୍କ ଅଭିଯୋଗ ଅନୁସାରେ, ମ୍ୟୁଟେସନ କେଶ ନମ୍ବର ୪୪୯/୨୯୧୭ କୁ ଆଇନ ଅନୁସାରେ ଶୁଣାଣିକରି ତତ୍କାଳୀନ ତହସିଲଦାର ୨୮-୧୧-୨୯୧୮ରେ ଲିଖିତ ନିର୍ଦ୍ଦେଶ ବଳରେ ଏହାକୁ ଖାରଜ କରିଥିଲେ। ଏହା ମଧ୍ୟରେ କିଛିବର୍ଷ ଅତିକ୍ରାନ୍ତ ହୋଇଥିବା ବେଳେ ଖାରଜ ହୋଇଥିବା ପଟ୍ଟା ଇଣ୍ଟରନେଟରେ ଉପଲବ୍ଧ ହେଉଥିବା ଜାଣି ବର୍ତ୍ତମାନର ତହସିଲଦାରଙ୍କୁ ଶ୍ରୀ ମହାପାତ୍ର ଅବଗତ କରିବା ସହ ଲିଖିତ ଅଭିଯୋଗ କରିଥିଲେ। ତହସିଲଦାର ଦୀର୍ଘ ଏକବର୍ଷ ଧରି ଆଜି ଓ କାଲି କହି ଦିନ ଗଡ଼ାଇବା ପରେ ଶ୍ରୀ ମହାପାତ୍ର ଅତିରିକ୍ତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ହୋଇ ଅଭିଯୋଗ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଉକ୍ତ ଖାରଜ ନିର୍ଦ୍ଦେଶକୁ ସାତଦିନ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ତହସିଲଦାର ମାର୍ଶାଘାଇଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ତହସିଲଦାର ମାର୍ଶାଘାଇ ଏହାକୁ କାର୍ଯ୍ୟକାରୀ କରିବାରେ ବିଳମ୍ବ କରିବାରୁ ଶ୍ରୀ ମହାପାତ୍ର ୩୦-୭-୨୦୨୫ରେ ସୂଚନା ଅଧିକାର ଆଇନରେ ତଥ୍ୟ ମାଗିଥିଲେ। ତେବେ ଏହି ଖାରଜ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ ପଦକ୍ଷେପ ଗ୍ରହଣ କରିବେ ବୋଲି ତହସିଲଦାର ମାର୍ଶାଘାଇ ୧୬-୯-୨୦୨୫ରେ ଲିଖିତ ଉତ୍ତର ରଖିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ଅଜଣା କାରଣପାଇଁ ଏହାକୁ କାର୍ଯ୍ୟକାରୀ କରୁନାହାନ୍ତି। ତହସିଲଦାର ମାର୍ଶାଘାଇଙ୍କ ଏହି ମନାମାନୀକୁ ନେଇ ଶ୍ରୀ ମହାପାତ୍ର ପୁଣିଥରେ ଅତିରିକ୍ତ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଏଥର ବିଫଳ ହେଲେ ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି ।

## ଘରୋଇ ଗ୍ୟାସର ଦୁରୁପଯୋଗ ଅଭିଯୋଗ

● ଅସଲି ଦୋଷୀଙ୍କୁ କେବେ ଧରାଯିବ ?




ଗରଦପୁର,୮।୪(ସଂଚାର ବ୍ୟୁରୋ)ଃ ଘରୋଇ ଏଲପିଜି ଗ୍ୟାସକୁ ବ୍ୟବସାୟିକ ଉଦ୍ଦେଶ୍ୟରେ ହୋଟେଲ ଓ ଜଳଖିଆ ଦୋକାନରେ ବ୍ୟବହାର କରାଯାଉଥିବା ଅଭିଯୋଗକୁ ନେଇ ଯୋଗାଣ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଏହି ଚଢ଼ାଉ ସମୟରେ ବିଭିନ୍ନ ସ୍ଥାନରୁ ଘରୋଇ ସିଲିଣ୍ଡର ଜବତ କରାଯାଇଥିବା ସୂଚନା ମିଳିଛି। ସୂଚନା ଅନୁସାରେ, କୋରୁଆ ବଜାରରେ ଥିବା ମା ତାରିଣୀ ହୋଟେଲରୁ ୪ଟି ଘରୋଇ ଗ୍ୟାସ ସିଲିଣ୍ଡର ଓ ପାଟକୁରା ବଜାରର ନନ୍ଦୀ ହୋଟେଲରୁ ୫ଟି ସିଲିଣ୍ଡର ଜବତ କରାଯାଇଛି। ଏହି ଚଢ଼ାଉରେ ଆଡିଶନାଲ ସିଏସଓ ପ୍ରଦୀପ ଦାସ, ଏସିଏସଓ ଶିବପ୍ରସାଦ ମହାନ୍ତି ଓ ଗରଦପୁର ଏମଆଇ ଶୁଚିସ୍ମିତା ମହାନ୍ତି ଉପସ୍ଥିତ ଥିଲେ। ତଥାପି, ଏହି ଘଟଣାକୁ ନେଇ ସାଧାରଣରେ ବହୁ ପ୍ରଶ୍ନ ଉଠୁଛି। ହୋଟେଲଗୁଡ଼ିକୁ ଏତେ ପରିମାଣରେ ଘରୋଇ ଗ୍ୟାସ ସିଲିଣ୍ଡର କିଏ ଯୋଗାଇ ଦେଉଛି? କିଛି ଗ୍ୟାସ ଏଜେନ୍ସି ମୋଟା ଅର୍ଥ ନେଇ ଏହି ଅବୈଧ ଯୋଗାଣ କରୁଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସୁଛି। ସ୍ଥାନୀୟ ଲୋକଙ୍କ ମତାନୁସାରେ, କେବଳ ଛୋଟ ହୋଟେଲ ଓ ଦୋକାନରେ ଚଢ଼ାଉ କରିବା ପରିବର୍ତ୍ତେ, ଯେଉଁମାନେ ମୂଳରୁ ଏହି ଅବୈଧ କାରବାରକୁ ଚାଲାଉଛନ୍ତି ସେମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ଜୋର ଧରିଛି ।"ଅସଲି ଦୋଷୀଙ୍କୁ କେବେ ଧରାଯିବ?" ବୋଲି ପ୍ରଶ୍ନ ଉଠାଇଛନ୍ତି ସାଧାରଣ ଲୋକ। ଏହି ପରିସ୍ଥିତିରେ ଯୋଗାଣ ବିଭାଗର ଭୂମିକା ଉପରେ ମଧ୍ୟ ସନ୍ଦେହ ପ୍ରକାଶ ପାଉଛି। ଯଦି ଗ୍ୟାସ ଏଜେନ୍ସିମାନେ ଏଥିରେ ଜଡିତ, ତେବେ ସେମାନଙ୍କ ବିରୋଧରେ କାହିଁକି କଠୋର ପଦକ୍ଷେପ ନେଉନାହାଁନ୍ତି ବୋଲି ପ୍ରଶ୍ନ ଉଠୁଛି। ଏହା ସହିତ, ଘରୋଇ ଗ୍ୟାସର ଅବୈଧ ବ୍ୟବହାର ନିୟନ୍ତ୍ରଣ ପାଇଁ ଯୋଗାଣ ବିଭାଗ ଆଗାମୀ ଦିନରେ କିପରି କଠୋର ପଦକ୍ଷେପ ନେବ, ସେଥିପାଇଁ ସମସ୍ତଙ୍କର ନଜର ରହିଛି ।

## ସରକାରୀ ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଁଚାଇବାକୁ ଉଦ୍ୟମ ହେବ-ବିଜେପି ଯୁବ ମୋର୍ଚ୍ଚା



କେନ୍ଦ୍ରାପଡା, ୮।୪(ସଂଚାର ବ୍ୟୁରୋ)ଃ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ର ସୁଫଳ ଲୋକଙ୍କ ପାଖରେ ପହଁଚାଇବା ପାଇଁ ଉଦ୍ୟମ କରାଯିବ। ସରକାରୀ ସ୍ତରରେ ବିଭିନ୍ନ କାର୍ଯ୍ୟାଳୟ ରେ ଅଫିସର ମାନଙ୍କ ଦ୍ୱାରା ହଇରାଣ ହରକତ ହେଉଥିବା ସାଧାରଣ ଲୋକଙ୍କୁ ଦଳ ପକ୍ଷରୁ ସହାୟତା କରାଯିବ। ଗ୍ରାମାଂଚଳ ର ଲୋକମାନେ ଅଧିକରୁ ଅଧିକ ଯେପରି ସରକାରୀ ଯୋଜନାରୁ ଲାଭ ପାଇବାକୁ ସକ୍ଷମ ହେବେ ସେଥିପାଇଁ ଯୁବ କର୍ମକର୍ତା ମାନେ ଉଦ୍ୟମ କରିବେ। ଯେଉଁ ଅଧିକାରୀ ମାନେ ଉଦ୍ଦେଶ୍ୟ ମୂଳକଭାବେ ସରକାରଙ୍କୁ ବଦନାମ କରିବା ପାଇଁ ଉଦ୍ୟମ କରୁଛନ୍ତି ସେମାନଙ୍କ ବିଷୟରେ ତଥ୍ୟ ସଂଗ୍ରହ କାଯିବ। ଆବଶ୍ୟକ ପଡ଼ିଲେ ସେମାନଙ୍କୁ ସଚେତନ କରାଯାଇ ଲୋକମାନଙ୍କ କାର୍ଯ୍ୟକୁ ଅଗ୍ରାଧିକାର ଦେବାପାଇଁ ଓ ସରକାରୀ ନୀତି ନିର୍ଦ୍ଦେଶକୁ ପାଳନ କରିବା ପାଇଁ ବାଧ୍ୟ କାରଯିବ ବୋଲି ବିଜେପି ଯୁବ ମୋର୍ଚ୍ଚାର ସହ ଆବାହକ ଚନ୍ଦ୍ରଶେଖର ଦାସ ଘୋଷଣା କରିଛନ୍ତି। ଆଜି ତିନିମୁହାଣୀ ସ୍ଥିତ ଶ୍ରୀରାମ ମନ୍ଦିର ପରିସର ରେ ଯୁବମୋର୍ଚ୍ଚା ପକ୍ଷରୁ ଆୟୋଜିତ ବାର୍ତାଳାପ କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖି ଶ୍ରୀ ଦାସ ଏହି ସୂଚନା ଦେଇଛନ୍ତି। ଏହା ସହ ଅଧିକ ରୁ ଅଧିକ ଯୁବକ ମାନଙ୍କୁ ଦଳ ସହିତ ସାମିଲ କରି ବିଜେପିର ଲକ୍ଷ୍ୟ ଉଦ୍ଦେଶ୍ୟ ଓ କାର୍ଯ୍ୟକ୍ର ପ୍ରତି ଆକୃଷ୍ଟ କରାଇବା ସହ ସଂଗଠନକୁ ତୃଣମୂଳ ସ୍ତର ପର୍ଯ୍ୟନ୍ତ ବ୍ୟାପକ କରାଇବା ପାଇଁ ଉଦ୍ୟମ ହେବ ବୋଲି ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ରେ ନାରାୟଣ ନାୟକ, ଚତୁର୍ଭୁଜ ମଲିକ ପ୍ରମୁଖ ଦଳୀୟ କର୍ମକର୍ତା ଉପସ୍ଥିତ ଥିଲେ।



### ଅଶୋକ କଂଗ୍ରେସ ଛାଡ଼ିଲେ, ଓଡ଼ିଶା ଜନତା କଂଗ୍ରେସରେ ଯୋଗ ଦେଲେ

## ରାଜନଗରରେ ମୋକିମଙ୍କ ଉପସ୍ଥିତିରେ ହେଲେ ସାମିଲ

ରାଜନଗର,୮।୪(ସଂଚାର ବ୍ୟୁରୋ)ଃ ବିଜୁ ଜନତା ଦଳ ଛାଡି କଂଗ୍ରେସରେ ଯୋଗ ଦେଇଥିଲେ କେନ୍ଦ୍ରାପଡା ଜିଲ୍ଲା ପରିଷଦ ଉପଧ୍ୟକ୍ଷ ତଥା ବରିଷ୍ଠ ବିଜେଡି ନେତା ଅଶୋକ କୁମାର ପ୍ରତିହାରୀ। ଉପଧ୍ୟକ୍ଷ ପଦବୀରୁ ଓ ନିଜ ପଦରୁ ଇସ୍ତଫା ଦେଇ କଂଗ୍ରେସ ଟିକେଟରେ ରାଜନଗର ନିର୍ବାଚନ ମଣ୍ଡଳୀରୁ ବିଧାୟକ ପାର୍ଥୀ ହୋଇଥିଲେ ଅଶୋକ। ଆଜି ସକାଳେ କଂଗ୍ରେସ ଦଳର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ପାତ୍ର ପିସିସି ସଭାପତି ଓ ଜିଲ୍ଲା କଂଗ୍ରେସ ସଭାପତିଙ୍କ ପାଖକୁ ପଠାଇଥିଲେ। ଇସ୍ତଫା ପରେ ଓଡିଶା ପ୍ରଦେଶ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କମିଟି ଅଧକ୍ଷ ସୁଜିତ ପାଢ଼ୀ ଅଶୋକ ପ୍ରତିହାରୀଙ୍କୁ କଂଗ୍ରେସ ଦଳର ପ୍ରାଥମିକ ସଭ୍ୟ ପଦରୁ ବହିଷ୍କାର କରିଥିବା ନେଇ ପ୍ରେସ ବିଜ୍ଞପ୍ତି ଜାରି କରିଛନ୍ତି। କଂଗ୍ରେସ ଦଳ ଛାଡିବା ପରେ ଅଶୋକ ପ୍ରତିହାରୀ ଓଡିଶା ଜନତା କଂଗ୍ରେସ ପାର୍ଟିରେ ତାଙ୍କ ସମର୍ଥକଙ୍କ ସହିତ ଯୋଗ ଦେଇଛନ୍ତି। ଆଜି ରାଜନଗର ସ୍ଥିତ କେସି ମଣ୍ଡପରେ ଓଡିଶା ଜନତା କଂଗ୍ରେସ ପାର୍ଟିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଓଡିଶା ଜନତା କଂଗ୍ରେସ ପାର୍ଟିର ମୁଖ୍ୟ ଇ ମହମ୍ମଦ ମୋକିମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଶୋକ ପ୍ରତିହାରୀଙ୍କୁ ଦଳୀୟ ଉତ୍ତରୀୟ ପକାଇ ଦଳରେ ସାମିଲ କରିଥିଲେ। ଅଶୋକଙ୍କ ସହିତ ୫୦୦ରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମୀ ଓଡିଶା ଜନତା କଂଗ୍ରେସ ପାର୍ଟିରେ ସାମିଲ ହୋଇଥିଲେ। କଂଗ୍ରେସ ଦଳରେ ବିଧାୟକ ପାର୍ଥୀ ଭାବେ ୨୦୨୪ରେ ଲଢ଼ୁଥିଲି। ୨୬ ହଜାରରୁ ଅଧିକ ଭୋଟ ପାଇଥିଲି।

### କଡ଼ା ସୁରକ୍ଷା ବଳୟରେ ଶାଳିଜଙ୍ଗା ମହିମା ଆଶ୍ରମ ପ୍ରବେଶ କଲେ ବାବା ଗଦାଧର ଦାସ ଓ ରୀନା ମା'

## ପ୍ରଶାସନ ନିକଟରେ ଆଶ୍ରମ ଶ୍ରଦ୍ଧାଳୁ ରଖିଲେ ୭ ଦାବି



ନାଉଗାଁ,୮।୪(ସଂଚାର ବ୍ୟୁରୋ)ଃ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ପରେ ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ ଶାଳିଜଙ୍ଗା ମହିମା ଆଶ୍ରମରେ କଡା ସୁରକ୍ଷା ବଳୟ ମଧ୍ୟରେ ବାବା ଗଦାଧର ଦାସ ଓ ରୀନା ମା' ଆଶ୍ରମ ମଧ୍ୟରେ ପ୍ରବେଶ କରିଛନ୍ତି। ଏସ୍‌ଡିପିଓ ଆଜିକ୍ୟ ମାଣେ, ଥାନାଧିକାରୀ ଦେବାଶିଷ ପଣ୍ଡା ଓ ଅତିରିକ୍ତ ତହସିଲଦାର ଶରତ କୁମାର ପରିଡାଙ୍କ ସମେତ ପୁଲିସ ପୋର୍ସ ସହାୟତାରେ ଉଭୟ ଆଶ୍ରମରେ ପହଞ୍ଚିଥିଲେ। ବାବା ଗଦାଧର ଦାସ ଓ ରୀନା ମା' ଆଶ୍ରମରେ ପ୍ରବେଶ ପରେ ଆଶ୍ରମର ଶ୍ରଦ୍ଧାଳୁଙ୍କ ପକ୍ଷରୁ ୭ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ଅକ୍ଷୟ ମହାପାତ୍ର, ବାବାଜୀ ଚରଣ ମୁଦୁଲି, ବୀରବର ମୁଦୁଲି, ଭରତ ମଲିକ, ହାଡିବନ୍ଧୁ ରାଉତ, ଉମେଶ ମହାପାତ୍ରଙ୍କ ଦ୍ୱାରା ପ୍ରଦତ୍ତ ଦାବିପତ୍ରରେ ବାବା ଗଦାଧର ଦାସ ଓ ରୀନା ମା'ଙ୍କୁ ଯେଉଁ କୋଠରୀ ପ୍ରଦାନ କରାଯିବ ସେହି କୋଠରୀ ବ୍ୟତୀତ ଅନ୍ୟ କୋଠରୀକୁ ପ୍ରବେଶ କରିପାରିବେ ନାହିଁ। ଆଶ୍ରମକୁ ଆସୁଥିବା ଶ୍ରଦ୍ଧାଳଙ୍କୁ କୌଣସି ପ୍ରଲୋଭନ ଦେଖାଇ ଅର୍ଥ ଆଦାୟ କିମ୍ବା ନିଜ ସପକ୍ଷକୁ ନେବେ ନାହିଁ। ୭ ଏପ୍ରିଲ ୨୦୨୬ଠାରୁ ଆଶ୍ରମର ଆୟ ବ୍ୟୟ ଉପରେ ଗଦାଧର ଦାସ ଓ ରୀନା ମା' ହସ୍ତକ୍ଷେପ କରିବେ ନାହିଁ। ଟ୍ରଷ୍ଟ ଗଠନ ହେବା ପର୍ଯ୍ୟନ୍ତ ଶାଳିଜଙ୍ଗା ଗ୍ରାମ୍ୟ କମିଟି ଏହାର ତଦାରଖ କରିବ। ବାବା ଗଦାଧର ଦାସ ଓ ରିନା ମା ଙ୍କ ଛଡ଼ା ଭାଇ, ବନ୍ଧୁ, ସଂପର୍କୀୟ ଆଶ୍ରମରେ ରାତ୍ରଯାପନକରି ପାରିବେ ନାହିଁ ବୋଲି ଦାବି ରଖାଯାଇଛି ଏବଂ ଆଶ୍ରମର ଅନ୍ତେବାସି ଯେଉଁ ଖାଦ୍ୟ ସେବନ କରିବେ ସେହି ଖାଦ୍ୟକୁ ଉଭୟ ସେବନ କରିବେ। ଏହି ଦାବିପତ୍ରର ନକଲ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ, ଓ ଜିଲ୍ଲାପାଳଙ୍କ ଅବଗତି ନିମନ୍ତେ ପଠାଇଦିଆଯାଇଛି।

## ବନ୍ଧୁ ପାଇଁ ଦିନଟିଏ



ଯାଜପୁର,୮।୪(ସଂଚାର ବ୍ୟୁରୋ)ଃ ଆଜିର ବ୍ୟସ୍ତବହୁଳ ଜୀବନରେ ସମସ୍ତେ ନିଜ ରୋଜଗାର ପଛରେ ଧାଉଁଥିବା ବେଳେ ଯେତେବେଳେ ହଠାତ୍ ନିଜର ପିଲାବେଳର ସାଙ୍ଗ ମିଳିଯାଏ ସେତେବେଳେ ମନରେ ବହୁତ ଶାନ୍ତି ଲାଗେ। ମନରେ ଥିବା କିଛି କଥା ଆଉ ବ୍ୟଥାକୁ ସାଙ୍ଗ ସାଥିରେ ଆଦାନ ପ୍ରଦାନ କରିଥିଲେ ମନଟା ଟିକେ ହାଲକା ଲାଗିବା ସହିତ ଶାନ୍ତି ମିଳିଥାଏ। ଏହି ପରିପ୍ରେକ୍ଷୀରେ ଯାଜପୁର ସହରର ସର୍ବପୁରାତନ ବିରଜା ହାଇସ୍କୁଲର ୧୯୯୮ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ ସ୍ଥାନୀୟ ସୁଭଦ୍ରା ଶକ୍ତି କାଫେ ବିରଜା ମନ୍ଦିର ନିକଟରେ ଏକ ଆନନ୍ଦ ଉଲ୍ଲାସ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୮୦ ଜଣ ବନ୍ଧୁବାନ୍ଧବିଙ୍କ ସମେତ ସେମାନଙ୍କର ପରିବାର ସହ ପ୍ରାୟ ୨୮ ବର୍ଷ ପରେ ଗୋଟିଏ ଛାତ ତଳେ ବସିବାର ଅନୁଭୁତିକୁ ବଖାଣିବାକୁ ଏକ ଅଭୁଲା ସ୍ମୃତିର ରୂପ ଦେଇଥିଲେ। ବନ୍ଧୁମିଳନ ଉତ୍ସବରେ ବନ୍ଧୁମାନଙ୍କର କୁନି କୁନି ପିଲାମାନେ ବିଭିନ୍ନ ପ୍ରକାର ମନୋରଂଜନ କାର୍ଯ୍ୟକ୍ରମ କରିବା ସହ ଦୁଇ ଜଣ ସାଙ୍ଗ ଯେଉଁମାନେ ଆଜି ଏହି ଦୁନିଆରେ ନାହାଁନ୍ତି ସେମାନଙ୍କ ପାଇଁ ନିରବ ପ୍ରାର୍ଥନା କରିବା ସହ ଭଗବାନ ନିକଟରେ ତାଙ୍କ ପରିବାରବର୍ଗର ମଙ୍ଗଳ କାମନା କରିଥିଲେ। ଏକ ଆନନ୍ଦ ଉଲ୍ଲାସରେ ଦୀର୍ଘ ଦିନ ବ୍ୟବଧାନ ପରେ ଏପରି କାର୍ଯ୍ୟକ୍ରମକୁ ବନ୍ଧୁମାନେ ସାଦର ସହକାରେ ଗ୍ରହଣ କରିବା ସହ ପ୍ରତି ବର୍ଷ ଏହାକୁ ଉଜ୍ଜିବିତ କରିବାକୁ ନିଷ୍ପତି ନେଇଥିଲେ।

# ପୋଖରିଆପଡ଼ା ମା' ମଙ୍ଗଳାଙ୍କ ପୀଠରେ ଝାମୁ ଯାତ୍ରା

ପଟ୍ଟାମୁଣ୍ଡାଇ,୮।୪ (ସଂଚାର ବ୍ୟୁରୋ)ଃ ବହୁ କିମ୍ବଦନ୍ତୀ ବହନ କରି ଆସିଥିବା ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧୀନ ପୋଖରିଆପଡ଼ା ଗ୍ରାମର ମା ମଙ୍ଗଳାଙ୍କ ପୀଠରେ ଝାମୁ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପୂଜକ ଜଗବନ୍ଧୁ ନାୟକ ଏବଂ ପୂଜକ ଲକ୍ଷ୍ମଣ ଦାଶ ଓ ଜିତେନ୍ଦ୍ର ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଝାମୁ ଯାତ୍ରାରେ ମା ମଙ୍ଗଳାଙ୍କ ଷୋଡ଼ଶ ଉପଚାର ପୂଜା, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଘଟସ୍ଥାପନ, ହୋମ ଯଜ୍ଞାଦି କର୍ମ ଅନୁଷ୍ଠିତ ହୋଇଥିଲା। ପରମ୍ପରା ଅନୁଯାୟୀ ମା ମଙ୍ଗଳାଙ୍କ ଚଳନ୍ତି ପ୍ରତିମା ବିମାନରେ ବିଜେହୋଇ ନଗର ପରିକ୍ରମା କରିବା ସହିତ ଘରକୁ ଘର ଯାଇ ପ୍ରସାଦ ଲାଗି ହେବା ସହିତ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଥାନ୍ତି। ପରମ୍ପରା ଅନୁଯାୟୀ ମାଙ୍କ ମନ୍ଦିର ପାର୍ଶ୍ୱରେ ପ୍ରସ୍ତୁତ ରଡ଼ ନିଆଁରେ ପାଟୁଆ ଖାଲି ପାଦରେ ଚାଲିବାର ବିଧି ରହିଛି। ମା ଶାରଳାଙ୍କ କ୍ଷେତ୍ର କୁଜଙ୍ଗରୁ ଆସିଥିବା ବିପିନ ଦାଶ ଓ ତାଙ୍କ ସାଥୀ ମା ମଙ୍ଗଳାଙ୍କ ପ୍ରତିରୂପକୁ ମସ୍ତକରେ ଧାରଣ କରି ଖାଲି ପକ୍ଷଦରେ ନିଆଁରେ ଚାଲିବାର ଦୃର୍ଶ୍ୟ ଦେଖିବା ପାଇଁ ପଟ୍ଟାମୁଣ୍ଡାଇ ସହର ସମେତ ଆଖପାଖ ଅଞ୍ଚଳର ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଧରେନ୍ଦ୍ର ନାୟକ, ଜିତେନ୍ଦ୍ର ନାୟକ, ଅରୁଣ କୁମାର ନାଥ, ସଂଗ୍ରାମ ସାହୁ, ସମୀର ପାତ୍ର, ପ୍ରେମାନନ୍ଦ ପଣ୍ଡା, ବଂଶୀଧର ନାୟକ, ସୁଭେନ୍ଦ୍ର ଚୌଧୁରୀ, ରଞ୍ଜନ ନାୟକ, ସର୍ବେଶ୍ୱର ମଲ୍ଲ, ରଞ୍ଜନ ନାଥ, ସୌମ୍ୟରଞ୍ଜନ ଚୌଧୁରୀ, ରବୀନ୍ଦ୍ର ପାତ୍ର, ଦେବାଶିଷ ନାୟକ ଓ ଶରତ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ଝାମୁ ଯାତ୍ରା ଉତ୍ସବରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ଶ୍ରୀମତୀ ବନ୍ଦନା ପାତ୍ର, ବରିଷ୍ଠ ଯୁବନେତା ମିଟୁ ମନୋଜ ନାୟକ, କାଉନସିଲର ଲାସ୍ୟମୟୀ ସାହୁ, ମୃତ୍ୟୁଞ୍ଜୟ ପାଢ଼ୀ, ଉପେନ୍ଦ୍ର ନାୟକ, ନିରାକାର ସାହୁ, ଆଡଭୋକେଟ୍ ପ୍ରମୋଦ ସାହୁ, ଗୋପିନାଥ ତ୍ରିପାଠି ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ଏହି ଅବସରରେ ସଙ୍ଗୀତ ଗୁରୁ କୃପାସିନ୍ଧୁ ନାୟକଙ୍କ ପରିଚାଳନାରେ କସ୍ତୁରୀ କଳା ନିକେତନର କଣ୍ଠଶିଳ୍ପୀ ମାନେ ଭଜନ ପରିବେଷଣ କରିଥିଲେ।



## କଟକର ରାମଦାସପୁରରେ ପେଜ୍ ଇଣ୍ଡଷ୍ଟ୍ରିଜ୍‌ର ଆପାରେଲ୍ ୟୁନିଟ୍ ଉଦ୍‌ଘାଟିତ

# ଓଡ଼ିଶା ହେବ ପୂର୍ବ ଭାରତର 'ସୁରାଟ-ତିରୁପୁର'

ଭୁବନେଶ୍ୱର, ୮।୪ (ସଂଚାର ବ୍ୟୁରୋ) : ବ୍ୟାପକ ଶିଳ୍ପାୟନ ଯୋଗୁଁ ଆଗାମୀ ଦିନରେ ଓଡ଼ିଶାରେ ନିଯୁକ୍ତି ପାଇଁ ଆଉ ମାଇଗ୍ରେସନ୍ ନ ହୋଇ ରିଭର୍ସ ମାଇଗ୍ରେସନ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଆଜି କଟକ ଜିଲ୍ଲାର ରାମଦାସପୁରଠାରେ ପେଜ୍ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ସ୍ଥାପିତ ଏକ ବୃହତ ଆପାରେଲ୍ ମ୍ୟାନୁଫ୍ୟାକ୍ଚରିଂ ୟୁନିଟ୍‌ର ଶୁଭ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ପ୍ରାୟ ୭୫୦ କୋଟି ଟଙ୍କା ବିନିଯୋଗରେ ସ୍ଥାପିତ ଏହି ଉଦ୍ୟୋଗ ଦ୍ୱାରା ୫,୮୦୦ରୁ ଅଧିକ ଯୁବକଯୁବତୀଙ୍କ ପାଇଁ ନୂତନ ନିଯୁକ୍ତି ସୃଷ୍ଟି ହୋଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟ ସରକାର ବୟନ ଓ ପୋଷାକ ଶିଳ୍ପ ଉପରେ ଫୋକସ୍ ରଖିଛନ୍ତି। ଏହି କ୍ଷେତ୍ରରେ କମ୍ ପୁଞ୍ଜି ବିନିଯୋଗରେ ଅଧିକ ନିଯୁକ୍ତି ଅବସର ମିଳିଥାଏ। ବିଶେଷକରି ମହିଳାମାନଙ୍କୁ ଅଧିକ ନିଯୁକ୍ତି ମିଳେ। ନିଯୁକ୍ତି ଓ ମହିଳା ସଶକ୍ତିକରଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଓଡ଼ିଶାରେ ନୂଆ ନୂଆ ଆପାରେଲ୍ ଇଣ୍ଡଷ୍ଟ୍ରି ସ୍ଥାପନ କରୁଛନ୍ତି। ଖୋର୍ଦ୍ଧା, କଟକ, ଗଞ୍ଜାମ ଓ ଅନ୍ୟାନ୍ୟ ଜିଲ୍ଲାରେ ବ୍ୟାପକ ମାତ୍ରାରେ ଟେକ୍ସଟାଇଲ ଓ ଆପାରେଲ୍ ଉଦ୍ୟୋଗ ପ୍ରତିଷ୍ଠା କରାଯାଉଛି। ଗତବର୍ଷର ଟେକ୍ସଟାଇଲ ସମ୍ମିଟ୍‌ରେ ୭୮୦୦ କୋଟିର ପୁଞ୍ଜି ପ୍ରସ୍ତାବ ଆସିଥିଲା। ସେ କହିଥିଲେ ଯେ ଶିଳ୍ପାୟନ ଦ୍ୱାରା କେବଳ ନିଯୁକ୍ତି ସୃଷ୍ଟି ନୁହେଁ, ବରଂ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଷ୍ଟାର୍ଟଅପ୍, ସ୍ଥାନୀୟ ସପ୍ଲାଇ ଚେନ୍ ଓ ଦକ୍ଷତା ବିକାଶରେ ମଧ୍ୟ ଏହାର ପ୍ରଭାବ ପଡ଼ିଥାଏ। ଏହା ଏକ ସୁଦୃଢ଼ ଇଣ୍ଡଷ୍ଟ୍ରିଆଲ୍ ଇକୋସିଷ୍ଟମ ଗଠନ କରେ। ଆଜି ଓଡ଼ିଶା ପାଇଁ ଶିଳ୍ପ ଉନ୍ନତିରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ଆଜି ଖୋର୍ଦ୍ଧା ଜିଲ୍ଲାରେ ପ୍ରାୟ ୪୧ ହଜାର କୋଟି ଟଙ୍କାର ଅନେକ ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରାଯାଇଥିବା ବେଳେ ଏହି ନୂଆ ଆପାରେଲ୍ ୟୁନିଟ୍ ରାଜ୍ୟରେ ଟେକ୍ସଟାଇଲ୍ ଓ ପୋଷାକ ଶିଳ୍ପକୁ ଆହୁରି ଗତିଶୀଳ କରିବ ବୋଲି ସେ କହିଥିଲେ। ଆଜି ଦିନରେ ପ୍ରାୟ ୬୦ ହଜାର ଯୁବକଯୁବତୀଙ୍କ ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି ହୋଇଛି, ଯାହା ଓଡ଼ିଶାର ଯୁବଶକ୍ତି ପାଇଁ ଏକ ନୂଆ ଆଶା ଜଗାଇଛି। ସେ କହିଥିଲେ ଓଡ଼ିଶାକୁ ପୂର୍ବ ଭାରତର 'ସୁରାଟ' କିମ୍ବା 'ତିରୁପୁର' ଭାବେ ଗଢ଼ିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ। ମୁଖ୍ୟମନ୍ତ୍ରୀ ଏହି ଅବସରରେ ସାଲେପୁରର ଝିଅ ସ୍ୱର୍ଣ୍ଣପ୍ରଭା ରାଉତରାୟ ଓ ମୟୂରଭଞ୍ଜର ଝିଅ ଯମୁନା ଟୁଡୁ, ଯିଏକି ତାମିଲନାଡୁରୁ ଆସି ଓଡ଼ିଶା ଟେକ୍ସଟାଇଲ ଇଣ୍ଡଷ୍ଟ୍ରିରେ କାର୍ଯ୍ୟ କରୁଛନ୍ତି ସେମାନଙ୍କ ସହ ବାର୍ତ୍ତାଳାପ କରି ତାଙ୍କର ଅଭିଜ୍ଞତା ଓ ଦକ୍ଷ କାର୍ଯ୍ୟ ପ୍ରଣାଳୀ ବିଷୟରେ ଜାଣିବାକୁ ପାଇଥିଲେ। କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ୍ ଶିନ୍ଦେ, ପେଜ୍ ଇଣ୍ଡଷ୍ଟ୍ରିଜ୍‌ର ମ୍ୟାନେଜିଂ ଡାଇରେକ୍ଟର ଭିଏସ୍ ଗଣେଶ ଓ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ. ଶ୍ରୀନିବାସନ୍ ପ୍ରମୁଖ ଉପସ୍ଥିତ ଥିଲେ।



- ୭୫୦ କୋଟିର ବୃହତ୍ ଆପାରେଲ୍ ୟୁନିଟ୍
- ସୃଷ୍ଟି ହେବ ୫,୮୦୦ ନିଯୁକ୍ତି ସୁଯୋଗ
- ନିଯୁକ୍ତି କ୍ଷେତ୍ରରେ ରିଭର୍ସ ମାଇଗ୍ରେସନ୍ ହେବ

## ଆଇଏଏସ୍ ପ୍ରୋବେସନାରୀ ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ

ଭୁବନେଶ୍ୱର,୮।୪(ସଂଚାର ବ୍ୟୁରୋ):ପ୍ରଶାସନିକ ପ୍ରଶିକ୍ଷଣ ଓ ସମୀକ୍ଷା କାର୍ଯ୍ୟକ୍ରମର ଅଂଶସ୍ୱରୂପ ଆଇଏଏସ୍ ପ୍ରୋବେସନାରୀ ଅଧିକାରୀମାନେ ଆଜି ଗୃହ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ଆୟୋଜିତ ଏକ କ୍ଷେତ୍ର ପରିଦର୍ଶନ ଓ ଉଚ୍ଚସ୍ତରୀୟ ବୈଠକରେ ସାମିଲ ହୋଇଥିଲେ। ଏହି ଅବସରରେ ପ୍ରୋବେସନାରୀ ଅଧିକାରୀମାନେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଆଲୋଚନାକ୍ରମରେ ବିଭାଗର ପ୍ରମୁଖ ସଫଳତା, ଗୁରୁତ୍ୱପୂର୍ଣ୍ଣ ଯୋଜନା ଓ ବିଭିନ୍ନ ପ୍ରାଥମିକତା ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ଏହି ଅଧିବେଶନ ଜରିଆରେ ଅଧିକାରୀମାନେ ସହରାଞ୍ଚଳ ସେବା ପ୍ରଦାନ କ୍ଷେତ୍ରରେ ନୀତି ନିର୍ଦ୍ଧାରଣ ଓ ଏହାର କାର୍ଯ୍ୟକାରିତା ସମ୍ପର୍କରେ ଗଭୀର ଜ୍ଞାନ ଆହରଣ କରିବାର ସୁଯୋଗ ପାଇଥିଲେ। ଏହି ମତ ବିନିମୟ କାର୍ଯ୍ୟକ୍ରମ ପ୍ରଶାସନିକ ସମନ୍ୱୟ, କାର୍ଯ୍ୟକ୍ରମର ରୂପାୟନ ଓ ସହରାଞ୍ଚଳ ବିକାଶ କ୍ଷେତ୍ରରେ ଦେଖାଦେଉଥିବା ଆହ୍ୱାନଗୁଡ଼ିକୁ ବୁଝିବାରେ ସହାୟକ ହୋଇଥିଲା।

ଏହାପରେ ଅଧିକାରୀମାନେ ବୁଦ୍ଧ ବିହାର ପରିଦର୍ଶନ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ) ଅଧୀନରେ ଚାଲିଥିବା ସୁଲଭ ଗୃହ ପ୍ରକଳ୍ପଗୁଡ଼ିକର କ୍ଷେତ୍ର ଅନୁଧ୍ୟାନ କରିଥିଲେ। ସେଠାରେ ସେମାନେ ହିତାଧିକାରୀ-କେନ୍ଦ୍ରିକ ପଦକ୍ଷେପ ଓ ଜଳବାୟୁ ଅନୁକୂଳ ନିର୍ମାଣ ଶୈଳୀ ସମ୍ପର୍କରେ ଅବଗତ ହୋଇଥିଲେ। ଅଧିକାରୀମାନେ ଓଡ଼ିଶା ଅର୍ବାନ ଏକାଡେମୀ, ମଳ ପଙ୍କ ପରିଚାଳନା ପ୍ଲାଣ୍ଟ (ଏଫ୍‌ଏସ୍‌ଟିପି) ଓ ଜଳ ବିଶୋଧନ ପ୍ଲାଣ୍ଟ (ଡବ୍ଲ୍ୟୁଟିପି) ମଧ୍ୟ ପରିଦର୍ଶନ କରିଥିଲେ। ସେଠାରେ ବିଭାଗୀୟ ଅଧିକାରୀମାନେ ସହରାଞ୍ଚଳ ପରିମଳ ବ୍ୟବସ୍ଥା ଓ ଜଳ ଯୋଗାଣ ପ୍ରକ୍ରିୟା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ବିଶୋଧନ ପ୍ରକ୍ରିୟା, ପରିଚାଳନା କୌଶଳ ଓ ସେବା ପ୍ରଦାନର ଭିତ୍ତିଭୂମି ସମ୍ପର୍କରେ ମଧ୍ୟ ଅଧିକାରୀମାନେ ପ୍ରତ୍ୟକ୍ଷ ଅଭିଜ୍ଞତା ହାସଲ କରିଥିଲେ। ଆଇଏଏସ୍ ପ୍ରୋବେସନାରୀ ଅଧିକାରୀଙ୍କୁ ସହରାଞ୍ଚଳ ଶାସନ, ଭିତ୍ତିଭୂମି ବିକାଶ ଓ ସାଧାରଣ ସେବା ପ୍ରଦାନ ବ୍ୟବସ୍ଥା ବିଷୟରେ ବାସ୍ତବିକ ଜ୍ଞାନ ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ। ଏହା ସେମାନଙ୍କୁ ଆଗାମୀ ଦିନରେ ଦକ୍ଷତାର ସହ ପ୍ରଶାସନିକ ଦାୟିତ୍ୱ ତୁଲାଇବାରେ ସହାୟକ ହେବ ବୋଲି କୁହାଯାଉଛି।



## ପୂର୍ବତନ ପୁଲିସ୍ କର୍ମଚାରୀଙ୍କ ପେନ୍‌ସନ୍ ଓ ଜିପିଏଫ୍ ଅଦାଲତ

# ୬୮ ଅଭିଯୋଗ ଉପସ୍ଥାପିତ



ଭୁବନେଶ୍ୱର,୮।୪(ସଂଚାର ବ୍ୟୁରୋ): ଆଜି ଓଡ଼ିଶା ପୁଲିସ ପକ୍ଷରୁ ରାଜ୍ୟସ୍ତରୀୟ ସପ୍ତମ ବାଟାଲିୟନ ପରିସରରେ ଆକାଉଣ୍ଟାଣ୍ଟ ଜେନେରାଲ, ଓଡ଼ିଶା, ଭୁବନେଶ୍ୱର ଓ ଓଡ଼ିଶା ପୁଲିସ ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ପେନସନ ଓ ଜିପିଏଫ ଅଦାଲତ ଅନୁଷ୍ଠିତ ହୋଇଛି। ଏଥିରେ କଟକ ଓ ଖୋର୍ଦ୍ଧା ଜିଲ୍ଲାର ପୁଲିସ ବିଭାଗର ଅବସରପ୍ରାପ୍ତ ପୁଲିସ କର୍ମଚାରୀଙ୍କ ପେନସନ ସମ୍ବନ୍ଧୀୟ ବିଭିନ୍ନ ଅଭିଯୋଗର ଶୁଣାଣି ହୋଇଥିଲା। ଏହି ଅଦାଲତରେ ଦୀର୍ଘଦିନ ଧରି ପଡ଼ି ରହିଥିବା ଗ୍ରାଚ୍ୟୁଇଟି, ଜିପିଏଫ୍, ପରିବାର ପେନସନ ଓ ଅନ୍ୟାନ୍ୟ ଆର୍ଥିକ ସମସ୍ୟା ସମ୍ବନ୍ଧୀୟ ବିଭିନ୍ନ ଅଭିଯୋଗର ପ୍ରାଥମିକତା ଭିତ୍ତିରେ ଶୁଣାଣି ହୋଇଥିଲା। କାର୍ଯ୍ୟକ୍ରମକୁ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ ଉଦ୍‌ଘାଟନ କରିବା ସହ ଓଡ଼ିଶା ପୁଲିସ କର୍ମଚାରୀଙ୍କ ପାଇଁ ପ୍ରଥମ ଥର ପାଇଁ ଏହି ପେନସନ ଅଦାଲତ ଆୟୋଜନ କରିଥିବା କହିଥିଲେ। ଏହି ପଦକ୍ଷେପ ପେନସନ ଉପଭୋକ୍ତାଙ୍କ କଲ୍ୟାଣ ଦିଗରେ ଏକ ମାଇଲଖୁଣ୍ଟ ଭାବେ ପରିଗଣିତ ହେବ ବୋଲି ସେ ମତ ଦେଇଥିଲେ। ଏଥିସହ ସେ ପିଏଜି (ଏଆଣ୍ଡଇ), ଓଡ଼ିଶାଙ୍କ କାର୍ଯ୍ୟାଳୟର ଏପରି ଏକ ଉଦ୍ୟମକୁ ପ୍ରଶଂସା କରିଥିଲେ।

ଏହି ଅଦାଲତରେ ମୋଟ ୬୮ ଜଣ ପେନସନର/ଫ୍ୟାମିଲି ପେନସନର୍ ଉପସ୍ଥିତ ରହି ଅଭିଯୋଗ ଓ ସମସ୍ୟା ଉପସ୍ଥାପନ କରିଥିଲେ। ସମସ୍ତ ମାମଲାକୁ ସଠିକ ଭାବେ ପରୀକ୍ଷା କରାଯାଇ ସମାଧାନ ଦିଗରେ ପଦକ୍ଷେପ ନିଆଯାଇଥିଲା। ଏଥିସହ ୧୬ଟି ପିପିଓ/ ଜିପିଓ/ଜିପିଏଫ ପେନସନ ଉପଭୋକ୍ତାଙ୍କୁ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ଶ୍ରୀ ପ୍ରିୟଦର୍ଶୀ ଓ ଉପମହାଲେଖାକାର, ଏଜି (ଏଆଣ୍ଡଇ), ଓଡ଼ିଶା, ଭୁବନେଶ୍ୱରଙ୍କ ଦ୍ୱାରା ବିତରଣ କରାଯାଇଥିଲା। ଅଦାଲତରେ ରାଜ୍ୟ ପୁଲିସ୍ ମୁଖ୍ୟାଳୟର ଆର୍ଥିକ ପରାମର୍ଶଦାତା ମମତା ମଲ୍ଲିକ, ଅର୍ଥ ଅଧିକାରୀ ସରୋଜ କୁମାର ନାୟକ, ଏଜି କାର୍ଯ୍ୟାଳୟର ବରିଷ୍ଠ ଆକାଉଣ୍ଟ ଅଫିସର ଶରତ କୁମାର ମହାପାତ୍ର, ବିଶ୍ୱାସ କୁମାର ସିହ୍ନା ଓ ରବି କୁମାରଙ୍କ ସହ ଅନ୍ୟାନ୍ୟ ବରିଷ୍ଠ ପୁଲିସ ଅଧିକାରୀମାନେ ଉପସ୍ଥିତ ରହି ପେନସନରଙ୍କ ଅଭିଯୋଗକୁ ପ୍ରତ୍ୟକ୍ଷ ଭାବେ ଶୁଣିବା ସହ ସମାଧାନ ପାଇଁ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ।

## ୧୩୬୩ ଜେଆର୍‌ଏ ପଦବୀରେ ହେବ ନିଯୁକ୍ତି

● ଜିଲ୍ଲାପାଳଙ୍କୁ ଚିଠି ଲେଖିଲେ ରାଜସ୍ୱ ସଚିବ



ଭୁବନେଶ୍ୱର,୮।୪(ସଂଚାର ବ୍ୟୁରୋ): ରାଜ୍ୟର ରାଜସ୍ୱ ପ୍ରଶାସନକୁ ଆହୁରି ସୁଦୃଢ଼ କରିବା ନିମନ୍ତେ ଓଡ଼ିଶା ସରକାରଙ୍କ ଦ୍ୱାରା ୧୩୬୩ଟି ଜୁନିଅର ରେଭେନ୍ୟୁ ଆସିଷ୍ଟାଣ୍ଟ୍ (ଜେଆର୍‌ଏ) ପଦବୀକୁ ସିଧାସଳଖ ନିଯୁକ୍ତି ମାଧ୍ୟମରେ ପୂରଣ କରିବାକୁ ସ୍ୱୀକୃତି ମିଳିଛି। ଏହି ନିଯୁକ୍ତି ନିମନ୍ତେ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ବୈଠକରେ ଉକ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏ ସମ୍ପର୍କରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ଜିଲ୍ଲାପାଳମାନଙ୍କୁ ଚିଠି ଲେଖିଛନ୍ତି। ଏହି ପଦବୀଗୁଡ଼ିକୁ ରାଜ୍ୟର ୩୦ଟି ଜିଲ୍ଲାରେ ସିଧାସଳଖ ନିଯୁକ୍ତି ପ୍ରକ୍ରିୟା ମାଧ୍ୟମରେ ପୂରଣ କରାଯିବ ବୋଲି ଜଣାପଡ଼ିଛି। ଜିଲ୍ଲାଭିତ୍ତିକ ଖାଲି ଥିବା ପଦବୀ ସଂଖ୍ୟା ସହ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗ, ମହିଳା, ଦିବ୍ୟାଙ୍ଗ, ଏକ୍ସ-ସର୍ଭିସମ୍ୟାନ୍ ଓ କ୍ରୀଡ଼ାବିତଙ୍କ ପାଇଁ ଆବଶ୍ୟକ ସଂରକ୍ଷଣ ନିମନ୍ତେ ଏହି ଚିଠିରେ ଉଲ୍ଲେଖ ରହିଛି। ଏହି ନିଯୁକ୍ତି ସମ୍ବନ୍ଧରେ ଜିଲ୍ଲାପାଳମାନଙ୍କୁ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ସହ ଆଲୋଚନା କରି ଖୁବ୍‌ଶୀଘ୍ର ଅନଲାଇନ୍ ଆବେଦନ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ରାଜସ୍ୱ ପ୍ରଶାସନର କ୍ଷମତା ବୃଦ୍ଧି କରିବା ସହ ଜନସେବା ପ୍ରଦାନକୁ ଅଧିକ ସୁଦୂରପ୍ରସାରୀ କରିପାରିବ ବୋଲି ରାଜସ୍ୱ ସଚିବ ଆଶା ପ୍ରକାଶ କରିଛନ୍ତି।

## ରତ୍ନଭଣ୍ଡାରର ଦ୍ୱିତୀୟ ପର୍ଯ୍ୟାୟ ଗଣତିମଣତି ଆରମ୍ଭ

ପୁରୀ,୮।୪(ସଂଚାର ବ୍ୟୁରୋ): ଗତ ୨୫ ତାରିଖରେ ଶ୍ରୀମନ୍ଦିର ରତ୍ନଭଣ୍ଡାରର ଗଣତି ମଣତିର ପ୍ରଥମ ପର୍ଯ୍ୟାୟ ଶେଷ ହୋଇଥିବା ବେଳେ ଆଜି ଦ୍ୱିତୀୟ ପର୍ଯ୍ୟାୟ ଗଣତି ମଣତି ଆରମ୍ଭ ହୋଇଛି। ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପର୍ଯ୍ୟାୟ ସମ୍ପର୍କରେ ସବିଶେଷ ବିବରଣୀ ଦେଇଛନ୍ତି। ସେ କହିଛନ୍ତି ଯେ ସମସ୍ତ ପ୍ରକାର ଅତ୍ୟାଧୁନିକ ଜ୍ଞାନକୌଶଳର ଉପଯୋଗରେ ବାହ୍ୟ ରତ୍ନଭଣ୍ଡାରର ଗଣତି ମଣତି ଚାଲିଛି। ତେବେ ଏହି ପ୍ରକ୍ରିୟାରେ ସମୟ ଏକ ପ୍ରମୁଖ ଆହ୍ୱାନ ହୋଇଥିଲେ ହେଁ ଗଣତିମଣତିର ସଠିକତା ଉପରେ ଗୁରୁତ୍ୱ ଦିଆଯାଉଥିବା ଗଜପତି କହିଛନ୍ତି। ଆଗାମୀ ଦିନରେ ଯେପରି କୌଣସି ପ୍ରକାର ଦ୍ୱନ୍ଦ୍ୱ ଓ ବିବାଦ ନ ରହିବ, ସେଇ ଅନୁସାରେ ଗଣତିମଣତି କରାଯିବା ଉପରେ ଗୁରୁତ୍ୱ ଦିଆଯାଉଛି।

## ଜୁଆ ଆଡ୍ଡାରେ ଚଢ଼ାଉ, ୧୬ ଗିରଫ

● ଲକ୍ଷାଧିକ ଟଙ୍କା ଓ ଗାଡ଼ି ଜବତ



ବରପାଲି,୮।୪(ସଂଚାର ବ୍ୟୁରୋ):ବରଗଡ଼ ଜିଲ୍ଲା ବରପାଲି ଥାନା ଅନ୍ତର୍ଗତ ବରମକେଲା ଗ୍ରୀଣ୍ଡୋଲା ଜଙ୍ଗଲରେ ଚାଲିଥିବା ଏକ ବଡ଼ ଧରଣର ଜୁଆ ଆଡ୍ଡା ଉପରେ ପୁଲିସ ଚଢ଼ାଉ କରି ୧୬ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଲକ୍ଷାଧିକ ଟଙ୍କା ଓ ଗାଡ଼ି ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ ଜିଲ୍ଲା ଭେଡେନ ଥାନା ଅନ୍ତର୍ଗତ ଜାଣ୍ଡୋଲ ଗ୍ରାମର ସଦାଶିବ ମେହେର, ବରପାଲି ଥାନା ବରମକେଲାର କ୍ଷିରୋଦ୍ର ବାଗ, ବରଗଡ଼ ସଦର ଥାନା ସହରାପାଲିର ପ୍ରଦୀପ ଝାଙ୍କର, ଅତାବିରା ଥାନା ଡାଲବୀର ଉପେନ୍ଦ୍ର ରଣା, ଗ୍ରୀଣ୍ଡୋଲାର ଗୋପାଳକୃଷ୍ଣ ସାହୁ, ଭେଡେନ ଥାନା ଲିମଟିକ୍ରାର ହେମବନ୍ତ ଗରିଆ, ବରମକେଲାର ନିର୍ମଳ ପ୍ରଧାନ, ବରଗଡ଼ ସଦର ଥାନା କଣ୍ଟସ୍ୱର ମନବୋଧ ନାଗ, ବରପାଲି ଥାନା ଗ୍ରୀଣ୍ଡୋଲାର ବନବସ ଓରଫ ଲମ୍ବୋଦର ଭୋଇ, ବରଗଡ଼ ସଦର ଥାନା ନୂଆଗଡ଼ର କେଶବ ସାହୁ, ସୋମ ସାଥୁଆ, ଛତିଶଗଡ଼ ରାଜ୍ୟ ଯଶପୁର ଜିଲା ତୁମୁଲା ଥାନା ସକଜୋର ଗ୍ରାମର ସୁନୀଲ ଭରଦ୍ୱାଜ, ଭେଡେନ ଥାନା ଡାଲବର ଶ୍ୟାମ ସେଠ୍, ସୁନ୍ଦରଗଡ଼ ଜିଲା କିନ୍ଦିରକେଲା ଥାନା କରୁଆବାହାଲ ଗ୍ରାମର ଅନିଲ ରୋହିଦାସ, ଭେଡେନ ଥାନା ବହଲପାଲିର ଡାକ୍ତର ପ୍ରଧାନ ଏବଂ ସୁନ୍ଦରଗଡ଼ ଜିଲ୍ଲା କିନ୍ଦିରକେଲା ଥାନା କରୁଆବାହାଲ ଗ୍ରାମର ମହେନ୍ଦ୍ର ରୋହିଦାସ। ଆଜି ପୂର୍ବାହ୍ନରେ ଜଙ୍ଗଲ ଭିତରେ 'ଘୁଡୁଘୁଡୁ ପଟି' ଜୁଆ ଖେଳ ଚାଲିଥିବା ନେଇ ବରପାଲି ପୁଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଏହାପରେ ପୁଲିସ ଏକ ଟିମ ଗଠନ କରି ସେଠାରେ ଅତର୍କିତ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ଖସି ପଳାଇବାକୁ ଚେଷ୍ଟା କରୁଥିବା ୧୬ ଜଣ ଜୁଆଡ଼ି ଧରାପଡ଼ିଥିଲେ। ପୁଲିସ ସେମାନଙ୍କ ନିକଟରୁ ନଗଦ ୧ ଲକ୍ଷ ୯ ହଜାର ୩୮୦ ଟଙ୍କା, ୨ଟି କାର୍ ଏବଂ ୧୫ଟି ମୋଟର ସାଇକେଲ ଏବଂ ଜୁଆ ଖେଳରେ ବ୍ୟବହୃତ ଘୁଡୁଘୁଡୁ ପଟି ଜବତ କରିଛି। ଏ ନେଇ ବରପାଲି ଥାନାରେ ୧୪୧/୨୬ରେ ଏକ ମାମଲା ରୁଜୁ କରାଯିବା ସହ ଘଟଣାରେ ଅଧିକ ତଦନ୍ତ ଜାରି ରହିଛି।

## ଆରଏସସିଏଲ୍ କାର୍ଯ୍ୟକାରୀ କମିଟି ବୈଠକ

# ସ୍ଥାୟିତ୍ୱ, ରାଜସ୍ୱ ବୃଦ୍ଧି ଓ ପ୍ରକଳ୍ପ ସମାପ୍ତିକୁ ଗୁରୁତ୍ୱ



ଭୁବନେଶ୍ୱର,୮।୪(ସଂଚାର ବ୍ୟୁରୋ): ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍ (ଆରଏସସିଏଲ)ର କାର୍ଯ୍ୟକାରୀ କମିଟି ବୈଠକ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଖାରବେଳ ଭବନଠାରେ ଅନୁଷ୍ଠିତ ହୋଇଛି। ଏଥିରେ ସହରର ପ୍ରକଳ୍ପ ରୂପାୟନଠାରୁ ଆରମ୍ଭ କରି ଦୀର୍ଘକାଳୀନ ସ୍ଥାୟିତ୍ୱ ଓ ସମ୍ପତ୍ତି ପରିଚାଳନା ଭଳି ପ୍ରମୁଖ ରଣନୈତିକ ବିଷୟ ଉପରେ ଆଲୋଚନା କରାଯାଇଥିଲା। ଆରଏସସିଏଲ୍‌ର ସିଇଓ ଦୀନା ଦସ୍ତଗୀର ଆଲୋଚନା ଓ ଅନୁମୋଦନ ପାଇଁ କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ। ବୈଠକରେ ୧୦୬ କୋଟି ନିବେଶରେ ନିର୍ମିତ ଆଇସିସିସି ପ୍ରକଳ୍ପ ନେଇ ଆଲୋଚନା ହୋଇଥିଲା। ଅଦ୍ୟାବଧି ସହରର ୧୦୯ଟି ସ୍ଥାନରେ ୫୯୪ଟି ସର୍ଭେଲାନ୍ସ କ୍ୟାମେରା କାର୍ଯ୍ୟକ୍ଷମ ହୋଇସାରିଛି। ଟ୍ରାଫିକ ପ୍ରବର୍ତ୍ତନ ଓ ସହରର ଶାସନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ନ୍ୟାସନାଲ ଇନଫର୍ମାଟିକ୍ସ ସେଣ୍ଟର ସହାୟତାରେ ସ୍ୱୟଂଚାଳିତ ଇ-ଚାଲାଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଦିଗରେ ପଦକ୍ଷେପ ନିଆଯାଉଛି।

ସେହିପରି ଆର୍ଥିକ ସ୍ଥାୟିତ୍ୱ ଉପରେ ଗୁରୁତ୍ୱ ଦେଇ ପରିବହନ ସଚିବ ଏହା ଅଧିନରେ ଥିବା ସମ୍ପତ୍ତି, ଜମିଜମାର ସଠିକ୍ ଉପଯୋଗ ଓ ଅଭିନବ ଉପାୟରେ ରାଜସ୍ୱ ଆଦାୟ ପାଇଁ ପରାମର୍ଶ ଦେଇଛନ୍ତି। ସମ୍ପୂର୍ଣ୍ଣ ହୋଇସାରିଥିବା ସ୍ମାର୍ଟ ସିଟି ସମ୍ପତ୍ତିଗୁଡ଼ିକରୁ ବର୍ତ୍ତମାନ ବାର୍ଷିକ ୪.୧୩ କୋଟି ଟଙ୍କାର ରାଜସ୍ୱ ମିଳୁଛି।ଅନ୍ୟପକ୍ଷରେ ବିଳମ୍ବରେ ଚାଲିଥିବା ପ୍ରକଳ୍ପଗୁଡ଼ିକ ଉପରେ କଠୋର ଆଭିମୁଖ୍ୟ ଗ୍ରହଣ କରି କମିଟି ଅଡିଟୋରିୟମ୍ ଓ କନଭେନସନ ହଲ୍ ପ୍ରକଳ୍ପର ବକେୟା କାର୍ଯ୍ୟକୁ 'ଡିସ୍କୋପ୍' କରିବା ସକାଶେ ନିଷ୍ପତ୍ତି ନେଇଛନ୍ତି। ଇତିମଧ୍ୟରେ ଏହି ପ୍ରକଳ୍ପର ୪୫ ପ୍ରତିଶତ କାର୍ଯ୍ୟ ଶେଷ ହୋଇଥିବା ବେଳେ ଅବଶିଷ୍ଟ କାର୍ଯ୍ୟ ସମ୍ପୃକ୍ତ ଏଜେନ୍ସିର ରିସ୍କରେ ଶେଷ କରାଯିବ। ଉଦିତ ନଗର ମାର୍କେଟ କମ୍ପ୍ଲେକ୍ସ ଓ ମଲ୍ଟି-ଲେଭଲ୍ କାର୍ ପାର୍କିଂ ଭଳି ଚାଲୁ ରହିଥିବା ପ୍ରକଳ୍ପକୁ ସୁଚାରୁ ରୂପେ ସମ୍ପୂର୍ଣ୍ଣ କରିବା ପାଇଁ ସ୍ପେଶାଲ ପର୍ପସ ଭେହିକିଲର କାର୍ଯ୍ୟକାଳ ବୃଦ୍ଧି କରିବା ସହ ପ୍ରମୁଖ ଅଧିକାରୀ ଓ ପରାମର୍ଶଦାତାଙ୍କ ନିୟୋଜନ ଅବଧି ବଢ଼ାଇବାକୁ ପ୍ରସ୍ତାବ ରହିଛି। ରାଉରକେଲାକୁ ଏକ ସ୍ଥାୟୀ, ଦକ୍ଷ ଓ ନାଗରିକ-କୈନ୍ଦ୍ରିକ ସହର ଭାବରେ ଗଢ଼ି ତୋଳିବା ପାଇଁ ଆରଏସସିଏଲ ପ୍ରତିବଦ୍ଧତାକୁ ବୈଠକରେ ଦୋହରାଯାଇଛି।

## ଯୁବ କଂଗ୍ରେସର ଅଭିଯୋଗ

# ମେଟ୍ରୋ ସ୍ୱପ୍ନ ଧୂଳିସାତ କରିଛନ୍ତି ସରକାର




ଭୁବନେଶ୍ୱର,୮।୪(ସଂଚାର ବ୍ୟୁରୋ): ଆଜି ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ମେଟ୍ରୋ ରେଳବାଇ ପ୍ରକଳ୍ପର ପୂର୍ଣ୍ଣଚ୍ଛେଦ ଉପରେ ପ୍ରତିକ୍ରିୟା ପ୍ରକାଶ କରି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ ହୋଇଛି। ଏଥିରେ ଭୁବନେଶ୍ୱର କଂଗ୍ରେସ ଲୋକସଭା ପ୍ରାର୍ଥୀ ସୟଦ ୟାସିର ନୱାଜ ଯୋଗଦେଇ କହିଥିଲେ ଯେ ଭୁବନେଶ୍ୱରବାସୀଙ୍କ ସ୍ୱପ୍ନର କୋଣାର୍କକୁ ମୋହନ ସରକାର ଧୂଳିସାତ କରିଦେଲେ। ଦେଶରେ ପାଖାପାଖି ୧୮ଟି ସହରରେ ମେଟ୍ରୋ ରେଲୱେ ସେବା ରହିଛି। ଓଡ଼ିଶାର ପୂର୍ବ ସରକାର ଭୁବନେଶ୍ୱରରେ ମେଟ୍ରୋ ରେଲୱେ ପାଇଁ ସଂକଳ୍ପ ନେଇ କାର୍ଯ୍ୟ ଆରମ୍ଭ କରିଥିଲେ। କିନ୍ତୁ ସରକାର ଚାଲିଯିବାରୁ ଉକ୍ତ ସରକାରଙ୍କ ସ୍ୱପ୍ନ ସାକାର ହୋଇପାରିନାହିଁ। ୨୦୨୪ ଜାନୁଆରୀ ୧ରେ ୬ ହଜାର ୨୨୫ କୋଟି ଟଙ୍କା ବ୍ୟୟରେ ମେଟ୍ରୋ ପ୍ରକଳ୍ପ ନିର୍ମାଣ ପାଇଁ ନବୀନ ସରକାର ତ୍ରିଶୂଳିଆଠାରେ ଶିଳାନ୍ୟାସ କଲେ। ଡିପିଆରକୁ ରାଜ୍ୟ କ୍ୟାବିନେଟ ମଧ୍ୟ ଅନୁମୋଦନ କରିଥିଲା। ଭୁବନେଶ୍ୱର ମେଟ୍ରୋ ରେଳବାଇ କର୍ପୋରେସନ ଲିମିଟେଡ୍ ନାମରେ ଏକ ସ୍ୱତନ୍ତ୍ର ସଂସ୍ଥା କରାଯାଇ ସମ୍ପୂର୍ଣ୍ଣ ଭାବେ ରାଜ୍ୟ ସରକାରଙ୍କ ଖର୍ଚ୍ଚରେ ଏହା କରାଯିବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ବିଜେଡି ସରକାର ଯିବା ପରେ ଏହି ପ୍ରକଳ୍ପ ଏବେ ଇତିହାସ ପାଲଟିଯାଇଛି। ଫଳସ୍ୱରୂପ ରାଜ୍ୟ ରାଜକୋଷରୁ ଖର୍ଚ୍ଚ ହୋଇଥିବା ୨୭୩.୫୧ କୋଟି ଟଙ୍କା ବି ବରବାଦ୍ ହୋଇଛି ବୋଲି ଶ୍ରୀ ସାମଲ କହିଛନ୍ତି।

## ଗ୍ୟାସ କଳାବଜାରୀ ରୋକିବାକୁ ବ୍ୟାପକ ଚଢ଼ାଉ



ଭୁବନେଶ୍ୱର, ୮।୪ (ସଂଚାର ବ୍ୟୁରୋ): ରାଜ୍ୟରେ ଏଲପିଜି ଗ୍ୟାସ ଯୋଗାଣ ସ୍ୱାଭାବିକ ରହିଛି। ମାତ୍ର ବିଭିନ୍ନ କାରଣ ଦର୍ଶାଇ କିଛି କଳାବଜାରୀ ଓ ଅସାଧୁ ବ୍ୟକ୍ତି ବେଆଇନ ଭାବରେ ଗ୍ୟାସ ସିଲିଣ୍ଡର ମହଜୁଦ ରଖିବା ଖବର ସରକାରଙ୍କ ଦୃଷ୍ଟିକୁ ଆସିଛି। ଏହାକୁ ପ୍ରତିହତ କରିବା ପାଇଁ ଯୋଗାଣ ବିଭାଗ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ବିଭିନ୍ନ ଜିଲ୍ଲାରେ ଯୋଗାଣ ବିଭାଗ ଅଧିକାରୀମାନେ ଟିମ ଗଠନ କରି ଏ ସମ୍ପର୍କିତ ଖବର ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ଯାଞ୍ଚ କରୁଛନ୍ତି। ଏହି ଟିମଗୁଡ଼ିକ ଦୈନିକ ଭିତ୍ତିରେ ବିଭାଗୀୟ ଅଧିକାରୀଙ୍କୁ ତଥ୍ୟ ମଧ୍ୟ ପ୍ରଦାନ କରୁଛନ୍ତି। ପ୍ରତ୍ୟେକ ଜିଲ୍ଲାର ଯୋଗାଣ ଅଧିକାରୀମାନେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରୁଛନ୍ତି।

ଏ ଦିଗରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଅଦ୍ୟାବଧି ରାଜ୍ୟର ୩୦ଟି ଜିଲ୍ଲାର ୧୯୧୫ଟି ସ୍ଥାନରେ ଯାଞ୍ଚ କରାଯାଇଛି। ସେଥିମଧ୍ୟରୁ ୭୦୨ଟି ଗ୍ୟାସ ଏଜେନ୍ସି ଓ ୧୨୧୩ଟି ଅନ୍ୟ ସ୍ଥାନ ରହିଛି। ଏହିସବୁ ସ୍ଥାନରୁ ୩୪୩୫ ସିଲିଣ୍ଡର ଜବତ ହୋଇଛି। ଏହାଛଡ଼ା ଅତ୍ୟାବଶ୍ୟକ ସାମଗ୍ରୀ ଅଧିନିୟମ ଅନୁଯାୟୀ ୩୨୩ ମାମଲା ରୁଜୁ କରାଯିବା ସହ ୨୩ଟି ଏଫଆଇଆର ଦାଖଲ କରାଯାଇଛି। ଏପରିକି କଳାବଜାରୀ ଓ ବେଆଇନ୍ ସିଲିଣ୍ଡର ଗଚ୍ଛିତ ରଖିଥିବା ଅଭିଯୋଗରେ ୫ ଜଣଙ୍କୁ ଗିରଫ କରାଯାଇଛି।

● ଏସଏସବି ପକ୍ଷରୁ ପରୀକ୍ଷା ସୂଚୀ ପ୍ରକାଶିତ

# ମେ' ୫ରୁ ୧୬ ପ୍ରବେଶିକା ପରୀକ୍ଷା

- ୫୦ଟି ସ୍ନାତକୋତ୍ତର ବିଷୟ ପାଇଁ ହେବ ପରୀକ୍ଷା
- ଆବେଦନ କରିଛନ୍ତି ୫୮,୭୦୮ ଛାତ୍ରଛାତ୍ରୀ

ଭୁବନେଶ୍ୱର,୮।୪(ସଂଚାର ବ୍ୟୁରୋ): ଆସନ୍ତା ମେ' ୫ ତାରିଖରୁ ଆରମ୍ଭ ହେବ ସିପେଟ୍ ପ୍ରବେଶିକା ପରୀକ୍ଷା। ମେ' ୫ରୁ ଏହି ପରୀକ୍ଷା ଆସନ୍ତା ମେ' ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଷ୍ଟେଟ ସିଲେକ୍ସନ ବୋର୍ଡ (ଏସଏସବି) ପକ୍ଷରୁ ସିପେଟ୍ ପ୍ରବେଶିକା ପରୀକ୍ଷା ସୂଚୀ ଆଜି ପ୍ରକାଶିତ ହେବା ପରେ ଏହା ସ୍ପଷ୍ଟ ହୋଇଛି। ସମୁଦାୟ ୫୦ଟି ସ୍ନାତକୋତ୍ତର ବିଷୟ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ପ୍ରତିଦିନ ୨ଟି ଶିଫ୍ଟରେ ପରୀକ୍ଷା ହେବ। ପ୍ରଥମ ଶିଫ୍ଟରେ ଅନ୍ତର୍ଭୁକ୍ତ ଥିବା ସ୍ନାତକୋତ୍ତର ବିଷୟ ପାଇଁ ଛାତ୍ରଛାତ୍ରୀମାନେ ପୂର୍ବାହ୍ନ ୧୦ଟାରୁ ୧୧ଟା ୪୦ ପର୍ଯ୍ୟନ୍ତ ପରୀକ୍ଷା ଦେବେ। ସେହିପରି ଦ୍ୱିତୀୟ ଶିଫ୍ଟରେ ଅନ୍ତର୍ଭୁକ୍ତ ଥିବା ସ୍ନାତକୋତ୍ତର ବିଷୟ ପାଇଁ ଛାତ୍ରଛାତ୍ରୀମାନେ ଅପରାହ୍ନ ୩ଟାରୁ ୪ଟା ୪୦ ପର୍ଯ୍ୟନ୍ତ ପରୀକ୍ଷା ଦେବେ। ସେହିପରି ପରୀକ୍ଷାର ପ୍ରଥମ ଦିନରେ ବାଣିଜ୍ୟ, ବାୟୋଟେକ୍ନୋଲୋଜି, ସୋସିଓଲୋଜି, ପରିବେଶ ବିଜ୍ଞାନ, ଏଜୁକେସନ, ଆନଥ୍ରୋପୋଲୋଜି (କଳା) ଆଦି ବିଷୟରେ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେବେ।

ଆସନ୍ତା ୩୦ରୁ ଛାତ୍ରଛାତ୍ରୀମାନେ ଏସଏସବି ୱେବ୍‌ସାଇଟ୍‌କୁ ଯାଇ ପ୍ରବେଶିକା ପରୀକ୍ଷା ପାଇଁ ଆଡ୍‌ମିଟ କାର୍ଡ଼ ଡାଉନ୍‌ଲୋଡ୍ କରିପାରିବେ। ସିପେଟ୍ ପ୍ରବେଶିକା ପରୀକ୍ଷା ମାର୍କ ଆଧାରରେ ହିଁ ଛାତ୍ରଛାତ୍ରୀମାନଙ୍କୁ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ଚୟନ କରାଯିବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# କଳାହାଣ୍ଡିର ୪୧ ଗାଁରେ ବେଦାନ୍ତର ଜଳସେଚନ ବ୍ୟବସ୍ଥା

ଭୁବନେଶ୍ୱର,୮।୪(ସଂଚାର ବ୍ୟୁରୋ): ଦେଶର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ୍ ଓଡ଼ିଶାର କଳାହାଣ୍ଡି ଜିଲ୍ଲାରେ କୃଷି ଜୀବିକା ଓ ଜଳ ନିରାପତ୍ତାକୁ ସୁନିଶ୍ଚିତ କରିଛି। କମ୍ପାନି ନିଜର ପ୍ରକଳ୍ପ ସଙ୍ଗମ ମାଧ୍ୟମରେ ୪୧ଟି ଗାଁରେ ପ୍ରାୟ ୮୦୦ ଏକର କୃଷିଜମିରେ ଜଳସେଚନ ସୁବିଧା ପ୍ରଦାନ କରିଛି, ଯାହାଦ୍ୱାରା ପାଖାପାଖି ୯ ହଜାର ଲୋକ ଉପକୃତ ହେଉଛନ୍ତି। ଏହି ପଦକ୍ଷେପରେ ୬୧ଟି ଜଳ ସଂରଚନାର ବିକାଶ ମାଧ୍ୟମରେ ୧୧ ଲକ୍ଷ ଘନ ମିଟରରୁ ଅଧିକ ଜଳ ପୁନର୍ଭରଣ କ୍ଷମତା ସୃଷ୍ଟି କରାଯାଇଛି। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ଜଳବାୟୁ ସମ୍ବେଦନଶୀଳ ଅଞ୍ଚଳରେ ଭୂତଳ ଜଳ ଉପଲବ୍ଧି ଉନ୍ନତ ହେବା ସହ କୃଷି ଓ ଘରୋଇ ବ୍ୟବହାର ପାଇଁ ନିରନ୍ତର ଜଳ ଉପଲବ୍ଧତା ସୁନିଶ୍ଚିତ ହୋଇପାରିଛି।



ଜଳାଭାବ ଦୂର କରିବା ପାଇଁ ପରିକଳ୍ପନା କରାଯାଇଥିବା ପ୍ରକଳ୍ପ ସଙ୍ଗମ ଜଳ ବିଭାଜିକା ପରିଚାଳନା ପାଇଁ ଏକ ବୈଜ୍ଞାନିକ ଓ ସମ୍ପ୍ରଦାୟ-କୈନ୍ଦ୍ରିକ ପଦ୍ଧତି ଗ୍ରହଣ କରେ। ଏହି କାର୍ଯ୍ୟକ୍ରମ ପାରମ୍ପରିକ ଜଳଭଣ୍ଡାରର ପୁନରୁଦ୍ଧାର, ସ୍ଥାୟୀ ଜଳସେଚନ ଭିତ୍ତିଭୂମି ସୃଷ୍ଟି ଓ ମୌସୁମୀ ପ୍ରବାହକୁ ଦକ୍ଷତାର ସହ ସଂଗ୍ରହ କରିବା ଉପରେ ଗୁରୁତ୍ୱ ଦିଏ, ଯାହା ଭୂତଳ ଜଳ ସ୍ତରକୁ ପୁନର୍ବାର ପୂରଣ କରିବାରେ ସାହାଯ୍ୟ କରେ ଏବଂ ଅନିୟମିତ ବର୍ଷା ଉପରେ ଚାଷୀଙ୍କ ନିର୍ଭରଶୀଳତାକୁ ମଧ୍ୟ ହ୍ରାସ କରିଥାଏ।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ନିରନ୍ତର ବିକାଶ ପାଇଁ ଜଳ ସଂରକ୍ଷଣ ଏକ ମୌଳିକ ବିଷୟ। ବିଶେଷକରି କଳାହାଣ୍ଡି ଭଳି ଅଞ୍ଚଳରେ, ଯେଉଁଠାରେ ଲୋକେ ମୁଖ୍ୟତଃ କୃଷି ଉପରେ ନିର୍ଭରଶୀଳ, ସେଠାରେ ଏହା ବେଶ ଗୁରୁତ୍ୱପୂର୍ଣ୍ଣ। ପ୍ରୋଜେକ୍ଟ ସଙ୍ଗମ ମାଧ୍ୟମରେ ଆମେ ସ୍ଥାୟୀ ଜଳ ସମ୍ପଦ ସୃଷ୍ଟି କରିବା ପାଇଁ ବୈଜ୍ଞାନିକ ଜଳବିଭାଜିକା ପରିଚାଳନାକୁ ସାମ୍ପ୍ରଦାୟିକ ଅଂଶଗ୍ରହଣ ସହ ସମନ୍ୱିତ କରୁଛୁ ବୋଲି ଶ୍ରୀ ଭଟ୍ଟାଚାର୍ଯ୍ୟ କହିଛନ୍ତି।

ସେହିପରି ଏ ସମ୍ପର୍କରେ ସ୍ଥାନୀୟ କୃଷକ କୃଷ୍ଣଚରଣ ମାଳି କହିଛନ୍ତି ଯେ ବର୍ଷ ବର୍ଷ ଧରି ଆମର କୃଷିପଦ୍ଧତି ଅନିର୍ଦ୍ଦିଷ୍ଟ ବୃଷ୍ଟିପାତ ଉପରେ ନିର୍ଭର କରୁଥିଲା। କିନ୍ତୁ ପ୍ରକଳ୍ପ ସଙ୍ଗମ ମାଧ୍ୟମରେ ଆମ ଜମି ପାଇଁ ଜଳସେଚନ ସମ୍ଭବ ହୋଇପାରିଛି। ଏହା ଆମ କୃଷି ଓ ସାଧାରଣ ଜୀବନଯାପନ ପଦ୍ଧତିକୁ ବଦଳାଇଦେଇଛି। ବର୍ଷସାରା ଜଳସେଚନ ଉପଲବ୍ଧ ହୋଇଥିବାରୁ ଆମେ ଭଲ ଫସଲ ବି ଅମଳ କରୁଛୁ। ଅଧିକ ଆୟ କରିବା ସହ ଗ୍ରୀଷ୍ମ ଋତୁରେ ଜମି ପଡ଼ିଆ ପଡୁନାହିଁ ବୋଲି ଶ୍ରୀ ମାଳି କହିଛନ୍ତି। ତେବେ ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ସାରା ବର୍ଷ ଉଭୟ କୃଷି ଓ ପାନୀୟ ଉଦ୍ଦେଶ୍ୟରେ ପାଣିର ଉପଲବ୍ଧତା ସୁନିଶ୍ଚିତ କରିବା ସହ ୩୫୦୦ ଏକରରୁ ଅଧିକ ଜମିରେ ଜଳସେଚନ ସୁବିଧାର ସମ୍ପ୍ରସାରଣ କରିବା।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଞ୍ଚାର

ଗୁରୁବାର ୯ ଏପ୍ରିଲ ୨୦୨୬, ଭୁବନେଶ୍ୱର
Thursday 9 April 2026, Bhubaneswar



# ଯୁଦ୍ଧବିରତି: ଅସ୍ଥାୟୀ ଚୁକ୍ତି ନା ସମ୍ପୂର୍ଣ୍ଣ ଶାନ୍ତି?

ଆଜିର ବିଶ୍ୱ ରାଜନୀତିରେ 'ସିଜଫାୟାର୍' ଶବ୍ଦଟି ଏକ ପରିଚିତ ଧ୍ୱନି ହୋଇଯାଇଛି। ରୁଷିଆ-ୟୁକ୍ରେନ୍ ସଂଘର୍ଷ, ମଧ୍ୟପ୍ରାଚ୍ୟର ଇସ୍ରାଏଲ-ହାମାସ୍ ଯୁଦ୍ଧ କି ଅନ୍ୟ କୌଣସି କ୍ଷେତ୍ରରେ ଯୁଦ୍ଧବିରତି ଘୋଷଣା ହେଉଛି, କିନ୍ତୁ ପ୍ରଶ୍ନ ଉଠୁଛି ଏହା କେବଳ ଏକ ଅସ୍ଥାୟୀ ଚୁକ୍ତି




ନା ସମ୍ପୂର୍ଣ୍ଣ ଯୁଦ୍ଧ ବିରତି? ଏହି ପ୍ରଶ୍ନର ଉତ୍ତର କେବଳ ରାଜନୈତିକ ନୁହେଁ, ମାନବିକତା ଓ ବିଶ୍ୱ ଶାନ୍ତିର ଭବିଷ୍ୟତ ସହ ଜଡ଼ିତ। ଯୁଦ୍ଧବିରତି ଯଦି ଅସ୍ଥାୟୀ ହୁଏ ତେବେ ତାହା କେବଳ ରକ୍ତପାତର ଏକ କ୍ଷଣିକ ବିରାମ ମାତ୍ର; ଆଉ ଯଦି ସମ୍ପୂର୍ଣ୍ଣ ହୁଏ ତେବେ ତାହା ଏକ ନୂତନ ଯୁଗର ଆରମ୍ଭ।

ଇତିହାସ ଏହାର ସାକ୍ଷୀ। କୋରିଆ ଯୁଦ୍ଧରେ ୧୯୫୩ ମସିହାର ଆର୍ମିସ୍ଟିସ୍ ଚୁକ୍ତି ଆଜି ପର୍ଯ୍ୟନ୍ତ ପୂର୍ଣ୍ଣ ଶାନ୍ତି ଆଣି ନାହିଁ। ଉତ୍ତର ଓ ଦକ୍ଷିଣ କୋରିଆ ଏବେ ମଧ୍ୟ ଯୁଦ୍ଧର ଛାୟାରେ ବଞ୍ଚୁଛନ୍ତି। ଭିଏତନାମ୍ ଯୁଦ୍ଧ ପରେ ପାରିସ୍ ଚୁକ୍ତି ମଧ୍ୟ ଅସ୍ଥାୟୀ ପ୍ରମାଣିତ ହୋଇଥିଲା। ସାମ୍ପ୍ରତିକ ସମୟରେ ଗାଜା କି ଇଉକ୍ରେନ୍‌ରେ ଘୋଷିତ ଯୁଦ୍ଧବିରତି ମଧ୍ୟ ଏକାଧିକ ଥର ଲଙ୍ଘନ ହୋଇଛି କାରଣ ସରଳ – ମୂଳ ସମସ୍ୟାର ସମାଧାନ ହୋଇନାହିଁ। ଭୂମି ବିବାଦ, ଧର୍ମୀୟ ଉଗ୍ରତା, ଶକ୍ତି ସନ୍ତୁଳନର ଲୋଭ ଓ ଅସ୍ତ୍ର ବ୍ୟବସାୟୀଙ୍କ ଲାଭ ଏହି ଅସ୍ଥାୟୀ ବିରତିକୁ ପୁନର୍ବାର ଯୁଦ୍ଧର ରୂପ ଦେଇଥାଏ। ଯୁଦ୍ଧବିରତି ଯେତେବେଳେ କେବଳ ସୈନ୍ୟ ପଛକୁ ହଟାଇବାର ଏକ କୌଶଳ ହୁଏ, ସେତେବେଳେ ତାହା କେବଳ ସମୟ କିଣିବାର ଏକ ଖେଳ ହୋଇ ରହିଯାଏ।

ଅନ୍ୟପକ୍ଷରେ, ସମ୍ପୂର୍ଣ୍ଣ ଯୁଦ୍ଧବିରତି ଏକ ସ୍ଥାୟୀ ଶାନ୍ତିର ଆଧାର ହୋଇପାରେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଇଉରୋପରେ ଯେଉଁ ଚୁକ୍ତି ହୋଇଥିଲା ତାହା କେବଳ ଯୁଦ୍ଧ ବନ୍ଦ କରି ନଥିଲା; ତାହା ଅର୍ଥନୈତିକ ସହଯୋଗ, ସାଂସ୍କୃତିକ ଆଦାନ-ପ୍ରଦାନ ଓ ଆନ୍ତର୍ଜାତିକ ନିୟମ ପ୍ରତିଷ୍ଠା କରିଥିଲା। ଆଜିର ଦିନରେ ଯଦି ଯୁଦ୍ଧବିରତିକୁ ସମ୍ପୂର୍ଣ୍ଣ କରିବାକୁ ହୁଏ ତେବେ ତାହା କେବଳ କାଗଜପତ୍ରରେ ନୁହେଁ, ହୃଦୟରେ ହେବା ଉଚିତ। ଏଥିପାଇଁ ଆବଶ୍ୟକ ହେଉଛି ମୂଳ କାରଣର ସମାଧାନ – ଭୂମି ସମସ୍ୟାର ନ୍ୟାୟିକ ବିଭାଗ, ଶରଣାର୍ଥୀଙ୍କ ପୁନର୍ବାସ, ଆର୍ଥିକ ପୁନର୍ଗଠନ ଓ ଆନ୍ତର୍ଜାତିକ ଆଦାଲତର ଭୂମିକା। ୟୁନାଇଟେଡ୍ ନେସନ୍ସ କି ଅନ୍ୟ କୌଣସି ମଧ୍ୟସ୍ଥ ସଂସ୍ଥା ଯଦି କେବଳ ଯୁଦ୍ଧ ବନ୍ଦ କରିବାର ଦାୟିତ୍ୱ ନିଏ ନାହିଁ ଏବଂ ପରବର୍ତ୍ତୀ ପଦକ୍ଷେପ ନିଏ ନାହିଁ ତେବେ ତାହା ବ୍ୟର୍ଥ ହୋଇଯାଏ।

ଭାରତ ଏହି ପ୍ରସଙ୍ଗରେ ଏକ ଉଦାହରଣ ପ୍ରତିଷ୍ଠା କରିପାରେ। ଆମ ଦେଶ ସର୍ବଦା ଶାନ୍ତିର ପକ୍ଷରେ ଥିଲା। ଆମେ ପାକିସ୍ତାନ ସହ କେତେକ ଥର ଯୁଦ୍ଧବିରତି ଘୋଷଣା କରି ମଧ୍ୟ ଆଲୋଚନା ମାଧ୍ୟମରେ ସମାଧାନ ଖୋଜିବାକୁ ଚେଷ୍ଟା କରୁ। କିନ୍ତୁ ଯଦି ଆନ୍ତର୍ଜାତିକ ସ୍ତରରେ ଯୁଦ୍ଧବିରତିକୁ ଅସ୍ଥାୟୀ ରଖିବାର କୌଶଳ ଚାଲୁ ରହିବ ତେବେ ବିଶ୍ୱର କୋଟି କୋଟି ନିରୀହ ଲୋକ ଯୁଦ୍ଧର ଛାୟାରେ ରହିବେ। ଶିଶୁ, ମହିଳା ଓ ବୃଦ୍ଧଙ୍କ ମୃତ୍ୟୁ କେବଳ ସଂଖ୍ୟା ନୁହେଁ, ମାନବତାର ଲଜ୍ଜା।

ତେଣୁ ଆଜିର ଆବଶ୍ୟକତା ହେଉଛି ଏକ ସମ୍ପୂର୍ଣ୍ଣ ଯୁଦ୍ଧବିରତି। ଏହା କେବଳ ବନ୍ଧୁକ ବନ୍ଦ କରିବ ନାହିଁ, ବରଂ ହୃଦୟର ବିବାଦ ମିଟାଇବ। ବିଶ୍ୱ ନେତୃତ୍ୱ ଯଦି କ୍ଷମତାର ଲୋଭ ଛାଡ଼ି ମାନବିକତାର ପଥ ବାଛିବେ ତେବେ ହିଁ ଏହି ଅସ୍ଥାୟୀ ପ୍ରହାର ଏକ ସ୍ଥାୟୀ ଶାନ୍ତିରେ ପରିଣତ ହୋଇପାରିବ। ନହେଲେ ପ୍ରତି ଯୁଦ୍ଧବିରତି କେବଳ ଏକ ନୂତନ ଯୁଦ୍ଧର ପ୍ରସ୍ତୁତି ହୋଇ ରହିବ। ଶାନ୍ତି ଏକ ଦାୟିତ୍ୱ – ଏହାକୁ ଆମେ ସମସ୍ତେ ମିଶି ଗ୍ରହଣ କରିବା ଉଚିତ୍।

# ଆମକୁ କାଠ ଚୂଲି ଏବଂ ଘଷି ନିଆଁକୁ ଫେରିବାକୁ ପଡ଼ିବ



**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ଆଜିର ସମୟରେ, ମାନବ ସମାଜ ଦ୍ରୁତ ଗତିରେ ଅଗ୍ରଗତି କରିଛି। ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ଉନ୍ନତି ଆମ ଜୀବନକୁ ସହଜ ଏବଂ ସୁବିଧାଜନକ କରିଛି। ଗ୍ୟାସ ଚୁଲି, ଇଣ୍ଡକ୍ସନ ଚୁଲି ଏବଂ ମାଇକ୍ରୋୱେଭ ଚୁଲି ଭଳି ଆଧୁନିକ ଉପକରଣ ଆମର ରୋଷେଇ ପଦ୍ଧତିକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିଛି। କିନ୍ତୁ ଏହି ସୁବିଧାଜନକ ଜୀବନ ମଧ୍ୟରେ, ଏକ ପ୍ରଶ୍ନ ଉଠେ: ଆମକୁ ପୁରୁଣା ଧାରାର କାଠ ଚୁଲି ଏବଂ କୋଇଲା ନିଆଁକୁ ଫେରିବାକୁ ପଡିବ କି ? ଏହା କେବଳ ଏକ ସରଳ ପ୍ରଶ୍ନ ନୁହେଁ, ଏହା ପରିବେଶ, ସ୍ୱାସ୍ଥ୍ୟ, ଅର୍ଥନୀତି ଏବଂ ସାମାଜିକ ଜୀବନ ସହିତ ଗଭୀର ଭାବରେ ଜଡିତ। ପ୍ରାଚୀନ କାଳରେ ଲୋକମାନେ କାଠ ଚୁଲିରେ ଖାଦ୍ୟ ରାନ୍ଧୁଥିଲେ। କୋଇଲା, ଶୁଖିଲା କାଠ, ପତ୍ର ଏବଂ ଗୋବରକୁ ଇନ୍ଧନ ଭାବରେ ବ୍ୟବହାର କରାଯାଉଥିଲା। କାରଣ ଏଗୁଡ଼ିକ ସହଜରେ ଉପଲବ୍ଧ ଥିଲା, ଏହା ସୁବିଧାଜନକ ଏବଂ ସୁଲଭ ଥିଲା। ଏହି ପଦ୍ଧତି ଏବେ ବି ଗ୍ରାମାଞ୍ଚଳରେ ପ୍ରଚଳିତ। କାଠ ଚୁଲିରେ ରନ୍ଧା ଖାଦ୍ୟର ଏକ ସ୍ୱତନ୍ତ୍ର ସ୍ୱାଦ ଅଛି ଯାହା ଆଧୁନିକ ଚୁଲିରେ ପାଇବା କଷ୍ଟକର। ଏହି ସ୍ୱାଦ ଏବଂ ପ୍ରାକୃତିକ ସୁଗନ୍ଧ ଆମକୁ ଗ୍ରାମ ସଂସ୍କୃତିର ମନେ ପକାଇଥାଏ। ତଥାପି, ଆଧୁନିକ ସମୟରେ, ଗ୍ୟାସ ଏବଂ ବୈଦ୍ୟୁତିକ ଚୁଲିର ଆଗମନ ସହିତ, ଲୋକମାନେ କାଠ ଚୁଲିକୁ ପରିତ୍ୟାଗ କରିଥିଲେ କାରଣ ସେଗୁଡ଼ିକ ଶୀଘ୍ର ଏବଂ ସୁବିଧାଜନକ ଥିଲା। କାଠ ଚୁଲି ପୂର୍ବରୁ ଜଳାଇବା, ଧୂମପାନ କରିବା ଏବଂ ଏଥିରେ ଲଗାତାର ଇନ୍ଧନ ଯୋଡିବା ଏକ କଷ୍ଟକର କାମ ଥିଲା। ମହିଳାମାନେ ଏଥିରେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଧୂଆଁ ଯୋଗୁଁ ଶ୍ୱାସକ୍ରିୟା ରୋଗ, ଆଖି ସମସ୍ୟା ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେଉଥିଲା। ତେଣୁ, ଲୋକମାନେ ଆଧୁନିକ ଚୁଲିର ଆଗମନକୁ ସ୍ୱାଗତ କରିଥିଲେ। ବର୍ତ୍ତମାନ, ମଧ୍ୟପ୍ରାଚ୍ୟରେ ଯେଉଁ ଯୁଦ୍ଧ ଚାଲିଛି ତାହା ଏକ ଚିନ୍ତାଜନକ ବିଷୟ ଏବଂ ଏହି ଯୁଧ୍ୟ ଦୀର୍ଘ ସମୟ ପର୍ଯ୍ୟନ୍ତ ଚାଲିବାର ସମ୍ଭାବନାକୁ ଏଡାଇ ଦିଆଯାଇପାରିବ ନାହିଁ। ମଧ୍ୟପ୍ରାଚ୍ୟ ବିଶ୍ୱରେ ତୈଳ ଏବଂ ଇନ୍ଧନ ଗ୍ୟାସ ଉତ୍ପାଦନର ଏକ ପ୍ରମୁଖ କେନ୍ଦ୍ର ଭାବରେ ଜଣାଶୁଣା। ଯଦି ଏହି ଅଞ୍ଚଳରେ କୌଣସି ସଂଘର୍ଷ କିମ୍ବା ଯୁଦ୍ଧ ଜାରି ରହେ, ତେବେ ଏହା ସିଧାସଳଖ ବିଶ୍ୱ ଇନ୍ଧନ ବଜାରକୁ ପ୍ରଭାବିତ କରିବ। ଇରାନ, ଇରାକ ଏବଂ ସାଉଦି ଆରବ ଭଳି ଦେଶ ପ୍ରାକୃତିକ ଗ୍ୟାସ ଏବଂ ପେଟ୍ରୋଲିୟମର ପ୍ରମୁଖ ଯୋଗାଣକାରୀ। ଯୁଦ୍ଧ ସମୟରେ, ଉତ୍ପାଦନ ଏବଂ ପରିବହନ ଉଭୟ ବାଧାପ୍ରାପ୍ତ ହୋଇଥାଏ । ଉଦାହରଣ ସ୍ୱରୂପ, ଯଦି ହରମୁଜ୍ ପ୍ରଣାଳୀ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସମୁଦ୍ର ପଥ ଅବରୋଧିତ ହୁଏ, ତେବେ ତେଲ ଏବଂ ଗ୍ୟାସ ଯୋଗାଣ ଗୁରୁତର ଭାବରେ ପ୍ରଭାବିତ ହେବ । ଫଳସ୍ୱରୂପ, ବିଶ୍ୱ ବଜାରରେ ଅଶୋଧିତ ତୈଳର ମୂଲ୍ୟ ବୃଦ୍ଧି ପାଏ ଏବଂ ଅନେକ ଦେଶ ଇନ୍ଧନ ଅଭାବର ସମ୍ମୁଖୀନ ହୁଅନ୍ତି। ଭାରତ ଭଳି ଦେଶ, ଯେଉଁମାନେ ଏହି ଦେଶଗୁଡ଼ିକରୁ ବହୁ ପରିମାଣରେ ତେଲ ଏବଂ ଗ୍ୟାସ ଆମଦାନୀ କରନ୍ତି, ବିଶେଷ ଭାବରେ ପ୍ରଭାବିତ ହେବେ। ଯଦି ଗ୍ୟାସ ମୂଲ୍ୟ ବୃଦ୍ଧି ପାଏ, ତେବେ ରନ୍ଧନ ଗ୍ୟାସ, ବିଦ୍ୟୁତ ଉତ୍ପାଦନ ଏବଂ ଶିଳ୍ପର ମୂଲ୍ୟ ବୃଦ୍ଧି ପାଇବ। ଏହା ସାଧାରଣ ଲୋକଙ୍କ ଜୀବିକା ମଧ୍ୟ ବୃଦ୍ଧି କରିବ। ଏହି ସମସ୍ୟାର ସମାଧାନ ପାଇଁ, ଦେଶଗୁଡ଼ିକ କାଠ, ଗୋବର ଜାଳେଣି ଏବଂ କୋଇଲା ବ୍ୟତୀତ ସୌର ଶକ୍ତି, ପବନ ଶକ୍ତି ଏବଂ ବାୟୋଗ୍ୟାସ୍ ଭଳି ଅନ୍ୟାନ୍ୟ ଇନ୍ଧନ ଉତ୍ସଗୁଡ଼ିକ ଉପରେ ଲୋକେ ଧ୍ୟାନ ଦେବେ। ତଥାପି, ଆଜିର ପରିସ୍ଥିତିରେ, ଆମେ ଦେଖୁଛୁ ଯେ ପେଟ୍ରୋଲିୟମ୍ ଏବଂ ଗ୍ୟାସ୍ ଭଳି ଇନ୍ଧନ ସୀମିତ। ସେମାନଙ୍କର ମୂଲ୍ୟ ବୃଦ୍ଧି ପାଉଛି, ଏବଂ ସମଗ୍ର ବିଶ୍ୱ ସେମାନଙ୍କ ଉପରେ ନିର୍ଭରଶୀଳ। ଯଦି ଏହି ସମ୍ପଦଗୁଡ଼ିକ କ୍ଷୟ ପାଏ ବା କୌଣସି କାରଣରୁ ବନ୍ଦ ହୋଇଯାଏ, ତେବେ ଆମେ ପୁରୁଣା ବ୍ୟବସ୍ଥାକୁ ଫେରିବାକୁ ବାଧ୍ୟ ହେବୁ। ଏହା ଏକ ବଡ଼ ଚିନ୍ତାର ବିଷୟ। ସେହିପରି, ଇନ୍ଧନ ଜାଳିବା ପରିବେଶକୁ ପ୍ରଦୂଷିତ କରେ, ଯାହା ଜଳବାୟୁ ପରିବର୍ତ୍ତନର ଏକ ପ୍ରମୁଖ କାରଣ। ଏହି ପରିସ୍ଥିତିରେ, କିଛି ଲୋକ ଭାବୁଛନ୍ତି ଯେ ଆମେ କାଠ ଚୁଲିକୁ ଫେରିଯିବା ଉଚିତ। କିନ୍ତୁ ଏହାର ନକାରାତ୍ମକ ପରିଣାମ ମଧ୍ୟ ଅଛି। କାଠର ଅତ୍ୟଧିକ ବ୍ୟବହାର ବନ୍ୟ ପ୍ରାଣୀଙ୍କ ବିଲୁପ୍ତିର କାରଣ ହେବ। ଜଙ୍ଗଲ କାଟିବା ପରିବେଶଗତ ସନ୍ତୁଳନକୁ ବିପର୍ଯ୍ୟସ୍ତ କରିବ, ପଶୁ ଏବଂ ପକ୍ଷୀଙ୍କ ବାସସ୍ଥାନକୁ ନଷ୍ଟ କରିବ। ଏହା ଆମ ଗ୍ରହ ପାଇଁ ଗମ୍ଭୀର ସମସ୍ୟା ସୃଷ୍ଟି କରିପାରେ। ସେହିପରି, କୋଇଲା ବ୍ୟବହାର କରିବା ସହଜ ନୁହେଁ। ଏଥିପାଇଁ ବହୁତ ସମୟ ଏବଂ ପ୍ରୟାସ ଆବଶ୍ୟକ। ଆଜିର ଦ୍ରୁତ ଗତିଶୀଳ ଜୀବନରେ, ଲୋକମାନେ ଏତେ ସମୟ ଦେବାକୁ ଇଚ୍ଛୁକ ନୁହଁନ୍ତି। ତେଣୁ, ପୁରୁଣା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଫେରିବା ସମ୍ଭବ ନୁହେଁ। ତଥାପି, ଏହାର ଅର୍ଥ ନୁହେଁ ଯେ ଆମେ ପୁରୁଣା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ପରିତ୍ୟାଗ କରିବା ଉଚିତ। ଆମେ କାଠ ଚୁଲାର କିଛି ସକାରାତ୍ମକ ଦିଗକୁ ଆଧୁନିକ ସମୟ ସହିତ ସଂଯୁକ୍ତ କରିପାରିବା, ଯେପରିକି ଧୂଆଁ ହ୍ରାସ କରୁଥିବା ଏବଂ ଇନ୍ଧନ ସଞ୍ଚୟ କରୁଥିବା ଉନ୍ନତ ଚୁଲା ବ୍ୟବହାର କରିବା।

**ଅରଙ୍ଗାବାଦ, ବରୀ, ଯାଜପୁର**
**ମୋବାଇଲ:୮୨୪୯୫୦୨୭୭୬**

# ସହରୀ ଓଡ଼ିଶାର ରୂପାନ୍ତରୀକରଣ ଦଶନ୍ଧି: ସମ୍ପ୍ରସାରଣରୁ ସଶକ୍ତିକରଣ



**ପ୍ରଭାକର ସାହୁ**

ଓଡ଼ିଶାରେ ସହରୀକରଣ ଆଉ କେବଳ ଏକ ସୀମିତ ଘଟଣା ହୋଇ ରହିନାହିଁ; ଏହା ଆଜି ଅର୍ଥନୈତିକ ଅଭିବୃଦ୍ଧି, ସାମାଜିକ ଗତିଶୀଳତା ଏବଂ ଆଞ୍ଚଳିକ ସନ୍ତୁଳନର ମୁଖ୍ୟ କେନ୍ଦ୍ରବିନ୍ଦୁ ଭାବେ ଉଭା ହୋଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ୨୦୨୬-୨୭ ବଜେଟ୍‌ରେ ୧୦,୭୩୪ କୋଟି ଟଙ୍କାର ବ୍ୟୟବରାଦ ଏହି ସଂରଚନାତ୍ମକ ପରିବର୍ତ୍ତନକୁ ପ୍ରତିଫଳିତ କରୁଛି। ୨୦୨୪-୨୫ ତୁଳନାରେ ଏହି ୧୧.୮ ପ୍ରତିଶତ ବୃଦ୍ଧି କେବଳ ଏକ ଆର୍ଥିକ ସମ୍ପ୍ରସାରଣ ନୁହେଁ, ବରଂ ଏହା ବିକ୍ଷିପ୍ତ ସହରୀ ପ୍ରକଳ୍ପରୁ ଏକ ସୁସଂଗତ ତଥା ଭବିଷ୍ୟତମୁଖୀ ରଣନୀତି ଆଡ଼କୁ ଏକ ସ୍ପଷ୍ଟ ସଂକେତ।

ଉଲ୍ଲେଖନୀୟ ବିଷୟ ହେଉଛି, ମୋଟ ବ୍ୟୟବରାଦର ପ୍ରାୟ ୬୨ ପ୍ରତିଶତ କାର୍ଯ୍ୟକ୍ରମ ବ୍ୟୟ ପାଇଁ ରଖାଯାଇଛି, ଯାହା ପ୍ରଶାସନିକ ଖର୍ଚ୍ଚ ଅପେକ୍ଷା ପ୍ରତ୍ୟକ୍ଷ ଫଳାଫଳ ଉପରେ ଗୁରୁତ୍ୱାରୋପ କରୁଛି। ଅନ୍ୟପକ୍ଷରେ, ପ୍ରଶାସନିକ ବ୍ୟୟରେ ସନ୍ତୁଳିତ ବୃଦ୍ଧି ସଂସ୍ଥାଗତ ସୁଦୃଢ଼ୀକରଣକୁ ସୂଚାଉଛି— ଯାହା ନିରନ୍ତର ସହରୀ ସଂସ୍କାର ପାଇଁ ଏକ ଅପରିହାର୍ଯ୍ୟ ଭିତ୍ତିଭୂମି। କେବଳ ପୁଞ୍ଜି ନିବେଶ ଦ୍ୱାରା ସହରର ପରିବର୍ତ୍ତନ ହୁଏ ନାହିଁ; ଏଥିପାଇଁ ଶାସନ ଦକ୍ଷତା, ତଥ୍ୟ ଭିତ୍ତିକ ବ୍ୟବସ୍ଥା ଏବଂ ଉତ୍ତରଦାୟିତ୍ୱର ଆବଶ୍ୟକତା ରହିଛି।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଭାଷାରେ, "ଏହି ବଜେଟ୍ କ୍ରମାଗତ ସହରୀ ସମ୍ପ୍ରସାରଣରୁ ସମନ୍ୱିତ ରୂପାନ୍ତରଣ ଆଡ଼କୁ ଏକ ନିର୍ଣ୍ଣାୟକ ପରିବର୍ତ୍ତନକୁ ଚିହ୍ନିତ କରୁଛି, ଯେଉଁଠାରେ ଓଡ଼ିଶାର ପ୍ରତ୍ୟେକ ସହର ଅନ୍ତର୍ଭୁକ୍ତିକରଣ ଅଭିବୃଦ୍ଧି, ସ୍ଥିତିସ୍ଥାପକତା ଏବଂ ସୁଯୋଗର ବାହକ ସାଜିବ।"

'ମୁଖ୍ୟମନ୍ତ୍ରୀ ସ୍ମାର୍ଟ ସିଟି ମିଶନ' (୧୦୦ କୋଟି ଟଙ୍କା) ର ପ୍ରବର୍ତ୍ତନ ଏକ ବଡ଼ ଦାର୍ଶନିକ ପରିବର୍ତ୍ତନର ସୂଚନା ଦେଉଛି। କେବଳ ପ୍ରଯୁକ୍ତିବିଦ୍ୟାକୁ ଗୁରୁତ୍ୱ ନଦେଇ, ଏହି ମିଶନ ସହରର ମୌଳିକ ଆବଶ୍ୟକତା ଯଥା— ଜଳ ନିରାପତ୍ତା, ପରିମଳ, ଗମନାଗମନ, ସ୍ୱାସ୍ଥ୍ୟ ସେବା ଏବଂ ଅର୍ଥନୈତିକ ସୁଯୋଗକୁ 'ସ୍ମାର୍ଟନେସ୍' ବା 'ଚତୁରତା' ଭାବେ ପୁନଃ ପରିଭାଷିତ କରୁଛି। ୨୫ ହଜାରରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ୫୦ଟି ସହରକୁ ଏଥିରେ ସାମିଲ କରାଯାଇ ସହରୀ ଆଧୁନିକୀକରଣର ଗଣତାନ୍ତ୍ରିକରଣ କରାଯାଉଛି।

ଏହା 'ବିକଶିତ ଓଡ଼ିଶା ୨୦୩୬' ଏବଂ 'ବିକଶିତ ଭାରତ ୨୦୪୭' ସହିତ ସମନ୍ୱିତ। ଏହା ସହିତ 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା' (୧,୧୬୧ କୋଟି ଟଙ୍କା) ସାର୍ବଜନୀନ ସମ୍ପତ୍ତି, ସବୁଜ ପ୍ରକଳ୍ପ ଏବଂ ଜଳବାୟୁ ଅନୁକୂଳ ଭିତ୍ତିଭୂମି ଜରିଆରେ ବିଭିନ୍ନ ଅଭାବକୁ ଦୂର କରୁଛି। ଛାତ ଉପରେ ସୌର ଶକ୍ତି ବ୍ୟବସ୍ଥା ଏବଂ ଜଳାଶୟର ପୁନରୁଦ୍ଧାର ଦର୍ଶାଉଛି ଯେ ଜଳବାୟୁ ସହନଶୀଳତା ଏବେ ବିଳାସ ନୁହେଁ ବରଂ ଏକ ଜରୁରୀ ଆବଶ୍ୟକତା। ଗୃହ ସୁରକ୍ଷା ବିନା ସହରୀ ଅଭିବୃଦ୍ଧି ଅସମାନତା ସୃଷ୍ଟି କରେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ସହରୀ (୫୬୫ କୋଟି ଟଙ୍କା) ଏବଂ 'ପିଏମଏୱାଇ ଅର୍ବାନ ବନ୍ଧୁ' (୧୨୦ କୋଟି ଟଙ୍କା) ଗରିବ ଓ ନିମ୍ନବିତ୍ତଙ୍କୁ ମର୍ଯ୍ୟାଦାଜନକ ବାସଗୃହ ଯୋଗାଇବା ପାଇଁ ରାଜ୍ୟର ପ୍ରତିବଦ୍ଧତାକୁ ଦୋହରାଇଛି। ୨୦୨୯ ସୁଦ୍ଧା ୯୦ ପ୍ରତିଶତ ପକ୍କାଘର ଲକ୍ଷ୍ୟଧାର୍ଯ୍ୟ



କରିବା ଉଭୟ ମହତ୍ୱାକାଂକ୍ଷା ଏବଂ ଉତ୍ତରଦାୟିତ୍ୱକୁ ସୂଚାଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସୁଲଭ ଗୃହ ପ୍ରକଳ୍ପ ପାଇଁ ସରକାରୀ ଜମି ଚିହ୍ନଟ କରିବା ଦ୍ୱାରା ଜମିର ଅଭାବ ସମସ୍ୟା ଦୂର ହେବ, ଯାହା ସାମାଜିକ ସ୍ଥିରତା ଏବଂ ଅର୍ଥନୈତିକ ସଶକ୍ତିକରଣର ଏକ ମୂଳଦୁଆ ହେବ।

'ସୁଜଳ' କାର୍ଯ୍ୟକ୍ରମ (୮୨୦ କୋଟି ଟଙ୍କା) ମାଧ୍ୟମରେ ସମସ୍ତ ୧୧୫ଟି ସହରାଞ୍ଚଳରେ ନିରାପଦ ପାନୀୟ ଜଳ ଏବଂ ୨୪X୭ ଜଳ ଯୋଗାଣର ଲକ୍ଷ୍ୟ ରଖାଯାଇଛି। ଏହା ବିଶେଷ କରି ମହିଳା ଓ ଅସହାୟ ଶ୍ରେଣୀର ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ଆଣିବ। ସେହିପରି ଡ୍ରେନେଜ୍ ଓ ସ୍ୱେରେଜ୍ (୬୨୦ କୋଟି ଟଙ୍କା) ପାଇଁ ପୁଞ୍ଜି ନିବେଶ ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ, ଯାହା ସହରଗୁଡ଼ିକୁ ବନ୍ୟା ମୁକ୍ତ ରଖିବାରେ ସାହାଯ୍ୟ କରିବ। 'ସ୍ୱଚ୍ଛ ଭାରତ ମିଶନ' ଏବଂ 'ସ୍ୱଚ୍ଛ ଓଡ଼ିଶା' ଅଭିଯାନ ମାଧ୍ୟମରେ ବର୍ଜ୍ୟବସ୍ତୁରୁ ସମ୍ପଦ ସୃଷ୍ଟି କରିବା ପାଇଁ ବାୟୋ-ଗ୍ୟାସ ଏବଂ ବାୟୋ-ରିମିଡିଏସନ୍ ଉପରେ ଗୁରୁତ୍ୱ ଦିଆଯାଉଛି।

ବଜେଟର ଅନ୍ୟ ଏକ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ହେଉଛି 'ଗ୍ରାମୀଣ-ସହରୀ ରୂପାନ୍ତରଣ' ପାଇଁ ୨୦୦ କୋଟି ଟଙ୍କାର ବ୍ୟୟବରାଦ। ପୌରସଂସ୍ଥାର ସୀମା ବାହାରକୁ ସହରର ସମ୍ପ୍ରସାରଣ ହେଉଥିବାରୁ, ସେହି ଅଞ୍ଚଳଗୁଡ଼ିକୁ ଆନୁଷ୍ଠାନିକ ଭାବେ ସହର ଘୋଷଣା ହେବା ପୂର୍ବରୁ ହିଁ ସେଠାରେ ସହରୀ ସେବା ପ୍ରଦାନ କରିବା ଏହାର ଉଦ୍ଦେଶ୍ୟ।

ଏଥିସହିତ 'ସମୃଦ୍ଧ ସହର ଯୋଜନା' (୩୨୦ କୋଟି ଟଙ୍କା) ଅଧୀନରେ ଭୁବନେଶ୍ୱର-କଟକ-ପାରାଦୀପ-ପୁରୀ ପରି ଅଞ୍ଚଳକୁ ଏକ ସମନ୍ୱିତ ଅଭିବୃଦ୍ଧି କରିଡର ଭାବେ ବିକଶିତ କରିବାର ପରିକଳ୍ପନା କରାଯାଇଛି। ବୈଦ୍ୟୁତିକ ବସ୍ ଏବଂ ଡିଜିଟାଲ୍ ସେବା ମାଧ୍ୟମରେ ସହରୀ ଗମନାଗମନକୁ ଅଧିକ ପ୍ରଦୂଷଣମୁକ୍ତ ଏବଂ ସହଜ କରାଯାଉଛି। 'ଆହାର' ଯୋଜନା (୯୦ କୋଟି ଟଙ୍କା) ମାଧ୍ୟମରେ ସ୍ୱଳ୍ପ ମୂଲ୍ୟରେ ଖାଦ୍ୟ ଯୋଗାଇବା ସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସଶକ୍ତ କରାଯାଉଛି।

'ୱାଟରଫ୍ରଣ୍ଟ ଡେଭଲପମେଣ୍ଟ' (୧୦୦ କୋଟି ଟଙ୍କା) ଅଧୀନରେ ମହାନଦୀ ଓ ବୁଢ଼ାବଳଙ୍ଗ ନଦୀ ପଠାର ସୌନ୍ଦର୍ଯ୍ୟକରଣ ଏବଂ ପୁନରୁଦ୍ଧାର ପାଇଁ ଯୋଜନା କରାଯାଇଛି। ନଦୀଗୁଡ଼ିକୁ କେବଳ ପ୍ରାକୃତିକ ସମ୍ପଦ ନୁହେଁ, ବରଂ ଅର୍ଥନୈତିକ ଓ ସାଂସ୍କୃତିକ କେନ୍ଦ୍ର ଭାବେ ଗଢ଼ିବା ପାଇଁ ଏହା ଏକ ପ୍ରୟାସ।

ପରିଶେଷରେ, ବଜେଟ୍ ଉତ୍ସାହଜନକ ହୋଇପାରେ, କିନ୍ତୁ ଏହାର ସଫଳତା କାର୍ଯ୍ୟକାରିତା ଉପରେ ନିର୍ଭର କରେ। ୨୦୨୬-୨୭ର ଏହି ସହରୀ ରୂପରେଖ ଓଡ଼ିଶାର ଜନସଂଖ୍ୟା, ପରିବେଶ ଏବଂ ଆର୍ଥିକ ବାସ୍ତବତାକୁ ପ୍ରତିଫଳିତ କରୁଛି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ମତରେ, "ସହରୀ ରୂପାନ୍ତରଣ କୌଣସି ଏକ ନିର୍ଦ୍ଦିଷ୍ଟ ପ୍ରକଳ୍ପ ନୁହେଁ, ବରଂ ଏହା ଏକ ଶାସନଗତ ବ୍ୟବସ୍ଥା ଯାହା ଜଳବାୟୁ ସହନଶୀଳ ଏବଂ ନାଗରିକ କେନ୍ଦ୍ରିକ।"

ଯଦି ଏହି ବଜେଟ୍ ସଠିକ୍ ଭାବେ କାର୍ଯ୍ୟକାରୀ ହୁଏ, ତେବେ ଏହା ଓଡ଼ିଶାର ସହରୀ ରୂପାନ୍ତରଣର ଏକ ନିର୍ଣ୍ଣାୟକ ଦଶକ ଭାବେ ପରିଗଣିତ ହେବ। ଓଡ଼ିଶାର ସହରଗୁଡ଼ିକ କେବଳ ବଢୁନାହାନ୍ତି, ବରଂ ସେମାନେ ନୂତନ ଭାରତର ନେତୃତ୍ୱ ନେବାକୁ ପ୍ରସ୍ତୁତ ହେଉଛନ୍ତି।

**ମୋବାଇଲ:୯୪୩୯୬୫୪୨୨୨**

# ଜାତି ଓ ମାଟି ସଂଘର୍ଷର ନୂଆ ମହାସମର



**ଅବିନାଶ ମହାପାତ୍ର**

ଭାରତୀୟ ଗଣତନ୍ତ୍ର ପାଇଁ ଆଜି ଏକ ଐତିହାସିକ ଦିନ। ୨୦୨୬ ମସିହା ଏପ୍ରିଲମାସରେ ୫ଟି ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେଉଛି। ସେ ମଧ୍ୟରୁ ଆଜି ତିନୋଟି ରାଜ୍ୟରେ ମତଦାନ ହେଉଛି। ଉତ୍ତରପୂର୍ବ ରାଜ୍ୟ ଆସାମ ସହ ଦକ୍ଷିଣର କେରଳ ଓ ପୁଡୁଚେରୀରେ ହେବ ମତଦାନ। ମୋଟ୍ ୨୯୬ ଆସନ ପାଇଁ ସାଢେ ୫କୋଟି ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ। ଗଣତନ୍ତ୍ରର ଏ ମହାପର୍ବରେ ସାମିଲ ହେବା ସବୁଠାରୁ ବଡ଼ ଆହ୍ୱାନ।

ତେବେ ଆଜିର ନିର୍ବାଚନସହ ଆସାମରେ ଏକ ନୂଆ ରାଜନୈତିକ ଅଧ୍ୟାୟ ଆରମ୍ଭ ହେବାକୁ ଯାଉଛି। ୧୨୬ଟି ଆସନ ପାଇଁ ଏଠାରେ ଗୋଟିଏ ପର୍ଯ୍ୟାୟରେ ହେଉଛି ମତଦାନ। ପ୍ରାୟ ୨ କୋଟି ୫୦ ଲକ୍ଷ ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ। ଏହି ନିର୍ବାଚନ କେବଳ ଏକ ସାଧାରଣ ନିର୍ବାଚନ ନୁହେଁ ବରଂ ଏହା ଆସାମର ଭବିଷ୍ୟତ ଦିଗଦର୍ଶନ ଓ ରାଜ୍ୟର ଉନ୍ନତି କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସ୍ଥାପନ କରିପାରେ। କାରଣ ଗୋଗୋଇ ସରକାରର ପତନ କରି ୨୦୧୬ରେ କ୍ଷମତାକୁ ଆସିଥିବା ବିଜେପି ଦୁଇଜଣ ମୁଖ୍ୟମନ୍ତ୍ରୀଙ୍କୁ ପରୀକ୍ଷା କରିସାରିଲାଣି। ଏବେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ନେତୃତ୍ୱରେ ଦଳ ନିର୍ବାଚନୀ ରଣାଙ୍ଗନକୁ ଓହ୍ଲାଇଛି। ତାଙ୍କ ଉପରେ ଆସାମ ଜନତା ପୁଣିଥରେ ଭରସା କରିବେ ନା ପରିବର୍ତ୍ତନ କରିବେ ତା ଉପରେ ସମସ୍ତଙ୍କର ନଜର। ତେବେ ଆସାମ ବିଧାନସଭାର ମୋଟ ୧୨୬ ଆସନ ମଧ୍ୟରୁ ୯ଟି ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ ଏବଂ ୧୯ଟି ଅନୁସୂଚିତ ଜନଜାତି ବା ଏସଟିଙ୍କ ପାଇଁ ସଂରକ୍ଷିତ ରହିଛି। ସରକାର ଗଠନ ପାଇଁ ଆସାମରେ ୬୪ଟି ଆସନର ଆବଶ୍ୟକତା ରହିଥାଏ।

ଆସାମରେ ନିର୍ବାଚନ ମଇଦାନରେ ମୋଟ୍ ୭୨୨ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି । ଏଥିରେ ୫୯ଜଣ ମହିଳା ପ୍ରାର୍ଥୀ ଅଛନ୍ତି। ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ଅଛନ୍ତି ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, କଂଗ୍ରେସର ଗୌରବ ଗୋଗୋଇ, ଦେବବ୍ରତ ସାଇକିଆ, ଏଆଇୟୁଡିଏଫ ନେତା ବଦରୁଦ୍ଦିନ ଆଜମଲ୍, ରାଇଜର ଦଳର ଅଖିଲ ଗୋଗୋଇ ପ୍ରମୁଖ। ବିଜେପି ପ୍ରାୟ ୮୯ ଆସନ, ଏଜିପି ୨୬ ଏବଂ ବିପିଏଫ୍ ୧୧ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବିରୋଧୀ ମେଣ୍ଟରେ କଂଗ୍ରେସ ଏଥର ସହଯୋଗୀଙ୍କ ପାଇଁ ବହୁତ ଆସନ ଛାଡ଼ିଛି। ସେହିପରି କେରଳ ଓ ପୁଡୁଚେରୀରେ ମଧ୍ୟ ଆଜି ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେଉଛି। କେରଳ ବିଧାନସଭାରେ ମୋଟ ୧୪୦ଟି ଆସନ ରହିଛି। ସରକାର ଗଠନ ପାଇଁ ଏଠାରେ ୭୧ଟି ଆସନର ଆବଶ୍ୟକତା ରହିଥାଏ। ପ୍ରାୟ ୨ କୋଟି ୭୦ ଲକ୍ଷ ଭୋଟର ଏହି ନିର୍ବାଚନରେ ଅଂଶଗ୍ରହଣ କରିବେ। ବର୍ତ୍ତମାନ ସିପିଆଇ(ଏମ୍) ନେତୃତ୍ୱାଧୀନ ବାମପନ୍ଥୀ ଗଣତାନ୍ତ୍ରିକ ମେଣ୍ଟ ବା ଏଲଡିଏଫ ଏଠାରେ ଶାସନ କରୁଛି। ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନ୍ ପୁନର୍ବାର ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ଏବଂ ତାଙ୍କ ନେତୃତ୍ୱରେ ଦଳ ପୁଣିଥରେ କ୍ଷମତାକୁ ଆସିବ ବୋଲି ସେ ଆଶାବାଦୀ ଅଛନ୍ତି । ବିରୋଧୀ କଂଗ୍ରେସ-ନେତୃତ୍ୱାଧୀନ ଯୁକ୍ତ ଗଣତାନ୍ତ୍ରିକ ମେଣ୍ଟ ବା ୟୁଡିଏଫ ଏବଂ ବିଜେପି-ନେତୃତ୍ୱାଧୀନ ଏନଡିଏ ମଧ୍ୟ ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ଏହି ନିର୍ବାଚନରେ । ଏହି ନିର୍ବାଚନର ପ୍ରମୁଖ ସମସ୍ୟାଗୁଡ଼ିକ ହେଉଛି ବେକାରୀ ଓ ବେରୋଜଗାର। ଅର୍ଥନୈତିକ ଉନ୍ନୟନ, ମୂଲ୍ୟବୃଦ୍ଧି, କଲ୍ୟାଣମୂଳକ ଯୋଜନା, ବନ୍ୟା ଓ ଉପକୂଳ କ୍ଷୟ, ମହିଳା ଓ ଯୁବକଙ୍କ ସମସ୍ୟା ଏବଂ ସାମ୍ପ୍ରଦାୟିକ ସମ୍ପର୍କ ମଧ୍ୟ ଏଥର ନିର୍ବାଚନୀ ମୁଦ୍ଦା ରହିଥିଲା। କେରଳର ମାଲାବାର ଅଞ୍ଚଳର ୪୮ଟି ଆସନ ଏହି ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିପାରେ। ସବୁ ରାଜନୈତିକ ଦଳର ନଜର ଏହି ଆସନ ଉପରେ ରହିଛି।

ସେହିପରି ପଣ୍ଡିଚେରୀ ବା ପୁଡୁଚେରୀ ବିଧାନସଭା ପାଇଁ ଆଜି ମଧ୍ୟ ଭୋଟ୍ ଗ୍ରହଣ ଅନୁଷ୍ଠିତ ହେଉଛି। ପୁଡୁଚେରୀ ବିଧାନସଭାରେ ୩୦ଟି ଆସନ ରହିଛି। ସେଠାରେ ମୋଟ ୩୩ଟି ଆସନ ଥିବା ବେଳେ ୩ଟି ଆସନ ପାଇଁ ସଦସ୍ୟ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଯୁକ୍ତ କରାଯାଇଥାଏ। ସରକାର ଗଠନ ପାଇଁ ଏଠାରେ ୧୬ଟି ଆସନର ଆବଶ୍ୟକତା ରହିଥାଏ । ପ୍ରାୟ ୯ ଲକ୍ଷ ୪୪ ହଜାର ଭୋଟର ଏହି ନିର୍ବାଚନରେ ଭାଗ ନେବେ। ବର୍ତ୍ତମାନ ଏଆଇଏନଆରସି ଓ ବିଜେପିର ଏନଡିଏ ମେଣ୍ଟ ଏଠାରେ ଶାସନ କରୁଛି। କଂଗ୍ରେସ୍-ଡିଏମ୍‌କେ ମେଣ୍ଟ ବିରୋଧୀ ପକ୍ଷରେ ଅଛନ୍ତି।

ପୁଡୁଚେରୀର ପ୍ରମୁଖ ସମସ୍ୟାଗୁଡ଼ିକ ହେଲା, ରାଜ୍ୟମାନ୍ୟତା ବା ଷ୍ଟେଟ୍‌ହୁଡ ପ୍ରଦାନ ଦାବି, ଉନ୍ନୟନ, ରୋଜଗାର ଓ ଅର୍ଥନୈତିକ ପ୍ରଗତି। ପୁଡୁଚେରୀର ଛୋଟ ଆସନ ସଂଖ୍ୟା ହେତୁ ପ୍ରତ୍ୟେକ ଆସନ ଏଠାରେ ବେଶ୍ ଗୁରୁତ୍ୱ ବହନ କରେ।

ପୁଣିଥରେ ଫେରିବା ଆସାମ୍ ବିଧାନସଭା ନିର୍ବାଚନ ସଂପର୍କିତ ପ୍ରସଙ୍ଗକୁ। ଆସାମ୍ ବିଧାନସଭାର ଇତିହାସ ବହୁତ ପୁରୁଣା। ୧୯୩୭ ମସିହାରେ ପ୍ରଥମ ବିଧାନସଭା ଗଠିତ ହୋଇଥିଲା ଏବଂ ପ୍ରଥମ ବୈଠକ ବା ସିଟିଂ ଶିଲଙ୍ଗରେ ହୋଇଥିଲା। ସ୍ୱାଧୀନତା ପରେ ୧୯୫୨ ମସିହାରେ ଏଠାରେ ପ୍ରଥମ ବିଧାନସଭା ନିର୍ବାଚନ ହୋଇଥିଲା। ସେତେବେଳେ ଆସାମର ଆସନ ସଂଖ୍ୟା କମ୍ ଥିଲା, କିନ୍ତୁ ୧୯୭୨ ମସିହାରେ ଏହା ୧୨୬କୁ ବୃଦ୍ଧି କରାଗଲା। ଆସାମ୍ ନିର୍ବାଚନ ଇତିହାସରେ କଂଗ୍ରେସ ଦୀର୍ଘକାଳ ଶାସନ କରିଥିଲା କିନ୍ତୁ ୨୦୧୬ ମସିହାରେ ଭାରତୀୟ ଜନତା ପାର୍ଟି (ବିଜେପି) ର ଉତ୍ଥାନ ସହ ରାଜନୈତିକ ସମୀକରଣ ଏଠାରେ ବଦଳିଥିଲା।

ଆସାମର ପ୍ରଥମ ମୁଖ୍ୟମନ୍ତ୍ରୀ ଥିଲେ ଗୋପୀନାଥ ବର୍ଦୋଲୋଇ। ସେ ୧୯୪୬ରୁ ୧୯୫୦ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଥିଲେ। ସେ ଆସାମକୁ ପାକିସ୍ତାନରୁ ରକ୍ଷା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ଏବଂ ପରେ ଭାରତରତ୍ନ ମଧ୍ୟ ପାଇଥିଲେ। ତାଙ୍କ ପରେ ବିଷ୍ଣୁରାମ ମେଧୀ ୧୯୫୦ରୁ ୯୫୭ ଯାଏଁ, ବିମଳା ପ୍ରସାଦ ଚାଲିହା୧୯୫୭ରୁ ୧୯୭୦ଯାଏଁ, ମହେନ୍ଦ୍ର ମୋହନ ଚୌଧୁରୀ, ଶରତ ଚନ୍ଦ୍ର ସିହ୍ନାଙ୍କ ପରି ବହୁ କଂଗ୍ରେସ ଭେଟେରାନ୍ ଆସାମରେ ଶାସନଭାର ସମ୍ଭାଳିଥିଲେ। ୧୯୭୮ରେ ଜନତା ପାର୍ଟିର ଗୋଲାପ ବର୍ବୋରା ପ୍ରଥମ ଅଣ-କଂଗ୍ରେସ୍ ମୁଖ୍ୟମନ୍ତ୍ରୀ ହୋଇଥିଲେ। ପରେ ଆସାମ ଗଣ ପରିଷଦ (ଏଜିପି)ର ପ୍ରଫୁଲ୍ଲ କୁମାର ମହାନ୍ତ (୧୯୮୫-୧୯୯୦ ଏବଂ ୧୯୯୬-୨୦୦୧) ଯାଏଁ ଶାସନ କରିଥିଲେ। ତେବେ ତରୁଣ ଗୋଗୋଇ ଦୀର୍ଘ ୧୫ ବର୍ଷ ଧରି ଆସାମର ମୁଖ୍ୟମନ୍ତ୍ରୀ ରହିଲେ। ସେ ୨୦୦୧ରୁ ୨୦୧୬ ଯାଏଁ ମୁଖ୍ୟମନ୍ତ୍ରୀ ଥିଲେ। ୨୦୧୬ରେ ତରୁଣଙ୍କ ପାର୍ଟିର ପରାଜୟ ପରେ ସର୍ବାନନ୍ଦ ସୋନୱାଲ୍ ବିଜେପିର ପ୍ରଥମ ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୦୨୧ରେ ହିମନ୍ତ ବିଶ୍ୱ ଶର୍ମା ଏହି ପଦ ଗ୍ରହଣ କରିଥିଲେ। ହିମନ୍ତ ବିଶ୍ୱଶର୍ମା ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ଭାବେ ନିର୍ବାଚନରେ ପ୍ରମୁଖ ତଥା ମୁଖ୍ୟ ଭୂମିକା ଗ୍ରହଣ କରୁଛନ୍ତି।

ଆସାମର ନିର୍ବାଚନ ଇତିହାସରେ କଂଗ୍ରେସ୍ ପ୍ରାୟତଃ ଶାସନ କରିଥିଲା, କିନ୍ତୁ ଆସାମ୍ ଆନ୍ଦୋଳନ ପରେ ଏଜିପି ଉଠିଥିଲା ଏବଂ ପରେ ବିଜେପି ସହ ମେଣ୍ଟ କରି ଶକ୍ତିଶାଳୀ ହୋଇଥିଲା। ଏହି ନିର୍ବାଚନରେ ବିଜେପି-ନେତୃତ୍ୱାଧୀନ ଏନଡିଏ (ବିଜେପି, ଏଜିପି ଓ ବିପିଏଫ୍) ଗୋଟିଏ ପଟେ ଏବଂ କଂଗ୍ରେସ୍-ନେତୃତ୍ୱାଧୀନ ବିରୋଧୀ ମେଣ୍ଟ (କଂଗ୍ରେସ୍, ରାଇଜର ଦଳ, ଆସାମ୍ ଜାତୀୟ ପରିଷଦ ଇତ୍ୟାଦି) ଅନ୍ୟ ପକ୍ଷରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

ଆସାମ୍ ନିର୍ବାଚନରେ ଅନେକ ପ୍ରମୁଖ ସମସ୍ୟା ସାମ୍ନାକୁ ଆସିଛି ଯାହାକୁ ଆଧାର କରି ଏଥର ଭୋଟ୍ ପଡ଼ିପାରେ ବୋଲି ଆଶାକରାଯାଉଛି। ପ୍ରଥମତଃ ଉନ୍ନୟନ ଓ ଅର୍ଥନୈତିକ ପ୍ରଗତି। ବିଜେପି ସରକାର ରାସ୍ତା, ପୋର୍ଟ, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ଦାବି କରିଛି। ରାଜ୍ୟରେ ଅରୁଣୋଦୟ ଯୋଜନା ମାଧ୍ୟମରେ ପ୍ରତି ମହିଳାଙ୍କୁ ମାସିକ ୧୨୫୦ ଟଙ୍କା ସିଧାସଳଖ ଅର୍ଥ ପ୍ରଦାନ କରାଯାଉଛି। ମାର୍ଚ୍ଚ ମାସରେ ପ୍ରତି ମହିଳାଙ୍କୁ ୯ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ବିଗତ ୪ ମାସର ଟଙ୍କା ସହ ବିହୁ ବୋନସ୍ ମଧ୍ୟ ସରକାର ପ୍ରଦାନ କରିଥିଲେ। ଏଥର ବିଜେପି ନିଜ ନିର୍ବାଚନୀ ଇସ୍ତାହାରରେ ଏହି ପରିମାଣ ମାସିକ ୩ ହଜାର ଟଙ୍କାକୁ ବୃଦ୍ଧି କରିବାକୁ ଘୋଷଣା କରିଛି। ସରକାର ପୁନର୍ବାର କ୍ଷମତାକୁ ଫେରିଲେ ମହିଳାଙ୍କୁ ନୂଆ ସରକାର ମାସିକ ୩୦୦୦ ଟଙ୍କା ଦେବାର ଘୋଷଣା ସବୁ ରାଜ୍ୟ ପରି ନିର୍ବାଚନୀ ମାଷ୍ଟରଷ୍ଟ୍ରୋକ୍ ବୋଲି କୁହାଯାଉଛି।

ସେପଟେ ବିରୋଧୀ ଏସବୁ ଯୋଜନାଗୁଡ଼ିକୁ ଅପର୍ଯ୍ୟାପ୍ତ ବୋଲି କହିବା ସହ ବେକାରୀ, ମୂଲ୍ୟବୃଦ୍ଧି ଓ କୃଷକଙ୍କ ସମସ୍ୟା ଉପରେ ସେମାନେ ଧ୍ୟାନ ହେବେ ବୋଲି କହିଛନ୍ତି। ବନ୍ୟା ନିୟନ୍ତ୍ରଣ ଓ ପରିବେଶ ମଧ୍ୟ ଆସାମରେ ଅନ୍ୟ ଏକ ପ୍ରସଙ୍ଗ। ଆସାମ ପ୍ରତି ବର୍ଷ ବନ୍ୟାରେ ବ୍ୟାପକଭାବେ କ୍ଷତିଗ୍ରସ୍ତ ହୁଏ। ବିରୋଧୀ ପକ୍ଷ ସରକାରଙ୍କୁ ବନ୍ୟା ପରିଚାଳନାରେ ବିଫଳ ବୋଲି ଅଭିଯୋଗ କରୁଛନ୍ତି। ଜାତୀୟ ପରିଚୟ ଓ ଅନୁପ୍ରବେଶ ମଧ୍ୟ ରାଜ୍ୟରେ ଆଉ ଏକ ବଡ଼ ମୁଦ୍ଦା । ଆସାମ୍ ଆନ୍ଦୋଳନର ପୃଷ୍ଠଭୂମିରେ ଏହା ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ବିଜେପି ଏନଆରସି, ସିଏଏ ଏବଂ ଅନୁପ୍ରବେଶକାରୀଙ୍କ ବିରୋଧରେ କଠୋର ପଦକ୍ଷେପ ଦାବି କରୁଥିବା ବେଳେ ବିରୋଧୀ ଏହାକୁ ଜାତୀୟ ବିଭାଜନର ଚେଷ୍ଟା ବୋଲି ଅବିହିତ କରିଛନ୍ତି। ରାଜ୍ୟରେ ୬ଟି ଜନଜାତିଙ୍କୁ ଏସ୍‌ଟି ମାନ୍ୟତା ଦେବାର ପ୍ରତିଶ୍ରୁତି ଦେଇଛନ୍ତି ବିରୋଧୀ। ପୂର୍ବରୁ ବିଜେପି ଏସବୁ ଜାତିଙ୍କୁ ଅନୁସୂଚିତ କରିବାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ମନ୍ତ୍ରୀସ୍ତରୀୟ କମିଟି ରିପୋର୍ଟରେ ଏହା ପଡ଼ିରହିଛି ଓ କାର୍ଯ୍ୟକାରୀ ହୋଇପାରୁନି। ମହିଳା ସଶକ୍ତିକରଣ, ଶିକ୍ଷା ଓ ରୋଜଗାରକୁ ମଧ୍ୟ ସବୁଦଳ ପ୍ରାଧାନ୍ୟ ଦେଇଛନ୍ତି । ବିଜେପି ମହିଳାଙ୍କ ପାଇଁ ଅର୍ଥ ସହାୟତା ବୃଦ୍ଧି କରିବାର ପ୍ରତିଶ୍ରୁତି ଦେଇଥିବା ବେଳେ, ଇଉନିଫର୍ମ ସିଭିଲ କୋଡ୍ ପାଇଁ ଦଳ ମାଇଲେଜ୍ ନେଇଛି। ବିରୋଧୀ ପକ୍ଷ ଭୂମି ବଣ୍ଟନ, କ୍ୟାସ୍ ଟ୍ରାନ୍ସଫର ଓ ରୋଜଗାର ଯୋଜନା ଉପରେ ଜୋର୍ ଦେଉଛନ୍ତି। ଅନ୍ୟାନ୍ୟ ସମସ୍ୟା ମଧ୍ୟରେ ପାସପୋର୍ଟ ସମସ୍ୟା, ଭୂମି ଅଧିକାର, ଆଦିବାସୀ ଅଧିକାର ଓ ବିକାଶର ଅସମାନତା ଅଛି। ଏହି ନିର୍ବାଚନରେ ବ୍ୟକ୍ତିଗତ ଆକ୍ରମଣ ଓ ଜାତିୟ ଫ୍ଲାସ୍‌ପଏଣ୍ଟ ମଧ୍ୟ ଦେଖାଯାଇଛି।

ଏଥର ନିର୍ବାଚନ ହିମନ୍ତଙ୍କ ପାଇଁ ଲିଟମସ୍ ଟେଷ୍ଟ। ବିଜୟୀ ହେଲେ ନେତୃତ୍ୱ ଅଧିକ ମଜଭୁତ୍ ହେବ ଏବଂ କେନ୍ଦ୍ରୀୟ ଯୋଜନା ଅଧିକ କାର୍ଯ୍ୟକାରୀ ହେବ। ଅନ୍ୟପକ୍ଷରେ ବିରୋଧୀ ଜିତିଲେ, ରାଜ୍ୟରେ ଏକ ନୂତନ ସରକାର ଗଠନ ହେବା ସହ ରାଷ୍ଟ୍ରୀୟ ରାଜନୀତି ଉପରେ ଏହାର ଏକ ବଡ଼ ପ୍ରଭାବ ପଡ଼ିବାର ଦୃଷ୍ଟିକୋଣ ସୃଷ୍ଟି କରିପାରେ। ତେବେ ଶାନ୍ତିପୂର୍ଣ୍ଣ ନିର୍ବାଚନ ପାଇଁ ସମସ୍ତେ ଭୋଟ୍ ଦେବା ସହ ନିଜର ଅଧିକାରକୁ ସାବ୍ୟସ୍ତ କରିବା ଓ ଗଣତନ୍ତ୍ରକୁ ଅଧିକ ସଶକ୍ତ କରିବା ହିଁ ଜଣେ ଭାରତୀୟର ଧର୍ମ ହେବା ଉଚିତ୍।

**ଶୈଳଶ୍ରୀ ବିହାର, ଭୁବନେଶ୍ୱର-୨୧**

### ୩୯ ଦିନର ଯୁଦ୍ଧରେ ଲାଗିଲା ବ୍ରେକ

# ଅସ୍ତ୍ରବିରତି ଘୋଷଣା ଆମେରିକାର ୧୫ଦିନିଆ




ୱାଶିଂଟନ୍, ୮।୪ଃଇରାନର 'ସମ୍ପୂର୍ଣ୍ଣ ସଭ୍ୟତା'କୁ ନିଶ୍ଚିହ୍ନ କରିଦେବାକୁ ଧମକ ଦେବାର ଗୋଟିଏ ଦିନ ପରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜର ଆଭିମୁଖ୍ୟ ବଦଳାଇଛନ୍ତି। ୩୯ ଦିନ ଧରି ଚାଲିଥିବା 'ଅପରେସନ୍ ଏପିକ୍ ଫ୍ୟୁରୀ' ପରେ ସେ ତେହେରାନ୍ ସହ ଅସ୍ତ୍ରବିରତି ଘୋଷଣା କରିବା ସହ ଏହାକୁ ଆମେରିକାର 'ସମ୍ପୂର୍ଣ୍ଣ ଏବଂ ଚୂଡ଼ାନ୍ତ ବିଜୟ' ବୋଲି ଆଖ୍ୟା ଦେଇଛନ୍ତି।
ଅନ୍ୟପକ୍ଷରେ, ମୋଜତାବା ଖାମେନେଇଙ୍କ ନେତୃତ୍ୱାଧୀନ ଇରାନ ସରକାର ଏହାକୁ ନେଇ ଭିନ୍ନ ଦାବି କରିଛନ୍ତି। ଆମେରିକା ଇରାନର ୧୦-ସୂତ୍ରୀ ପ୍ରସ୍ତାବକୁ ଗ୍ରହଣ କରିଥିବାରୁ ଏହାକୁ ନିଜର ସାମରିକ ତଥା କୂଟନୈତିକ ସଫଳତା ଏବଂ ବିଜୟ ବୋଲି ଇରାନ କହିଛି। ଇରାନ ସହ ଅସ୍ତ୍ରବିରତି ବୁଝାମଣା ହେବା ପରେ ଟ୍ରମ୍ପ ଖୁସି ବ୍ୟକ୍ତ କରି ଏହାକୁ ଏକ 'ବଡ଼ ଦିନ' ବୋଲି କହିଛନ୍ତି। ଏହାଦ୍ୱାରା ହରମୁଜ୍ ଜଳପଥରେ ଉତ୍ତେଜନା ହ୍ରାସ ପାଇବା ସହ ଅର୍ଥନୈତିକ ଲାଭ ହେବ ବୋଲି ସେ ସୂଚନା ଦେଇଛନ୍ତି।

ନିଜ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ୍ ସୋସିଆଲ୍'ରେ ସେ ଲେଖିଛନ୍ତି 'ବିଶ୍ୱ ଶାନ୍ତି ପାଇଁ ଏକ ବଡ଼ ଦିନ, ଇରାନ ଏହା ଚାହୁଁଛି, କାରଣ ସେମାନେ ବହୁତ କିଛି ଭୋଗିସାରିଲେଣି। ଅନ୍ୟମାନଙ୍କ ଅବସ୍ଥା ମଧ୍ୟ ସମାନ। ଆମେରିକା ହରମୁଜ୍ ଜଳପଥରେ ଟ୍ରାଫିକ୍ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିବ। ଏବେ ବହୁତ କିଛି ସକାରାତ୍ମକ କାମ ହେବ। ବହୁତ ଅର୍ଥ ରୋଜଗାର ହେବ। ଇରାନ ପୁନଃନିର୍ମାଣ ପ୍ରକ୍ରିୟା ଆରମ୍ଭ କରିପାରିବ'।

ସେ ଆହୁରି ମଧ୍ୟ ଲେଖିଛନ୍ତି ଯେ, 'ଆମେ ସବୁ ପ୍ରକାରର ସାମଗ୍ରୀ ପଠାଇବୁ ଏବଂ ସବୁକିଛି ଠିକ୍‌ଠାକ୍ ଚାଲିଛି କି ନାହିଁ ତାହା ନିଶ୍ଚିତ କରିବା ପାଇଁ ସେଠାରେ ଉପସ୍ଥିତ ରହିବୁ। ମୋର ଦୃଢ଼ ବିଶ୍ୱାସ ଯେ ସବୁ ଠିକ୍ ହେବ। ଆମେରିକାରେ ଆମେ ଯେପରି ଅନୁଭବ କରୁଛୁ, ଠିକ୍ ସେହିପରି ଏହା ମଧ୍ୟପ୍ରାଚ୍ୟର ସୁବର୍ଣ୍ଣ ଯୁଗ ହୋଇପାରେ। ଅସ୍ତ୍ରବିରତି ଲାଗୁ ହେବା ପରେ ଏଏଫପି ନ୍ୟୁଜ୍ ଏଜେନ୍ସିକୁ ପ୍ରତିକ୍ରିୟା ଦେଇ ଟ୍ରମ୍ପ କହିଛନ୍ତି, 'ଏହା ୧୦୦ ପ୍ରତିଶତ ସମ୍ପୂର୍ଣ୍ଣ ଏବଂ ଚୂଡ଼ାନ୍ତ ବିଜୟ। ଏଥିରେ କୌଣସି ସନ୍ଦେହ ନାହିଁ'। ଆକ୍ରମଣ ପାଇଁ ଟ୍ରମ୍ପ ଦେଇଥିବା ଡେଡଲାଇନ୍ ଶେଷ ହେବାର ମାତ୍ର ଘଣ୍ଟାଏ ପୂର୍ବରୁ ଏହି ଚୁକ୍ତି ହୋଇଛି। 'ଆମର ଏକ ୧୫-ସୂତ୍ରୀ ବୁଝାମଣା ହୋଇଛି, ଯେଉଁଥିରୁ ଅଧିକାଂଶ କଥା ଉପରେ ସହମତି ପ୍ରକାଶ ପାଇଛି' ବୋଲି ଟ୍ରମ୍ପ କହିଛନ୍ତି। କିନ୍ତୁ ଏହି ଚୁକ୍ତି କେତେ ଦିନ ତିଷ୍ଠିବ ସେନେଇ ଏବେ ବି ପ୍ରଶ୍ନବାଚୀ ରହିଛି।

ଇରାନର ପରମାଣୁ କାର୍ଯ୍ୟକ୍ରମକୁ ନେଇ ଆମେରିକାର ଦୀର୍ଘ ଦିନର ଚିନ୍ତା ଉପରେ ଟ୍ରମ୍ପ କହିଛନ୍ତି ଯେ, ଏହାର ସମ୍ପୂର୍ଣ୍ଣ ସମାଧାନ କରାଯିବ। କିନ୍ତୁ ଇରାନର 'ଏନରିଚ୍ଡ୍ ୟୁରାନିୟମ୍' ସହ କ'ଣ କରାଯିବ, ସେନେଇ ସେ କୌଣସି ସ୍ପଷ୍ଟ ସୂଚନା ଦେଇନାହାଁନ୍ତି। ବିଶ୍ୱର ପ୍ରମୁଖ ତୈଳ ବାଣିଜ୍ୟ ପଥ 'ହରମୁଜ୍ ଜଳପଥ' କେବେ ଖୋଲିବ, ତାକୁ ନେଇ ମଧ୍ୟ ଅନିଶ୍ଚିତତା ଲାଗିରହିଛି।

ପାକିସ୍ତାନର ମଧ୍ୟସ୍ଥତା ଯୋଗୁଁ ଆମେରିକା ଏବଂ ଇସ୍ରାଏଲର ଲଗାତାର ଆକ୍ରମଣ ପରେ ଏହି ଅସ୍ତ୍ରବିରତି ସମ୍ଭବ ହୋଇଛି। ଏଥିରେ ଚୀନ୍‌ର ମଧ୍ୟ ହାତ ଥିବା ଟ୍ରମ୍ପ ସୂଚାଇଛନ୍ତି। ବେଜିଂର ଭୂମିକା ବିଷୟରେ ପଚରାଯିବାରୁ ସେ 'ହଁ' ବୋଲି ଉତ୍ତର ଦେଇଛନ୍ତି। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଆମେରିକା ନେତୃତ୍ୱାଧୀନ ଏହି ଅସ୍ତ୍ରବିରତିକୁ ସମର୍ଥନ କରିଛନ୍ତି, କିନ୍ତୁ ଲେବାନନରେ ହିଜବୁଲ୍ଲା ସହ ଚାଲିଥିବା ସଂଘର୍ଷରେ ଏହା ଲାଗୁ ହେବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ, ଲେବାନନ୍ ସମେତ ଏହା ସବୁ ସ୍ଥାନରେ ଲାଗୁ ହେବ ବୋଲି ପାକିସ୍ତାନ ଦାବି କରିଛି। ଯାହା ଅସ୍ତ୍ରବିରତିର ସ୍ଥାୟିତ୍ୱକୁ ନେଇ ସନ୍ଦେହ ସୃଷ୍ଟି କରିଛି।

## ଯୁଦ୍ଧ ବିରାମକୁ ସ୍ୱାଗତ କଲା ଭାରତ

### ହର୍ମୁଜ୍‌ରେ ମୁକ୍ତ ପରିବହନ ପାଇଁ ଆହ୍ୱାନ



ନୂଆଦିଲ୍ଲୀ, ୮।୪ଃଇରାନ ଓ ଆମେରିକା ମଧ୍ୟରେ ହୋଇଥିବା ଯୁଦ୍ଧ ବିରାମକୁ ଭାରତ ସ୍ୱାଗତ କରିଛି। ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ଏହା ପଥ ପ୍ରଶସ୍ତ କରିବା ବୋଲି ଭାରତ ଆଶା ବ୍ୟକ୍ତ କରିଛି। ଏନେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏକ ବିବୃତ୍ତି ଜାରି କରି କହିଛି 'ଆମେ ଯୁଦ୍ଧବିରାମକୁ ସ୍ୱାଗତ କରୁଛୁ ଏବଂ ଆଶା କରୁଛୁ ଯେ ଏହା ପଶ୍ଚିମ ଏସିଆରେ ଏକ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବ। ସଂଘର୍ଷର ଶୀଘ୍ର ସମାପ୍ତି ପାଇଁ ଉତ୍ତେଜନା ହ୍ରାସ, ଆଲୋଚନା ଏବଂ କୂଟନୀତି ଅତ୍ୟନ୍ତ ଜରୁରୀ ବୋଲି ଆମେ ପୂର୍ବରୁ ସବୁବେଳେ କହି ଆସିଛୁ'।

ଭାରତ ଜାରି କରିଥିବା ବିବୃତ୍ତିରେ ବିଶ୍ୱ ବାଣିଜ୍ୟ ଏବଂ ଶକ୍ତି ଯୋଗାଣ ଉପରେ ଯୁଦ୍ଧର ପ୍ରଭାବ ନେଇ ମତ ରଖିଛି। ଏବଂ ହାରମୁଜ୍ ଜଳପଥ ଖୋଲା ରଖିବାକୁ ଅନୁରୋଧ କରିଛି। ଯାହା ଦ୍ୱାରା ସାମଗ୍ରୀ ଏବଂ ଶକ୍ତି ସମ୍ପଦର ଅବାଧ ଗତିବିଧି ସୁନିଶ୍ଚିତ ହୋଇପାରିବ। ଏନେଇ ବୈଦେଶିକ ମନ୍ତ୍ରଣାଳୟ କହିଛି 'ଏହି ସଂଘର୍ଷ ପୂର୍ବରୁ ଲୋକମାନଙ୍କୁ ପ୍ରଚୁର କଷ୍ଟ ଦେଇଛି ଏବଂ ବିଶ୍ୱ ଶକ୍ତି ଯୋଗାଣ ଏବଂ ବାଣିଜ୍ୟ ନେଟୱାର୍କକୁ ବାଧାପ୍ରାପ୍ତ କରିଛି। ଆମେ ଆଶା କରୁଛୁ ଯେ ହର୍ମୁଜ୍ ଜଳପଥ ଦେଇ ନୌଚାଳନା ଏବଂ ବିଶ୍ୱ ବାଣିଜ୍ୟ ପ୍ରବାହ ସ୍ୱାଧୀନ ରହିବ'। ଦୁଇ ଦେଶ ଯୁଦ୍ଧ ଆରମ୍ଭରୁ ଭାରତ ସବୁବେଳେ ଶାନ୍ତିକୁ ଗୁରୁତ୍ୱ ଦେଇଛି। ଆଲୋଚନା ଓ କୂଟନୀତି ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ କହିଛି। ଏବେ ଯୁଦ୍ଧ ବିରାମ ଘୋଷଣା ପରେ ଭାରତ ପୁଣିଥରେ ଏହାର ଆଭିମୁଖ୍ୟ ଦୋହରାଇଛି। ଏବଂ ପଶ୍ଚିମ ଏସିଆରେ ଏବେ ଶାନ୍ତି କାଏମ ରଖିବାକୁ ପରାମର୍ଶ ଦେଇଛି। ଇରାନ-ୟୁଏସ ଯୁଦ୍ଧ ବିରାମ ବୁଧବାର ଭୋର ସମୟରେ ଇରାନ ଓ ଆମେରିକା ମଧ୍ୟରେ ଦୁଇ ସପ୍ତାହ ପାଇଁ ଯୁଦ୍ଧ ବିରାମ ହୋଇଛି। ଫଳରେ ଫେବ୍ରୁଆରୀ ୨୮ ତାରିଖରୁ ଏପର୍ଯ୍ୟନ୍ତ ଦୀର୍ଘ ୪୦ ଦିନ ହେଲା ଲାଗି ରହିଥିବା ଯୁଦ୍ଧ ବନ୍ଦ ହୋଇଯାଇଛି। ତେବେ ଯୁଦ୍ଧ ବନ୍ଦ ପାଇଁ ପରସ୍ପର ଏକାଧିକ ସର୍ତ୍ତ ରଖିଛନ୍ତି। ଆମେରିକା ଇରାନ୍ ଉପରେ ୧୫ ସର୍ତ୍ତ ରଖିଥିବା ବେଳେ ଇରାନ ୧୦ଟି ସର୍ତ୍ତ ରଖିଛି। ଟ୍ରମ୍ପ କହିଛନ୍ତି ଇରାନ ହରମୁଜ ଜଳପଥ ଖୋଲିବାକୁ ରାଜି ହେବା ପରେ ଆମେ ଯୁଦ୍ଧ ବିରାମ କଲୁ।

### ଯୁଦ୍ଧ ବିରାମରେ ସାମିଲ ନୁହେଁ ଲେବାନନ

## ହିଜବୁଲ ଉପରେ ଆକ୍ରମଣ ଜାରି ରଖିବ ଇସ୍ରାଏଲ୍



ଇସ୍ରାଏଲ, ୮।୪ଃଆମେରିକା ଓ ଇରାନ ମଧ୍ୟରେ ହୋଇଥିବା ଯୁଦ୍ଧ ବିରାମକୁ ଇସ୍ରାଏଲ ସମର୍ଥନ ଦେଇଛି। ତେବେ ଲେବାନନ ଯୁଦ୍ଧକୁ ଏଥିରେ ସାମିଲ୍ କରାଯାଇପାରିବ ନାହିଁ ବୋଲି ଇସ୍ରାଏଲ କହିଛି। ଦୁଇ ଦେଶ ପକ୍ଷରୁ ଯୁଦ୍ଧ ବିରାମ ଘୋଷଣା ହେବା ପରେ ବୁଧବାର ଇସ୍ରାଏଲ୍ କହିଛି ଯେ ଆମେରିକା-ଇରାନ ଯୁଦ୍ଧବିରତି ଚୁକ୍ତିନାମାରେ 'ଲେବାନନକୁ ସାମିଲ କରାଯାଇ ନାହିଁ'। ଇରାନ ଇସ୍ରାଏଲ ଉପରେ ଆକ୍ରମଣ କରିବା ପରେ ଲେବାନନର ଇରାନ ସମର୍ଥିତ ଗୋଷ୍ଠୀ ହିଜବୋଲ୍ଲା ମଧ୍ୟ ଇସ୍ରାଏଲ ଉପରେ ଆକ୍ରମଣ କରିଥିଲା। ତେଣୁ ହିଜବୋଲ୍ଲା ମଧ୍ୟରେ ଯୁଦ୍ଧ ଭିତରକୁ ଟାଣି ହୋଇ ଆସିଥିଲା। ତେଣୁ ଏନେଇ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ବିବୃତ୍ତି ଜାରି କରାଯାଇଛି। ଜାରି ବିବୃତ୍ତିରେ କୁହାଯାଇଛି 'ଦୁଇ ସପ୍ତାହର ଅସ୍ତ୍ରବିରତିରେ ଲେବାନନ୍ ଅନ୍ତର୍ଭୁକ୍ତ ନୁହେଁ'। ତେବେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀଙ୍କର ଏହି ଘୋଷଣା ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ ଘୋଷଣାର ବିପରିତ ହୋଇଛି। କାରଣ ଏହା ପୂର୍ବରୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଯୁଦ୍ଧ ବିରାମ ନେଇ ଘୋଷଣା କରିଥିଲେ। ଏଥିରେ ଲେବାନନ ବି ସାମିଲ ରହିଛି ବୋଲି ସେ କହିଥିଲେ। ହେଲେ ଇସ୍ରାଏଲ୍ କହିଛି ଯୁଦ୍ଧ ବିରାମରେ ଲେବାନନ ସାମିଲ ନାହିଁ। ତେଣୁ ପ୍ରକୃତରେ ଲେବାନନ ଯୁଦ୍ଧ ବିରାମରେ ସାମିଲ୍ ଅଛି କି ନାହିଁ ତାହା ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ତେହରାନ ଉପରେ ଭୟଙ୍କର ଆକ୍ରମଣ କରିବାକୁ ଧମକ ଦେବାର କିଛି ଘଣ୍ଟା ପରେ ପଛଘୁଞ୍ଚା ଦେଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଶେଷରେ ଦୁଇ ସପ୍ତାହ ପାଇଁ ଯୁଦ୍ଧ ବନ୍ଦ ରଖିବାକୁ ରାଜି ହୋଇଛନ୍ତି। ଏବଂ କୂଟନୀତି ମାଧ୍ୟମରେ ଆଲୋଚନା କରି ଇରାନ ସହ ଲାଗିଥିବା ୪୦ ଦିନର ଯୁଦ୍ଧ ଶେଷ କରିବାକୁ ନିଷ୍ପତ୍ତି ନେଇଛନ୍ତି ଟ୍ରମ୍ପ। ସେପଟେ ଇରାନ ମଧ୍ୟ ଯଦ୍ଧ ବିରାମରେ ରାଜି ହୋଇଛି ଏବଂ ଷ୍ଟ୍ରେଟ୍ ଅଫ୍ ହରମୁଜ ଖୋଲିବାକୁ ସର୍ତ୍ତ ରଖିଛି। ସିଜ୍‌ଫାୟର ଘୋଷଣା କରିବା ସହିତ ଟ୍ରମ୍ପ କହିଛନ୍ତି ଷ୍ଟ୍ରେଟ୍ ଅଫ ହରମୁଜ ଖୋଲିବାକୁ ଇରାନ ୧୦ ସୂତ୍ରୀ ଶାନ୍ତି ପ୍ରସ୍ତାବ ରଖିଛି। ଏହାକୁ ସ୍ୱୀକାର କରି ଆମେରିକା ଇରାନୀ ସେତୁ, ବିଦ୍ୟୁତ୍ ପ୍ଲାଣ୍ଟ ଏବଂ ଅନ୍ୟାନ୍ୟ ବେସାମରିକ ଭିତ୍ତିଭୂମିକୁ ଟାର୍ଗେଟ କରିବ ନାହିଁ।

## ଅସ୍ତ୍ରବିରତିର ମାଷ୍ଟରମାଇଣ୍ଡ ଚୀନ୍

### ଯୁଦ୍ଧ ବନ୍ଦ ପାଇଁ ବେଜିଂ କରିଥିଲା ଗୁପ୍ତ ରଣନୀତି



ୱାଶିଂଟନ୍, ୮।୪ଃ ଆମେରିକା ଏବଂ ଇରାନ ମଧ୍ୟରେ ଲାଗିରହିଥିବା ଯୁଦ୍ଧରେ ତେହେରାନର ପ୍ରମୁଖ ସହଯୋଗୀ ଚୀନ୍ ଏପର୍ଯ୍ୟନ୍ତ ନୀରବ ଥିଲା। ତେବେ ଏବେ ଜଣାପଡ଼ିଛି ଯେ ଚୀନର ଗୋପନ କୂଟନୀତି ଏବଂ ଶେଷ ମୁହୂର୍ତ୍ତର ହସ୍ତକ୍ଷେପ ଯୋଗୁଁ ହିଁ ଇରାନ ଦୁଇ ସପ୍ତାହ ପାଇଁ ଅସ୍ତ୍ରବିରତି ଚୁକ୍ତିରେ ରାଜି ହୋଇଛି। ତେଣୁ ଏହି ବୁଝାମଣା ପଛରେ ପାକିସ୍ତାନ ନୁହେଁ, ବରଂ ଚୀନ୍ ହିଁ ପ୍ରକୃତ ଖେଳାଳି ଭାବେ ଉଭା ହୋଇଥିବା ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚା ହେଉଛି। ମଙ୍ଗଳବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ଏକ ବିନାଶକାରୀ ଧମକ ଦେଇ କହିଥିଲେ ଯେ ଚୁକ୍ତି ନହେଲେ 'ଆଜି ରାତିରେ ଏକ ସମ୍ପୂର୍ଣ୍ଣ ସଭ୍ୟତା ନିଶ୍ଚିହ୍ନ ହୋଇଯିବ'। ଇରାନ ମଧ୍ୟ ପଛକୁ ନହଟି ଆମେରିକା ସହ ସମସ୍ତ କୂଟନୈତିକ ସମ୍ପର୍କ ଛିନ୍ନ କରିଥିବା କହିଥିଲା। ଯୁଦ୍ଧ ଆହୁରି ଭୟଙ୍କର ରୂପ ନେବାକୁ ଯାଉଥିଲା। କିନ୍ତୁ ଠିକ୍ ୧୦ ଘଣ୍ଟା ପରେ ଏକ ଚୁକ୍ତି ହେଲା ଏବଂ ବିଶ୍ୱର ପ୍ରମୁଖ ଶକ୍ତି ପଥ 'ହରମୁଜ୍ ଜଳପଥ' ଖୋଲିବାକୁ ଇରାନ ରାଜି ହେଲା। ଏହି ୧୦ ଘଣ୍ଟା ଭିତରେ ଏମିତି କ'ଣ ବଦଳିଗଲା? ଆମେରିକା ଏହି ଦୁଇ ସପ୍ତାହର ଅସ୍ତ୍ରବିରତି ପାଇଁ ପାକିସ୍ତାନକୁ ଶ୍ରେୟ ଦେଇଥିଲେ ମଧ୍ୟ ପ୍ରକୃତରେ ଚୀନର ଶେଷ ମୁହୂର୍ତ୍ତର ହସ୍ତକ୍ଷେପ ହିଁ ଏହାକୁ ସଫଳ କରିଥିଲା। ଏପରିକି ଟ୍ରମ୍ପ ମଧ୍ୟ କୁଣ୍ଠାର ସହ ଏହି କଥାକୁ ସ୍ୱୀକାର କରିଛନ୍ତି। ଇରାନ ଉପରେ ଆଲୋଚନା ପାଇଁ ଚୀନ୍ ଚାପ ପକାଇଛି କି ବୋଲି ପଚରାଯିବାରୁ ଟ୍ରମ୍ପ କହିଥିଲେ, 'ହଁ, ମୁଁ ସେମିତି ଶୁଣିବାକୁ ପାଉଛି'। ପ୍ରଥମେ ଚୀନ୍ ପାକିସ୍ତାନ, ତୁର୍କୀ ଏବଂ ଇଜିପ୍ଟ ଭଳି ମଧ୍ୟସ୍ଥିଙ୍କ ଜରିଆରେ ଯୁଦ୍ଧ ଶେଷ କରିବାକୁ ଉଦ୍ୟମ କରୁଥିଲା। କିନ୍ତୁ ଯେତେବେଳେ ଟ୍ରମ୍ପଙ୍କ ଡେଡଲାଇନ୍ ପାଖେଇ ଆସିଲା ଏବଂ ଏକ ବଡ଼ ଧରଣର ଯୁଦ୍ଧର ଆଶଙ୍କା ଦେଖାଦେଲା, ସେତେବେଳେ ଚୀନ୍ ସିଧାସଳଖ ଇରାନ ସହ କଥାବାର୍ତ୍ତା କରିଥିଲା ବୋଲି ଦୁଇ ଜଣ ଚୀନ୍ ଅଧିକାରୀ ସୂଚନା ଦେଇଛନ୍ତି। ଏଥିରୁ ସ୍ପଷ୍ଟ ହେଉଛି ଯେ ଇରାନ ଉପରେ ପାକିସ୍ତାନ ଅପେକ୍ଷା ଚୀନର ଅଧିକ ପ୍ରଭାବ ଓ ନିୟନ୍ତ୍ରଣ ରହିଛି।

ଅସ୍ତ୍ରବିରତି ଘୋଷଣାର କିଛି ଘଣ୍ଟା ପୂର୍ବରୁ ମିଳିତ ଜାତିସଂଘ ନିରାପତ୍ତା ପରିଷଦରେ ଚୀନ୍ ଏବଂ ରୁଷ ମିଶି ଏକ ପ୍ରସ୍ତାବକୁ ରୋକିଥିଲେ, ଯେଉଁଥିରେ ହରମୁଜ୍ ଜଳପଥ ଖୋଲିବାକୁ ସାମରିକ ବଳ ପ୍ରୟୋଗ କରିବାର କ୍ଷମତା ଦିଆଯାଇଥାନ୍ତା। ଅସ୍ତ୍ରବିରତିରେ ନିଜର ଭୂମିକାକୁ ନେଇ ଚୀନ୍ ସରକାରୀ ଭାବେ କିଛି ମଧ୍ୟ କହିନାହିଁ। କିନ୍ତୁ ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ୍ ୟି ଇରାନ, ଇସ୍ରାଏଲ୍, ରୁଷ ଏବଂ ଉପସାଗରୀୟ ଦେଶଗୁଡ଼ିକ ସହ ୨୬ ଥର ଫୋନରେ ଆଲୋଚନା କରିଛନ୍ତି। ଟ୍ରମ୍ପ ସୃଷ୍ଟି କରିଥିବା ମଧ୍ୟପ୍ରାଚ୍ୟ ବିବାଦରେ ସିଧାସଳଖ ନପଶିବା ଚୀନର ଏକ ବଡ଼ ରଣନୀତି ଥିଲା। ବିଶେଷଜ୍ଞଙ୍କ ମତରେ, ଟ୍ରମ୍ପ ଜାଣିଶୁଣି ନିଜ ସରକାରୀ ବିବୃତ୍ତିରେ ଚୀନକୁ ଶ୍ରେୟ ଦେଇନାହାଁନ୍ତି ବରଂ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କ ନାମ ନେଇଛନ୍ତି। କାରଣ ଯଦି ଚୀନର ନାମ ନିଆଯାଏ, ତେବେ ଘରୋଇ ରାଜନୀତିରେ ଆମେରିକାର ଦୁର୍ବଳତା ପଦାରେ ପଡ଼ିବ ଏବଂ ବେଜିଂ ଏକ ସମକକ୍ଷ ଶକ୍ତି ଭାବେ ଉଭା ହେବ ବୋଲି ଟ୍ରମ୍ପ ଆଶଙ୍କା କରିଥିଲେ।

### ୯ ପୁଲିସ କର୍ମଚାରୀଙ୍କୁ ମୃତ୍ୟୁ ଦଣ୍ଡାଦେଶ ପ୍ରସଙ୍ଗ

## ରେବତୀଙ୍କ ସାହସିକତାରୁ ମିଳିଲା ନ୍ୟାୟ



ମାଡ୍ରାସ, ୮।୪ଃତାମିଲନାଡୁରେ ବାପ-ପୁଅଙ୍କ ହାଜତ ମୃତ୍ୟୁ ମାମଲାରେ ମାଡ୍ରାସ ହାଇକୋର୍ଟଙ୍କ ଐତିହାସିକ ରାୟକୁ ପ୍ରଶଂସା ମିଳୁଥିବାବେଳେ ଏହାର ମାଧ୍ୟମ ସାଜିଥିଲେ ତାମିଲନାଡୁ ପୁଲିସ ବିଭାଗର ମୁଖ୍ୟ କନଷ୍ଟେବଳ ରେବତୀ। ଧମକ ଏବଂ ସାଂଗଠନିକ ଚାପକୁ ବେଖାତିର କରି ରେବତୀ ନିର୍ଭିକ ଭାବେ ନିଜର ସାକ୍ଷ୍ୟ ପ୍ରଦାନ କରି ମୃତ ବାପ-ପୁଅଙ୍କୁ ନ୍ୟାୟ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୨୦୨୦ ମସିହାରେ ବ୍ୟବସାୟୀ ପି ଜୟରାଜ ଓ ତାଙ୍କ ପୁଅ ଜେ ବେନିକ୍ସଙ୍କୁ କୋଭିଡ ନିୟମ ଉଲ୍ଲଂଘନ ଅଭିଯୋଗରେ ଥୁଟ୍ଟିକୁଡିର ସତନକୁଲମ୍ ପୁଲିସ ଗିରଫ କରିଥିଲା। ସେତେବେଳେ ରେବତୀ ସତନକୁଲମ ପୁଲିସ ଷ୍ଟେସନରେ ଡ୍ୟୁଟିରେ ଥିଲେ। ଏହି ମାମଲାରେ ସାକ୍ଷୀ ହେବା ପରେ ତାଙ୍କ ସୁରକ୍ଷା, ପରିବାର କିମ୍ବା ଚାକିରି ବିଷୟରେ କୌଣସି ସ୍ପଷ୍ଟ ସୁରକ୍ଷା ମିଳି ନଥିଲେ ମଧ୍ୟ ସେ ନିର୍ଭୀକତାର ସହିତ ପୁଲିସ ଷ୍ଟେସନରେ ସେ ଦିନ ଘଟିଥିବା ସମସ୍ତ ଘଟଣା ମାଜିଷ୍ଟ୍ରେଟଙ୍କୁ ବର୍ଣ୍ଣନା କରିଥିଲେ। ମାମଲାରେ ଅଭିଯୁକ୍ତ ଅଧିକାରୀମାନେ ତାଙ୍କର ବରିଷ୍ଠ ଏବଂ ପ୍ରଭାବଶାଳୀ ଥିଲେ। ସେତେବେଳେ ରେବତୀ ଜଣେ ଜୁନିଅର କନଷ୍ଟେବଳ ଥିଲେ। କିନ୍ତୁ ଜୟରାଜ ଓ ବେନିକ୍ସଙ୍କୁ ନ୍ୟାୟ ଦେବାକୁ ସେ ଦୃଢ଼ ପଣ କରିଥିଲେ।

ରେବତୀ ଜୁଡିସିଆଲ ମାଜିଷ୍ଟ୍ରେଟଙ୍କୁ ତାଙ୍କ ଦୁଇ ଝିଅଙ୍କ ପାଇଁ ସୁରକ୍ଷା ମାଗିଥିଲେ। ଜୁଡିସିଆଲ ମାଜିଷ୍ଟ୍ରେଟଙ୍କୁ ସେ ସେଦିନର ଘଟଣାର ମିନିଟ ମିନିଟର ତଥ୍ୟ ଦେଇଥିଲେ। କେମିତି ପୁଲିସ ସମସ୍ତ ବର୍ବରତା ପାର୍ କରି ରାତି ସାରା ବାପ-ପୁଅଙ୍କ ପିଟିଥିଲା। ପୁଲିସ ମାଡ଼ରେ ଦୁହେଁ ଗୁରୁତର ଭାବେ ଆହତ ହୋଇଥିଲେ। ପରେ ସେମାନଙ୍କୁ ନ୍ୟାୟିକ ହାଜତକୁ ପଠାଯାଇଥିଲା। କିଛି ଦିନ ବ୍ୟବଧାନ ପରେ ସେମାନଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ସାରା ଦେଶରେ ଆକ୍ରୋଶ ଦେଖାଯାଇଥିଲା। ରେବତୀ ସିସିଟିଭି ଫୁଟେଜରେ ଦେଖାଯାଉଥିବା ପୁଲିସ କର୍ମଚାରୀମାନଙ୍କୁ ଚିହ୍ନଟ କରିଥିଲେ ଓ ଘଟଣାସ୍ଥଳରେ ସେମାନଙ୍କର ଉପସ୍ଥିତି ସ୍ଥାପନ କରିବାରେ ସାହାଯ୍ୟ କରିଥିଲେ, ଯାହା ଅପରାଧ ନିର୍ଣ୍ଣୟ କରିବାରେ ଗୁରୁତ୍ୱପୂର୍ଣ୍ଣ ଥିଲା। ସେହି କାଳ ରାତିରେ ଅତିନୃଶଂସ ପାଲଟି ଯାଇଥିଲେ ପୁଲିସ ଅଧିକାରୀ, ଯାହା ପାଇଲେ ସେଥିରେ ବାପା-ପୁଅଙ୍କୁ ପିଟିଥିଲେ। ଏପରି ସେମାନଙ୍କ ସମ୍ବେଦନଶୀଳ ଅଙ୍ଗକୁ ମଧ୍ୟ ବୁଟ୍‌ରେ ଆଘାତ ଦେଇଥିଲେ। ବାପା-ପୁଅଙ୍କ ଶରୀରରେ ପ୍ରବଳ ରକ୍ତସ୍ରାବ ହେଉଥିବାବେଳେ ପୁଲିସ ସେମାନଙ୍କୁ ସେହି ରକ୍ତ ସଫା କରିବାକୁ କହୁଥିଲେ। ରେବତୀ ଏସବୁ ନିଜ ଆଖିରେ ଦେଖି ସହ୍ୟ କରିପାରୁନଥିଲେ।

ଏହି ବିଷୟରେ ମୁହଁ ନ ଖୋଲିବାକୁ ରେବତୀଙ୍କୁ ସାଥୀ ପୁଲିସ କର୍ମଚାରୀମାନେ ଧମକ ଦେଇଥିଲେ। ଏପରିକି ତାଙ୍କୁ ବୟାନ ରେକର୍ଡ଼ କରିବାକୁ ନଦେବା ପାଇଁ ଅନେକ ଚାପ ପକାଇଥିଲେ। ତେବେ ମାଜିଷ୍ଟ୍ରେଟ୍‌ଙ୍କଠାରୁ ସୁରକ୍ଷା ଆଶ୍ୱାସନା ପାଇବା ପରେ ସେ ବୟାନ ରେକର୍ଡ଼ କରିଥିଲେ। ପୁଲିସ କର୍ମଚାରୀ କୋର୍ଟ ଷ୍ଟାଫଙ୍କୁ ମଧ୍ୟ ଧମକ ଦେବାକୁ ପଛାଇ ନଥିଲେ।

## 'ଗୁଜରାଟବାସୀଙ୍କ ଭାବନାକୁ ଆଘାତ ଦେବା ଉଦ୍ଦେଶ୍ୟ ନୁହେଁ'

ନୂଆଦିଲ୍ଲୀ, ୮।୪ ଃ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଗୁଜରାଟର ଲୋକଙ୍କ ସମ୍ପର୍କରେ ଦେଇଥିବା ବୟାନ ପାଇଁ କ୍ଷମା ପ୍ରାର୍ଥନା କରିଛନ୍ତି। ସେ କହିଛନ୍ତି ଯେ ସେ ସବୁବେଳେ ଗୁଜରାଟର ଲୋକଙ୍କ ପ୍ରତି ସର୍ବୋଚ୍ଚ ସମ୍ମାନ ରଖିଛନ୍ତି ଏବଂ ରଖିବେ। ସେ ଆହୁରି ମଧ୍ୟ କହିଛନ୍ତି ଯେ ସେଠାକାର ଲୋକଙ୍କ ଭାବନାକୁ ଆଘାତ ଦେବା ତାଙ୍କର

### କ୍ଷମା ମାଗିଲେ ଖଡ଼ଗେ

କେବେବି ଉଦ୍ଦେଶ୍ୟ ନଥିଲା। ରବିବାର କେରଳର ଇଡୁକ୍କି ଜିଲାରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରିବା ସମୟରେ ଖଡ଼ଗେ ମନ୍ତବ୍ୟ ଦେଇଥିଲେ ଯେ ରାଜ୍ୟର ଲୋକମାନେ ଶିକ୍ଷିତ ଏବଂ ବିଚକ୍ଷଣ । ଗୁଜରାଟର 'ନିରକ୍ଷର' ଲୋକଙ୍କ ପରି ସେମାନଙ୍କୁ ଭ୍ରମିତ କରାଯାଇପାରିବ ନାହିଁ। ଏହି ବୟାନ ପାଇଁ ଭାଜପା ତାଙ୍କୁ ଟାର୍ଗେଟ କରିଥିଲା। ଭାଜପା ନେତା ଏବଂ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ରବି ଶଙ୍କର ପ୍ରସାଦ ପ୍ରଶ୍ନ କରିଛନ୍ତି ଯେ ରାହୁଲ ଗାନ୍ଧୀ ଖଡ଼ଗେଙ୍କ ଏହି ବକ୍ତବ୍ୟ ସହିତ ସହମତ କି? ଯଦି ରାହୁଲ ଗାନ୍ଧୀଙ୍କର ଟିକେ ବି ବୁଦ୍ଧି ଅଛି, ତେବେ ସେ ଏହି ମନ୍ତବ୍ୟରୁ ନିଜକୁ ଦୂରେଇ ରଖିବା ଉଚିତ, ଏହାକୁ ନିନ୍ଦା କରିବା ଉଚିତ ଏବଂ କ୍ଷମା ମାଗିବା ଉଚିତ। ରବି ଶଙ୍କର ପ୍ରସାଦ ଉଲ୍ଲେଖ କରିଛନ୍ତି ଯେ ଆଜି ଖଡ଼ଗେ ଯେଉଁ ପଦବୀରେ ଅଛନ୍ତି, ତାହା ପୂର୍ବରୁ ଜବାହରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଡକ୍ଟର ରାଜେନ୍ଦ୍ର ପ୍ରସାଦ, ମୌଲାନା ଆଜାଦ, ସୋନିଆ ଗାନ୍ଧୀ, ଇନ୍ଦିରା ଗାନ୍ଧୀ, ରାଜୀବ ଗାନ୍ଧୀ ଏବଂ ନିଜେ ରାହୁଲ ଗାନ୍ଧୀଙ୍କ ଭଳି ନେତାମାନେ ମଧ୍ୟ ଅଧିକାର କରିସାରିଛନ୍ତି। ଏତେ ଉଚ୍ଚ ପଦବୀରେ ଥିବା ଜଣେ ବ୍ୟକ୍ତି କି ପ୍ରକାରର ଭାଷା ପ୍ରୟୋଗ କରୁଛନ୍ତି? ଖଡ଼ଗେଙ୍କ ମନ୍ତବ୍ୟ କେବଳ ଅପମାନଜନକ ନୁହେଁ ବରଂ ନିର୍ଲଜ୍ଜ ଏବଂ ସମ୍ପୂର୍ଣ୍ଣ ନିନ୍ଦନୀୟ ବୋଲି ସେ କହିଥିଲେ।



ବିବାଦ ବୃଦ୍ଧି ପାଉଥିବାରୁ, ଖଡ଼ଗେ ବୁଧବାର କ୍ଷମା ପ୍ରାର୍ଥନା କରିଥିଲେ। ସେ କହିଛନ୍ତି ଯେ କେରଳରେ ସେ ସମ୍ପ୍ରତି ଦେଇଥିବା ନିର୍ବାଚନୀ ଭାଷଣ ସମୟରେ ଦେଇଥିବା କିଛି ମନ୍ତବ୍ୟକୁ ଜାଣିଶୁଣି ଭୁଲ ଭାବରେ ଉପସ୍ଥାପନ କରାଯାଉଛି। ତଥାପି, ମୁଁ ଦାୟିତ୍ୱର ସହ ମୋର ଦୁଃଖ ପ୍ରକାଶ କରୁଛି। ମୁଁ ସବୁବେଳେ ଗୁଜରାଟର ଲୋକଙ୍କ ପ୍ରତି ସର୍ବୋଚ୍ଚ ସମ୍ମାନ ରଖିଆସିଛି ଏବଂ ସବୁବେଳେ ରଖିବି । ସେଠାକାର ଲୋକଙ୍କ ଭାବନାକୁ ଆଘାତ ଦେବା ମୋର ଉଦ୍ଦେଶ୍ୟ କେବେ ନଥିଲା।

### ଅଷ୍ଟମ ବେତନ କମିଶନଙ୍କୁ ନେଇ ଆକଳନ

## କର୍ମଚାରୀଙ୍କ ବଢ଼ିବ ୧୦୦ ପ୍ରତିଶତ ବେତନ!




ନୂଆଦିଲ୍ଲୀ, ୮।୪ଃପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର କ୍ୟାବିନେଟ ଅଷ୍ଟମ ବେତନ ଆୟୋଗ (ସିପିସି)ର କାର୍ଯ୍ୟକ୍ଷେତ୍ରକୁ ମଞ୍ଜୁରୀ ପ୍ରଦାନ କରିଛି। ଏହାଛଡା ସରକାର ନୂଆ ସିପିସି ଗଠନ ଓ ଅଧିସୂଚନା ମଧ୍ୟ ଜାରି କରିଛନ୍ତି। ଆୟୋଗଙ୍କ ସୁପାରିଶ ପାଖାପାଖି ୧.୨କୋଟି କେନ୍ଦ୍ର ସରକାରୀ କର୍ମଚାରୀ ଓ ପେନସନ ଭୋଗୀଙ୍କ ନିମନ୍ତେ ଲାଗୁ ହେବ। କେନ୍ଦ୍ର ସରକାର ଜାନୁୟାରୀ ୨୦୨୫ରେ କେନ୍ଦ୍ରୀୟ ସରକାରୀ କର୍ମଚାରୀଙ୍କ ବେତନ ଓ ଅନ୍ୟ ଲାଭ ସମୀକ୍ଷା ନିମନ୍ତେ ଏଥିରେ ସଂଶୋଧନ ସୁପାରିଶ କରିବା ପାଇଁ ଅଷ୍ଟମ ସିପିସି ଗଠନର ଘୋଷଣା କରିଛନ୍ତି।

ଭାରତର ସର୍ବୋଚ୍ଚ ନ୍ୟାୟାଳୟଙ୍କ ପୂର୍ବତନ ବିଚାରପତି ଜଷ୍ଟିସ୍ ରଞ୍ଜନା ପ୍ରକାଶ ଦେଶାଇଙ୍କୁ ଅଷ୍ଟମ ବେତନ ଆୟୋଗ ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ସେହିପରି ଆଇଆଇଏମ ବେଙ୍ଗାଲୁରୁର ପ୍ରଫେସର ପୁଲକ ଘୋଷଙ୍କୁ ବେତନ ଆୟୋଗର ଅଂଶକାଳୀନ ସଦସ୍ୟ ନିଯୁକ୍ତ କରାଯାଇଛି। ସରକାର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରାଳୟଙ୍କ ସଚିବ ପଙ୍କଜ ଜୈନଙ୍କୁ ବେତନ ଆୟୋଗଙ୍କ ସଦସ୍ୟ ସଚିବ ନିଯୁକ୍ତ କରିଛନ୍ତି।

ନୂଆ ବେତନ ଆୟୋଗଙ୍କ ସମୟ ସୀମା ସପ୍ତମ ବେତନ ଆୟୋଗ ସୁପାରିଶକୁ ୬ ମାସ ମଧ୍ୟରେ ମଞ୍ଜୁରୀ ମିଳି ଯାଇଥିଲା, ଯାହାକୁ ୧ ଜାନୁୟାରୀ ୨୦୧୬ରୁ ଲାଗୁ କରାଯାଇଥିଲା। ଯଦି ଆମେ ଏହି ସମୟୀମାକୁ ଧରିବା ଅଷ୍ଟମ ବେତନ ଆୟୋଗ ଏବେଠାରୁ ପାଖାପାଖି ୨୦ ମାସ ପରେ ଲାଗୁ ହେବ ବୋଲି ଆଶା କରାଯାଉଛି। ସପ୍ତମ ବେତନ ଆୟୋଗଙ୍କ କାର୍ଯ୍ୟକାଳ ସମାପ୍ତ ହେବା ପରେ ଅଷ୍ଟମ ବେତନ ଆୟୋଗ ପ୍ରାବଧାନ ୧ଜାନୁୟାରୀ ୨୦୨୬ରୁ ଲାଗୁ ହେବ। ସାଧାରଣତଃ ବେତନ ଆୟୋଗଙ୍କ ସୁପାରିଶ ପ୍ରତି ୧୦ ବର୍ଷ ଅନ୍ତରାଳରେ ଲାଗୁ କରାଯାଇଥାଏ। ଏଣୁ ଏହାକୁ ଦେଖିଲେ ଅଷ୍ଟମ ବେତନ ଆୟୋଗ ସୁପାରିଶ ୧ ଜାନୁୟାରୀ ୨୦୨୬ରୁ କାର୍ଯ୍ୟକାରୀ ହେବ।

ଏବେ କେନ୍ଦ୍ର ସରକାରଙ୍କ କର୍ମଚାରୀ ଓ ପେନସନଭୋଗୀଙ୍କୁ ସପ୍ତମ ବେତନ ଆୟୋଗ ଅନୁସାରେ ବେତନ ଓ ପେନସନ ପ୍ରଦାନ କରାଯାଉଛି। ଏଥିରେ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ସର୍ବ ନିମ୍ନ ମୂଳ ବେତନ ୧୮,୦୦୦ ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ପେନସନଭୋଗୀଙ୍କ ସର୍ବନିମନ୍ନ ପେନସନ ୯,୦୦୦ ଟଙ୍କା ରହିଛି। ସେହିପରି ସପ୍ତମ ବେତନ ଆୟୋଗ ସୁପାରିଶ ଅନୁସାରେ ସର୍ବାଧିକ ମୂଳ ବେତନ ୨,୨୫,୦୦୦ ଟଙ୍କା ରହିଛି। ଏହି ସମୟରେ କ୍ୟାବିନେଟ ସଚିବ ଓ ଅନ୍ୟ ଉଚ୍ଚ ପଦପଦବୀରେ ଅବସ୍ଥାପିତ ଆଧିକାରୀଙ୍କୁ ମାସିକ ୨,୫୦,୦୦୦ ଟଙ୍କା ବେତନ ମିଳୁଛି। ସପ୍ତମ ବେତନ ଆୟୋଗରେ ଫିଟମେଣ୍ଟ ୨.୫୭% ନିର୍ଧାରଣ କରାଯାଇଥିଲା। ଏହାଛଡା ବର୍ତ୍ତମାନର ମହଙ୍ଗା ଭତ୍ତା ୫୮ ପ୍ରତିଶତରେ ରହିଛି।

ବିଶେଷଜ୍ଞଙ୍କ ପୂର୍ବାନୁମାନକୁ ଧ୍ୟାନରେ ରଖି ଅଷ୍ଟମ ବେତନ ଆୟୋଗରେ ସ୍ୱୀକୃତ ଫିଟମେଣ୍ଟ ଫ୍ୟାକ୍ଟର ୨ ହୋଇପାରେ। କର୍ମଚାରୀଙ୍କ ସର୍ବନିମ୍ନ ମୂଳ ବେତନ-୩୬,୦୦୦ ଟଙ୍କା, ପେନସନଭୋଗୀଙ୍କ ଲାଗି ସର୍ବନିମ୍ନ ମୂଳ ପେନସନ-୧୮,୦୦୦ ଟଙ୍କା ହୋଇପାରେ। ଉଲ୍ଲେଖଯୋଗ୍ୟ ଯେ ସପ୍ତମ ବେତନ ଆୟୋଗ ଅନୁସାରେ ମୂଳ ବେତନରେ ବେତନ ଓ ପେନସନ ୧୦୦ ପ୍ରତିଶତ ବୃଦ୍ଧି ଯେଉଁଥିରେ ମହଙ୍ଗା/ ମାନ୍ଦାବସ୍ଥା ଭତ୍ତା ମିଳିତ ରହିଛି।




### ପୂରା ପରିବାର ଉଜାଡି ଦେଲା ଶର୍ଟକଟ୍

## ଅଧାବାଟରେ ଚାଲିଗଲା ୯ ଜୀବନ

ନାଶିକ, ୮।୪ଃ ସଂସାର ଉଜାଡିଦେଲା ସର୍ଟକଟ୍। ଘରେ ଶୀଘ୍ର ପହଞ୍ଚିବାକୁ ସର୍ଟକଟ ନେଇ ଯାଉଥିବା ବେଳେ ଭୟଙ୍କର ଦୁର୍ଘଟଣାରେ ଚାଲିଗଲା ୯ ଜୀବନ। ଏମିତି ଏକ ଲୋମଟାଙ୍କୁରା ଘଟଣା ଘଟିଛି ମହାରାଷ୍ଟ୍ରର ନାଶିକରେ। ଘରେ ଶୀଘ୍ର ପହଞ୍ଚିବାକୁ ସର୍ଟକଟ ନିଷ୍ପତ୍ତି ପୂରା ପରିବାରକୁ ଛାରଖାର କରିଦେଇଛି। ୩୪ ବର୍ଷୀୟ ସୁନୀଲ ଦରଗୋଡେଙ୍କ ପରିବାର ନାସିକରୁ ପ୍ରାୟ ୪୦ କିଲୋମିଟର ଦୂର ଡିଣ୍ଡୋରିରେ ଏକ ଘରୋଇ କୋଚିଂ ସେଣ୍ଟର ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇଥିଲେ। ସେଠୁ ଫେରୁ ଫେରୁ ସନ୍ଧ୍ୟା ହୋଇଗଲା। ସୁନୀଲ କାର୍ ଚଲାଉଥିବା ବେଳେ ତାଙ୍କ ପତ୍ନୀ ରେସମା, ଭାଉଜ ଆଶା ଓ ଘରର ୬ ଜଣ ପିଲା ପଛରେ ବସିଥିଲେ। ଘରେ ଶୀଘ୍ର ପହଞ୍ଚିବାକୁ ସେ ମେନ୍ ରୋଡ ଛାଡି ଗୋଟିଏ ସର୍ଟକଟ ରାସ୍ତାରେ ଗାଡିକୁ ନେଇଥିଲେ। ଅଧବାଟରେ ତାଙ୍କ ଗାଡି ଗୋଟିଏ କାନ୍ଥରେ ପିଟି ହୋଇ ରାସ୍ତାକଡରେ ଥିବା ଏକ ଗଭୀର କୂଅ ଭିତରକୁ ଖସି ପଡିଥିଲା। କୂଅରେ ୪୦ ଫୁଟର ପାଣି ଥିଲା ।

ଦୁର୍ଘଟଣାର ପ୍ରଚଣ୍ଡ ଶବ୍ଦ ଶୁଣି ଆଖପାଖର ଲୋକେ ଦୌଡ଼ି ଆସିଥିଲେ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ହେଲେ କୂଅଟି ଖୁବ୍ ଅନ୍ଧାର ଓ ଗଭୀର ଥିବାରୁ ସହଜରେ କାହାକୁ ଉଦ୍ଧାର କରାଯାଇପାରିନଥିଲା । ଅଗ୍ନିଶମ କର୍ମଚାରୀ କୂଅ ଭିତରକୁ ଡେଇଁ କ୍ରେନ ଦ୍ୱାରା ରଶିରେ ଗାଡିକୁ ବାହାର କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ସେତେବେଳକୁ ବହୁ ଡେରି ହୋଇସାରିଥିଲା। ଗାଡିରେ ଥିବା ସମସ୍ତେ ୯ ଜଣଙ୍କ ମୃତ୍ୟୁ ଘଟିଥିଲା। ଡିଣ୍ଡୋରି ନିକଟରେ ହୋଇଥିଲା ଏହି ଭୟଙ୍କର ଦୁର୍ଘଟଣା।

# ବର୍ଜ୍ୟ ସଂଗ୍ରହ ପାଇଁ ତିନି ଚକିଆ ସଫେଇ ଟ୍ରଲି



ଭୁବନେଶ୍ୱର,୮।୪(ସଂଚାର ବ୍ୟୁରୋ)ଃ ସ୍ୱଚ୍ଛ ସର୍ବେକ୍ଷଣରେ ପୁଣି ଯୋଡିହେଲା ଆଉ ଏକ ଫର୍ଦ୍ଦ। ଏଥର ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ପ୍ରତ୍ୟେକ ଗଳିକନ୍ଦିରୁ ଉଠିବ ବର୍ଜ୍ୟ। ଯେଉଁସ୍ଥାନକୁ ସଫେଇ ଗାଡି ଯାଇପାରୁ ନାହିଁ ସେ ସ୍ଥାନକୁ ଏଣିକି ଯିବ ତିନି ଚକିଆ ସଫେଇ ଟ୍ରଲି। ପୂର୍ବରୁ ସ୍ୱଚ୍ଛକର୍ମୀଙ୍କୁ ଦିଆଯାଉଥିବା ହାତଠେଲା ଗାଡି ବା ପୁସ୍ କାର୍ଟ ବଦଳରେ ବିଏମସି ଏହି ତିନି ଚକିଆ ସଫେଇ ଟ୍ରଲି ଦେଇଛି। ସ୍ୱଚ୍ଛ କର୍ମୀମାନେ ଏହାକୁ ପେଡଲ ସହାୟତାରେ ଚଳାଇ ଗଳିକନ୍ଦିରୁ ବର୍ଜ୍ୟ ସଂଗ୍ରହ କରିବେ। ଏହା ଫଳରେ କମ୍ ସମୟ ମଧ୍ୟରେ ଅଧିକ ଗଳିକନ୍ଦିରୁ ବର୍ଜ୍ୟ ସଂଗ୍ରହ କରିବା ସହ ସେଗୁଡିକୁ ଉପଯୁକ୍ତ ଭାବେ ସ୍ଥାନାନ୍ତର କରାଯାଇପାରିବ। ଏହି ତିନି ଚକିଆ ସଫେଇ ଟ୍ରଲିକୁ ଆଜି ବିଏମସି ମୁଖ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ ଓ କମିଶନର ଚଞ୍ଚଳ ରାଣା ଲୋକାର୍ପଣ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପରିମଳ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୂପକାର, ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସଙ୍କ ସହ ବହୁ କର୍ପୋରେଟର, ସ୍ୱଚ୍ଛ କର୍ମୀଙ୍କ ଓ ଟିମ୍ ବିଏମସି ଉପସ୍ଥିତ ଥିଲେ। ଏହି ତିନି ଚକିଆ ସଫେଇ ଟ୍ରଲିରେ ଓଦା ଓ ଶୁଖିଲା ବର୍ଜ୍ୟ ପାଇଁ ସ୍ୱତନ୍ତ୍ର ଭାବେ ବିଭାଜନ କରାଯାଇଛି। କେବଳ ସେତିକି ନୁହେଁ, ଏଥିରୁ ବର୍ଜ୍ୟ ଢାଳିବା ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ତିନୋଟି ଜୋନର ୬୭ ଓ୍ୱାର୍ଡ ପାଇଁ ମୋଟ ୪୪ଟି ଗାଡି ପ୍ରଦାନ କରାଯାଇଛି। ସ୍ୱଚ୍ଛ ସର୍ବେକ୍ଷଣ ଅବସରରେ ବିଏମସି ଅଞ୍ଚଳର ସବୁ ଗଳିକନ୍ଦିରୁ ଯେପରି ସହଜରେ ଏବଂ କମ ସମୟ ମଧ୍ୟରେ ବର୍ଜ୍ୟ ଉଠିପାରିବ, ସେଥିପାଇଁ ଏହି ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ ସ୍ୱଚ୍ଛ କର୍ମୀମାନେ ସମ୍ମାନର ସହ ଏହି ତିନି ଚକିଆ ସଫେଇ ଟ୍ରଲିରେ ବର୍ଜ୍ୟ ସଂଗ୍ରହ କରିବେ ବୋଲି କହିଛନ୍ତି ମେୟର ଓ କମିଶନର।

## ଗଛ ପଡ଼ି ଚାଲିଗଲା ଯବାନଙ୍କ ଜୀବନ

ରାଉରକେଲା,୮।୪(ସଂଚାର ବ୍ୟୁରୋ)ଃ ପ୍ରକୃତିର ପ୍ରକୋପରେ ପ୍ରାଣ ହରାଇଛନ୍ତି ଜଣେ ଦେଶର ସୁରକ୍ଷାକର୍ମୀ । ଝାଡ଼ଖଣ୍ଡର ସରଣ୍ଡା ଜଙ୍ଗଲରେ ମାଓବାଦୀଙ୍କୁ ଦମନ କରିବା ପାଇଁ ନିୟୋଜିତ କୋବ୍ରା ବାହିନୀର ଜଣେ ଯବାନଙ୍କ ଉପରେ ବିଳମ୍ବିତ ରାତିରେ ଗଛ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି । ମୃତ ଯବାନ ଜଣକ ହେଉଛନ୍ତି ରାକେଶ କୁମାର । ମିଳିଥିବା ସୂଚନା ଅନୁଯାୟୀ, ସରଣ୍ଡା ଜଙ୍ଗଲର ବାବୁଡେରା ଅଞ୍ଚଳରେ ମାଓବାଦୀଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ କୋବ୍ରା ବାହିନୀର ଏକ ଅସ୍ଥାୟୀ କ୍ୟାମ୍ପ ରହିଛି । ଗତକାଲି ବିଳମ୍ବିତ ରାତିରେ ସେହି ଅଞ୍ଚଳରେ ପ୍ରବଳ ଝଡ଼ତୋଫାନ ହୋଇଥିଲା । ସେହି ସମୟରେ ଯବାନ ରାକେଶ କୁମାର କ୍ୟାମ୍ପ ବାହାରେ ସେଣ୍ଟ୍ରି ଡ୍ୟୁଟିରେ ନିୟୋଜିତ ଥିଲେ ।

# ମେ’ ୫ରୁ ପ୍ରଥମ ଡ. ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ଚେସ୍

## ୨୦ ହଜାର ଟଙ୍କାର ପୁରସ୍କାର ରାଶି

ଭୁବନେଶ୍ୱର,୮।୪(ସଂଚାର ବ୍ୟୁରୋ)ଃ ଖୋର୍ଦ୍ଧା ଜିଲ୍ଲା ଚେସ ଆସୋସିଏସନ୍ ପକ୍ଷରୁ ଅଲ୍ ଓଡ଼ିଶା ଚେସ ଆସୋସିଏସନ୍ ସହଯୋଗରେ ପ୍ରଥମ ଥର ପାଇଁ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଡ. ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତିରେ ‘ପ୍ରଥମ ଡ. ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ଓଡ଼ିଶା ରାଜ୍ୟ ଅଣ୍ଡର୍-୭ ଚେସ ଚାମ୍ପିଅନସିପ ଅନୁଷ୍ଠିତ ହେବ। ଏହା ଆସନ୍ତା ମାସ ୫ରୁ ୭ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ନୟାପଲ୍ଲୀସ୍ଥିତ ପ୍ରୋ-ଚେସ୍-ଟିଏ’ଠାରେଠାରେ ଆୟୋଜିତ ହେବ। ଏଥିରେ ଓଡ଼ିଶାର ସବୁ ଜିଲ୍ଲାର ମହିଳା ଓ ପୁରୁଷ ବର୍ଗରେ ଖେଳାଳି ଭାଗ ନେବେ। ଏଠାରୁ ଚୟନ ହୋଇଥିବା ଉଭୟ ବର୍ଗର ଶ୍ରେଷ୍ଠ ୪ ଖେଳାଳି ସର୍ବଭାରତୀୟ ସ୍ତରରେ ମହାରାଷ୍ଟ୍ରରେ ହେବାକୁ ଥିବା ଅଣ୍ଡର୍-୭ ଚେସ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ଏହି ପରିପ୍ରେକ୍ଷୀରେ ଗତକାଲି ପୂର୍ବାହ୍ନରେ ଟୁର୍ଣ୍ଣାମେଣ୍ଟର ବିଜ୍ଞପ୍ତି ଡ. ଦେବେନ୍ଦ୍ର ପ୍ରଧାନ ସ୍ମୃତି କମିଟିର ସଭାପତି ତଥା ଓଡ଼ିଶା ବିଜେପିର ବରିଷ୍ଠ ନେତା ସମୀର ମହାନ୍ତି ଉନ୍ମୋଚନ କରିଛନ୍ତି। ଅଲ୍ ଓଡ଼ିଶା ଚେସ ଆସୋସିଏସନ୍‌ର ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି, ଖୋର୍ଦ୍ଧା ଜିଲ୍ଲା ଚେସ ଆସୋସିଏସନ୍‌ର ସମ୍ପାଦକ ଶୁଭାଶିଷ ପଟ୍ଟନାୟକ, ଆୟୋଜନ ସମିତିର ସଂଯୋଜକ ଲଲାଟ କେଶରୀ ସାମଲ, ବରିଷ୍ଠ ଓକିଲ ଅଶୋକ ସ୍ୱାଇଁ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ଭାଗ ନେବା ସକାଶେ ଆସନ୍ତା ୩ ତାରିଖ ରାତି ୮ଟା ମଧ୍ୟରେ ଖେଳାଳିମାନେ ସେମାନଙ୍କ ନାମ ଖୋର୍ଦ୍ଧା ଜିଲ୍ଲା ଚେସ ସଂଘ ସମ୍ପାଦକ ଶ୍ରୀ ପଟ୍ଟନାୟକ (୯୮୬୧୩-୯୧୨୫୮) ଓ ଶ୍ରୀ ମହାନ୍ତି (୯୯୩୭୮-୮୬୩୭୨)ଙ୍କୁ ଦେଇପାରିବେ। ୭ ରାଉଣ୍ଡ ବିଶିଷ୍ଟ ଏହି ତିନିଦିନିଆ ପ୍ରତିଯୋଗିତାରେ ନାମ ପଞ୍ଜିକରଣ ପାଇଁ ୬୦୦ ଟଙ୍କା ପ୍ରବେଶ ଶୁଳ୍କ ରହିଛି। ଟୁର୍ଣ୍ଣାମେଣ୍ଟରେ ମୋଟ ୨୦ ହଜାର ଟଙ୍କାର ନଗଦ ପୁରସ୍କାର ରାଶି ସହ ୨୬ଟି ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯିବ। ପ୍ରତିଯୋଗିତା ପରିଚାଳନା କରିବେ ଆୟୋଜନ ସମିତିର ସଭ୍ୟ ସ୍ୱୟଂସୁ ସତ୍ୟକାମ, ଡ. ସୁଶାନ୍ତ ଷଡ଼ଙ୍ଗୀ, ଡ. ଚନ୍ଦ୍ରଶେଖର ମିଶ୍ର, ଦୀପକ ପାତ୍ର, ରାଜେନ୍ଦ୍ର କୁମାର ସାହୁ ଓ ଶୁଭବ୍ରତ ମିତ୍ର।




# ରାଜାକୁ ରିମାଣ୍ଡରେ ନେବ କର୍ଣ୍ଣାଟକ ପୁଲିସ



କଟକ,୮।୪(ସଂଚାର ବ୍ୟୁରୋ)ଃ ରିମାଣ୍ଡରେ ଯିବ କୁଖ୍ୟାତ ଅପରାଧୀ ରାଜା ସାହାଣୀ। ୭ ଦିନିଆ ରିମାଣ୍ଡରେ ନେବାକୁ ଅନୁମତି ଦେଲେ କଟକ ଜେଏମଏଫସି କୋର୍ଟ। ରିମାଣ୍ଡ ଆବେଦନ କରିଥିଲା କର୍ଣ୍ଣାଟକ ପୁଲିସ। ୨୦ କୋଟି ଟଙ୍କାର ସୁନା ଗହଣା ଲୁଟ ମାମଲାରେ କରିବ ପଚରା ଉଚରା। ଆସନ୍ତା ୯ ରୁ ୧୫ ତାରିଖ ଯାଏଁ ରିମାଣ୍ଡରେ ନେବାକୁ ଅନୁମତି ମିଳିଛି। ଗତ ଡିସେମ୍ବର ୨୮ରେ କର୍ଣ୍ଣାଟକ ମହୀଶୁର ଜିଲ୍ଲାର ହୁନସୁର୍ ଟାଉନ୍‌ରେ ଏକ ଗହଣା ଦୋକାନରୁ ଡକାୟତି କରି ୨୦ କୋଟି ଟଙ୍କାର ସୁନା ଅଳଙ୍କାର ଲୁଟ୍ କରିଥିଲା ରାଜା। ସେନେଇ ସେଠାକାର ପୁଲିସ୍ ରାଜାକୁ ଜେରା କରିବ।

ଯାଜପୁର ଜିଲ୍ଲା ପାଣିକୋଇଲି ପଣ୍ଡା ଅଳଙ୍କାର ଲୁଟ ଘଟଣାରେ ବିହାରର ରାଜା ସାହାଣୀ ଏବଂ ମଧୁକାନ୍ତ କୁମାର ଗିରଫ କରାଯାଇ ଚୌଦ୍ୱାର ଜେଲରେ ରଖାଯାଇଥିଲା। ହେଲେ ୨୦୨୫ ଅକ୍ଟୋବର ୨ ତାରିଖ ବିଳମ୍ବିତ ରାତିରେ ଦୁହେଁ ପାଚେରୀ ଡେଇଁ ଜେଲରୁ ଫେରାର ହୋଇଥିଲେ। ଚମ୍ପଟ ମାରିଥିବା ମଧୁକାନ୍ତ ରାଣାକୁ ଉତ୍ତର ପ୍ରଦେଶର ବୃନ୍ଦାବନରୁ ପୁଲିସ୍ ଗିରଫ କରିଥିଲା କମିଶନରେଟ ପୁଲିସ୍। ରାଜା ସାହାଣୀର ଘର ବିହାରର ବେଗୁସରାଇରେ। ଗତ ଫେବ୍ରୁଆରୀ ୧୪ ତାରିଖରେ ମଧୁକାନ୍ତକୁ ବୃନ୍ଦାବନରୁ ପୁଲିସ୍ ଧରିଥିବା ବେଳେ ଚକମା ଦେଇ ଖସି ଯାଇଥିଲା ରାଜା ସାହାଣୀ। ଫେରାର୍ ହେବା ପରେ ରାଜା ସାହାଣୀ କର୍ଣ୍ଣାଟକ ମହୀଶୂର ଜିଲ୍ଲାର ହୁନ୍ସୁର୍ ଟାଉନରେ ୨୦୨୫ ଡିସେମ୍ବର ୨୮ରେ ଏକ ଗହଣା ଦୋକାନରୁ କରିଥିଲା ଡକାୟତି। ଦିନ ପ୍ରାୟ ୨ଟା ସମୟରେ ହୁନସୁର ବସଷ୍ଟାଣ୍ଡ ନିକଟରେ ଥିବା ସ୍କାଏ ଗୋଲଡ୍ ଏବଂ ଡାଇମଣ୍ଡ ଗହଣା ଦୋକାନରୁ ରାଜା ନେତୃତ୍ୱରେ ୫ଜଣ ମୁଖାପିନ୍ଧା ଦୁର୍ବୃତ୍ତ ବ୍ଲାଙ୍କ ଫାୟାରିଂ କରି ମାତ୍ର ୬ ମିନିଟରେ ୮କେଜି ସୁନା ଓ ହୀରା ଅଳଙ୍କାର ଲୁଟି ନେଇଥିଲେ। ଯାହା ମୂଲ୍ୟ ପ୍ରାୟ କୋଟି କୋଟି ଟଙ୍କା ହେବ। ଏହି ଘଟଣା ପରେ ଓଡ଼ିଶାର ଚୌଦ୍ୱାର ଜେଲରୁ ଫେରାର୍ ରାଜା ସାହାଣୀ ପଛରେ ପଡ଼ିଯାଇଥିଲା କର୍ଣ୍ଣାଟକ ପୁଲିସ୍।



# ରାସ୍ତାରେ ଚୁଡ଼ା ସନ୍ତୁଳା ବିକିଲେ ଉମା ଭାରତୀ

ମଧ୍ୟପ୍ରଦେଶ, ୮।୪ (ସଂଚାର ବ୍ୟୁରୋ) ଃ ମଧ୍ୟପ୍ରଦେଶର ଟିକମଗଡ଼ରେ ମଙ୍ଗଳବାର ସକାଳେ ଏକ ବିଚିତ୍ର ଦୃଶ୍ୟ ଦେଖିବାକୁ ମିଳିଥିଲା। ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଉମା ଭାରତୀ ରାସ୍ତାକଡ଼ରେ ଛୋଟ ଜଳଖିଆ ଷ୍ଟଲରେ ଛିଡ଼ା ହୋଇ ଲୋକଙ୍କୁ ଗରମ ଗରମ ପୋହା (ଚୁଡ଼ା ସନ୍ତୁଳା) ଖାଇବାକୁ ଦେଉଥିବା ଦେଖିବାକୁ ମିଳିଥିଲା। ରାସ୍ତା କଡ଼ରେ ଥିବା ବିକ୍ରେତାଙ୍କୁ ନଗରପାଳିକା କର୍ତ୍ତୃପକ୍ଷଙ୍କ ହଟାଇବା ପ୍ରତିବାଦରେ ଏହା ଉମାଙ୍କର ପ୍ରତିବାଦ ଶୈଳୀ ଥିଲା। ୬୬ ବର୍ଷୀୟ ଉମା ଭାରତୀ ସିଭିଲ ଲାଇନ ଅଞ୍ଚଳରେ ଉଠା ଦୋକାନୀଙ୍କ ସମର୍ଥନରେ ପ୍ରତିବାଦ କରିଥିଲେ। ଦିନକ ପୂର୍ବରୁ ପୌରପାଳିକା ଜବରଦଖଲ ଅଭିଯାନର ଅଂଶ ସ୍ୱରୂପ ବିକ୍ରେତାମାନଙ୍କୁ ହଟାଇ ଦେଇଥିଲା। ଭଙ୍ଗା ଗାଡ଼ି ଏବଂ ବିଛାଡ଼ି ହୋଇ ପଡ଼ିଥିବା ଖାଇବା ପ୍ଲେଟ ପୌରପାଳିକାର ନିର୍ଦ୍ଦୟତାକୁ ବଖାଣୁଥିଲା। ଉମା ପ୍ରତିବାଦ କରିବା ସହିତ ପୌର ପ୍ରଶାସନ ସହିତ କଥାବାର୍ତ୍ତା ପରେ ସେମାନେ ଏହାକୁ ତୁରନ୍ତ ବନ୍ଦ କରିଦେବେ ବୋଲି କହିଥିଲେ। ଉମାଙ୍କ ଚାରିପଟେ ନିଜ ଜୀବନ ଜୀବିକା ଉଚ୍ଛେଦ ପ୍ରତିବାଦରେ ଅନେକ ଦୋକାନୀ ଛିଡ଼ା ହୋଇ ରହିଥିଲେ। ଦୋକାନୀଙ୍କୁ ସେହି ଜାଗାରେ କାମ କରିବାକୁ ଦେବାକୁ ଉମା ଭାରତୀ ଦାବି କରିଥିଲେ। ଉମା ଏନେଇ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଓ ରାଜ୍ୟ ବିଜେପି ମୁଖ୍ୟ ହେମନ୍ତ ଖଣ୍ଡେଲୱାଲଙ୍କ ସହିତ କଥାବାର୍ତ୍ତା ମଧ୍ୟ କରିଥିଲେ। ଉମାଙ୍କ ପ୍ରତିବାଦ ଶୈଳୀ ସହରରେ ଯେତିକି ଚର୍ଚ୍ଚାରେ ରହିଥିଲା ସେତିକି ଲୋକ ତାଙ୍କୁ ସମର୍ଥନ କରି ସେଠାରେ ଉପସ୍ଥିତ ମଧ୍ୟ ଥିଲେ।

## କୋଲକାତା ବିମାନବନ୍ଦରରେ ଇଣ୍ଡିଗୋ ବିମାନ ସହ ଗାଡି ଧକ୍କା

କୋଲକାତା,୮।୪(ସଂଚାର ବ୍ୟୁରୋ)ଃ କୋଲକାତା ବିମାନବନ୍ଦରରେ ଦୁର୍ଘଟଣା। ମଙ୍ଗଳବାର ରାତିରେ, ୫୧ ନମ୍ବର ବେ-ତେ ଇଣ୍ଡିଗୋ ବିମାନ ଠିଆହୋଇଥିଲା। ସେଠାରେ ଏକ କ୍ୟାଟରିଂର ଗାଡି ଆସି ବିମାନର ଇଞ୍ଜିନରେ ଜୋରରେ ଧକ୍କା ଦେଇଥିଲା। ଖବର ଅନୁଯାୟୀ ଏହି ଘଟଣାରେ କେହି ଆହତ ହୋଇ ନାହାଁନ୍ତି। ବିମାନବନ୍ଦର କର୍ମଚାରୀଙ୍କ ତୁରନ୍ତ ପ୍ରତିକ୍ରିୟା ପାଇଁ ପରିସ୍ଥିତି ଶୀଘ୍ର ନିୟନ୍ତ୍ରଣରେ ଆସିଥିଲା। ବିମାନର ଇଞ୍ଜିନରେ କେତେ କ୍ଷତି ହୋଇଛି ତାହା ନିର୍ଣ୍ଣୟ କରିବା ପାଇଁ ବର୍ତ୍ତମାନ ଏକ ମୂଲ୍ୟାଙ୍କନ ଚାଲିଛି। ବିମାନବନ୍ଦର ସୂତ୍ର ଅନୁଯାୟୀ, ମଙ୍ଗଳବାର ରାତିରେ ୫୧ ନମ୍ବର ବେ-ତେ ଏକ ଇଣ୍ଡିଗୋ ବିମାନ ଠିଆ ହୋଇଥିଲା। ବିମାନବନ୍ଦର କ୍ୟାଣ୍ଟିନ ଟିକିଏ ଦୂରରେ ଅବସ୍ଥିତ ଥିଲା, ଯେଉଁଠାରେ ଏକ କ୍ୟାଟରିଂ ଗାଡ଼ି ରଖାଯାଇଥିଲା। ଗାଡ଼ିଟି ନିୟନ୍ତ୍ରଣ ହରାଇ ଠିଆ ହୋଇଥିବା ବିମାନର ଇଞ୍ଜିନ ସହିତ ଧକ୍କା ହୋଇଥିଲା। ଯାତ୍ରୀମାନେ ସୁରକ୍ଷିତ ଥିବା ସୂଚନା ମିଳିଛି। ତେବେ, ଏହି ଘଟଣାକୁ ନେଇ ଆତଙ୍କ ସୃଷ୍ଟି କରିଛି। ଦୁର୍ଘଟଣା କିପରି ଘଟିଲା ତାହା ନିର୍ଣ୍ଣୟ କରିବା ପାଇଁ ତଦନ୍ତ ଚାଲିଛି।

## ଜେଲରେ କଡ଼ା ନଜର ରଖିବାକୁ କମିଶନ୍‌ଙ୍କ ନିର୍ଦ୍ଦେଶ

କୋଲକାତା,୮।୪(ସଂଚାର ବ୍ୟୁରୋ)ଃ ଆଗାମୀ ବିଧାନସଭା ନିର୍ବାଚନ ପୂର୍ବରୁ, ନିର୍ବାଚନ କମିଶନ ରାଜ୍ୟର ସମସ୍ତ ଜେଲ ଏବଂ ସୁଧାର କେନ୍ଦ୍ରଗୁଡ଼ିକରେ କଡ଼ା ସୁରକ୍ଷା ଏବଂ ନଜର ରଖିବା ପାଇଁ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। କମିଶନ କହିଛନ୍ତି ଯେ ଏକ ମୁକ୍ତ, ଶାନ୍ତିପୂର୍ଣ୍ଣ ଏବଂ ସ୍ୱଚ୍ଛ ନିର୍ବାଚନ ସୁନିଶ୍ଚିତ କରିବା ପାଇଁ ଏହି ପ୍ରତିଷ୍ଠାନଗୁଡ଼ିକ ମଧ୍ୟରେ ସ୍ୱତନ୍ତ୍ର ସତର୍କତା ବଜାୟ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କମିଶନଙ୍କ ଦ୍ୱାରା ଘୋଷିତ କାର୍ଯ୍ୟସୂଚୀ ଅନୁଯାୟୀ, ଭୋଟଦାନ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ, ଏପ୍ରିଲ ୨୩ ଏବଂ ଏପ୍ରିଲ ୨୯। ଭୋଟ ଗଣତି ମେ ୪ ତାରିଖରେ ହେବ ଏବଂ ସମଗ୍ର ନିର୍ବାଚନ ପ୍ରକ୍ରିୟା ମେ ୬ ତାରିଖରେ ଶେଷ ହେବ। ଏହି ପରିପ୍ରେକ୍ଷୀରେ, ଜେଲ ପ୍ରଶାସନକୁ ଅନେକ କଡ଼ା ନିର୍ଦ୍ଦେଶ ଜାରି କରାଯାଇଛି। ରାଜ୍ୟର ସମସ୍ତ ଜେଲରେ ନିୟମିତ ଏବଂ ଅଚାନକ ତଲାସି କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ମଦ କୁଡ଼ିଆ, ପର୍ଯ୍ୟଟନ ବିଭାଗ ନିରବ



ଭୁବନେଶ୍ୱର,୮।୪ଃ ଓଡ଼ିଶା ସରକାର ତାଙ୍କ ଅବକାରୀ ନୀତିରେ ପୁରୀ ପୌରାଞ୍ଚଳ ଛଡ଼ା ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ସମୁଦ୍ର, ନଦୀ, ହ୍ରଦ, ଜଳଭଣ୍ଡାର ଆଦି କୂଳରେ ମଦ କୁଡ଼ିଆ ଖୋଲିବା ପାଇଁ ପୁଣିଥରେ ଘୋଷଣା କରିବା ପରିପ୍ରେକ୍ଷୀରେ ଏହି ବେପାର ପାଇଁ ବହୁ ଲୋକ ଚାତକ ଭଳି ଅନାଇ ବସିଛନ୍ତି। ତେବେ ଏ କ୍ଷେତ୍ରରେ ପର୍ଯ୍ୟଟନ ବିଭାଗ ତାହାର ମତ ସ୍ପଷ୍ଟ କରୁନଥିବାରୁ ମଦ କୁଡ଼ିଆ କେଉଁଠି କେବେ ଖୋଲିବ ସେଥିନେଇ ସଂଶୟ ଉପୁଜୁଛି। ଅନ୍ୟପକ୍ଷରେ ଦଳମତ ନିର୍ବିଶେଷରେ ବିଭିନ୍ନ ସ୍ଥାନରୁ ସାଧାରଣ ଲୋକେ ବିଶେଷକରି ମହିଳାମାନେ ଏହା ବିରୋଧରେ ସ୍ୱର ଉତ୍ତୋଳନ କରୁଛନ୍ତି।

ଏଠାରେ ଉଲ୍ଲେଖନୀୟ ଯେ ବିଜେଡି ସରକାର ସମୟରେ ମଦ କୁଡ଼ିଆ ସ୍ଥାପନ ପାଇଁ ଘୋଷଣା ହୋଇଥିଲା। ସେତେବେଳେ ବିଜେପି ସମେତ ବିଭିନ୍ନ ରାଜନୈତିକ ଦଳ ଏହାର ଖୋଲା ବିରୋଧ କରିଥିଲେ। ଏହାଛଡ଼ା ପୁରୀ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ମଦ କୁଡ଼ିଆ ବିରୋଧରେ ଜନମତ ପ୍ରକାଶ ପାଇଥିଲା। ଏଭଳି ସ୍ଥିତିରେ ଗତ ସରକାର ସମୟରେ ମଦ କୁଡ଼ିଆ ଖୋଲିବା ଯୋଜନା ବନ୍ଦ ହୋଇଯାଇଥିଲା। ଗତ ବର୍ଷ ବର୍ତ୍ତମାନର ସରକାର ସମୁଦ୍ର କୂଳରେ ମଦ କୁଡ଼ିଆ ଖୋଲିବା ପାଇଁ ନୀତିଗତ ଭାବେ ଘୋଷଣା କରିବା ପରେ ଏହା ବିରୋଧରେ ଜନମତ ପ୍ରକାଶ ପାଇବାରୁ ତାହା ମଧ୍ୟ ପ୍ରତ୍ୟାହୃତ ହୋଇଥିଲା।

ତେବେ ରାଜ୍ୟ ସରକାରଙ୍କ ନୂଆ ମଦ ନୀତିରେ ସମୁଦ୍ର, ନଦୀ, ଜଳଭଣ୍ଡାର ଆଦି ନିକଟରେ ମଦ କୁଡ଼ିଆ ସ୍ଥାପନ ପାଇଁ ଯେଉଁ ଘୋଷଣା ରହିଛି ସେଥିରୁ ପୁରୀ ପୌରାଞ୍ଚଳକୁ ବାଦ୍ ଦିଆଯାଇଛି। ଫଳରେ ପୁରୀ ବେଳାଭୂମିରେ ମଦ କୁଡ଼ିଆ ହେବନାହିଁ। ସରକାରଙ୍କ ନୀତି ଅନୁଯାୟୀ ଅନ୍ୟ ମଦ ଦୋକାନ ଲାଇସେନ୍ସ ଭଳି ମଦ କୁଡ଼ିଆ ଲାଇସେନ୍ସ ବ୍ୟକ୍ତି ବିଶେଷଙ୍କୁ ଦିଆଯିବ ନାହିଁ। ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ସ୍ଥିର କରିବ ବଙ୍ଗୋପସାଗର ଓ ରାଜ୍ୟର ଅନ୍ୟ ନଦୀ ଓ ଜଳଭଣ୍ଡାରଗୁଡ଼ିକ ନିକଟରେ ପୁରୀ ଛଡ଼ା ଆଉ କେଉଁକେଉଁ ସ୍ଥାନରେ ମଦ କୁଡ଼ିଆ ହେବ ବୋଲି।

ପର୍ଯ୍ୟଟନ ବିଭାଗ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନେବା ପରେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ହିଁ ନିର୍ଦ୍ଧାରିତ ସ୍ଥାନରେ ମଦ କୁଡ଼ିଆ ଖୋଲିବ। ତେବେ ପର୍ଯ୍ୟଟନ ନିଗମ ସିଧାସଳଖ ଭାବେ କିମ୍ବା କୌଣସି ବ୍ୟକ୍ତି ବିଶେଷଙ୍କ ମାଧ୍ୟମରେ ଏହା ଚଳାଇବ। ମଦ କୁଡ଼ିଆଗୁଡ଼ିକର ପରିଚାଳନା, ପରିଚ୍ଛନ୍ନତା ଆଦି ପାଇଁ ପର୍ଯ୍ୟଟନ ନିଗମ ଉତ୍ତରଦାୟୀ ରହିବ। କୌଣସି ବ୍ୟକ୍ତି ବିଶେଷ ଏଥିଲାଗି ମଦ ସଂଗ୍ରହ କରିପାରିବେ ନାହିଁ। ରାଜ୍ୟ ପାନୀୟ ନିଗମଠାରୁ ଏହି ମଦ କୁଡ଼ିଆ ପାଇଁ ପର୍ଯ୍ୟଟନ ନିଗମ ମଦ ଆଣି ସେମାନଙ୍କୁ ଯୋଗାଇବ। ତେବେ ଏହି ମଦ କୁଡ଼ିଆ ପାଇଁ ଅବକାରୀ ନୀତିରେ ଲାଇସେନ୍ସ ଫି’ କମ୍ ରଖାଯାଇଛି। ବାର୍ଷିକ ମାତ୍ର ୭୫ ହଜାର ଟଙ୍କା ଲାଇସେନ୍ସ ଫି’ରେ ଗୋଟିଏ ଗୋଟିଏ ମଦ କୁଡ଼ିଆ ବା ବିଚ୍ ସ୍ୟାକ୍ ଚାଲିପାରିବ। ଏଯାବତ୍ ପର୍ଯ୍ୟଟନ ବିଭାଗ ମଦ କୁଡ଼ିଆ ପାଇଁ ସ୍ଥାନ ଚିହ୍ନିତ କରିନଥିଲେ ମଧ୍ୟ ଚିଲିକା ଓ ଅଂଶୁପା ହ୍ରଦ ସମେତ ବଙ୍ଗୋପସାଗରର ପୁରୀ ପୌରାଞ୍ଚଳ ବ୍ୟତୀତ ଅନ୍ୟ ବହୁ ସ୍ଥାନରେ ସମୁଦ୍ର କୂଳରେ ମଦ କୁଡ଼ିଆ ବସାଇବାକୁ ଅନେକ ବ୍ୟକ୍ତି ଆଗ୍ରହ ପ୍ରକାଶ କରୁଛନ୍ତି। କେବଳ ସେତିକି ନୁହେଁ, ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ଋଷିକୂଲ୍ୟା, ବାଂଶଧାରା ସମେତ ବିଭିନ୍ନ ନଦୀର ଦର୍ଶନୀୟ ସ୍ଥାନଗୁଡ଼ିକ ନିକଟରେ ଏବଂ ଅନ୍ୟ ଜଳ ପ୍ରପାତ ଓ ଜଳ ଭଣ୍ଡାର ପାଖରେ ମଦ କୁଡ଼ିଆ ବେପାର ପାଇଁ ବି କିଛି ବ୍ୟକ୍ତି ଲାଳାୟିତ ଥିବା କୁହାଯାଉଛି। ତେବେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏଯାବତ୍ ସ୍ଥାନ ଚିହ୍ନଟ କରାଯାଇନାହିଁ। ଏହା ଏକ ସମ୍ବେଦନଶୀଳ ପ୍ରସଂଗ ହୋଇଥିବାରୁ ବିଭାଗ ଅଧିକାରୀମାନେ ପାଟି ଖୋଲିବାକୁ ନାରାଜ। (ତଥ୍ୟ)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସଂତୃପ୍ତ...

କେହି ଗଣମାଧ୍ୟମରେ ମୁହଁ ଖୋଲିନାହାନ୍ତି। ଉଲ୍ଲେଖନୀୟ ଯେ ରାଜ୍ୟସଭାରେ ଏବେ ବିଜେଡିର ୬ ଜଣ ସାଂସଦ ସସ୍ମିତ ପାତ୍ର, ଦେବାଶିଷ ସାମନ୍ତରାୟ, ମାନସ ମଙ୍ଗରାଜ, ସୁଲତା ଦେଓ, ଶୁଭାଶିଷ ଖୁଣ୍ଟିଆ ଓ ସଂତୃପ୍ତ ମିଶ୍ର ଅଛନ୍ତି। ଗତ ୨୦୨୨ରୁ ସସ୍ମିତ ବିଜେଡିର ସଂସଦୀୟ ଦଳ ନେତା ରହିଥିଲେ। ଗତ ୬ ତାରିଖରେ ସଂତୃପ୍ତ ରାଜ୍ୟସଭାରେ ଶପଥ ଗ୍ରହଣ କରିବାର କିଛି ଦିନ ପୂର୍ବରୁ ସାଂସଦମାନେ ସସ୍ମିତଙ୍କୁ ହଟାଇବାକୁ ଚିଠି ଲେଖିବା ବେଶ ଚର୍ଚ୍ଚାର ବିଷୟ ହୋଇଥିଲା।

ତେବେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ପୂର୍ବରୁ ସସ୍ମିତ ବୁଧବାର ନିଜ ଆଡୁ ଇସ୍ତଫା ଦେଇଛନ୍ତି। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ସସ୍ମିତ ଏବେ ଦଳରେ କୋଣଠେସା ହେବାକୁ ଯାଉଛି। ତାଙ୍କ ସ୍ଥାନରେ କର୍ପୋରେଟ୍ ଜଗତରୁ ଆସିଥିବା ସଂତୃପ୍ତଙ୍କୁ ବିଜେଡି ସଂସଦୀୟ ଦଳ ନେତା କରାଯିବା ନେଇ ଦଳରେ ପଥ ପ୍ରସ୍ତୁତି ଚାଲିଛି।

## ଇଚ୍ଛାପତ୍ର...

ଯେଉଁମାନେ ବିଜେଡିକୁ ହାଇଜାକ କରିବାକୁ ଯୋଜନା କରିଛନ୍ତି, ସେମାନେ ଯେଉଁ ସମୟରେ ଦଳରୁ ବିଦା ହୋଇଥିଲେ ସମସ୍ତଙ୍କ ବିରୋଧରେ ଦଳ କିମ୍ବା ଜନବିରୋଧୀ କାର୍ଯ୍ୟର ଛାପା ଲାଗିଛି।

ତେଣୁ ଏହି ନେତାମାନେ ସାଧାରଣରେ କେତେ ଗ୍ରହଣୀୟ ହେବେ ତାକୁ ନେଇ ବି ପ୍ରଶ୍ନବାଚୀ ରହିଛି। ତଥାପି ବିଜେଡିର ଦୁଇ- ତୃତୀୟାଂଶ ନିର୍ବାଚନ ଜନପ୍ରତିନିଧିଙ୍କୁ ନେଇ ନୂଆ ଗୋଷ୍ଠୀ ତିଆରି କରିବାକୁ ରଣନୀତି ପ୍ରସ୍ତୁତ ହେଉଛି। ଏହି ଗୋଷ୍ଠୀ ବିଜେଡି ଦଳର ନାଁ, ସଙ୍କେତ ଓ ସ୍ୱୀକୃତିକୁ ନବୀନଙ୍କ ହାତରୁ ଛଡ଼ାଇ ଆଣିବାକୁ ଯୋଜନା କରୁଥିବା ଜଣାପଡ଼ିଛି।

## ପେଟ୍ରୋଲ...

କେଜି ଘରୋଇ ସିଲିଣ୍ଡର ଉପରେ ମଧ୍ୟ କୌଣସି କଟକଣା ନାହିଁ। ତୈଳ ବିତରଣ କମ୍ପାନୀ ମାଧ୍ୟମରେ ୫ କେଜିବିଶିଷ୍ଟ ଗ୍ୟାସ୍ କିଣାଯାଇପାରିବ।
ଖାଦ୍ୟ ଯୋଗାଣ ବିଭାଗ ପକ୍ଷରୁ ଏପରି ସ୍ପଷ୍ଟୀକରଣ ଦିଆଯାଇଥିଲା। ସେପଟେ ୫ କେଜି ଗ୍ୟାସ୍‌ର ଅବୈଧ ବିକ୍ରି ଉପରେ କଟକଣା ଲଗାଯାଇଛି।

## ପୁଣି...

ଘନ ଘନ ବୋମା ମାଡ଼ ବି କରିଥିଲା। ଯୁଦ୍ଧବିରତି ଘୋଷଣା କରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଥିଲେ ଯେ ୱାଶିଂଟନ ଓ ତେହରାନ ମଧ୍ୟରେ ଦୁଇ ସପ୍ତାହ ଯୁଦ୍ଧବିରାମ ବୁଝାମଣା ପରେ ସେ ହର୍ମୁଜ ପ୍ରଣାଳୀରେ ଟୋଲ ଆଦାୟ ନେଇ ଇରାନ ସହ ଏକ ‘ମିଳିତ ଉଦ୍ୟମ’ର ଯୋଜନା କରିଛନ୍ତି। ଏବିସି ନ୍ୟୁଜ୍ ସାମ୍ବାଦିକଙ୍କ ଏକ ପ୍ରଶ୍ନର ଉତ୍ତରରେ ଟ୍ରମ୍ପ ଏହି ସୂଚନା ଦେଇଥିଲେ। ସେ କହିଥିଲେ ଯେ ଏହାଦ୍ୱାରା ଏହି ଜଳମାର୍ଗକୁ ସୁରକ୍ଷିତ କରାଯାଇପାରିବ ଓ ଅନ୍ୟମାନଙ୍କଠାରୁ ଏହାକୁ ସୁରକ୍ଷିତ ରଖାଯାଇପାରିବ।

ଇରାନ ଦ୍ୱାରା ହର୍ମୁଜ ପ୍ରଣାଳୀ ଦେଇ ଜାହାଜଗୁଡ଼ିକର ଯାତାୟାତ ଉପରେ ଟୋଲ ଲଗାଇବା ପ୍ରସ୍ତାବକୁ ଟ୍ରମ୍ପ ସମର୍ଥନ କରୁଛନ୍ତି କି ପ୍ରଶ୍ନର ଉତ୍ତରରେ ସେ କହିଥିଲେ ଯେ ଏହାକୁ ଆମେ ଜଏଣ୍ଟ ଭେଞ୍ଚରରେ କରିବାକୁ ବିଚାର କରୁଛୁ। ଏହା ପୂର୍ବରୁ ଟ୍ରମ୍ପ ଏହି ରଣନୈତିକ ଜଳମାର୍ଗ ଦେଇ ଯାତାୟାତ କରୁଥିବା ଜାହାଜଗୁଡ଼ିକ ଉପରେ ଶୁଳ୍କ ଲଗାଇବା ପାଇଁ ଆମେରିକା ବିଚାର କରୁଥିବା କହିଥିଲେ। ଯଦି ଯୁକ୍ତରାଷ୍ଟ୍ର ଆମେରିକା ଏହି ପଦକ୍ଷେପ ନିଏ, ତା’ହେଲେ ହର୍ମୁଜ ଉପରେ ଆମେରିକାର ସୈନ୍ୟ ନିୟନ୍ତ୍ରଣ ଆବଶ୍ୟକତା ପଡ଼ିପାରେ।

ସେପଟେ ହର୍ମୁଜ ପ୍ରଣାଳୀ ଦେଇ ଯାତାୟାତ କରୁଥିବା ଜାହାଜଗୁଡ଼ିକ ଉପରେ ‘ଟ୍ରାନ୍‌ଜିଟ୍ ଫି’ ବା ପରିବହନ ଶୁଳ୍କ ଲଗାଇବା ପାଇଁ ଇରାନ ରଖିଥିବା ପ୍ରସ୍ତାବକୁ ଓମାନ ସିଧାସଳଖ ପ୍ରତ୍ୟାଖ୍ୟାନ କରିଛି। ଇରାନର ୧୦-ସୂତ୍ରୀ ଯୁଦ୍ଧବିରତି ପ୍ରସ୍ତାବରେ ଏହି ଶୁଳ୍କ ଆଦାୟର ଦାବି ରହିଥିବା ବେଳେ ଓମାନ ସ୍ପଷ୍ଟ କରିଛି ଯେ ଏହି ଅନ୍ତର୍ଜାତୀୟ ଜଳପଥରେ କୌଣସି ପ୍ରକାରର ଶୁଳ୍କ ଲାଗୁ କରାଯାଇପାରିବ ନାହିଁ। ଓମାନର ପରିବହନ ମନ୍ତ୍ରୀ ଏକ କଠୋର ବିବୃତି ଜାରି କରି କହିଛନ୍ତି ଯେ ସଲତନତ୍ ଅଫ୍ ଓମାନ ପୂର୍ବରୁ ହୋଇଥିବା ଅନ୍ତର୍ଜାତୀୟ ଚୁକ୍ତିନାମା ଅନୁଯାୟୀ ଅବାଧ ନୌଚଳାଚଳ ପାଇଁ ପ୍ରତିବଦ୍ଧ ଓ ଏହି ସାମରିକ ଗୁରୁତ୍ୱପୂର୍ଣ୍ଣ ଜଳପଥକୁ କୌଣସି ଦେଶ ନିଜର ଆର୍ଥିକ ଫାଇଦା ପାଇଁ ବ୍ୟବହାର କରିପାରିବେ ନାହିଁ।

ଇରାନ ନିଜର ଦୁର୍ବଳ ଅର୍ଥନୀତିକୁ ସଜାଡ଼ିବା ପାଇଁ ହର୍ମୁଜ ପ୍ରଣାଳୀକୁ ଏକ ‘ଟୋଲ୍ ଗେଟ୍’ରେ ପରିଣତ କରିବାକୁ ଚକ୍ରାନ୍ତ କରୁଛି। ତେହରାନ ପକ୍ଷରୁ ଏକ ପ୍ରସ୍ତାବିତ ପ୍ରୋଟୋକଲ୍ ପ୍ରସ୍ତୁତ କରାଯାଇଛି, ଯେଉଁଥିରେ ଜାହାଜଗୁଡ଼ିକୁ ପାସ୍ ଓ ଲାଇସେନ୍ସ ନେବା ପାଇଁ ବାଧ୍ୟ କରାଯାଉଥିବା ସେ କହିଛନ୍ତି। ଏଭଳି ସ୍ଥଳେ ଇରାନ ଓ ଆମେରିକା ସର୍ତ୍ତମୂଳକ ଯୁଦ୍ଧବିରତି ଘୋଷଣା କରିଥଲେ ମଧ୍ୟ ମଧ୍ୟପ୍ରାଚ୍ୟ ଏବେ ଆକ୍ରମଣ ଓ ପ୍ରତିଆକ୍ରମଣର ଭୟରୁ ସମ୍ପୂର୍ଣ୍ଣ ମୁକୁଳିପାରିନି।

## ଓଡ଼ିଶାରେ...

ଚାଲୁଥିବା ଦ୍ୱିତୀୟ ଶିଳ୍ପ ବିପ୍ଳବର ଏହା ହେଉଛି ବାସ୍ତବ ପ୍ରତିଫଳନ। ପ୍ରତିଶ୍ରୁତିରୁ କାର୍ଯ୍ୟାନ୍ୱୟନ ଓ ସମ୍ଭାବନାରୁ ସମୃଦ୍ଧି ଆଡ଼କୁ ଉଦ୍ଦେଶ୍ୟ ନେଇ ଓଡ଼ିଶା ଆଗକୁ ବଢୁଛି। ଆମ ପ୍ରତିଶ୍ରୁତି ଆମେ ନିଶ୍ଚୟ ପୂରଣ କରୁ ବୋଲି ମୁଖ୍ୟମନ୍ତ୍ରୀ ସାଧାରଣ ସଭାକୁ ସମ୍ବୋଧିତ କରି କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଗାମୀ ଦୁଇ ତିନି ବର୍ଷ ମଧ୍ୟରେ ଓଡ଼ିଶା କେବଳ ସମ୍ଭାବନାର ରାଜ୍ୟ ହୋଇ ରହିବ ନାହିଁ, ବରଂ ଓଡ଼ିଶା ଏବେ ସମୃଦ୍ଧିର ସ୍ପର୍ଶ ଅନୁଭବ କରିବ। ଆଗାମୀ କିଛି ବର୍ଷ ମଧ୍ୟରେ ଆମ ରାଜ୍ୟ ଏକ ପୂର୍ଣ୍ଣ ସମୃଦ୍ଧିସମ୍ପନ୍ନ ରାଜ୍ୟ ଭାବେ ବିଶ୍ୱ ଦରବାରରେ ଉଭା ହେବ। ୫୯ ହଜାର ନୂଆ ନିଯୁକ୍ତି କୌଣସି ଦୃଷ୍ଟିକୋଣରୁ ଏକ ଛୋଟ ଉପଲବ୍ଧି ନୁହେଁ। ପୂର୍ବରୁ ରାଜ୍ୟ ସରକାର ଏହି ୧୮-୨୦ ମାସ ମଧ୍ୟରେ ପ୍ରାୟ ଅଢ଼େଇ ଲକ୍ଷ କୋଟି ଟଙ୍କାର ୧୦୯ଟି ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିଛନ୍ତି। ଏହାଦ୍ୱାରା ୧ ଲକ୍ଷ ୭୬ ହଜାର ନିଯୁକ୍ତି ସୃଷ୍ଟି ହୋଇପାରିଛି। ଆଜିର ଏହି କାର୍ଯ୍ୟକ୍ରମରେ ଆଉ ୪୦ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ ହୋଇଛି ଓ ୫୯ ହଜାର ନିଯୁକ୍ତି ସୃଷ୍ଟି ହୋଇଛି।

ଆମକୁ ଯେଉଁ ସାମଗ୍ରୀ ବିଦେଶରୁ ଆମଦାନୀ କରିବାକୁ ପଡୁଥିଲା, ସେଗୁଡ଼ିକ ଏବେ ଆମ ଖୋର୍ଦ୍ଧା ମାଟିରେ ତିଆରି ହେବ। ଏହି ସଫଳତା ଆମ ପାଇଁ ଗର୍ବ ଓ ଗୌରବର ବିଷୟ। ଓଡ଼ିଶାରେ ନିର୍ମିତ ସାମଗ୍ରୀ ବିଶ୍ୱ ବଜାରକୁ ଯିବ ଏବଂ ଆମ ଶିଳ୍ପ ବ୍ୟବସ୍ଥାକୁ ଆହୁରି ସ୍ୱାବଲମ୍ବୀ କରି ଗଢ଼ିତୋଳିବାରେ ସହାୟକ ହେବ। ଏହି ଶିଳ୍ପ ପ୍ରକଳ୍ପଗୁଡ଼ିକ ଆତ୍ମନିର୍ଭର ଭାରତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଚଳିତ ବଜେଟରେ ଭିତ୍ତିଭୂମି ପାଇଁ ୭୨ ହଜାର କୋଟିରୁ ଅଧିକ ଟଙ୍କାର ପ୍ରାବଧାନ କରାଯାଇଛି, ଯାହା ବର୍ତ୍ତମାନ ଆମ ରାଜ୍ୟର ମୋଟ ଘରୋଇ ଉତ୍ପାଦ (ଜିଡିପି) ର ପ୍ରାୟ ୬.୫ ପ୍ରତିଶତ। ଏହାଦ୍ୱାରା ଭିତ୍ତିଭୂମି ନିର୍ମାଣ ତ୍ୱରାନ୍ୱିତ ହେବା ସହ ନୂତନ ରୋଜଗାର ସୃଷ୍ଟି ହେଉଛି ବୋଲି ସେ କହିଥିଲେ।

ଓଡ଼ିଶାରେ ଗତ ୨୦ ମାସ ଧରି ଶିଳ୍ପ କ୍ଷେତ୍ରରେ ଏକ ନୂତନ ଦିଗ ଦେଖାଯାଇଛି ଏବଂ ବିଶେଷକରି ୨୦୨୫ ଜାନୁଆରୀରୁ ରାଜ୍ୟରେ ଦ୍ୱିତୀୟ ଶିଳ୍ପ ବିପ୍ଳବ ଆରମ୍ଭ ହୋଇଛି। ୨୦୩୬ ପାଇଁ ଆଉ ୧୦ ବର୍ଷ ରହିଛି ଓ ଏହି ୧୦ ବର୍ଷ ହେଉଛି ସମସ୍ତଙ୍କ ପାଇଁ ‘ସଂକଳ୍ପର ଦଶକ’। ଓଡ଼ିଆ ଅସ୍ମିତା ସହ ଅର୍ଥନୈତିକ ଉନ୍ନତିକୁ ସର୍ବୋଚ୍ଚ ପ୍ରାଧାନ୍ୟ ଦିଆଯାଇଛି ବୋଲି ସେ ଉଲ୍ଲେଖ କରିଥିଲେ। ଆମର ଅର୍ଥନୀତି ଯେତେବେଳେ ଶକ୍ତିଶାଳୀ ହେବ ଏବଂ ଭିତ୍ତିଭୂମି ବିଶ୍ୱସ୍ତରୀୟ ହେବ, ସେତେବେଳେ ଓଡ଼ିଶାର ଅର୍ଥନୀତି ସମଗ୍ର ବିଶ୍ୱର ଅର୍ଥନୀତି ସହ ସଂଯୁକ୍ତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମ ଆରମ୍ଭରେ ମୁଖ୍ୟମନ୍ତ୍ରୀ ଦେଶର ବିଭିନ୍ନ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ଶିଳ୍ପପତିମାନଙ୍କ ସହ ଏକ ସ୍ୱତନ୍ତ୍ର ରାଉଣ୍ଡ ଟେବୁଲ୍ ବୈଠକରେ ଯୋଗଦେଇ ରାଜ୍ୟରେ ଆରମ୍ଭ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପ ବିଷୟରେ ଆଲୋଚନା କରିଥିଲେ। ରାଜ୍ୟରେ ଶିଳ୍ପ ଉନ୍ନତି ପାଇଁ ଓଡ଼ିଶା ସରକାର ସମସ୍ତ ପ୍ରକାରର ସହଯୋଗ ଯୋଗାଇବାକୁ ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଜମି, ବିଦ୍ୟୁତ୍, ପାଣି ଓ ଯୋଗାଯୋଗ ପରି ସମସ୍ତ ଆବଶ୍ୟକ ସୁବିଧା ପୂର୍ବରୁ ଆମ ସରକାର ଯୋଗାଇ ଆସୁଛନ୍ତି ଏବଂ ଆଗକୁ ମଧ୍ୟ ଯୋଗାଇବେ। ଏଥିସହ ଶିଳ୍ପ ପ୍ରତିଷ୍ଠା ପାଇଁ ଆବଶ୍ୟକ ସମସ୍ତ ଅନୁମୋଦନ ସମୟତା ମଧ୍ୟ ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିବା ସହିତ କୌଣସି ସମସ୍ୟା ହେଲେ ଶିଳ୍ପପତିମାନେ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ସମ୍ପର୍କ କରି ସମାଧାନ ପାଇପାରିବେ ବୋଲି ଶିଳ୍ପପତିମାନଙ୍କୁ ଆଶ୍ୱାସନା ଦେଇଥିଲେ।

ସାଧାରଣ ସଭା ପରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଶିଳ୍ପାନୁଷ୍ଠାନ ଦ୍ୱାରା ଆୟୋଜିତ ପ୍ରକଳ୍ପଗୁଡ଼ିକର ପ୍ରଦର୍ଶନୀ ବୁଲି ଦେଖିବା ସହ କମ୍ପାନୀର କର୍ମଚାରୀମାନଙ୍କ ସହ କଥା ହୋଇଥିଲେ। ଏହି ଅବସରରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ ଆଜିର ଏହି ଭିତ୍ତିଭୂମି ଓ ଶୁଭ ଉଦଘାଟନ କାର୍ଯ୍ୟକ୍ରମ ଏକ ବିବିଧ, ସ୍ଥିର ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶିଳ୍ପ ଇକୋସିଷ୍ଟମ ଗଠନ ପାଇଁ ରାଜ୍ୟର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। କଥାରେ କହିବା ଓ ପ୍ରତିଶ୍ରୁତିକୁ ଯଥାର୍ଥତାରେ ପ୍ରତିଫଳନ କରିବା, ଦୁଇଟି ଭିନ୍ନ ଭିନ୍ନ କାର୍ଯ୍ୟ। ଆଉ ଆମ ସରକାର ସବୁ କଥାକୁ କାମରେ କରି ଦେଖାଉଛନ୍ତି ବୋଲି ସେ କହିଥିଲେ। ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ନିଜ ଅଭିଭାଷଣରେ କହିଥିଲେ ଯେ ୧୯ ମାସରେ ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବା ପାଇଁ ସମସ୍ତ କାର୍ଯ୍ୟ ରାଜ୍ୟ ସରକାରଙ୍କ ଦୃଢ଼ ଶାସନ ଓ ଶିଳ୍ପ ପାଇଁ ଓଡ଼ିଶାର ପ୍ରତିଷ୍ଠାକୁ ପ୍ରମାଣିତ କରୁଛି।

ଏହି ଅବସରରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଆଦାନୀ ପୋର୍ଟସ୍ ଏଣ୍ଡ ଏସଇଜେଡ୍‌ର ମ୍ୟାନେଜିଂ ଡାଇରେକ୍ଟର କରନ ଆଦାନୀ ଏବଂ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଉପସ୍ଥିତ ଥିଲେ। ଏଥିସହ ଆଜି ଶିଳାନ୍ୟାସ ଓ ଉଦ୍‌ଘାଟିତ ହୋଇଥିବା ବିଭିନ୍ନ କମ୍ପାନୀର ପ୍ରତିନିଧିମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଯନ୍ତ୍ରୀଙ୍କ...

ଶ୍ରୀ ମହାନ୍ତି ଓ ତାଙ୍କ ପରିବାର ଲୋକଙ୍କ ନାମରେ ବିଭିନ୍ନ ବ୍ୟାଙ୍କ୍‌ରେ ପାଖାପାଖି ୧ କୋଟି ୭୦ ଲକ୍ଷ ଟଙ୍କାର ଜମା ରହିଛି। ତାଙ୍କ ଘରୁ ୩୫୦ ଗ୍ରାମ୍ ଓଜନର ସୁନାଗହଣା ବି ଜବତ ହୋଇଛି। ଶ୍ରୀ ମହାନ୍ତି ମଧ୍ୟ ବିଭିନ୍ନ ସ୍ଥାନ ବୁଲିବା ପାଇଁ ୧୩.୪୭ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ଏ ବାବଦରେ ତାଙ୍କ ଘରୁ ବିମାନ ଟିକେଟ୍ ଉଦ୍ଧାର କରାଯାଇଛି। ସେହିପରି ତାଙ୍କ ଘରୁ ୨ଟି ଲେଖାଏଁ ଚାରିଚକିଆ ଓ ଦୁଇଚକିଆ ଯାନ ବି ଠାବ କରାଯାଇଛି। ଆହୁରି ତାଙ୍କ ଘରର ଆସବାବପତ୍ରର ମୂଲ୍ୟ ୨୦.୬୧ ଲକ୍ଷ ଟଙ୍କା ହେବ ବୋଲି ଭିଜିଲାନ୍ସ ଅଧିକାରୀମାନେ ଆକଳନ କରିଛନ୍ତି। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଚଢ଼ାଉ ଜାରି ରହିଥିବାରୁ ଶ୍ରୀ ମହାନ୍ତିଙ୍କ ନାମରେ ଆହୁରି ଅନେକ ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯିବାର ସମ୍ଭାବନା ରହିଛି।

## ଇନ୍ଧନ...

ସୁସ୍ଥ ହୋଇ ଘରକୁ ଫେରିଥିଲେ। ଆଜି ଏହି ଦୁର୍ଘଟଣାର ତଦନ୍ତ ରିପୋର୍ଟ ଆସିଛି।

ବିମାନରେ କମ ଇନ୍ଧନ ଥିବା ଯୋଗୁଁ ବିମାନ ଲକ୍ଷ୍ୟ ସ୍ଥଳରେ ଅବତରଣ କରିପାରିଲା ନାହିଁ। ଯାହା ଫଳରେ ପାଇଲଟ ବାଧ୍ୟ ହୋଇ ଫୋର୍ସ ଲ୍ୟାଣ୍ଡିଂ କରିଥିଲେ। ହେଲେ ଏଠାରେ ପ୍ରଶ୍ନ ଉଠୁଛି ଯେ ବିମାନ ଉଡ଼ାଣ ପୂର୍ବରୁ କେମିତି ବିମାନର ଇନ୍ଧନ ଯାଞ୍ଚ ହୋଇନଥିଲା ? କମ ଇନ୍ଧନରେ ଉଡାଣ ଭରିବାକୁ ଅନୁମତି କିଏ ଦେଇଥିଲା ? ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ନା ଏହି ରିପୋର୍ଟ ଫାଇଲ ତଳେ ଚାପି ହୋଇରହିଯିବ, ତା’ ଦେଖିବାର କଥା।

# ଗୁଳିକରି ଯୁବ ବ୍ୟବସାୟୀଙ୍କୁ ହତ୍ୟା

## ହତ୍ୟା ପ୍ରେମଜନିତ ନା ଅର୍ଥ କାରବାର ସନ୍ଦେହ: ହତ୍ୟାକାରୀ ଫେରାର

- ସାଇଣ୍ଟିଫିକ୍ ଟିମ୍‌ର ତନାଘନା
- ହତ୍ୟାକାରୀକୁ ଠାବ ପାଇଁ ୩ ଟି ଟିମ୍ ଗଠନ



ଯାଜପୁର,୮।୪ (ସଂଚାର ବ୍ୟୁରୋ): ଯାଜପୁର ଟାଉନ୍ ଥାନା ଅନ୍ତର୍ଗତ କାଳୀ ମେଘା ଠାରେ ଗତକାଲି ଗୁଳିକାଣ୍ଡ ଘଟିଛି। ଗୁଳିକାଣ୍ଡ ରେ କୁଆଁସରପୁର ଗ୍ରାମର ପ୍ରଦୀପ ସାମଲ ଙ୍କ ପୁଅ ସୌଭାଗ୍ୟ ରଞ୍ଜନ ସାମଲ (୨୩) ମୃତ୍ୟୁ ଘଟିଛି। ପ୍ରାକ୍ତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ବାସଭବନ ର ଅନତୀ ଦୂରରେ ଏକ ହତ୍ୟାକାଣ୍ଡ ଘଟିଥିଲା। ହେଲେ ଦୁର୍ବୃତ୍ତ ମାନେ ଗୁଳି କାଣ୍ଡ ଘଟାଇ ଫେରାର ହୋଇ ଯାଇଥିଲେ। ଘଟଣା ସ୍ଥଳରୁ କିଛି ଦୂର ପାଣି କଲୋନୀ ରେ ଭଡ଼ା ରେ ରହୁଥିଲେ ସୌଭାଗ୍ୟ ରଞ୍ଜନ ସାମଲ। ପ୍ରତି ଦିନ ପରି ନିଜ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ କରି ରାତି ପ୍ରାୟ ସାଢ଼େ ୧୧ ଟା ସମୟରେ ସ୍କୁଟି ଯୋଗେ ନିଜ ଘରକୁ ଫେରୁଥିଲେ। ତେବେ ସୌମ୍ୟରଞ୍ଜନ ଘରକୁ ନଯାଇ ମୁଖ୍ୟରାସ୍ତା ର ପାର୍ଶ୍ୱରେ ଥିବା ନିକାଞ୍ଚନ ପାର୍କିଙ୍ଗ ସ୍ଥାନକୁ ଯିବ ଘଟଣା ଅଧିକ ରହସ୍ୟମୟ ହୋଇଛି କାରଣ ସୌମ୍ୟରଞ୍ଜନ ଙ୍କ କେହି ପରିଚିତ ବ୍ୟକ୍ତି ବା ସାଙ୍ଗ ତାଙ୍କୁ ରାସ୍ତା ପାର୍ଶ୍ୱର ଏହି ପାର୍କିଙ୍ଗ ସ୍ଥାନ କୁ ଡାକିଥିବା ର ପୋଲିସ ଅନୁମାନ କରୁଛି। ତେବେ ତାଙ୍କୁ ଡ଼ାକିଥିବା ବ୍ୟକ୍ତି ସୋମ୍ୟଙ୍କ ପରିଚିତ ହୋଇ ଥାଇ ପାରନ୍ତି। ସମ୍ପୃକ୍ତ ପରିଚିତ ବ୍ୟକ୍ତି ସୌମ୍ୟ କୁ ହୁଏତ ଆଲୋଚନା ପାଇଁ ଡାକି ନିଜେ ବା ଅନ୍ୟ କୌଣସି ସୁପାରୀ କିଲର୍ ଦ୍ୱାରା ଗୁଳି କଟାଯାଇଥିବା ସନ୍ଦେହ କରାଯାଉଛି।ଗୁଳିଟି ସୌମ୍ୟ ଙ୍କ ପେଟରେ ବାଜିବା ପରେ ସେ ତଳେ ପଡ଼ି ଯାଇଥିଲେ। କିନ୍ତୁ ସ୍ଥାନୀୟ ଲୋକେ ଗୁଳି ଶବ୍ଦ ଶୁଣି ଘଟଣାସ୍ଥଳରେ ପହଞ୍ଚି ସୌମ୍ୟରଞ୍ଜନ ରକ୍ତାକ୍ତ ଅବସ୍ଥାରେ ଏକୁଟିଆ ତଳେ ପଡ଼ିଥିବା ଦେଖିବାକୁ ପାଇ ଥିଲେ। ସଞ୍ଜ୍ଞାହୀନ ଅବସ୍ଥାରେ ତାଙ୍କୁ ନିକଟସ୍ଥ ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ସଙ୍ଗେ ସଙ୍ଗେ ଥାନାଧିକାରୀ ଶରତ କୁମାର ନାୟକ ଙ୍କ ନେତୃତ୍ୱରେ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଥିଲେ।

# ବେଆଇନ ନାଲି ଇଟାଭାଟି ଉପରେ ବୁଲିଲା ବୁଲଡୋଜର



ବାଲିଆପାଳ,୮।୪ (ସଂଚାର ବ୍ୟୁରୋ): ଜିଲ୍ଲା ପ୍ରଶାସନଙ୍କ ନିର୍ଦ୍ଦେଶରେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ତହସିଲ ଅନ୍ତର୍ଗତ ଗୋବରଘଟ୍ଟା ଅଞ୍ଚଳ ରେ ଥିବା ୩ ଟି ବେଆଇନ ଇଟାଭାଟି କୁ ଉଚ୍ଛେଦ କଲା ପ୍ରଶାସନ, ବିନା ଅନୁମତି ରେ ଏହି ଅଞ୍ଚଳରେ ଦୀର୍ଘ ଦିନ ଧରି ଛତୁ ଫୁଟିଲା ଭଳି ବେଆଇନ ନାଲି ଇଟା ଭାଟି ଗଢ଼ି ଉଠି ଥିବା ବେଳେ ଇଟାଭାଟି ରୁ ନିର୍ଗତ ଧୂଆଁ ରେ ଅତିଷ୍ଟ ହେଉଛନ୍ତି ଅଞ୍ଚଳବାସୀ, ଅନେକ ଗୁଡିଏ ବେଆଇନ ଲାଲି ଇଟା ଭଟା ରହିଥିଲା ବେଳେ ଜିଲ୍ଲା ପ୍ରଶାସନ ପାଖରେ ଏନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା ତେବେ ମାର୍ଚ୍ଚ ମାସ ପ୍ରଶାସନ ପକ୍ଷରୁ ଫାଇନ ଆଦାୟ କରାଯାଇଥିଲା। ତେବେ ଫାଇନ ଆଦାୟ ପରେ ଅନେକ ଭାଟ୍ଟା ପୁଣି ଥରେ କଞ୍ଚା ଇଟାରେ ନିଆଁ ଲଗାଇ ଥିବା ଦେଖିବାକୁ ମିଳିଥିଲା ତେବେ ଆଜି ବାଲେଶ୍ୱର ସବ କଲେକ୍ଟରଙ୍କ ନିର୍ଦ୍ଦେଶରେ ଆଜି ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି ଙ୍କ ନେତୃତ୍ୱ ରେ ଜଳେଶ୍ୱର ପୋଲିସ ଓ ଅଗ୍ନିଶମବାହିନୀଙ୍କ ଉପସ୍ଥିତରେ ଉଚ୍ଛେଦ କରା ଯାଇ ଥିଲା, ପ୍ରଥମ ପର୍ଯ୍ୟାୟ ରେ ଗୋବରଘାଟା ଅଞ୍ଚଳରେ ଥିବା ପିଙ୍କି, ଓମ୍ ଏବଂ ଖୁସି ଇଟା ଭାଟି କୁ ଉଚ୍ଛେଦ କରା ଯାଇ ଥିବା ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ବେଆଇନ ଇଟାଭାଟି ସବୁ ଉଚ୍ଛେଦ କରା ଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ଜଳେଶ୍ୱର ତହସିଲଦାର

# ପ୍ରୟାସ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀଙ୍କ ମୃତ୍ୟୁ



ଯାଜପୁର ରୋଡ଼, ୮।୩(ସଂଚାର ବ୍ୟୁରୋ): କୋରେଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସଙ୍ଗଚିଲା ସ୍ଥିତ ପ୍ରୟାସ ଶିକ୍ଷାନୁଷ୍ଠାନର କେମେଷ୍ଟ୍ରୀ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ସେନାପତି'(୩୪) ଙ୍କ ଆଜି ମୃତ୍ୟୁ ଘଟିଛି। ମୃତ୍ୟୁର କାରଣ ଜଣାପଡ଼ିନଥିବା ବେଳେ ସେ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ କୁରାଡିଲୋ ଗ୍ରାମର ବଳରାମ ସେନାପତିଙ୍କ ଝିଅ ଅଟନ୍ତି। ଆଜକୁ ପ୍ରାୟ ୮ବର୍ଷ ହେଲା ପ୍ରୟାସ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିବା ସହିତ ଶଙ୍ଖଚିଲା ଅଞ୍ଚଳରେ ଏକ ଭଡ଼ା ଘରେ ରହୁଥିବା ବେଳେ ଅସୁସ୍ଥ ଅବସ୍ଥାରେ ଆଜି ତାଙ୍କୁ ଯାଜପୁର ରୋଡ଼ ମେଡିକାଲରେ ଭର୍ତି କରାଯାଇଥିଲା। ମେଡିକାଲରେ ୨ ଘଂଟା ଚିକିତ୍ସା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାର ପ୍ରକୃତ ସତ୍ୟ ସାମ୍ନାକୁ ଆସିନଥିବା ବେଳେ ପାଣିକୋଇଲି ଥାନା ଅଧିନସ୍ଥ ଶଙ୍ଖଚିଲା ଫାଣ୍ଡି ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ ଶବ ବ୍ୟବଚ୍ଛେଦ ପାଇଁ ମୃତ ଶରିରକୁ ଦାନଗଦି ମେଡିକାଲକୁ ପଠାଇ ଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ପ୍ରକୃତ ସତ୍ୟ ପଦାକୁ ଆସିବ ବୋଲି ସାଧାରଣରେ ଆଲୋଚନା ହେଉଛି।

# ସମୁଦ୍ର କୂଳରେ ପଡ଼ିଛି ଅଜଣା ମୃତଦେହ



ପାରାଦ୍ୱୀପ,୮।୪(ସଂଚାର ବ୍ୟୁରୋ): ପାରାଦ୍ୱୀପ ସମୁଦ୍ର କୂଳରେ ପଡ଼ିଛି ଅଜଣା ମୃତ ଦେହ। ଆଇଓସିଏଲ ସାଉଥ ଗେଟ୍ ନିକଟ ସମୁଦ୍ର କୂଳରେ ଏକ ଅଜଣା ମୃତ ଦେହ ଦେଖିବାକୁ ମିଳିଛି। ସମୁଦ୍ର ପାଣିରେ ମୃତ ଦେହ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ମୃତ ଦେହର ପରିଚୟ ମିଳିପାରିନାହିଁ। ଘଟଣାସ୍ଥଳରେ ଜଟାଧାରୀ ମୁହାଣ ସାମୁଦ୍ରିକ ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଅସହାୟ ବୃଦ୍ଧାଙ୍କ ପାଇଁ ଜିଲ୍ଲାପାଳଙ୍କ ସହାୟତା ଲୋଡ଼ିଲେ ସ୍ୱାକ ସଦସ୍ୟ



ଫୁଲବାଣୀ,୮।୪(ସଂଚାର ବ୍ୟୁରୋ): ସରକାରଙ୍କ ବିଭିନ୍ନ ଯୋଜନାର ସୁବିଧା ପାଇବା ପାଇଁ ଆଧାର କାର୍ଡ, ଭୋଟର ପରିଚୟପତ୍ର, ବ୍ୟାଙ୍କ ଖାତା ଓ ଘରବାରି ପଟ୍ଟା ପରି ଆବଶ୍ୟକ କାଗଜପତ୍ର ଦରକାର ହୋଇଥାଏ। କିନ୍ତୁ କନ୍ଧମାଳ ଜିଲ୍ଲାରେ ଏବେ ମଧ୍ୟ ଅନେକ ଅସହାୟ ବୃଦ୍ଧ ବୃଦ୍ଧା ଏହି କାଗଜପତ୍ର ନଥିବାରୁ ସରକାରୀ ସୁବିଧାରୁ ବଞ୍ଚିତ ହେଉଥିବା ଦେଖିବାକୁ ମିଳୁଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର କାଶିନିପଦର ପଞ୍ଚାୟତ ଅନ୍ତର୍ଗତ ଭାଲୁରୁଗାଁର ସ୍ୱର୍ଗତ ଲେବ କହଁରଙ୍କ ଝିଅ ତୁଳାବତି କହଁର (୯୦) ଦୀର୍ଘ ବର୍ଷ ଧରି ଆଧାର କାର୍ଡ, ଭୋଟ ପରିଚୟପତ୍ର, ବ୍ୟାଙ୍କ ଖାତା ଓ ଘରବାରି ପଟ୍ଟା ନଥିବାରୁ ସରକାରୀ ଯୋଜନାରୁ ବଞ୍ଚିତ ହୋଇ ଆସୁଛନ୍ତି। ଯାହା ଫଳରେ ସେ ସାମାଜିକ ସୁରକ୍ଷା ଯୋଜନାର ବାର୍ଦ୍ଧକ୍ୟ ଭତ୍ତା, ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଚାଉଳ ଓ ଆବାସ ଯୋଜନାର ଘର ପରି ସୁବିଧା ପାଇପାରୁନାହାନ୍ତି। ପରିବାରରେ କେହି ନଥିବାରୁ ବୃଦ୍ଧା ତୁଳାବତି ଏକାକୀ ଦୁଃଖକଷ୍ଟରେ ଜୀବନ ଯାପନ କରୁଛନ୍ତି। ଦିନକୁ ଦିନ ଘରେ ଘରେ ଭାତ ମାଗି ଖାଇ ଜୀବନ ଚାଲାଉଥିବା ଦେଖିବାକୁ ମିଳିଛି। ଏହି ଅବସ୍ଥା ବିଷୟରେ ଖବର ପାଇ ସୋସିଆଲ ୱାର୍କର୍ସ ଆସୋସିଏସନର ଅଫ କନ୍ଧମାଳ (ସ୍ୱାକ) ର ସମାଜସେବୀ ସଦସ୍ୟ ତାଙ୍କ ନିକଟକୁ ପହଞ୍ଚି ସମସ୍ୟାକୁ ଗୁରୁତ୍ୱର ସହ ନେଇଛନ୍ତି।

## ବଢୁଛି କଳା ବଜାର, ଚଢ଼ା ଦରରେ ବିକ୍ରି ହେଉଛି ଗ୍ୟାସ

# ହୋଟେଲ ଏବଂ ଦୋକାନରେ ତାଲା, ଚିନ୍ତାରେ ବ୍ୟବସାୟୀ




କାକଟପୁର/ଅସ୍ତରଙ୍ଗ,୮।୪(ସଂଚାର ବ୍ୟୁରୋ): ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ସୃଷ୍ଟି ହୋଇଥିବା ଏଲପିଜି ସଙ୍କଟ ପରେ ବ୍ୟବସାୟ କ୍ଷେତ୍ରରେ ଏହାର ଗୁରୁତର ପ୍ରଭାବ ପଡ଼ିଛି। ବିଶେଷ କରି ରାସ୍ତା କଡ଼ରେ ବ୍ୟବସାୟ କରୁଥିବା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଥିବା ଗ୍ରାମାଞ୍ଚଳ ରେ ଟିଫିନ ସେଣ୍ଟର, ଫାଷ୍ଟଫୁଡ ଠାରୁ ଆରମ୍ଭ କରି ଉଠା ଦୋକାନୀଙ୍କ ଉପରେ ଏହାର ସିଧା ସଳଖ ପ୍ରଭାବ ପଡ଼ିଛି। ଦୋକାନୀ ମାନେ ଏଲପିଜି ସଙ୍କଟର ସମ୍ମୁଖୀନ ହୋଇ ସ୍ଥିତି ଦୋହଲି ଯାଇଥିବା ବେଳେ ଅଧିକାଂଶ ସ୍ଥାନରେ ଅନେକ ଦୋକାନ ବନ୍ଦ ହୋଇଗଲାଣି। ଏପରି ସ୍ଥିତିରେ କିଛି ବ୍ୟବସାୟୀ କଳା ବଜାରୀ ରେ ବଡ଼ ଗ୍ୟାସ କିଣି ଦୋକାନ ଚଳାଉଛନ୍ତି। ଫଳରେ ମାର୍କେଟ ରେ ଗ୍ୟାସ କଳା ବଜାରୀ ବଢୁଥିବା ବେଳେ ଅଧିକ ଦାମ୍ ରେ ଗ୍ୟାସ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଅପର ପକ୍ଷେ ବେଆଇନି କଳା ବଜାରୀ ରୋକିବା ଏବଂ ପ୍ରକୃତ ଉପଭୋକ୍ତା ଙ୍କୁ ଯୋଗାଣ ସୁନିଶ୍ଚିତ କରିବା ପାଇଁ ୫କିଲୋଗ୍ରାମ ଏଲପିଜି ସିଲିଣ୍ଡର ର ଖୋଲା ବଜାର ବିକ୍ରୟ କୁ ନିଷିଦ୍ଧ କରିଛନ୍ତି ସରକାର। କେବଳ ଅଧିକୃତ ବିତରକ ମାନେ ଏବେ ବି ଗ୍ରାହକ ମାନେ ସେଗୁଡ଼ିକୁ କିଣିବା ପାଇଁ ବାଧ୍ୟତାମୂଳକ ଇ -କେୱାଇସି ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ସରକାର ଙ୍କ ଏହି ନିୟମ ପରେ ଗ୍ରାମାଞ୍ଚଳ ରେ ଥିବା ଘରୋଇ ସ୍କୁଲ ଗୁଡିକ ମେସରେ ରହୁଥିବା ଛାତ୍ର, ଛାତ୍ରୀ ମାନେ ଚିନ୍ତାରେ ପଡ଼ିଛନ୍ତି। ଏଥି ସହିତ ଗ୍ରାମାଞ୍ଚଳ ରହୁଥିବା ଗରିବ ଶ୍ରେଣୀ ଲୋକ ମାନେ ପରିବାର ପ୍ରତିପୋଷଣ ପାଇଁ ଉଠା ଦୋକାନ ପକାଇ ପରିବାର ପ୍ରତିପୋଷଣ କରୁଥିଲେ ସେମାନେ ସଙ୍କଟ ରେ ପଡ଼ିଥିବା ବେଳେ ଜୀବନ ଜୀବିକା ନେଇ ଆଶଙ୍କାରେ ପଡ଼ିଛନ୍ତି। ତେବେ ଫାଷ୍ଟଫୁଡ ଏବଂ ଜଳଖିଆ ପ୍ରସ୍ତୁତି ପାଇଁ ସମସ୍ତେ ଗ୍ୟାସ ଉପରେ ନିର୍ଭର କରୁଥିବା ବେଳେ ଏବେ ଏଲପିଜି ସଙ୍କଟ ପରେ ଏମାନଙ୍କ ଦୋକାନରେ ଚୁଲା ଜଳିବା ଏକ ପ୍ରକାର ବନ୍ଦ ହୋଇଯାଇଛି। ଗ୍ରାମାଞ୍ଚଳ ଥିବା ଉଠା ଦୋକାନୀ ଙ୍କ ଗ୍ୟାସ ସମସ୍ୟା ଚିନ୍ତାର କାରଣ ହୋଇଛି। କିନ୍ତୁ ଅସ୍ତରଙ୍ଗ ମୁଖ୍ୟ ବଜାର ସମେତ ଆଳସାହି, ପୋଟଳ ଛକ, କଣମଣ ଛକ, ନଈଗୁଆଁ, ତାଳଦା, ଶିଶୁଅ, ସରିପୁର ଆଦି ଅଞ୍ଚଳରେ ଗ୍ୟାସ ସଜାଡ଼ିବା ଦୋକାନ ସହ ଅନ୍ୟାନ୍ୟ ଦୋକାନ କରି ସେଥିରେ ଗ୍ୟାସ ବିକୁଥିବା ବେଳେ କଳା ବଜାରୀ ବଢ଼ିବା ସହ ଗ୍ୟାସ ଚଢ଼ା ଦରରେ ବିକ୍ରି କରୁଥିବା ଅଭିଯୋଗ ହେଉଛି। ଯାହାକୁ ନେଇ ଅସ୍ତରଙ୍ଗ ଥାନା ଓ ନୂଆଗଡ଼ ସାମୁଦ୍ରିକ ଥାନା ପୁଲିସ ଏ ପର୍ଯ୍ୟନ୍ତ ଧରପଗଡ଼ ଆରମ୍ଭ କରିନାହିଁ।

# ଅଷ୍ଟମ ଜିଲ୍ଲା ପରିଷଦ ବୈଠକକୁ ବର୍ଜନ କଲେ ସଦସ୍ୟ



ସୁନ୍ଦରଗଡ଼,୮।୪ (ସଂଚାର ବ୍ୟୁରୋ): ନିୟମ ଅନୁଯାୟୀ ଜିଲ୍ଲା ପରିଷଦ ବୈଠକ ପ୍ରତି ତିନି ମାସରେ ହେବା କଥା ତାହା ହଉନାହିଁ ନିର୍ବାଚିତ ପ୍ରତିନିଧିଙ୍କ କୌଣସି ପ୍ରସ୍ତାବ ପ୍ରଶାସନ ଗ୍ରହଣ କରୁନାହିଁ, ଜିଲ୍ଲା ପରିଷଦ ସଭ୍ୟ ମାନଙ୍କୁ ବର୍ଷକ ମିଳୁଥିବା ଅନୁଦାନ ମିଳୁନାହିଁ। ଆଜି ଏଭଳି କିଛି ଦାବୀ ନେଇ ସୁନ୍ଦରଗଡ଼ର ଅଷ୍ଟମ ଜିଲ୍ଲା ପରିଷଦ ବୈଠକ ଆରମ୍ଭରୁ ସଭ୍ୟ ମାନେ ହୋହାଲ୍ଲା ହଟଗୋଳ କରିଥିଲେ। ସଭାରେ ଜିଲ୍ଲାର ସମସ୍ତ ବିଧାୟକ ମାନଙ୍କ ଉପସ୍ଥିତିରେ ଏହି ଜିଲ୍ଲା ପରିଷଦ ସଭା ଆରମ୍ଭରୁ ସଭ୍ୟ ମାନେ ବର୍ଜନ କରି ବାହାରକୁ ଚାଲିଆସିଥିଲେ। ସମସ୍ତ ସଭ୍ୟ ଙ୍କୁ ବୁଝାସୁଝା କରିବାକୁ ଖୋଦ ଜିଲ୍ଲାପାଳ ବାହାରକୁ ଆସି ସମସ୍ତ ସଭ୍ୟଙ୍କ ସହ ଆଲୋଚନା କରିଥିଲେ। ଗଣମାଧ୍ୟମ କୁ ସୂଚନା ଦେଇ ସଦର ବ୍ଲକ ଜିଲ୍ଲା ପରିଷଦ ସଭ୍ୟ କହିଥିଲେ ଆମେ ବିଜେଡ଼ି ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲୁ କିନ୍ତୁ ସରକାର ବଦଳିବା ପରେ ବିଜେପି ସରକାର ଆସିଲା ଏବଂ ବର୍ତ୍ତମାନ ପ୍ରଶାସନ ସରକାର ଙ୍କ ଗୋହ୍ଲାପୁଅ। ଏଥିପାଇଁ ଆମକୁ ଅଣଦେଖା କରାଯାଉଛି ଆଉ ଆଜି ଖାସ ଏହି କାରଣ ରୁ ଆମେ ବୈଠକ ବର୍ଜନ କରୁଛୁ ଏହାକୁ ନେଇ ସୁନ୍ଦରଗଡ଼ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର କହିଛନ୍ତି ଏହା ଆଲୋଚନା ମାଧ୍ୟମରେ ଯାହା ଗାଇଡ଼ଲାଇନ ଭିତରେ ରହିବ ସମସ୍ତ ଦାବୀ ଗୁଡିକ ପୂରଣ କରାଯିବ। ଜିଲ୍ଲାପାଳଙ୍କ ସହ ଆଲୋଚନା ପରେ ବର୍ଜନ କରି ସଭା କକ୍ଷରୁ ବାହାରି ଆସିଥିବା ସମସ୍ତ ସଭ୍ୟ ସଭାରେ ଯୋଗଦେଇଥିଲେ।

# ସୋଆ ଆଇଏଏସ୍‌ର ଦୁଇଦିନିଆ ବାର୍ଷିକ ଉତ୍ସବ 'ଅର୍ଣ୍ଣ-୨୦୨୬' ଉତ୍ସବର ଶୁଭାରମ୍ଭ



ଭୁବନେଶ୍ୱର,୮।୪(ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ କୃଷି ବିଜ୍ଞାନ ମହାବିଦ୍ୟାଳୟ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍ (ଆଇଏଏସ୍) ରେ ବୁଧବାର ଦୁଇ ଦିନିଆ ବାର୍ଷିକ ଉତ୍ସବ 'ଅର୍ଣ୍ଣ-୨୦୨୬' ଆରମ୍ଭ ହୋଇଛି। ଏହି ବାର୍ଷିକ ଉତ୍ସବରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ପୂର୍ବତନ କୁଳପତି ପ୍ରଫେସର ମନୋରଞ୍ଜନ କର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରତ୍ୟେକ ଛାତ୍ରଛାତ୍ରୀ ନିଜ ଜୀବନର ଲକ୍ଷ୍ୟସ୍ଥଳରେ ପହଞ୍ଚିବା ନିମନ୍ତେ କଠିନ ପରିଶ୍ରମ, ଅଧ୍ୟବସାୟ ଓ ସମୟାନୁବର୍ତ୍ତିତା ଆବଶ୍ୟକ ବୋଲି କହିଥିଲେ। ନିଜ ଭିତରେ ସଦାସର୍ବଦା ସକରାତ୍ମକ ଚିନ୍ତାଧାରା ଓ ମନୋଭାବ ଆଣିବା ଜରୁରୀ। କାରଣ ନକରାତ୍ମକ ଚିନ୍ତାଧାରା ଓ ଏହାର କୁପ୍ରଭାବ ଛାତ୍ରଛାତ୍ରୀମାନ୍ନୁ ଅବନତି ଆଡ଼କୁ ନେଇଯାଇଥାଏ ବୋଲି ପ୍ରଫେସର କର କହିଥିଲେ। ପ୍ରତ୍ୟେକ ଛାତ୍ରଛାତ୍ରୀମାନଙ୍କ ଜୀବନରେ ପିତାମାତା ଓ ଅଧ୍ୟାପକ ଅଧ୍ୟାପିକା ଗୁରୁ ସାଜିଥିବା ବେଳେ ସେମାନଙ୍କୁ ସମ୍ମାନ ଦେବା ଉଚିତ୍ ବୋଲି ପ୍ରଫେସର କର କହିଥିଲେ। ସାମ୍ପ୍ରତିକ ଯୁଗରେ କୃଷି କ୍ଷେତ୍ରରେ ଉପୁଜୁଥିବା ବିଭିନ୍ନ ପ୍ରକାର ସମସ୍ୟାର ସମାଧାନର ସୂତ୍ର ବାହାର କରିବା ସହିତ ସୋଆ କୃଷି ଛାତ୍ରଛାତ୍ରୀମାନେ ଭବିଷ୍ୟତରେ କୃଷି ଉଦ୍ୟୋଗୀ ହୋଇପାରିବେ ବୋଲି ସେ ଆଶା ପ୍ରକାଶ କରିଥିଲେ। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ନିଜ ବକ୍ତବ୍ୟରେ କହିଥିଲେ ଯେ ଶିକ୍ଷାନୁଷ୍ଠାନରେ ଅଭିନବ ଶିକ୍ଷା ବ୍ୟବସ୍ଥା ଦ୍ୱାରା ଏହା ଅନେକ ସଫଳତା ହାସଲ କରିପାରିଛି।

# ଅସ୍ତିତ୍ୱ ସଙ୍କଟରେ ତାଳଦଣ୍ଡା କେନାଲ



ପାରାଦ୍ୱୀପ,୮।୪(ସଂଚାର ବ୍ୟୁରୋ): ଜବରଦଖଲ କାରୀଙ୍କ କବଜ୍ଜାରେ ଏବେ ପାରାଦୀପର ଲାଇଫ ଲାଇନ। ଦିନେ ବନ୍ଦର ନଗରୀ ପାଇଁ ଆଶ୍ରିବାଦ ପାଲଟିଥିବା ଏହି ଲାଇଫ ଲାଇନ ଏବେ ଅଭିଶାପ ପାଲଟିବାକୁ ବସିଲାଣି। ସଂକୁଚିତ ହେଲାଣି ଏହାର ଶରୀର। କବଜ୍ଜା କରି ବସିଲେଣି ଅନେକ ଅଂଶ। ନିଜର ସ୍ଥିତି ଆଉ ଅସ୍ତିତ୍ୱ ହରାଇବାକୁ ବସିଥିବା ପାରାଦୀପ ଲାଇଫ ଲାଇନ ପାଇଁ ଏବେ ଚିନ୍ତା ପ୍ରକଟ କଲେଣି ଅଞ୍ଚଳବାସୀ। ନଅଙ୍କ ଦୁର୍ଭିକ୍ଷ ପରେ ଶ୍ରମ ବଦଳରେ କାମ ଯୋଜନାରେ ଇଂରେଜ ପ୍ରଶାସନ ପକ୍ଷରୁ କଟକ ଜୋବ୍ରା ଠାରୁ ଚଉମୁହାଣୀ ପର୍ଯ୍ୟନ୍ତ ଖୋଳା ପ୍ରଥମେ ଖୋଳା ଯାଇଥିଲା ଏହି କେନାଲ। ପରବର୍ତ୍ତୀ ଅବସ୍ଥାରେ ପରେ ୧୯୬୨ ମସିହାରେ ପାରାଦୀପ ବନ୍ଦରକୁ ଆଖି ଆଗରେ ରଖି ଜନସାଧାରଣଙ୍କୁ ଜଳ ଯୋଗାଣ ପାଇଁ ଚଉମୁହାଣୀ ଠାରୁ ପାରାଦୀପ ଅଠରବାଙ୍କୀ ପର୍ଯ୍ୟନ୍ତ ସମ୍ପ୍ରସାରଣ ହୋଇଥିବା ତାଳଦଣ୍ଡା କେନାଲ ଏବେ ଜବରଦଖଲ କାରୀଙ୍କ କବଜା ରେ। ସଂକୁଚିତ ଏବେ ଏହାର ପରିଧି। ହରାଇ ସାରିଲାଣି ସେ ନିଜର ଅସ୍ତିତ୍ୱ। ଗଭୀରତାର ମାନଦଣ୍ଡରେ ଯିଏ ଦିନେ ଧାରଣ କ୍ଷମତାରେ ଥିଲା ଶ୍ରେଷ୍ଠ , ସେ ଆଜି ଅବକ୍ଷୟର ଦ୍ୱାରଦେଶରେ। ଏହି କେନାଲ କଡ଼ରେ କାଳକ୍ରମେ ୨୦୦୦ ମସିହା ପରଠାରୁ ଗଢ଼ି ଉଠିଛି ବିରାଟ ବସ୍ତି। ବୃଦ୍ଧି ପାଇଛି ଏହା ଉପରେ ଜନସଂଖ୍ୟା। ଆବଶ୍ୟକତାକୁ ଆଳ କରି ଲାଟିନ ମଠ, ମନ୍ଦିର, ଦୋକାନ ଘର କରିବା ସହ କେନାଲ ପୋତି କରୁଛନ୍ତି କୁକୁଡ଼ା ଚାଷ ଓ ପରିବା ଚାଷ।

● ସର୍ବସାଧାରଣ ଚଳପ୍ରଚଳ ଯାଗାରେ ଗଛ ଲଗା

# ଜଙ୍ଗଲ ବିଭାଗଉପରେ ଗ୍ରାମବାସୀ କ୍ଷୁବ୍ଧ

ଢେଙ୍କାନାଳ,୮।୪(ସଂଚାର ବ୍ୟୁରୋ): ସଦର ଥାନା ଅନ୍ତର୍ଗତ ସପ୍ତଶଯ୍ୟା ଗ୍ରାମପଞ୍ଚାୟତର କମନିଙ୍ଗ୍ ଗ୍ରାମର ସର୍ବସାଧାରଣ ଚଳପ୍ରଚଳ ଜାଗାରେ ଜଙ୍ଗଲ ବିଭାଗ ପକ୍ଷରୁ ଗଛ ଲଗାଇବାରୁ ଗ୍ରାମବାସୀ ଅଦ୍ୟ ଜିଲ୍ଲାପାଳଙ୍କ ପାଖରେ ଏକଦାବୀ ପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଯେ, କମନିଙ୍ଗ୍ ଗ୍ରାମ ଏବଂ ଗଜମରା ଗ୍ରାମର ସମସ୍ତ ସାଧାରଣ ଚଳପ୍ରଚଳ ନିମନ୍ତେ ଢେଙ୍କାନାଳ ଉପଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ଉକ୍ତ ସ୍ଥାନଟି ଖୋଲା ରହିବା ପାଇଁ ଫଏସଲା ହୋଇଥିଲା। ବର୍ତ୍ତମାନ ଉକ୍ତ ଯାଗାକୁ ଜଙ୍ଗଲ ବିଭାଗ ସେଠାରେ ବିଭିନ୍ନ ଗଛ ଲଗାଇଛି। ଯାହାକି ସର୍ବସାଧାରଣ ଚଳପ୍ରଚଳରେ ବାଧାପ୍ରାପ୍ତ ହେଉଅଛି ତଥା ସମସ୍ତ କାର୍ଯ୍ୟ ଉକ୍ତ ଯାଗା ଉପରେ ହେବା ପାଇଁ ନିଷ୍ପତି ହୋଇଥିଲେ ମଧ୍ୟ ଗ୍ରାମବାସୀଙ୍କ ଅଗଚୋରରେ ଗଛ ଲଗାଯାଇଅଛି। ଏଣୁ ଏହାକୁ ଉପଯୁକ୍ତ ତଦନ୍ତ କରାଯାଇ ଜଙ୍ଗଲ ବିଭାଗ ଉକ୍ତ ଜାଗାରେ ଗଛ ନଲଗାଇବା ପାଇଁ ଆଦେଶ ପ୍ରଦାନ କଲେ ଗ୍ରାମବାସୀ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଲଳିତ କୁମାର ବେହେରାଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି। ଏହି ଦାବୀପତ୍ର ପ୍ରଦାନ ସମୟରେ ଗ୍ରାମର ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଆଧାର କାର୍ଡରେ ତ୍ରୁଟି ଯୋଗୁଁ ଶିକ୍ଷାରେ ବାଧା

ବାରିପଦା,୮।୪(ସଂଚାର ବ୍ୟୁରୋ): ଆଧାର କାର୍ଡରେ ତ୍ରୁଟି ଯୋଗୁଁ ବାଧକ ଶିକ୍ଷା। ଆଧାର କାର୍ଡ ରେ ଥିବା ଭୁଲ ନାମ ଯୋଗୁଁ, ହୋଇପାରୁନାହିଁ ବିଦ୍ୟାଳୟରେ ନାମ ଲେଖା। ଚିନ୍ତାରେ ଅଭିଭାବକ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ମୟୁରଭଞ୍ଜ ଜିଲ୍ଲା ବିଜାତଳା ବ୍ଲକ ଅନ୍ତର୍ଗତ ଛଣପାଳ ଗ୍ରାମରେ। ସୂଚନା ମୁତାବକ ଛଣପାଳ ଗ୍ରାମର ସୁଜିତ ସିଂ(ପିତା) ଓ ବୁଦୁନୀ ସିଂ(ମାତା)ଙ୍କ ପୁତ୍ର ଅଙ୍କୁଶ ସିଂ। ଜନ୍ମ ୧୮ ଫେବୃୟାରୀ ୨୦୨୧ ଅନୁସାରେ ବୟସ ପାଞ୍ଚ ବର୍ଷ। ଭୁଲ ବଶତଃ ଆଧାର କାର୍ଡରେ ଅଙ୍କୁଶ ସିଂ ନାମ ବଦଳରେ ସୁଜିତ୍ ସିଂ ନାମ ଥିବାରୁ, ନାମ ଲେଖାଇବା ସମୟରେ ବାଧକ ସୃଷ୍ଟି ହେଉଥିବା ପରିଲକ୍ଷିତ ହୋଇଅଛି। ଯାହାଫଳରେ ଅଭିଭାବକଙ୍କ ସ୍ତରରେ ଏହା ଏକ ଚିନ୍ତାର ବିଷୟ ପାଲଟିଛି। ଏନେଇ ଅଭିଭାବକ ଆଧାର କାର୍ଡ କେନ୍ଦ୍ରର ଦ୍ୱାରସ୍ଥ ହୋଇ, ତ୍ରୁଟି ରହିଥିବା ବିଷୟକୁ ସଂଶୋଧନ ନିମନ୍ତେ ଗୁହାରି କରିଛନ୍ତି।

# ଗ୍ୟାସ କଳାବଜାରୀ ନେଇ ଚଢ଼ାଉ କିନ୍ତୁ ହାତ ଖାଲି



ନବରଙ୍ଗପୁର/ତେନ୍ତୁଳିଖୁଣ୍ଟି, ୮।୪ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ରେ ଗ୍ୟାସ୍ କଳାବଜାରୀ ହେଉଥିବା ନେଇ ବାରମ୍ବାର କଥିତ ଅଭିଯୋଗ ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନଥିବାରୁ ନିର୍ଦ୍ଦିଷ୍ଟ ବ୍ୟକ୍ତି କେଶରୀ ସେନାପତି ଙ୍କ ନାମରେ ଜିଲ୍ଲାପାଳ ଙ୍କ ନିକଟରେ ଗ୍ୟାସ କଳାବଜାରୀ ଅଭିଯୋଗ ପରେ ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶରେ ଆଜି ରେଡ୍ କରାଯାଇଥିଲେ ମଧ୍ୟ ହାତ ଖାଲି ଭଳି ପରିଦୃଶ୍ୟ ହୋଇଛି। ଛଅ ଗୋଟି କମର୍ସିଆଲ ଗ୍ୟାସ ସିଲିଣ୍ଡର ମଧ୍ୟରୁ ଗୋଟିଏ ପାଞ୍ଚ କେଜିଆ ଚାରି ଗୋଟି ଘରୋଇ ଗ୍ୟାସ ସିଲିଣ୍ଡର ଘରୁ ଠାବ ହୋଇଛି। କୌଣସି ସିଲିଣ୍ଡର ରେ ଗ୍ୟାସ ନଥିବା ଦେଖାଯାଇଛି। ଘରୋଇ ସିଲିଣ୍ଡର ଘରେ ଥିବା ଏକ ଟାଙ୍କି ଭିତରୁ ଠାବ କରାଯାଇଥିଲା। ଚଢ଼ାଉ ବେଳେ କେଶରୀ ସେନାପତି ଅନୁ ଥିଲେ.। ଜବତ ସିଲିଣ୍ଡର ତେନ୍ତୁଳିଖୁଣ୍ଟି ର ପୁରୁଷୋତ୍ତମ ଗ୍ୟାସ ଏଜେନ୍ସୀ ନିକଟରେ ରଖାଯାଉଛି। ଅଭିଯୋଗ ହେଉଛି ଉକ୍ତ ବ୍ୟକ୍ତି ପ୍ରାୟ ନବେ ଟି ଘରୋଇ ଗ୍ୟାସ ସିଲିଣ୍ଡର ରଖି ବ୍ୟାପାର କରୁଛନ୍ତି। ଯେଉଁ ଯେଉଁ ସ୍ଥାନ ରେ ସେ ମହଜୁଦ୍ ରଖିଥିବା ଉଲ୍ଲେଖ ଥିଲା ଆଗରୁ ଅର୍ଥାତ୍ ଗତକାଲି ରାତି ରୁ ରେଡ୍ ସମ୍ପର୍କରେ ସୂଚନା ପାଇ ସେଥରୁ ସିଲିଣ୍ଡର ଗାଏବ କରି ଦିଆଯାଇଥିବା ଦେଖିବାକୁ ମିଳିଛି। ଏହି ଅଞ୍ଚଳ ରେ ଦୁଇଟି ଘରୋଇ କମ୍ପାନୀ ମେଗା ଜଳ ସେଚନ ପ୍ରକଳ୍ପ କାମ କରୁଛନ୍ତି, ସେଇ ଦୁଇ ଅନୁଷ୍ଠାନ ରେ କାର୍ଯ୍ୟରତ ଶତାଧିକ କର୍ମଚାରୀ ଙ୍କ ଖାଦ୍ୟ ରୋଷେଇ ପାଇଁ ଏହି ବ୍ୟକ୍ତି ହିଁ ଗ୍ୟାସ ଯୋଗାଇଥାନ୍ତି ବୋଲି ଶୁଣାଯାଉଛି। କିନ୍ତୁ କେଉଁଠୁ କିଭଳି ସେ ଗ୍ୟାସ ଯୋଗାଇଥାନ୍ତି ପ୍ରଶ୍ନବାଚୀ। କେବଳ ଦଶ ଜଣ ବ୍ୟବସାୟୀକ ସିଲିଣ୍ଡର ବ୍ୟବହାର କରି ଗ୍ରାହକ ତେନ୍ତୁଳିଖୁଣ୍ଟି ଏଜେନ୍ସୀ ର ରହିଛନ୍ତି।

# ବାନାଞ୍ଚଳରେ ବାଘ ଆତଙ୍କ



ଫୁଲବାଣୀ,୮।୪(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲାର ବ୍ରାହ୍ମଣୀଗାଁ ବାନାଞ୍ଚଳ କାର୍ଯ୍ୟାଳୟ ଠାରୁ ପ୍ରାୟ ଦେଢ଼ କିମି ଦୂର ବଡ଼ ଶଙ୍ଖ ନିକଟରେ ଘଟିଛି ଏହି ଘଟଣା ଗୋଟିଏ ବାଛୁରୀ ଛୁଆ ମରି ପଡ଼ିଥିବା ବେଳେ ଆଉ ଗୋଟିଏ ଆହତ ହୋଇ ଥିବା ଦେଖିବାକୁ ମିଳିଛି ସୂଚନା ଅନୁସାରେ ଦୁଇଟି ବାଛୁରୀ ଛୁଆ ବଡ଼ଶଙ୍ଖ ନିକଟ ରାସ୍ତା କଡ଼ ରେ ଶୋଇଥିବା ବେଳେ ମଙ୍ଗଳବାର ବିଳମ୍ବିତ ରାତ୍ରୀ ରେ କୌଣସି ଏକ ବନ୍ୟ ଜନ୍ତୁ ସେହି ବାଛୁରୀ ଛୁଆ ମାନଙ୍କୁ ଆକ୍ରମଣ କରିଥିଲା ତେବେ କୌଣସି ମତେ ଗୋଟିଏ ବାଛୁରୀ ସେଠାରୁ ଖସି ଯିବାକୁ ସକ୍ଷମ ହୋଇ ଥିବା ବେଳେ ଆଉ ଗୋଟିଏ ବାଛୁରୀ କୁ ଆକ୍ରମଣ କରି ତାର ପଛ ଭାଗରୁ ଖଣ୍ଡିଆ ଖାବରା କରି ମାରି ଦେଇଥିବା ଦେଖିବାକୁ ମିଳିଛି। ଖବର ପାଇ ବନପାଳ ଯୋଗେଶ୍ୱର ଧାରୁଆ ଓ ବନରକ୍ଷୀ ଶ୍ରୀରାମ ପଣ୍ଡାଙ୍କ ସମେତ ଅନ୍ୟ କର୍ମଚାରୀ ଘଟଣା ସ୍ଥଳ ରେ ପହଞ୍ଚି ତଦନ୍ତ ଜାରି କରିଥିଲେ।

# ୩.ଡିଷ୍ଟ୍ରିକ୍ଟ ଲୟରସ୍ ଆସୋସିଏସନ୍‌ର ଶପଥ ଗ୍ରହଣ ଉତ୍ସବ ଉତ୍ସାହରେ ପାଳିତ!



ଯାଜପୁର ଟାଉନ,୮।୪ (ସଂଚାର ବ୍ୟୁରୋ): ଆଜି ଯାଜପୁର ଜିଲ୍ଲାର ଅଗ୍ରଣୀ ଓକିଲ ସଂଘ 'ଡିଷ୍ଟ୍ରିକ୍ଟ ଲୟରସ୍ ଆସୋସିଏସନ୍'ର ନବନିର୍ବାଚିତ ପଦାଧିକାରୀମାନଙ୍କର ଶପଥ ଗ୍ରହଣ ଉତ୍ସବ ଡି ଆର ଡି ଏ ସମ୍ମିଳନୀ ଗୃହରେ ଉତ୍ସାହମୟ ଓ ଗମ୍ଭୀର ପରିବେଶରେ ସମ୍ପନ୍ନ ହୋଇଯାଇଛି। ଏହି ଅବସରରେ ଜିଲ୍ଲାର ବହୁ ସଂଖ୍ୟକ ଆଇନଜୀବୀ, ବରିଷ୍ଠ ନାଗରିକ ଓ ଆମନ୍ତ୍ରିତ ଅତିଥିମାନଙ୍କର ଉପସ୍ଥିତି ଉତ୍ସବକୁ ଅଧିକ ଗୌରବମୟ କରିଥିଲା।ସୂଚନା ଅନୁଯାୟୀ, ଡିଷ୍ଟ୍ରିକ୍ଟ ଲୟରସ୍ ଆସୋସିଏସନ୍ ଜିଲ୍ଲାରେ ଏକ ପ୍ରମୁଖ ଓ ପ୍ରଭାବଶାଳୀ ଓକିଲ ସଂଘ ଭାବେ ପରିଚିତ। ସଂଘର ନିର୍ବାଚନ ସଦା ଆଇନଜୀବୀ ମହଲରେ ଗୁରୁତ୍ୱ ଧାରଣ କରେ ଏବଂ ଏଥିରେ ନିର୍ବାଚିତ ପଦାଧିକାରୀମାନେ ଜିଲ୍ଲାର ଆଇନ ବ୍ୟବସ୍ଥାରେ ମୂଲ୍ୟବାନ ଭୂମିକା ନିଭାନ୍ତି।ଏହି ବର୍ଷର ନିର୍ବାଚନରେ ବରିଷ୍ଠ ଆଇନଜୀବୀ ଅମୀୟ ମହାନ୍ତି ସଭାପତି ଭାବେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ। ସେ ପୂର୍ବରୁ ବିଜେଡି ସରକାର ସମୟରେ ସରକାରୀ ଓକିଲ ଭାବେ କାର୍ଯ୍ୟରତ ଥିଲେ। ଉପସଭାପତି ଭାବେ ଝରଣା ମିଶ୍ର ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ।ସମ୍ପାଦକ ପଦବୀ ପାଇଁ ହୋଇଥିବା ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ନିର୍ବାଚନରେ ଦିବାକର ମହାନ୍ତି ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ତଥା ସରକାରୀ ଓକିଲ ଅଲିପ ନାୟକଙ୍କୁ ପରାସ୍ତ କରି ବିଜୟ ଲାଭ କରିଥିଲେ। ସହ ସମ୍ପାଦକ ଭାବେ ଚିନ୍ମୟୀ ଜେନା ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ।

## କୁହିକାରେ ବିଜେଡିର କର୍ମୀ ସମାବେଶ

# କର୍ମୀଙ୍କ ଏକତା ହିଁ ଦଳର ବଡ଼ ଶକ୍ତି: ଡାନି ଘଡ଼ାଇ




ଯାଜପୁର,୮।୪ (ସଂଚାର ବ୍ୟୁରୋ): ରାଜନୀତିରେ କର୍ମୀ ଙ୍କ ଏକତା ହିଁ ଦଳର ସବୁଠୁ ବଡ଼ ଶକ୍ତି। ତେଣୁ କର୍ମୀମାନେ ରାଜନୈତିକ ଦଳ ବଡ ସମ୍ପତ୍ତି ବୋଲି ମତ ପ୍ରକାଶ ପାଇଛି। ଆଜି ସୁକିନ୍ଦା ବ୍ଲକ ଅନ୍ତର୍ଗତ କୁହିକା ପଞ୍ଚାୟତରେ ଅନୁଷ୍ଠିତ ବିଜେଡିର ଏକ ଦଳୀୟ କର୍ମୀ ସମାବେଶରେ ପୂର୍ବତନ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼ାଇ ଯୋଗ ଦେଇ ଏହା କହିଛନ୍ତି। ସେ ଆହୁରି ମଧ୍ୟ କହିଥିଲେ, ସୁକିନ୍ଦା ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳର କିଛି ସ୍ୱାର୍ଥନ୍ୱେସୀ ବ୍ୟକ୍ତି ବିଶେଷ ଦଳ ଛାଡି ଚାଲିଯାଇଛନ୍ତି। ସେମାନେ କେବଳ ଦଳରେ ରହି ବ୍ୟବସାୟ କରିବା ତାଙ୍କର ମୂଳ ଲକ୍ଷ୍ୟ ଥିଲା। କିନ୍ତୁ ସାଧାରଣ ଲୋକ ଏବେ ବି ଗାଁ ମାନଙ୍କରେ ପୂର୍ବତନ ମୁଖ୍ୟ ମନ୍ତ୍ରୀ ନବୀନ ପଟନାୟକଙ୍କୁ ମନେ ପକାଉଛନ୍ତି। ତେଣୁ ଏବେ ସମୟ ଆସିଛି ଦଳୀୟ ସଂଗଠନକୁ ତୃଣମୂଳସ୍ତରରେ ଅଧିକ ଶକ୍ତିଶାଳୀଓ ସୁଦୃଢ଼ କରିବା କର୍ମୀମାନଙ୍କ ମୂଳ ଲକ୍ଷ୍ୟ ହେବା ଉଚିତ। କାରଣ ସଂଗଠନ ସୁଦୃଢ଼ ହେଲେ ଜନ ସାଧାରଣ ଙ୍କ ସମସ୍ୟା ସମାଧାନ କ୍ଷେତ୍ର ରେ କେହି ବାଧା ସୃଷ୍ଟି କରିପାରିବେ ନାହିଁ। ଏପରିକି ସରକାର ପରିବର୍ତ୍ତନ ହେବା ପରେ ଖଣି ଅଞ୍ଚଳରେ ମଧ୍ୟ କାର୍ଯ୍ୟରତ ଶ୍ରମିକ - କର୍ମଚାରୀଙ୍କୁ ରାଜନୈତିକ ଅଭିଶନ୍ଧି ରଖି ଛଟେଇ କରାଯାଉଛି।

# ଓଡ଼ିଆ ପକ୍ଷରେ ରକ୍ତଦାନ ଶିବିର

ଯାଜପୁର,୮।୪(ସଂଚାର ବ୍ୟୁରୋ): ଓଡ଼ିଆ ପକ୍ଷ ୨୦୨୬ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଲଚ୍ଛମନ ବାଲାଜୀଉ ଡିଗ୍ରୀ ମହାବିଦ୍ୟାଳୟ, ଅଙ୍ଗାଲୋଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଆମ ମାତୃଭାଷାର ଗୌରବ ଗାନ ସହ ରକ୍ତ ଦାନ ଭଳି ଜୀବନ ରକ୍ଷାର ଏକ ମହତ କାର୍ଯ୍ୟକୁ ଯୋଡ଼ିବା ପାଇଁ ଏହି ଅଭିନବ ପ୍ରୟାସ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ବିଜୟ କୁମାର ମିଶ୍ର, ଓଡ଼ିଶା ରକ୍ତ କେନ୍ଦ୍ର ଅଧିକାରୀ ଡ ପ୍ରଶାନ୍ତ କୁମାର ବିଶ୍ୱାଳ, ମହାବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀ ଜୟଦେବ ଥାଟଇ ଏବଂ କର୍ମଚାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ରକ୍ତଦାନ ଶିବିରରେ ମୋଟ ୪୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

## ସ୍ପଷ୍ଟୀକରଣ

ଗତ ମାର୍ଚ୍ଚ ୧୭ ତାରିଖରେ ଆମ୍ଭର ଦୈନିକ ଖବରକାଗଜ 'ସଂଚାର'ର ପୃଷ୍ଠା-୭ରେ ପ୍ରକାଶିତ 'ଗିରଫ ହେବେ ଆଇନଜୀବୀ' ଶୀର୍ଷକ ଖବରରେ ବିନାୟକ ମହାନ୍ତିଙ୍କ ବିରୁଦ୍ଧରେ ସତ୍ୟବାଦୀ ତହସିଲଦାର ତଥା ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଗିରଫ ପରୱାନା ଜାରି କରିଥିବା ବେଳେ ଆମ୍ଭେ ଭୁଲବଶତଃ ଜାମିନ ବିହୀନ ଗିରଫ ପରୱାନା ବୋଲି ପ୍ରକାଶ କରିଥିଲୁ। ଯାହାର ପ୍ରତିବାଦ ଶ୍ରୀ ମହାନ୍ତି ତାଙ୍କ ଓକିଲଙ୍କ ମାଧ୍ୟମରେ ଆମ୍ଭଙ୍କୁ ଜଣାଇଛନ୍ତି। ଏତାଦୃଶ ତ୍ରୁଟି ପାଇଁ ଆମ୍ଭେ ଦୁଃଖିତ।







ଖୋର୍ଦ୍ଧାର ଭୂଇଁପୁରଠାରେ ବୁଧବାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟାନ୍ୟ ଅତିଥିଗଣ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟମାନେ ଆୟୋଜିତ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

# ଆବାସିକ ସଂଗଠନର ସହଯୋଗ ଲୋଡ଼ିଲା ବିଏମ୍‌ସି

## ବର୍ଜ୍ୟମୁକ୍ତ ସହର ଚିନ୍ତା




ଭୁବନେଶ୍ୱର,୮।୪(ସଂଚାର ବ୍ୟୁରୋ): ସ୍ୱଚ୍ଛ ସର୍ବେକ୍ଷଣ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ଆଉ ଏକ ପଦକ୍ଷେପ। ବିଏମସି ଅଞ୍ଚଳରେ ଥିବା ସମସ୍ତ ଆବାସିକ କଲ୍ୟାଣ ସଂଗଠନ (ଆରଡବ୍ଲ୍ୟୁଏ)ର କର୍ମକର୍ତ୍ତାଙ୍କ ସହଯୋଗ ଲୋଡ଼ାଯାଇଛି। ସମଗ୍ର ବିଏମସି ଅଞ୍ଚଳକୁ କିପରି ସ୍ୱଚ୍ଛ, ସବୁଜ ଓ ସୁନ୍ଦର କରାଯାଇପାରିବ, ସେ ସମ୍ପର୍କରେ ସେମାନଙ୍କୁ ଅବଗତ କରାଯିବା ସହ ଆଉ କ'ଣ କରାଗଲେ ଆମେ ସହଜରେ ସ୍ମାର୍ଟ ଭୁବନେଶ୍ୱରକୁ ସ୍ମାର୍ଟର୍ ଭୁବନେଶ୍ୱରେ ପରିଣତ କରିପାରିବା, ସେନେଇ ସେମାନଙ୍କ ସହାୟତା ଓ ସହଯୋଗ ଲୋଡ଼ିଛନ୍ତି ମେୟର ଓ କମିଶନର।

ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ବିଏମସି ମୁଖ୍ୟାଳୟରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ବୈଠକରେ କମିଶନର ଚଞ୍ଚଳ ରାଣା, ପରିମଳ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୂପକାର, ଅତିରିକ୍ତ କମିଶନର ରତ୍ନାକର ସାହୁ, କର୍ପୋରେଟର ଅମରେଶ ଜେନା ଯୋଗଦେଇଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବିଭିନ୍ନ ନିୟମ ସମ୍ପର୍କରେ କମିଶନର ଉପସ୍ଥିତ ଆବାସିକ କଲ୍ୟାଣ ସଂଗଠନର କର୍ମକର୍ତ୍ତାଙ୍କୁ ଅବଗତ କରାଇଥିଲେ। ବିଏମସି ଅଞ୍ଚଳର ଜନସାଧାରଣଙ୍କ ପାଇଁ ଭୁବନେଶ୍ୱର ଦେଶର ୯ ନମ୍ବର ସହର ହୋଇଛି। ଏବେ ସେମାନେ ଚାହିଁଲେ ବିଏମସି ଦେଶର ଏକ ନମ୍ବର ସହର ହେବ ବୋଲି ଶ୍ରୀମତୀ ଦାସ ଓ ଶ୍ରୀ ରାଣା କହିବା ସହ ଆବସିକ ସଂଗଠନର କର୍ମକର୍ତ୍ତାଙ୍କ ସହଯୋଗ ଲୋଡ଼ିଥିଲେ।

ଏହି ବୈଠକରେ ଯୋଗଦେଇଥିବା ୧୫୦ଟି ଆବାସିକ କଲ୍ୟାଣ ସଂଗଠନର ଶତାଧିକ କର୍ମକର୍ତ୍ତା ସେମାନଙ୍କ ମତାମତ ଦେବା ସହ ସହରକୁ ସ୍ୱଚ୍ଛ, ସବୁଜ ସୁନ୍ଦର ତଥା ବର୍ଜ୍ୟମୁକ୍ତ ଭୁବନେଶ୍ୱର ଗଠନ ପାଇଁ ନେଉଥିବା ବିଭିନ୍ନ ପଦକ୍ଷେପକୁ ପ୍ରଶଂସା କରିଥିଲେ। ସେମାନଙ୍କ ଅଞ୍ଚଳ ବୁଲିଯିବା ପାଇଁ ମେୟର ଓ କମିଶନରଙ୍କୁ ମଧ୍ୟ ଅନୁରୋଧ କରିଛନ୍ତି। ଚଳିତ ବର୍ଷ ସ୍ୱଚ୍ଛ ସର୍ବେକ୍ଷଣରେ ଭୁବନେଶ୍ୱରକୁ ଦେଶର ଏକ ନମ୍ବର କରିବା ପାଇଁ ସମସ୍ତେ ସମ୍ମିଳିତ ଭାବେ ସହଯୋଗ କରିବେ ସେମାନେ ପ୍ରତିଶ୍ରୁତି ଦେଇଛନ୍ତି।

# ସେତୁବନ୍ଧ ଯୋଜନାରେ ତିଆରି ହେବ ୫ ହଜାର ବ୍ରିଜ



ଭୁବନେଶ୍ୱର,୮।୪(ସଂଚାର ବ୍ୟୁରୋ): ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଏକ ସାମ୍ବାଦିକ ସମ୍ମିଳନୀରେ ବିଭାଗର ସଫଳତା ଓ ବଜେଟ ଖର୍ଚ୍ଚ ଏବଂ ଆଗାମୀ ଦିନର ଲକ୍ଷ ନେଇ ବିସ୍ତୃତ ତଥ୍ୟ ଦେଇଛନ୍ତି। ୧୭୦୦ କିମି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ପାଇଁ ମଞ୍ଜୁରୀ ଆସିଛି। ଅଦ୍ୟାବଧି ୮୯.୪୭ ପ୍ରତିଶତ ଲକ୍ଷ ହାସଲ କରିଛି ଗ୍ରାମ୍ୟ ଉନ୍ନୟନ ବିଭାଗ। ୮୫୮୦.୨୪ କୋଟି ଟଙ୍କାର ବଜେଟ ଅଟକଳ ହୋଇଛି ବୋଲି ବିଭାଗୀୟ ମନ୍ତ୍ରୀ କହିଛନ୍ତି।

୫୨୧୧ କିମି ଦୈର୍ଘ୍ୟର ୨୧୭୯ଟି ରାସ୍ତା ନିର୍ମାଣ ହୋଇଛି। ୩୪୪୪.୪୧ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୯୯.୭୯ ପ୍ରତିଶତ କାମ ହୋଇଛି। ୪୭୦୦ କିମି ରାସ୍ତା ୨୦୨୫-୨୬ରେ ହୋଇଛି। ନକ୍ସଲ ଅଞ୍ଚଳରେ ୩୦୧୮.୭୯ କିମି କାମ ସହ ୫୫ଟି ରାସ୍ତା ଶେଷ ହୋଇଛି। ୧୭୭ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ୬୩୫.୧୨ କିମି ରାସ୍ତା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଶେଷ ହୋଇଛି। ସେତୁବନ୍ଧ ଯୋଜନାରେ ୭୫ ହଜାର କିମି ରାସ୍ତା ତିଆରି କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

୨୦୨୯ ସୁଦ୍ଧା ୫ ହଜାର ସେତୁ ନିର୍ମାଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ପଞ୍ଚାୟତିରାଜ ବିଭାଗ ଅଧିନରେ ୫୦୦ଟି ସେତୁ ନିର୍ମାଣ ପାଇଁ ଦାୟିତ୍ୱ ମିଳିଥିଲା। ସେମଧ୍ୟରୁ ୨୯୪ଟି ବ୍ରିଜ୍ କାମ ଶେଷ ହୋଇଛି। ୩୭୪ ନୂଆ ବ୍ରିଜ କାମ ପାଇଁ କେନ୍ଦ୍ରୀୟ ମଞ୍ଜୁରୀ ମିଳିଛି। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ୫୨୫.୯୦ କିମି ରାସ୍ତା ସହ ୨୭ଟି ବ୍ରିଜ କାମ ସରିଛି। ଆଗାମୀ ଦିନରେ ଜିରୋ କନେକ୍ଟିଭିଟି ଲକ୍ଷ୍ୟ ରହିଛି ବୋଲି ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି।

# ସ୍ତ୍ରୀକୁ ମାରିଦେଇଛି, ମତେ ଗିରଫ କର

● ମାନସିକ ଦୁଶ୍ଚିନ୍ତାରୁ ବୀଭତ୍ସ ହତ୍ୟା

● ସ୍ତ୍ରୀ ତଣ୍ଟିକାଟି ରକ୍ତର ହୋଲି ଖେଳିଲା ସ୍ୱାମୀ



ଭୁବନେଶ୍ୱର,୮।୪(ସଂଚାର ବ୍ୟୁରୋ): ରାଜଧାନୀ ଭୁବନେଶ୍ୱରର ଏକ ଥାନାରେ ଆଜି ଏଭଳି ଏକ ଘଟଣା ଘଟିଛି ଯାହା ସମସ୍ତଙ୍କୁ ଚକିତ କରିଦେଇଛି। ବୁଧବାର ମଧ୍ୟାହ୍ନ ପ୍ରାୟ ୧୨ଟା, ଏୟାରଫିଲଡ୍ ଥାନାରେ ପହଞ୍ଚିଲେ ଜଣେ ବ୍ୟକ୍ତି। ପୁଲିସକୁ କହିଲେ ସ୍ତ୍ରୀକୁ ମାରି ଦେଇଛି, ମୋତେ ଗିରଫ କର। ଏକଥା ଶୁଣି ପୁଲିସର ହୋସ୍ ଉଡ଼ିଯାଇଥିଲା। ସତ ଜାଣିବାକୁ ପୁଲିସ ତାଙ୍କ ସ୍ୱସ୍ତିକ ନଗର ଘରେ ପହଞ୍ଚିବା ପରେ ଯାହା ଦେଖିଲା, ତାହା ଥିଲା ଅତି ଭୟଙ୍କର, ବୀଭତ୍ସ ଓ ଅମାନୁଷିକ। ରକ୍ତରେ ଭାସୁଥିଲା ବେଡରୁମ୍, ତଳେ ରକ୍ତ ଜୁଡୁବୁଡୁ ହୋଇ ପଡ଼ିଥିଲେ ମହିଳା। ୫୫ ବର୍ଷୀୟା ପ୍ରିୟମ୍ବଦା ଷଡ଼ଙ୍ଗୀ। ୬୨ ବର୍ଷୀୟ ଦେବରାଜ ଷଡ଼ଙ୍ଗୀ ନିଜ ପତ୍ନୀଙ୍କୁ ପରିବାକଟା ଛୁରୀରେ ଅତି ନିର୍ମମ ଭାବେ ତଣ୍ଟିକୁ କାଟିଦେଇଥିଲେ। ପରେ ପୁଲିସ ନିକଟରେ ସେ ଆତ୍ମସମର୍ପଣ କରିଛନ୍ତି। ତେବେ ହତ୍ୟାକାଣ୍ଡକୁ ଗ୍ରହଣ କରିପାରୁନାହାନ୍ତି ଦେବରାଜଙ୍କ ଝିଅ ଓ ସମ୍ପର୍କୀୟ। ଝିଅଙ୍କ କହିବା କଥା, ଦିନ ପ୍ରାୟ ୧୧ଟା ବେଳେ ମା'ଙ୍କ ସୁନା ଗହଣା ଓ ଟଙ୍କା ନେଇ ଦେଇ ଆସିଥିଲେ। ପରେ ପରେ ପୁଲିସ ପାଖରୁ ହତ୍ୟା ଖବର ଶୁଣି ତାଜୁବ ହୋଇଯାଇଥିଲେ ଝିଅ। ଅବସରପ୍ରାପ୍ତ ସିନିୟର ଆକାଉଣ୍ଟାଣ୍ଟ ଦେବରାଜ ଷଡ଼ଙ୍ଗୀ। ଦୁଇ ବର୍ଷ ତଳେ ଚାକିରିରୁ ଅବସର ନେଇ ନୂଆ ଘର କରି ଖୁସିରେ ରହୁଥିଲେ। ଗୋଟିଏ ବୋଲି ଝିଅର ବାହାଘର ସରିଥିଲା। କିଛି ଅଭାବ ନ ଥିଲା, ସବୁ କିଛି ଠିକଠାକ୍ ଚାଲିଥିଲା। କିନ୍ତୁ ହଠାତ କାହିଁକି ଜଣେ ନିର୍ଦ୍ଦୟ ହତ୍ୟାକାରୀ ପାଲଟିଗଲେ ଦେବରାଜ, ତାକୁ ନେଇ ଅନେକ ପ୍ରଶ୍ନବାଚୀ ଛିଡ଼ା ହୋଇଛି। ପୁଲିସ କହିବା ଅନୁଯାୟୀ, କିଛି ଦିନ ହେବ ସେ ମାନସିକ ଦୁଶ୍ଚିନ୍ତାରେ ଥିଲେ। ଏକାଧିକ ରୋଗରେ ପୀଡ଼ିତ ଥିଲେ। ବାରମ୍ବାର ଆତ୍ମହତ୍ୟା କରିବାକୁ ଉଦ୍ୟମ କରୁଥିଲେ। କିନ୍ତୁ ସ୍ତ୍ରୀ ପ୍ରିୟମ୍ବଦା ସବୁବେଳେ ଜଗି ରହୁଥିଲେ। ଜୀବନ ହାରିବାକୁ ଉଦ୍ୟମ କରିବା ସମୟରେ ପ୍ରିୟମ୍ବଦା ବାଟ ଓଗାଳୁଥିବାରୁ ଦେବରାଜ ଉତକ୍ଷିପ୍ତ ହୋଇ ଶେଷରେ ତାଙ୍କ ଜୀବନ ନେଇଗଲେ। ଏୟାରଫିଲ୍ଡ ଥାନା ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ କରୁଛି।

# ଦୁର୍ଦ୍ଦାନ୍ତ ଅପରାଧୀ ସକିଲ୍ ଉପରେ ଏନ୍‌ଏସ୍‌ଏ ଲାଗୁ

## କଟକ ଜିଲ୍ଲାପାଳ ଦେଲେ ମଞ୍ଜୁରୀ




ତିଗିରିଆ,୮।୪(ସଂଚାର ବ୍ୟୁରୋ): ଦୁର୍ଦ୍ଦାନ୍ତ ଅପରାଧୀ ତଥା ଗୋ-ତସ୍କର ବିରୋଧରେ ଜାତୀୟ ନିରାପତ୍ତା ଆଇନ (ଏନ୍‌ଏସ୍‌ଏ) ଲାଗୁ ହୋଇଛି। ତିଗିରିଆ ଥାନା କରଡ଼ାପଲ୍ଲୀର ଦୁର୍ଦ୍ଦାନ୍ତ ଅପରାଧୀ ତଥା କୁଖ୍ୟାତ ଗୋ-ତସ୍କର ସକିଲ୍ ଖାନ ବିରୋଧରେ ଏନଏସଏ ଲାଗୁ କରିଛି କଟକ ଗ୍ରାମାଞ୍ଚଳ ଥାନା ପୁଲିସ। ସକିଲକୁ ଜାତୀୟ ନିରାପତ୍ତା ଆଇନ ଅଧୀନରେ ଜେଲ୍‌ରେ ରଖିବାକୁ କଟକ ଜିଲ୍ଲାପାଳ ଆଜି ମଞ୍ଜୁରୀ ପ୍ରଦାନ କରିଛନ୍ତି। ଜାତୀୟ ନିରାପତ୍ତା ଆଇନ-୧୯୮୦ର ଧାରା ୩ ଅନ୍ତର୍ଗତ ଉପଧାରା (୨) ଅନୁସାରେ ପ୍ରଦତ୍ତ କ୍ଷମତା ବ୍ୟବହାର କରି କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏହି ମଞ୍ଜୁରୀ ଦେଇଛନ୍ତି। ସକିଲକୁ ଆଠଗଡ଼ ରାଧାରମଣପୁର, ଆଦର୍ଶ କଏଦୀ କାରାଗାରରେ ରଖିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ସର୍ବସାଧାରଣଙ୍କ ଶୃଙ୍ଖଳାରେ ବାଧା ସୃଷ୍ଟି ହେବାର ଆଶଙ୍କା ଦୃଷ୍ଟିରୁ ଜିଲ୍ଲାପାଳ ଏହି ପଦକ୍ଷେପ ନେଇଛନ୍ତି। କଟକ ଆରକ୍ଷୀ ଅଧୀକ୍ଷକ ଗତ ଫେବ୍ରୁଆରୀ ୬ ତାରିଖରେ ସକିଲ୍ ବିରୋଧରେ ଏନ୍‌ଏସ୍‌ଏ ଅନୁଯାୟୀ ପଦକ୍ଷେପ ନେବାକୁ ପ୍ରସ୍ତାବ ଦେଇଥିଲେ। ଆଜି ଏହାକୁ କଟକ ଜିଲ୍ଲାପାଳ ମଞ୍ଜୁର କରିଛନ୍ତି। ଏହା ପୂର୍ବରୁ ରାଜ୍ୟ ସରକାରଙ୍କ ଘରୋଇ ବିଭାଗର ଆଦେଶ ଅନୁସାରେ, ସକିଲକୁ ଏନ୍‌ଏସ୍‌ଏ ଅଧୀନରେ ପୁନର୍ବାର ଅଟକ ରଖିବାକୁ ନିର୍ଦ୍ଦେଶ ଜାରି କରିଥିଲେ। ସୂଚନାଯୋଗ୍ୟ ଯେ ଗୋ-ତସ୍କର ମାମଲାରେ ଗତବର୍ଷ ଡିସେମ୍ବର ୩୧ ତାରିଖରେ ସକିଲ୍ ଗିରଫ ହେବା ପରଠାରୁ ଜେଲରେ ରହିଛି।

## ପୂର୍ତ୍ତ ମନ୍ତ୍ରୀ ଦେଲେ ନିର୍ଦ୍ଦେଶ

# ଏପ୍ରିଲ୍ ଶେଷ ସୁଦ୍ଧା ସରିବ ସାଲିଆ ସାହି ରାସ୍ତା କାମ



ଭୁବନେଶ୍ୱର,୮।୪(ସଂଚାର ବ୍ୟୁରୋ): ଚଳିତ ମାସ ଶେଷ ସୁଦ୍ଧା ଖୋଲିବ ସାଲିଆ ସାହି ରାସ୍ତା। ଏନେଇ କାମକୁ ତ୍ୱରାନ୍ୱିତ କରିବା ପାଇଁ ଆଜି ନିର୍ଦ୍ଦେଶ ଦେଇଛନ୍ତି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଜୟଦେବ ବିହାରର ପାରାଲାଲ୍ ରାସ୍ତା ଭାବେ ଏହି ରାସ୍ତା ଆରମ୍ଭ ହୋଇଛି। ଆସନ୍ତା ୩୦ ସୁଦ୍ଧା ଏହାକୁ ସାରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ଏହାର ଉଦଘାଟନକୁ ଚାହିଁ ବସିଛନ୍ତି ରାଜଧାନୀବାସୀ। ଜୟଦେବ ବିହାର ପାରାଲାଲ ରାସ୍ତା କାମ ଶେଷ ହେବା ପରେ ଏହାର ଉଦ୍‌ଘାଟନ ହେବ।

ଆସନ୍ତା ୩୦ରେ ଏହି ରାସ୍ତାକୁ ଉଦଘାଟନ କରିବା ପାଇଁ ପୂର୍ତ୍ତ ବିଭାଗ ଲକ୍ଷ୍ୟ ରଖିଛି। ଏଥିପାଇଁ କାମକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ରାସ୍ତା କାମ କିପରି ଚାଲିଛି, ଗ୍ରାଉଣ୍ଡ ଜିରୋରେ ପହଞ୍ଚି ମନ୍ତ୍ରୀ ନିଜେ ଏହାର ନିରୀକ୍ଷଣ କରିଛନ୍ତି। ଆସନ୍ତା ୧୫ ସୁଦ୍ଧା ଏହି କାମ ସାରିବା ପାଇଁ ପୂର୍ବରୁ ନିର୍ଦ୍ଦେଶ ଥିଲେ ହେଁ ଏବେ ଏହି ସମୟ ସୀମାକୁ ବୃଦ୍ଧି କରାଯାଇଛି। ଏହି ରାସ୍ତାରେ ଦୁର୍ଘଟଣା କମାଇବା ସକାଶେ ରାସ୍ତାର ଡିଜାଇନରେ କେତେକ ପରିବର୍ତ୍ତନ କରାଯାଇଥିବାରୁ ସମୟ ବଢ଼ାଯାଇଛି। ଆଉ ମାତ୍ର ୨୨ ଦିନ ମଧ୍ୟରେ କାମ ସାରି ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱରରେ ବଢ଼ୁଥିବା ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ଏମିତି ଅନେକ ରାସ୍ତା ସରକାର ନିର୍ମାଣ ଯୋଜନା କରିଛନ୍ତି। ସାଲିଆ ସାହି ରାସ୍ତା ହେଉଛି ଏହି ଯୋଜନାର ପ୍ରଥମ କାର୍ଯ୍ୟ। ଏକାମ୍ର କାନନ ପାର୍ଶ୍ୱ ରାସ୍ତାରୁ ଚୁନକୋଇଲି ପର୍ଯ୍ୟନ୍ତ ଏହି ରାସ୍ତା ନିର୍ମାଣ ହେଉଛି। ତେବେ ଏହି କାମ ସରିବା ପରେ ପାଖାପାଖି ୧୧ରୁ ୧୨ କିମି ପର୍ଯ୍ୟନ୍ତ ୨୦୦ ଫୁଟ ଓସାର ରାସ୍ତା ରାଜଧାନୀବାସିନ୍ଦା ଯାତାୟାତ ପାଇଁ ପାଇବେ। ତେଣୁ ଜୟଦେବ ବିହାରରୁ ନନ୍ଦନକାନନ ରୋଡ଼ର ଭିଡ଼କୁ କମାଇବା ପାଇଁ ଏହା ନିର୍ମାଣ କରାଯାଉଛି। ଅନ୍ୟପଟେ ଏହି ରୋଡ଼ର ଆବଶ୍ୟକତା ବେଶ୍ ଅଧିକ ରହୁଥିବା କହିଛନ୍ତି ରାଜଧାନୀବାସୀ। ତେଣୁ ଯଥାଶୀଘ୍ର ଏହି ରାସ୍ତା କାମ ଶେଷ କରିବାକୁ ସେମାନେ ଅନୁରୋଧ କରିଛନ୍ତି। ଏହି ରାସ୍ତା କାମ ସରିଲେ, ଘଣ୍ଟା ଘଣ୍ଟା ଧରି ଟ୍ରାଫିକରେ ନ ଫସି ଯଥେଷ୍ଟ ସ୍ୱଳ୍ପ ସମୟରେ ଯାତ୍ରୀମାନେ କଟକରୁ ଭୁବନେଶ୍ୱର ଆସିପାରିବେ। ରାଜଧାନୀର ଭିଡ଼କୁ କମାଇବା ପାଇଁ ମୋଟ୍ ୩୭ଟି ଜାଗାରେ ପାରାଲାଲ୍ ରୋଡ୍ ମଧ୍ୟ ନିର୍ମାଣ କରିବାର ଲକ୍ଷ୍ୟ ରହିଛି।

# ଏ ବର୍ଷ ମୌସୁମୀ ବର୍ଷା ସମ୍ଭାବନା କମ୍



ଭୁବନେଶ୍ୱର, ୮।୪ (ସଂଚାର ବ୍ୟୁରୋ): ଚଳିତ ବର୍ଷ କମ ହୋଇପାରେ ବର୍ଷା । ସ୍ୱାଭାବିକ ଠାରୁ ୬ ପ୍ରତିଶତ କମ ବର୍ଷା ହେବାକୁ ନେଇ ପୂର୍ବାନୁମାନ କରିଛି ବିଦେଶୀ ସଂସ୍ଥା ସ୍କାଇମେଟ । ସମଗ୍ର ଭାରତରେ ଏ ବର୍ଷ କମ ମୌସୁମୀ ବର୍ଷା ସମ୍ଭାବନା ରହିଛି । ତେବେ ଏଲ-ନିନୋର ପ୍ରଭାବ ଓଡ଼ିଶା ଉପରେ ପଡିନପାରେ ବୋଲି କହିଛନ୍ତି ସିଇସି ମୁଖ୍ୟ ଶରତ ଚନ୍ଦ୍ର ସାହୁ । ପୂର୍ବରୁ ମୌସୁମୀ ଉପରେ ଏଲନିନୋର ପ୍ରଭାବ ଥାଇ ମଧ୍ୟ ତାହା ଓଡ଼ିଶା ଉପରେ କାର୍ଯ୍ୟକରି ନାହିଁ ବୋଲି ସେ କହିଛନ୍ତି । ୨୦୨୫ ମସିହା, ୨୦୨୩ରେ ଏଲ-ନିନୋ ପ୍ରଭାବ ରହିଥିଲା । କିନ୍ତୁ ଓଡ଼ିଶାରେ ସ୍ୱାଭାବିକ ବର୍ଷା ରେକର୍ଡ ହୋଇଥିବା ମଧ୍ୟ ତଥ୍ୟ ରହିଛି । ଚଳିତ ବର୍ଷ ଏହାର ପ୍ରଭାବ କିପରି ରହିବ ତାହା ମେ ମାସ ବେଳକୁ ସ୍ପଷ୍ଟ ହେବ । ଏପଟେ କିନ୍ତୁ ସ୍କାଇମେଟର ଆକଳନ କହୁଛି ଏ ବର୍ଷ ୯୪ ପ୍ରତିଶତ ବର୍ଷା ସମଗ୍ର ଭାରତରେ ରେକର୍ଡ ହେବ। ବିଶେଷ କରି ଜୁନ ଜୁଲାଇରେ ବର୍ଷାର ମାତ୍ର କମ ରହିବ। ଏହା ପ୍ରଭାବ ଦେଶର ହରିୟାଣା, ପଞ୍ଜାବ, ରାଜସ୍ଥାନ ପରି ରାଜ୍ୟରେ ପଡିବା ଦମ୍ଭବନା ରହିଛି ।

# ଏଣିକି ସୋସିଆଲ ମିଡିଆରେ ଅଶ୍ଳୀଳ ଭାଷା ବ୍ୟବହାର କଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୮।୪(ସଂଚାର ବ୍ୟୁରୋ): ଏଣିକି ସୋସିଆଲ ମିଡିଆ ୟୁଜର୍ସମାନେ ସାବଧାନ ହୋଇଯିବା ଉଚିତ। କାରଣ ସୋସିଆଲ ମିଡିଆରେ କୌଣସି ଅଶ୍ଳୀଳ କିମ୍ବା ଅପଶବ୍ଦ ବ୍ୟବହାର କଲେ ଏହା ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଏନେଇ ସରକାର କଠୋର ଆଇନ ଆଣିବେ। ସୋସିଆଲ ମିଡିଆରେ ଅଶ୍ଳୀଳ ଭାଷା ବ୍ୟବହାର କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସରକାର ତୁରନ୍ତ ପ୍ରିଭେନ୍‌ସନ୍ ଅଫ ହେଟ ସ୍ପିଚ୍ ଆଣ୍ଡ ହେଟ କ୍ରାଇମ୍ ଆକ୍ଟ ଲାଗୁ କରିବେ। ଏନେଇ ଆଇନ ମନ୍ତ୍ରୀ କହିଛନ୍ତି ଯେ ସୋସିଆଲ ମିଡିଆ ଦିନକୁ ଦିନ କୁତ୍ସିତ ହେବାରେ ଲାଗିଛି। କିଛି ସୋସିଆଲ୍ ମିଡିଆ ୟୁଜର୍ ଅଭଦ୍ର ମାନସିକତା ଦେଖାଉଛନ୍ତି। ଏହାର ପ୍ରକୃତ ଚିକିତ୍ସା ହେବା ଦରକାର ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି। ସେହିପରି ସର୍ବସାଧାରଣ ସ୍ଥାନରେ ମନଇଚ୍ଛା କାହାକୁ ଅପଶବ୍ଦ ବ୍ୟବହାର ଉପରେ ବି ସରକାର ରୋକ ଲଗାଇବେ। ଅଙ୍କୁଶ ଆଣିବା ପାଇଁ ଆଇନ କମିଶନ ଏକ ଆଇନ ପାଇଁ ପ୍ରସ୍ତାବ ଦେଇଥିବା ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସୂଚନା ଦେଇଛନ୍ତି।

● ଶେଷ ପର୍ଯ୍ୟାୟରେ ଧାନ ସଂଗ୍ରହ

# ୭୭.୪୮ ମେଟ୍ରିକ ଟନ ଧାନ ସଂଗ୍ରହ

ଭୁବନେଶ୍ୱର,୮।୪ (ସଂଚାର ବ୍ୟୁରୋ): ୨୦୨୬ ଖରିଫ ଋତୁରେ ରାଜ୍ୟ ସରକାର ଆଜି ସୁଦ୍ଧା ୭୭ ଲକ୍ଷ ୪୮ ହଜାର ୩୩ ମେଟ୍ରିକ ଟନ ଧାନ ସଂଗ୍ରହ କରିଛନ୍ତି। ଏହି ପ୍ରକ୍ରିୟାରେ ୧୮ ଲକ୍ଷ ୮୪ ହଜାର ୨୨୯ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୨୩ ହଜାର ୪୪୫ କୋଟି ଟଙ୍କା ଟ୍ରାନ୍ସଫର କରାଯାଇଛି। ଆଜି ରାଜ୍ୟ ଯୋଗାଣ ସଚିବ ସଞ୍ଜୟ ସିଂ ଏହି ସୂଚନା ଦେଇଛନ୍ତି। ଯୋଗାଣ ସଚିବ ଆଜି ଶେଷ ପର୍ଯ୍ୟାୟ ଧାନ ସଂଗ୍ରହ କାର୍ଯ୍ୟର ସମୀକ୍ଷା କରିଥିଲେ। ଧାନ ସଂଗ୍ରହ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାରୁ ଜିଲ୍ଲାପାଳମାନେ ସବୁ ଚାଷୀଙ୍କ ଧାନ ସଂଗ୍ରହ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ବୈଷୟିକ ସମସ୍ୟା ଯୋଗୁଁ ଟୋକନ ପାଇପାରିନଥିବା ଚାଷୀଙ୍କ ପାଇଁ ରାଜ୍ୟ ସରକାର ଧାନ ସଂଗ୍ରହ ଆଉ ୭ ଦିନ ବୃଦ୍ଧି କରିଥିଲେ। ତୃଣମୂଳ ସ୍ତରରେ ଧାନ ସଂଗ୍ରହ ପ୍ରକ୍ରିୟାର ସମୀକ୍ଷା କରି ଚଳିତ ବର୍ଷ ରାଜ୍ୟ ସରକାର ରେକର୍ଡ ପରିମାଣର ଧାନ ସଂଗ୍ରହ କରିଥିବାରୁ ସେ ସନ୍ତୋଷ ପ୍ରକାଶ କରିଥିଲେ। ସେହିଭଳି କଟନୀ ଛଟନୀକୁ ନେଇ ରହିଥିବା ବିବାଦର ତୁରନ୍ତ ସମାଧାନ କରିବା ସହ ମଣ୍ଡିରେ ସଂଗୃହୀତ ହେଉଥିବା ସବୁ ଧାନକୁ ତୁରନ୍ତ ମିଲ୍‌କୁ ସ୍ଥାନାନ୍ତର କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ମଣ୍ଡିରେ ଧାନ ସଂଗ୍ରହରେ କୌଣସି ସମସ୍ୟା ହେବ ନାହିଁ। ଧାନ ସଂଗ୍ରହ ପ୍ରକ୍ରିୟା ଶେଷ ସ୍ତରରେ ଥିବାରୁ ଏଫସିଆଇକୁ ଚାଉଳ ତୁରନ୍ତ ହସ୍ତାନ୍ତର କରିବାକୁ ସେ ଯୋଗାଣ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମଣ୍ଡିରେ କୌଣସି ପ୍ରକାର ଅବ୍ୟବସ୍ଥା ସମ୍ପର୍କରେ ତୁରନ୍ତ '୧୯୬୭' ଟୋଲ ଫ୍ରି ନମ୍ବରରେ ସରକାରଙ୍କୁ ଅବଗତ କରିବାକୁ ସେ ଚାଷୀମାନଙ୍କୁ ନିବେଦନ କରିଛନ୍ତି।

# କାଠ ଗୋଲା ଭିତରେ ଗ୍ୟାସ୍ ଗୋଦାମ

ଭୁବନେଶ୍ୱର, ୮।୪ (ସଂଚାର ବ୍ୟୁରୋ) : କାଠ ଗୋଲା ଭିତରେ ଗ୍ୟାସ୍ ଗୋଦାମ । ବେଆଇନ ଗ୍ୟାସ ମହଜୁଦ ରଖିବା ଅଭିଯୋଗରେ ବଡ଼ ଧରଣର ଚଢ଼ାଉ। ଗ୍ୟାସ ଗୋଦାମରେ ଚଢ଼ାଉ କରୁଛି ଯୋଗାଣ ବିଭାଗ। ଭୁବନେଶ୍ୱର ସାମନ୍ତରାପୁର ଛକ ନିକଟରେ ଚଢ଼ାଉ ହୋଇଛି। ଚଢ଼ାଉ ବେଳେ ମିଳିଲା ବିପୁଳ ପରିମାଣର ଗ୍ୟାସ ଟ୍ୟାଙ୍କି ଜବତ ହୋଇଛି ।



## ପ୍ଲାଟଫର୍ମରୁ ୪ ମାସର ଶିଶୁ ଚୋରି ଅଭିଯୋଗ

# ମାମଲା ରୁଜୁ ପାଇଁ ଦମ୍ପତି ନୟାନ୍ତ



ନିରାକାରପୁର,୮।୪(ସଂଚାର ବ୍ୟୁରୋ): ଖୋର୍ଦ୍ଧା ରେଳ ଡିଭିଜନ ଅନ୍ତର୍ଗତ ନିରାକାରପୁର ରେଳ ଷ୍ଟେସନ ପରିସରରୁ ଏକ ୪ ମାସର ଶିଶୁପୁତ୍ରକୁ କେହି ଚୋରି କରିନେଇଥିବା ଅଭିଯୋଗ ହୋଇଛି। ସ୍ୱାମୀ, ସ୍ତ୍ରୀ ଓ ଶିଶୁପୁତ୍ର ପ୍ଲାଟଫର୍ମରେ ବିଶ୍ରାମ ନେଉଥିବା ସମୟରେ କୌଣସି ଦୁର୍ବୃତ୍ତ ମା' କୋଳରୁ ଶିଶୁପୁତ୍ରଟିକୁ ଚୋରି କରିଥିବା ନେଇ ନିରାକାରପୁର ରେଳବାଇ ପୁଲିସରେ ଅଭିଯୋଗ କରାଯାଇଛି।

ମିଳିଥିବା ସୂଚନାନୁସାରେ, ନୟାଗଡ଼ ଜିଲ୍ଲା ରଣପୁର ଥାନା କଳାମାଟିଆ ଗ୍ରାମର ପ୍ରଶାନ୍ତ ପ୍ରଧାନ ତାଙ୍କ ସ୍ତ୍ରୀ ଚିନୁଲତା ପରିଡ଼ା ଓ ତାଙ୍କର ୪ ମାସର ଶିଶୁପୁତ୍ର ଟ୍ରେନ୍ ଯୋଗେ ତାମିଲନାଡୁ ଯିବା ସକାଶେ ପ୍ରଥମେ କାଳୁପଡ଼ାଘାଟ ଷ୍ଟେଶନରେ ପହଞ୍ଚିଥିଲେ। ପରେ ସେମାନେ ସେଠାରୁ ଡିଏମୟୁ ଟ୍ରେନ ଯୋଗେ ନିରାକାରପୁର ଷ୍ଟେସନ୍‌କୁ ଆସିଥିଲେ। ସକାଳ ହୋଇଥିଲେ ଟ୍ରେନ ଯୋଗେ ସେମାନେ ତାମିଲନାଡୁ ଯାଇଥାନ୍ତେ। ପ୍ରଶାନ୍ତ, ତାଙ୍କ ସ୍ତ୍ରୀ ଚିନୁଲତା ଓ ତା'ର ଶିଶୁପୁତ୍ର ଷ୍ଟେସନର ୩ ନମ୍ବର ପ୍ଲାଟଫର୍ମରେ ବିଶ୍ରାମ ନେଉଥିବା ସମୟରେ ଉଭୟ ପିତାମାତାଙ୍କୁ ନିଦ ଆସିଯାଇଥିଲା। ଏହାର ସୁଯୋଗ ନେଇ କେହି ଦୁର୍ବୃତ୍ତ ଚିନୁଲତା କୋଳରୁ ଶିଶୁପୁତ୍ରଟିକୁ ଉଠାଇ ନେଇଯାଇଥିବା ଅଭିଯୋଗ ହୋଇଛି। ନିଦ ଭାଙ୍ଗିବା ପରେ ଉଭୟ ପ୍ରଶାନ୍ତ ଓ ଚିନୁଲତା ପୁଅକୁ ନ ପାଇ ଷ୍ଟେସନ୍‌ରେ ଏଣେତେଣେ ଖୋଜିଥିଲେ ବି କୌଣସି ସନ୍ଧାନ ପାଇପାରିନଥିଲେ। ତେଣୁ ଶେଷରେ ସେମାନେ ନିରାକାରପୁର ଆରପିଏଫ ପୁଲିସକୁ ସହାୟତା ମାଗିଥିଲେ। କିନ୍ତୁ ଆରପିଏଫ ପୁଲିସ କୌଣସି ସହଯୋଗ କରିବା ବଦଳରେ ସେମାନଙ୍କୁ ଗାଳିଗୁଲଜ କରିବା ସହ ପ୍ଲାଟଫର୍ମରୁ ବାହାରି ଯିବାକୁ ଧମକ ଦେଇଥିଲା। ତେଣୁ ସେମାନେ ବାଧ୍ୟ ହୋଇ ବିଳମ୍ବିତ ରାତିରେ ନିରାକାରପୁର ଥାନାରେ ପହଞ୍ଚିଥିଲେ। କିନ୍ତୁ ନିରାକାରପୁର ଥାନାରେ ସେମାନଙ୍କୁ ଜିଆର୍‌ପି ପୁଲିସ୍ ତଦନ୍ତ କରିବା ଉଚିତ ବୋଲି କହିଥିଲା। ଇତିମଧ୍ୟରେ ସକାଳ ହୋଇଯାଇଥିଲେ ବି ପ୍ରଶାନ୍ତ ଓ ଚିନୁଲତାଙ୍କ ଅଭିଯୋଗ କେହି ବି ଶୁଣିନଥିଲେ। ଶେଷରେ ସ୍ଥାନୀୟ ଲୋକଙ୍କ ଚାପରେ ରେଳବାଇ ଜିଆରପି ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ନିଖୋଜ ଶିଶୁ ସମ୍ପର୍କରେ କୌଣସି ସୂଚନା ମିଳିପାରିନାହିଁ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

ସଂଚାର SANCHAR
ଗୁରୁବାର ୯ ଏପ୍ରିଲ ୨୦୨୬
BUSINESS


## ଟାଟା ଟ୍ରଷ୍ଟରେ ଫାଟ ଜଳଜଳ

# ଗମ୍ଭୀର ଅଭିଯୋଗ ଆଣିଲେ ମେହଲି ମିସ୍ତ୍ରୀ




ମୁମ୍ବାଇ, ୮।୪: ଟାଟା ଟ୍ରଷ୍ଟରେ ପୁଣି ବିବାଦ ଦେଖାଦେଇଛି। ୨୦୨୫ରେ ଟ୍ରଷ୍ଟରୁ ଇସ୍ତଫା ଦେଇଥିବା ମେହ୍‌ଲି ମିସ୍ତ୍ରୀ ମହାରାଷ୍ଟ୍ର ଚାରିଟି କମିସନରଙ୍କ ନିକଟରେ ଦୁଇ ଜଣ ଟ୍ରଷ୍ଟି ବେଣୁ ଶ୍ରୀନିବାସନ ଓ ଅଜୟ ସିଂହଙ୍କ ନିଯୁକ୍ତିର ବୈଧତାକୁ ନେଇ ଅଭିଯୋଗ କରିଥିଲେ। ତାଙ୍କ ଯୁକ୍ତି ଥିଲା 'ବାଇ ହୀରାବାଇ ଜାମସେତଜୀ ଟାଟା ନବ୍‌ସରୀ ଚାରିଟେବୁଲ୍ ଇନ୍‌ଷ୍ଟିଚ୍ୟୁସନ୍' ନାମକ ଟ୍ରଷ୍ଟରେ କେବଳ ସେହି ବ୍ୟକ୍ତିମାନେ ଟ୍ରଷ୍ଟି ହୋଇପାରିବେ ଯେଉଁମାନେ ମୁମ୍ବାଇର ସ୍ଥାୟୀ ବାସିନ୍ଦା ଓ ପାର୍ସି ସମୁଦାୟରୁ ଆସିଛନ୍ତି। ଏହି ଦୁଇ ସର୍ତ୍ତକୁ ଶ୍ରୀନିବାସନ କିମ୍ବା ସିଂହ ପୂରଣ କରୁନାହାନ୍ତି। ମେହ୍‌ଲି ଅଭିଯୋଗ କରିବା ପରେ ଗତ ଶନିବାର ଶ୍ରୀନିବାସନ ଟ୍ରଷ୍ଟି ପଦରୁ ଇସ୍ତଫା ଦେଇଥିଲେ। କିନ୍ତୁ ଶ୍ରୀ ସିଂହ ଇସ୍ତଫା ଦେବାକୁ ମନା କରିଦେଇଛନ୍ତି। ତାହା ଟାଟା ଟ୍ରଷ୍ଟରେ ଏକ ଅଭାବନୀୟ ସ୍ଥିତି ସୃଷ୍ଟି କରିଛି। ଏହି ଦୁଇ ଜଣଙ୍କ ନିଯୁକ୍ତିକୁ ମେହ୍‌ଲି ଠକେଇ ଓ ବିଶ୍ୱାସର ଅପରାଧିକ ଉଲ୍ଲଂଘନ ବୋଲି ଅଭିଯୋଗ କରିଛନ୍ତି।

ଟ୍ରଷ୍ଟରେ ସେମାନେ ଦେଇଥିବା ନିଷ୍ପତ୍ତି ଆଇନ ଅନୁସାରେ ବୈଧ ନୁହେଁ ବୋଲି ସେ ଦାବି କରିଛନ୍ତି। ଏଥି ସହିତ ସେ ସ୍ପଷ୍ଟ କରିଛନ୍ତି ଯେ ପୁଣି ଥରେ ଟ୍ରଷ୍ଟରେ ପ୍ରବେଶ କରିବାକୁ ସେ ଏହା କରୁନାହାନ୍ତି। ଟ୍ରଷ୍ଟରେ ଚାଲିଥିବା ବେଆଇନ କାର୍ଯ୍ୟକଳାପର ପର୍ଦ୍ଦାଫାସ କରିବା ତାଙ୍କର ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି। ଟାଟା ଟ୍ରଷ୍ଟ୍ ଅଧୀନରେ ଏକାଧିକ ଟ୍ରଷ୍ଟ ରହିଛି ଯାହା ବିଭିନ୍ନ ପ୍ରକାର ଦାତବ୍ୟ କାର୍ଯ୍ୟରେ ନିୟୋଜିତ ରହିଛନ୍ତି। ଏହି ଟ୍ରଷ୍ଟଗୁଡ଼ିକ ମିଳିତ ଭାବେ ଟାଟା ଟ୍ରଷ୍ଟସ ନାମରେ ପରିଚିତ। ଟାଟା ଗ୍ରୁପ୍‌ର ପରିଚାଳନା କରୁଥିବା ଟାଟା ସନ୍ସରେ ସେହି ଟ୍ରଷ୍ଟର ସିଂହ ଭାଗ ଅଂଶଧନ ରହିଛି। ତେଣୁ ଟାଟା ଗ୍ରୁପର ପରିଚାଳନାରେ ଟ୍ରଷ୍ଟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଛି। ଟାଟା ଗ୍ରୁପ୍‌ର ପୂର୍ବତନ ମୁଖ୍ୟ ରତନ ଟାଟା ବଞ୍ଚିଥିବା ପର୍ଯ୍ୟନ୍ତ ସେଭଳି କୌଣସି ବିବାଦ ନଥିଲା। କିନ୍ତୁ ତାଙ୍କ ଦେହାନ୍ତ ପରେ ଟ୍ରଷ୍ଟରେ ଫାଟ ଦେଖାଦେଇଥିଲା। ଟାଟା ଟ୍ରଷ୍ଟରେ ପ୍ରଶାସନିକ ସମସ୍ୟା ଥିବା ସମ୍ପର୍କରେ ପୂର୍ବରୁ ମଧ୍ୟ ମେହଲି ଆପତ୍ତି ଉଠାଇଥିଲେ। ତାଙ୍କୁ ଟ୍ରଷ୍ଟର ଆଜୀବନ ସଦସ୍ୟ ଭାବେ ନିଯୁକ୍ତ କରିବା ପାଇଁ ୨୦୨୪ ଅକ୍ଟୋବରରେ ଏକ ପ୍ରସ୍ତାବ ଆଗତ କରାଯାଇଥିଲା। ତିନି ଜଣ ଟ୍ରଷ୍ଟି ବିରୋଧ କରିବାରୁ ତାହା ସମ୍ଭବ ହୋଇନଥିଲା। ସେହି ଘଟଣାକୁ ଆଗକୁ ବଢ଼ାଇବା ବଦଳରେ ସେ ୨୦୨୫ ନଭେମ୍ବର ୪ରେ ଟ୍ରଷ୍ଟି ପଦରୁ ଇସ୍ତଫା ଦେଇଥିଲେ।

## ଯୁଦ୍ଧ ହେଲା ଇରାନ ଯୁଦ୍ଧ



# ଆକାଶ ଛୁଆଁ ହେଲା ସୁନା ରୁପା

ନୂଆଦିଲ୍ଲୀ, ୮।୪: ଆମେରିକା ଏବଂ ଇରାନ ମଧ୍ୟରେ ଦୁଇ ସପ୍ତାହ ପାଇଁ ଅସ୍ତ୍ରବିରତି ଘୋଷଣା ହେବା ପରେ ମାର୍କେଟ୍‌ରେ ଏକାଧିକ ପରିବର୍ତ୍ତନ ହୋଇଛି। ତୈଳ ଦର ହ୍ରାସ ପାଇଛି। ବିଭିନ୍ନ ଏସୀୟ ଦେଶର ଶେୟାର ମାର୍କେଟ୍‌ରେ ଜବରଦସ୍ତ ବୃଦ୍ଧି ଦେଖିବାକୁ ମିଳିଛି। ହେଲେ ସୁନା ଓ ରୁପା ଉପରେ ଏହାର ଓଲଟା ପ୍ରଭାବ ପଡ଼ିଛି। ଯୁଦ୍ଧ ବିରାମ ଘୋଷଣା ପରେ ସୁନା ଓ ରୁପା ଦରରେ ଜବରଦସ୍ତ ବୃଦ୍ଧି ଦେଖିବାକୁ ମିଳିଛି। ଆଜି, (୮ ଏପ୍ରିଲ) ସୁନା ଏବଂ ରୁପା ମୂଲ୍ୟ ବୃଦ୍ଧି ପାଇଛି। ଇଣ୍ଡିଆ ବୁଲିୟନ୍ ଆଣ୍ଡ୍ ଜୁଏଲର୍ସ ଆସୋସିଏସନ୍‌ଅ ନୁଯାୟୀ, ୨୪ କ୍ୟାରେଟ୍ ସୁନାର ୧୦ ଗ୍ରାମ ମୂଲ୍ୟରେ ୪,୦୦୦ ଟଙ୍କା ବୃଦ୍ଧି ପାଇ ଦାମ ₹୧.୫୨ ଲକ୍ଷ ଟଙ୍କାରେ ପହଞ୍ଚିଛି। ଏହା ପୂର୍ବରୁ, ଏପ୍ରିଲ ୭ ତାରିଖରେ ସୁନା ମୂଲ୍ୟ ୧୦ ଗ୍ରାମ ପ୍ରତି ₹୧.୪୮ ଲକ୍ଷ ଟଙ୍କା ଥିଲା। ଅନ୍ୟପଟେ ସୁନା ଠାରୁ ବି ଆଜି ରୁପା ଅଧିକ ମହଙ୍ଗା ହୋଇଛି। ଏକ କିଲୋ ରୁପା ମୂଲ୍ୟରେ ବୁଧବାର ୧୩ ହଜାର ଟଙ୍କା ବଢ଼ି କେଜି ମୂଲ୍ୟ ₹୨.୪୪ ଲକ୍ଷରେ ହୋଇଛି। ଏହା ପୂର୍ବରୁପ ରୁପା କେଜି ମୂଲ୍ୟ ₹୨.୩୧ ଲକ୍ଷ ଟଙ୍କା ଥିଲା। ତେବେ ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ମୂଲ୍ୟ ୧ ଲକ୍ଷ ୪୧ ହଜାର ଟଙ୍କା ରହିଛି। ୨୦୨୬ରେ ଏପର୍ଯ୍ୟନ୍ତ ସୁନା ୧୯,୦୦୦ ଟଙ୍କା ଏବଂ ରୁପା ୧୪,୦୦୦ ଟଙ୍କା ମହଙ୍ଗା ହୋଇଛି। ୩୧ ଡିସେମ୍ବର ୨୦୨୫ରେ ୧୦ ଗ୍ରାମ ସୁନାର ମୂଲ୍ୟ ₹୧.୩୩ ଲକ୍ଷ ଟଙ୍କା ରହିଥିଲା। ଯାହା ଏବେ ₹୧.୫୨ ଲକ୍ଷ ଟଙ୍କାରେ ପହଞ୍ଚିଛି। ସେହିପରି ରୁପା ମୂଲ୍ୟରେ ଏପର୍ଯ୍ୟନ୍ତ ୧୪ ହଜାର ଟଙ୍କା ମହଙ୍ଗା ହେଲାଣି। ୩୧ ଡିସେମ୍ବରରେ ଏକ କିଲୋଗ୍ରାମ ରୁପା ମୂଲ୍ୟ ₹୨.୩୦ ଲକ୍ଷ ଟଙ୍କା ଥିଲା, ଯାହା ଏବେ ₹୨.୪୪ ଲକ୍ଷ ଟଙ୍କାରେ ପହଞ୍ଚିଛି।

## ଏବେ ଜବରଦସ୍ତି ଡାଟା ପ୍ଲାନ ରିଚାର୍ଜ ସମାପ୍ତ

# କମ୍ପାନିକୁ ଆଣିବାକୁ ପଡ଼ିବ କଲ୍-ଏସଏମଏସ ପ୍ଲାନ

ନୂଆଦିଲ୍ଲୀ, ୮।୪: ଗ୍ରାହକଙ୍କୁ ମିଳିବ ଶସ୍ତା କଲ୍ ଓ ଏସଏମଏସ ପ୍ଲାନ୍। ଭଏସ ସହ ଡାଟା ପ୍ଲାନ ନେବାକୁ ବାଧ୍ୟ କରିପାରିବେନି ଟେଲିକମ୍ କମ୍ପାନି। ଗ୍ରାହକ ଚାହିଁଲେ ନେଇପାରିବେ କେବଳ କଲ୍ କିମ୍ବା ଏସଏମଏସ ପ୍ୟାକ୍ । ଭାରତୀୟ ଟେଲିକମ୍ ନିୟାମକ ଟ୍ରାଇ ମଙ୍ଗଳବାର, ଟେଲିକମ୍ କମ୍ପାନିଙ୍କୁ ମୋବାଇଲ ପ୍ଲାନ ଉପରେ ନୂଆ ପ୍ରସ୍ତାବ ଦେଇଛି। ଯେଉଁଥିରେ ଶସ୍ତା ଭଏସ ଓନଲି ଏବଂ ଏସଏମଏସ ପ୍ଲାନ ଆଣିବାକୁ କୁହାଯାଇଛି। ସବୁ କିଛି ଠିକ୍ ରହିଲେ ଆଗକୁ ଫୋନ୍ କଲ୍ ଏବଂ ଏସଏମଏସ ଥିବା ଅଲଗା ଅଲଗା ଶସ୍ତା ପ୍ଲାନ ବାଧ୍ୟତାମୂଳକ ହେବ।

ମୋବାଇଲ୍ ରିଚାର୍ଜର ବଢ଼ୁଥିବା ମୂଲ୍ୟକୁ ନେଇ ଅସନ୍ତୁଷ୍ଟ ୟୁଜର୍ସ। ଏଥିରେ ସେହି ଲୋକଙ୍କୁ ଅଧିକ ସମସ୍ୟା ହେଉଥିଲା, ଯେଉଁମାନେ କେବଳ କଲ୍ ଏବଂ ଏସଏମଏସ କରିବାକୁ ଚାହୁଁଥିଲେ। ତଥାପି ସେମାନଙ୍କୁ ବାଧ୍ୟ ହୋଇ ମହଙ୍ଗା ଡାଟା ବିଶିଷ୍ଟ ପ୍ଲାନ ନେବାକୁ ପଡୁଥିଲା। ଏବେ ଏହି ସମସ୍ୟାକୁ ଦୂର କରିବା ପାଇଁ ଟେଲିକମ ରେଗୁଲେଟରୀ ଅଥରିଟି ଅଫ ଇଣ୍ଡିଆ(ଟ୍ରାଇ) ଏ ସଂଦର୍ଭରେ ଏକ ନୂଆ ଡ୍ରାଫ୍ଟ ଜାରି କରିଛି। ଏଥିରେ ଟେଲିକମ କମ୍ପାନିକୁ ଏମିତି ପ୍ଲାନ ନେବାକୁ କୁହାଯାଇଛି, ଯେଉଁଥିରେ କେବଳ କଲ୍ ଏବଂ ଏସଏମଏସର ସୁବିଧା ଥିବ ଏବଂ ଡାଟା ନ ଥିବ।

ଏହି ପ୍ରସ୍ତାବର ଉଦ୍ଦେଶ୍ୟ ୟୁଜର୍ସଙ୍କୁ ଭଲ ବିକଳ୍ପ ଦେବା ଏବଂ ଅନାବଶ୍ୟକ ଡାଟା ପ୍ଲାନକୁ ଏଡ଼ାଇବା। ବିଶେଷ କରି ଗ୍ରାମାଞ୍ଚଳ, ବୟସ୍କ ବ୍ୟକ୍ତି ଏବଂ ଫିଚର ଫୋନ ବ୍ୟବହାରକାରୀଙ୍କୁ ବଡ଼ ଫାଇଦା ମି। ଯଦି ଏହି ନିୟମ ଲାଗୁ ହୁଏ ତେବେ ମୋବାଇଲ୍ ୟୁଜର୍ସଙ୍କୁ ପ୍ରଥମ ଥର ପ୍ରତିଟି ଭାଲିଡିଟିରେ ଶସ୍ତା ଭଏସ ଓ ଏସଏମଏସ ପ୍ଲାନର ବିକଳ୍ପ ମିଳିବ। ଟେଲିକମ କମ୍ପାନି ଜିଓ, ଏୟାରଟେଲ, ଭୋଡାଫୋନ ଆଇଡିଆକୁ ଏବେ ସବୁ ପ୍ରକାରର ରିଚାର୍ଜ ପ୍ଲାନ ସହିତ ଏକ ଏମିତି ପ୍ଲାନ ଦେବାକୁ ପଡ଼ିବ ଯେଉଁଥିରେ କେବଳ କଲ ଏବଂ ଏସଏମଏସ ସୁବିଧା ଥିବ। ଅର୍ଥାତ ଯଦି କୌଣସି ୨୮ ଦିନିଆ, ୫୬ ଦିନିଆ କିମ୍ବା ୮୪ ଦିନିଆ ପ୍ଲାନ ରହିଛି, ତେବେ ସେହି ଭାଲିଡିଟିରେ ଭଏସ+ଏସଏମଏସ ବିଶିଷ୍ଟ ପ୍ଲାନ ମଧ୍ୟ ଦେବାକୁ ପଡ଼ିବ। ଟ୍ରାଇ ମୁତାବକ ଏବେ ବଜାରରେ ଭଏସ-ଓନ୍‌ଲି ପ୍ଲାନ ବହୁତ କମ ରହିଛି ଏବଂ ଯାହା ବି ରହିଛି ତାହାର ଭାଲିଡିଟି ୮୪ ଦିନ କିମ୍ବା ୩୬୫ ଦିନର ରହିଛି। ଏହା ବ୍ୟତୀତ ଏହି ପ୍ଲାନର ମୂଲ୍ୟ ମଧ୍ୟ ଅଧିକ ରହିଛି। ଆଉ ଏଥିରେ ଡାଟା ସାମିଲ୍ ନ ଥାଏ। ଟ୍ରାଇ ଏହି ପ୍ରସ୍ତାବ ଉପରେ ଚଳିତ ବର୍ଷ ଏପ୍ରିଲ ୨୮ ସୁଦ୍ଧା ଟେଲିକମ କମ୍ପାନିଗୁଡ଼ିକୁ ରିପୋର୍ଟ ଦେବାକୁ କହି। ଟ୍ରାଇର ଏହି ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ୟୁଜର୍ସଙ୍କୁ ଶସ୍ତାରେ ଭଏସ ଏବଂ ଏସଏମଏସ ବିଶିଷ୍ଟ ପ୍ଲାନ ମିଳିବ। ଆଉ ବାଧ୍ୟ ହୋଇ ଡାଟା ବିଶିଷ୍ଟ ପ୍ଲାନ ନେବାକୁ ପଡ଼ିବ ନାହିଁ କି ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିବନି। ଏହା ଲାଗୁ ହେଲେ କମ୍ପାନିକୁ ନିଜର ପ୍ଲାନ ସହିତ ଏହି ପ୍ଲାନକୁ ଯୋମିବାକୁ ପଡ଼ିବ।




## ଭିମ୍ ଓ ପେଟିଏମ୍‌ରେ ଆସିଲା ନୂଆ ଫିଚର

# ମୁହଁ ଦେଖିଲେ ହେବ ପେମେଣ୍ଟ

ନୂଆଦିଲ୍ଲୀ, ୮।୪: ଯଦି ଆପଣ ମଧ୍ୟ ପେମେଣ୍ଟ କରିବା ସମୟରେ ବାରମ୍ବାର ୟୁପିଆଇ ପିନ୍ (ୟୁପିଆଇ ପିନ୍) ଭୁଲିଯାଉଛନ୍ତି, ତେବେ ଆପଣଙ୍କ ପାଇଁ ଏକ ଆଶ୍ୱସ୍ତିକର ଖବର। ଡିଜିଟାଲ୍ ପେମେଣ୍ଟକୁ ଅଧିକ ସହଜ ଏବଂ ସୁରକ୍ଷିତ କରିବା ପାଇଁ ଭୀମ୍ ଆପ୍ (ଭିମ୍ ଆପ) ଏବଂ ପେଟିଏମ୍ (ପେଟିଏମ୍) ଏକ ନୂଆ ବାୟୋମେଟ୍ରିକ୍ ଫିଚର ଆରମ୍ଭ କରିଛନ୍ତି। ଏବେ ଆପଣଙ୍କୁ ବାରମ୍ବାର ନିଜର ପିନ୍ ଟାଇପ୍ କରିବାର ଆବଶ୍ୟକତା ନାହିଁ; କେବଳ ଫିଙ୍ଗରପ୍ରିଣ୍ଟ କିମ୍ବା ଫେସ୍ ଅନଲକ୍ ସାହାଯ୍ୟରେ ସେକେଣ୍ଡକ ମଧ୍ୟରେ ପେମେଣ୍ଟ ହୋଇପାରିବ। ଏହା ସହିତ ପେଟିଏମ୍ ରେ ଏବେ ବିନା ଡେବିଟ୍ କାର୍ଡରେ ଏଟିଏମ୍‌ରୁ ଟଙ୍କା ଉଠାଇବାର ଏକ ନୂଆ ସୁବିଧା ମଧ୍ୟ ପ୍ରଦାନ କରାଯାଇଛି। ଜାଣନ୍ତୁ ଏହି ନୂତନ ଫିଚରଗୁଡ଼ିକ ବିଷୟରେ ସବିଶେଷ ତଥ୍ୟ। ନ୍ୟାସନାଲ୍ ପେମେଣ୍ଟସ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନପିସିଆଇ) ର ଗାଇଡଲାଇନ୍ ଅନୁଯାୟୀ, ଏହି ନୂଆ ବାୟୋମେଟ୍ରିକ୍ ଫିଚର ମାଧ୍ୟମରେ ୟୁଜର୍ସ ୫,୦୦୦ ଟଙ୍କା ପର୍ଯ୍ୟନ୍ତ ୟୁପିଆଇ ଟ୍ରାଞ୍ଜାକ୍ସନ୍ କେବଳ ଫିଙ୍ଗରପ୍ରିଣ୍ଟ କିମ୍ବା ଫେସ୍ ରେକଗନିସନ୍ ମାଧ୍ୟମରେ କରିପାରିବେ। ଏହାଦ୍ୱାରା ବାଲାନ୍ସ ଚେକ୍ ମଧ୍ୟ କରିହେବ। ତେବେ ୫,୦୦୦ ଟଙ୍କାରୁ ଅଧିକ ପେମେଣ୍ଟ କରିବାକୁ ହେଲେ ପୂର୍ବଭଳି ଆପଣଙ୍କୁ ନିଜର ୪ କିମ୍ବା ୬ ଅଙ୍କ ବିଶିଷ୍ଟ ୟୁପିଆଇ ପିନ୍ ଦେବାକୁ ପଡ଼ିବ। ଯେଉଁମାନେ ପିନ୍ ଦେଇ ପେମେଣ୍ଟ କରିବାକୁ ଚାହୁଁଛନ୍ତି, ସେମାନଙ୍କ ପାଇଁ ପୂର୍ବ ବିକଳ୍ପ ମଧ୍ୟ ଖୋଲା ରହିଛି। ପେଟିଏମ୍ ଏହି ଫିଚର ସହ ଏକ କାର୍ଡଲେସ୍ ଏଟିଏମ୍ ଉଠାଣ ସୁବିଧା ମଧ୍ୟ ଆଣିଛି। ଏହି ସୁବିଧା ଥିବା ଏଟିଏମ୍‌ଗୁଡ଼ିକରେ ଗ୍ରାହକମାନେ ଥରକେ ସର୍ବାଧିକ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାସ୍ ଉଠାଇପାରିବେ। ଦୈନିକ ଟଙ୍କା ଉଠାଣ ସୀମା ଆପଣଙ୍କ ନିଜ ବ୍ୟାଙ୍କର ନିୟମ ଉପରେ ନିର୍ଭର କରିବ। ଏଥିପାଇଁ ମଧ୍ୟ ଆପଣଙ୍କୁ ବାୟୋମେଟ୍ରିକ୍ ଭେରିଫିକେସନ୍ ବ୍ୟବହାର କରିବାର ସୁବିଧା ମିଳିବ। ପ୍ରାୟତଃ ଦୋକାନ କିମ୍ବା ଭିଡ଼ ଜାଗାରେ ପିନ୍ ଟାଇପ୍ କରିବା ସମୟରେ ଆଖପାଖ ଲୋକ ଏହାକୁ ଦେଖିନେବାର ଏବଂ ପିନ୍ ଲିକ୍ ହେବାର ଭୟ ରହିଥାଏ। କିନ୍ତୁ ବାୟୋମେଟ୍ରିକ୍ ଅଥେଣ୍ଟିକେସନ୍ ଦ୍ୱାରା ଏହି ଆଶଙ୍କା ଯଥେଷ୍ଟ କମିଯିବ।

ଆପଣଙ୍କ ବାୟୋମେଟ୍ରିକ୍ ଡାଟା (ଫିଙ୍ଗରପ୍ରିଣ୍ଟ କିମ୍ବା ଫେସ୍ ଆଇଡି) ପେଟିଏମ୍ କିମ୍ବା ବ୍ୟାଙ୍କ ପାଖରେ ସେଭ୍ ହୋଇନଥାଏ। ଏହା କେବଳ ଆପଣଙ୍କ ନିଜ ଡିଭାଇସ୍‌ରେ ହିଁ ସୁରକ୍ଷିତ ଥାଏ।

ନିଜ ଫୋନରେ ପେଟିଏମ୍ ଆପ୍ ଖୋଲନ୍ତୁ। ବାମ ପାର୍ଶ୍ୱରେ ଥିବା ପ୍ରୋଫାଇଲ୍ ଆଇକନ୍ ଉପରେ କ୍ଲିକ୍ କରନ୍ତୁ। ସେଟିଙ୍ଗ୍ସକୁ ଯାଇ 'ପେ ଉଇଥ୍ ଫିଙ୍ଗରପ୍ରିଣ୍ଟ' କିମ୍ବା 'ପେ ଉଇଥ୍ ଫେସ୍ ଆଇଡି' ବିକଳ୍ପ ଉପରେ ଟ୍ୟାପ୍ କରନ୍ତୁ। ବର୍ତ୍ତମାନ ଆପଣ ଯେଉଁ ବ୍ୟାଙ୍କ ଆକାଉଣ୍ଟ ପାଇଁ ଏହି ବାୟୋମେଟ୍ରିକ୍ ପେମେଣ୍ଟ ଆକ୍ଟିଭ୍ କରିବାକୁ ଚାହୁଁଛନ୍ତି ତାହାକୁ ବାଛନ୍ତୁ। ସ୍କ୍ରିନ୍ ଆସୁଥିବା ନିର୍ଦ୍ଦେଶ ଅନୁଯାୟୀ ନିଜର ଫିଙ୍ଗରପ୍ରିଣ୍ଟ ବା ଫେସ୍ ଆଇଡି ଦେଇ ଅଥେଣ୍ଟିକେଟ୍ କରନ୍ତୁ। ଏବେ ଏହା ସକ୍ରିୟ ହୋଇଯିବ ଏବଂ ଆପଣ ୫,୦୦୦ ଟଙ୍କା ପର୍ଯ୍ୟନ୍ତ ପେମେଣ୍ଟ ତଥା ବାଲାନ୍ସ ଚେକ୍ ସୁରକ୍ଷିତ ଭାବେ କରିପାରିବେ।

ଯଦି ଆପଣ ଭିମ୍ ଆପ୍ ବ୍ୟବହାର କରୁଛନ୍ତି, ତେବେ ଧ୍ୟାନ ରଖନ୍ତୁ ଯେ ଏହି ଫିଚର ଆପେଆପେ ଚାଲୁ ହୁଏନାହିଁ। ଆପଣଙ୍କୁ ଆପରେ ସେଟିଙ୍ଗ୍ସକୁ ଯାଇ ବାୟୋମେଟ୍ରିକ୍ ଅଥେଣ୍ଟିକେସନ୍‌କୁ ମାନୁଆଲ୍ ଭାବେ 'ଅନ୍' କରିବାକୁ ପଡ଼ିବ। ଏହା ପୂର୍ବରୁ ଆପଣଙ୍କ ଫୋନରେ ସ୍କ୍ରିନ୍ ଲକ୍ ପାଇଁ ଫିଙ୍ଗରପ୍ରିଣ୍ଟ କିମ୍ବା ଫେସ୍ ଲକ୍ ସେଟ୍ ହୋଇଥିବା ନିତାନ୍ତ ଜରୁରୀ।



## ଏମପିସି ବୈଠକରେ ବଡ଼ ନିଷ୍ପତ୍ତି ନେଲା ଆରବିଆଇ

# ମହଙ୍ଗା ହେବନି ଋଣ, ବଢ଼ିବନି ଇଏମଆଇ

ନୂଆ ଆର୍ଥିକ ବର୍ଷର ପ୍ରଥମ ମୁଦ୍ରା ନୀତି କମିଟି (ଏମପିସି) ବୈଠକରେ ରେପୋରେଟ ହାର ଅପରିବର୍ତ୍ତିତ ରଖାଯାଇଛି। ରୋପେ ହାରକୁ ୫.୨୫ ପ୍ରତିଶତରେ ଅପରିବର୍ତ୍ତିତ ରଖିଛି ଆର୍‌ବିଆଇ। ବୈଠକ ଶେଷ ହେବା ପରେ ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଏହି ସୂଚନା ଦେଇଛନ୍ତି। ଏହାର ଅର୍ଥ ହେଉଛି,ଭାରତୀୟଙ୍କ ପାଇଁ ଋଣ ଅଧିକ ମହଙ୍ଗା ହେବ ନାହିଁ। ଋଣ ଉପରେ ଇଏମଆଇ ବଢ଼ିବ ନାହିଁ।

ବୁଧବାର(ଏପ୍ରିଲ ୮) ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ଅଧ୍ୟକ୍ଷତାରେ ଏମପିସି ବୈଠକ ବସିଥିଲା। ୨୦୨୬-୨୭ ଆର୍ଥିକ ବର୍ଷର ଏହା ପ୍ରଥମ ଏମ୍‌ପିସି ବୈଠକ ଥିଲା। ଯାହା ୬-୮ ଏପ୍ରିଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା।

ସବୁଠାରୁ ବଡ଼ କଥା ହେଲା ପଶ୍ଚିମ ଏସିଆରେ ଯୁଦ୍ଧ ସମୟରେଏକାଧିକ ଅର୍ଥନୈତିକ ସମସ୍ୟା ସୃଷ୍ଟି ହୋଇଥିଲା। ଏକାଧିକ ଚ୍ୟାଲେଞ୍ଜ ଯଥା- ଅଶୋଧିତ ତୈଳ ମୂଲ୍ୟରେ ତୀବ୍ର ବୃଦ୍ଧି ଏବଂ ଟଙ୍କାର ମୂଲ୍ୟ ହ୍ରାସ ଘଟିଥିଲା। ଏହା ସତ୍ତ୍ୱେ ବି ଆରବିଆଇ ରେପୋ ହାର ୫.୨୫ ପ୍ରତିଶତରେ ବଜାୟ ରଖିବାକୁ ନିଷ୍ପତ୍ତି ନେଇଛି।

ଏହା ପୂର୍ବରୁ ଫେବୃଆରୀରେ ରେପୋ ହାର ଅପରିବର୍ତ୍ତିତ ରହିଥିଲା। ଡିସେମ୍ବର ୨୦୨୫ରେ RBI ଶେଷ ଥର ପାଇଁ ସୁଧ ହାର ୦.୨୫%ହ୍ରାସ କରି ୫.୨୫%କରିଥିଲା। ଆରବିଆଇ ବ୍ୟାଙ୍କଗୁଡ଼ିକୁ ଯେଉଁ ହାରରେ ଋଣ ଦିଏ ତାହାକୁ ରେପୋ ହାର କୁହାଯାଏ। ଯେତେବେଳେ ଆରବିଆଇ ରେପୋ ହାର ହ୍ରାସ କରେ,ବ୍ୟାଙ୍କଗୁଡ଼ିକ ଏହି ଲାଭ ସେମାନଙ୍କ ଗ୍ରାହକମାନଙ୍କୁ ଦିଅନ୍ତି। ସେମାନେ ବି ଋଣ ଉପରେ ସୁଧା ହ୍ରାସ କରନ୍ତି। ଆରବିଆଇ ଗଭର୍ଣ୍ଣରଙ୍କ ଅନୁଯାୟୀ,ମୁଦ୍ରାସ୍ଫୀତି ପୁନଃ ଫେରିବାର ଆଶଙ୍କା ଏପର୍ଯ୍ୟନ୍ତ ଟଳି ନାହିଁ। ଖରାପ ପାଗ ଏବଂ ଅଣମୌସୁମୀ ବର୍ଷା ଯୋଗୁ ଫଳ,ପନିପରିବା ଏବଂ ଶସ୍ୟର ମୂଲ୍ୟ ବୃଦ୍ଧି ପାଇବାର ଆଶଙ୍କା ରହିଛି। ଇରାନ-ଇସ୍ରାଏଲ ଯୁଦ୍ଧ ଯୋଗାଣ ଶୃଙ୍ଖଳା ଉପରେ ନକାରାତ୍ମକ ପ୍ରଭାବ ପକାଉଛି।ତେଣୁ ଏଭଳି ପରିସ୍ଥିତିରେ ନିରବ ପରିସ୍ଥିତି ଅନୁଧ୍ୟାନ କରିବା ନୀତି ଉପରେ ଗୁରୁତ୍ୱ ଦେଉଛି ଆରବିଆଇ।




ଗଭର୍ଣ୍ଣର କହିଛନ୍ତି ବିଶ୍ୱ ବଜାରରେ ଅସ୍ଥିରତାକୁ ଦୃଷ୍ଟିରେ ରଖି,ଆରବିଆଇ କୌଣସି ତରବର ନିଷ୍ପତ୍ତି ନେବାକୁ ଚାହୁଁନାହିଁ। ବ୍ୟାଙ୍କ ବିଶ୍ୱ ଅର୍ଥନୈତିକ ପରିସ୍ଥିତି ଉପରେ ନଜର ରଖିବାକୁ ଚାହୁଁଛି। ଏହି କାରଣରୁ ସୁଧ ହାର ପରିବର୍ତ୍ତନ କରାଯାଇ ନାହିଁ।

ରେପୋ ହାର ଅପରିବର୍ତ୍ତିତ ରଖିବା ସହିତ ଦେଶରେ ଅଭିବୃଦ୍ଧି ନେଇ ମଧ୍ୟ ଆକଳନ କରିଛି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ। ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମଲହୋତ୍ରା କହିଛନ୍ତି ଯେ ଏହି ବର୍ଷ ପାଇଁ ରିୟଲ ଜିଡିପି ଗ୍ରୋଥ୍ ୬.୯ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି। ସେପଟେ ବାହ୍ୟ କ୍ଷେତ୍ରରେ ଉପୁଜିଥିବା ନାନା ସମସ୍ୟା ଯୋଗୁ ସାମଗ୍ରୀ ରପ୍ତାନୀ ବାଧାପ୍ରାପ୍ତ ପାଇଛି। ପ୍ରମୁଖ ଜାହାଜ ଚଳାଚଳ ମାର୍ଗରେ ବାଧା ସୃଷ୍ଟି ହେବା, ଅଧିକ ମାଲ ପରିବହନ ଏବଂ ବୀମା ମୂଲ୍ୟ ବୃଦ୍ଧି, ଯୁଦ୍ଧ ଯୋଗୁ ବିଶ୍ୱରେ ଡିମାଣ୍ଡ ହ୍ରାସ ଭଳି ସମସ୍ୟା ସାମଗ୍ରୀ ରପ୍ତାନିକୁ କ୍ଷତି ରହଞ୍ଚାଇପାରେ ବୋଲି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ଗଭର୍ଣ୍ଣର କହିଛନ୍ତି।

ଗଭର୍ଣ୍ଣର ଆହୁରି କହିଛନ୍ତି "ତଥାପି, ନିକଟରେ ହୋଇଥିବା କିଛି ବାଣିଜ୍ୟ ଚୁକ୍ତିନାମାରୁ କିଛି ବାଣିଜ୍ୟିକ ରପ୍ତାନି ଲାଭବାନ ହୋଇପାରେ। ଏଗୁଡ଼ିକରୁ ଏକାଧିକଙ୍କର ଚୁକ୍ତି ଗତ ବର୍ଷ ସ୍ୱାକ୍ଷରିତ ହୋଇଥିଲା। ଅନ୍ୟଗୁଡ଼ିକ ଏହି ବର୍ଷ କାର୍ଯ୍ୟକ୍ଷମ ହେବାର ଆଶା କରାଯାଉଛି। ତେବେ ସେବା ରପ୍ତାନି(services exports) ସ୍ଥିର ରହିବ ବୋଲି ଆଶା କରାଯାଉଛି।" ଆରବିଆଇ ଆର୍ଥିକ ବର୍ଷ ୨୭ ପାଇଁ ସିପିଆଇ ମୁଦ୍ରାସ୍ଫୀତି ୪.୬ ପ୍ରତିଶତ ରହିବ ବୋଲି ଆକଳନ କରିଛି। ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଛନ୍ତି, " ଇନ୍ଧନ ମୂଲ୍ୟରେ ତୀବ୍ର ବୃଦ୍ଧି ଏବଂ କଞ୍ଚାମାଲ ଅଭାବ ମୁଦ୍ରାସ୍ଫୀତି ଭୟ ବଢ଼ୁଛି। ଫଳରେ ବିଶ୍ୱ ଅଭିବୃଦ୍ଧି ନିମ୍ନଗାମୀ ହେଉଛି।"

ଆରବିଆଇ ଗଭର୍ଣ୍ଣର କହିଛନ୍ତି " ଯଦିଓ ପେଟ୍ରୋଲ ଏବଂ ଡିଜେଲର ଖୁଚୁରା ମୂଲ୍ୟ ଏପର୍ଯ୍ୟନ୍ତ ଅପରିବର୍ତ୍ତିତ ରହିଛି , ତେବେ ଯୁଦ୍ଧ ଯୋଗୁ ଏନର୍ଜୀ ମୂଲ୍ୟରେ ସମ୍ପ୍ରତି ବୃଦ୍ଧି ଏକ ବିପଦ ଭାବରେ ଉଭା ହୋଇଛି। ସେହିପରି ରବି ଋତୁରେ ଦୃଢ଼ ଉତ୍ପାଦନ, ପର୍ଯ୍ୟାପ୍ତ ସଂରକ୍ଷଣ ଏବଂ ଖାଦ୍ୟ ଶସ୍ୟର ଉତ୍ତମ ବଫର ଷ୍ଟକ ଯୋଗୁ ନିକଟ ଭବିଷ୍ୟତରେ ଖାଦ୍ୟ ମୂଲ୍ୟ ନିୟନ୍ତ୍ରଣାଧୀନ ରହିପାରେ।"



## ଆଜିର ସୁନା ଦର

ବର୍ତ୍ତମାନ ରୁପା ଦର ଏକ କେଜି ପିଛା ୧୦ ହଜାର ବଢ଼ି ହୋଇଛି ୨ ଲକ୍ଷ ୬୫ ହଜାର ଟଙ୍କା। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୩,୮୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୧,୦୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୩,୮୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୪୧,୦୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୩,୮୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୪୧,୦୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୩,୯୭୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୪୧,୧୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୯୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୨,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୩,୮୨୦ ୧,୪୧,୦୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୦,୦୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୭ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି ।

# ବ୍ଲକସ୍ତରୀୟ ମନରେଗା ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର



ସୁବର୍ଣ୍ଣପୁର,୮।୪(ସଂଚାର ବ୍ୟୁରୋ)ଃ ସୁବର୍ଣ୍ଣପୁର ଜିଲ୍ଲା ତରଭା ପଞ୍ଚାୟତ ସମିତି ସଭାଗୃହ ପରିସରରେ ମନରେଗା ଯୋଜନା ଅନ୍ତର୍ଗତ ବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୧.୩୦ ମିନିଟ୍ ସମୟରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତଥା ଜନଶୁଣାଣୀ କମିଟିର ଅଧ୍ୟକ୍ଷ ଶ୍ରୀ ରାଜେନ୍ଦ୍ର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଏହି ସମୀକ୍ଷା ଅବଧି (୦୧.୦୪.୨୦୨୫ ରୁ ୩୦.୦୯.୨୦୨୫) ମଧ୍ୟରେ ବ୍ଲକରେ ମୋଟ ୧, ୦୮, ୪୬୯ ଶ୍ରମ ଦିବସ ସୃଷ୍ଟି କରାଯାଇଥିବା ବେଳେ ଏଥିପାଇଁ ୨୯୬.୧୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ସୂଚନା ଅନୁଯାୟୀ, ଏହି ସମୟ ମଧ୍ୟରେ ୫, ୫୨୬ ଟି ପରିବାରକୁ କାର୍ଯ୍ୟ ଯୋଗାଇ ଦିଆଯାଇଥିବା ବେଳେ ୫୫ ଜଣ ଜବକାର୍ଡଧାରୀ ସଫଳତାର ସହ ୧୦୦ ଦିନର କାର୍ଯ୍ୟ ସମ୍ପାଦନ କରିଛନ୍ତି। କାର୍ଯ୍ୟକ୍ରମରେ ତରଭା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିବାନନ୍ଦ କର୍ମୀ ଏବଂ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜ କର୍ଣ୍ଣ ଉପସ୍ଥିତ ରହି ମନରେଗା କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ। ସାମାଜିକ ସମୀକ୍ଷକ ଗୋପକୃଷ୍ଣ ରାଉତ ସମୀକ୍ଷା ଅବଧି ମଧ୍ୟରେ ହୋଇଥିବା ୪୨ଟି କାର୍ଯ୍ୟର ତ୍ରୁଟି ବିଚ୍ୟୁତି ଉପସ୍ଥାପନ କରିଥିଲେ। ଏହି ତ୍ରୁଟିଗୁଡ଼ିକୁ ସୁଧାରିବା ପାଇଁ ଅଧ୍ୟକ୍ଷ ଶ୍ରୀ ମାଝୀ ପଞ୍ଚାୟତ ସ୍ତରୀୟ କର୍ମଚାରୀଙ୍କୁ ୧୫ ଦିନର ମହଲତ ପ୍ରଦାନ କରିଛନ୍ତି। ଏହି ଅବସରରେ ୧୦୦ ଦିନର କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବା ୧୭ ଜଣ ଅଣକୁଶଳୀ ଶ୍ରମିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ଉତ୍ତମ ପ୍ରଦର୍ଶନ ପାଇଁ ବାଲିଖମାର ଗ୍ରାମ ପଞ୍ଚାୟତକୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏ.ପି.ଓ ସମିତ ମହାକୁର କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ନରେଗା ସହଯୋଗୀ ଅଶ୍ୱିନୀ ମିଶ୍ର ଓ ଉତ୍ତମ ନାଗ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉକ୍ତ ଶିବିରରେ ସମସ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀ, ଭି.ଆର.ପି, ଜନ ପ୍ରତିନିଧି, ଜବକାର୍ଡ ଧାରୀ ଓ ମେଟ୍ ପ୍ରମୁଖ ଉପସ୍ଥିତ ଥିଲେ।

● ଶିକ୍ଷକ ସମନ୍ୱୟ ସମିତିର ପଞ୍ଚଦଶ ପ୍ରତିଷ୍ଠା ଦିବସ

# ଶିକ୍ଷକ ଜାଗ୍ରତ ହେଲେ ସମାଜ ପରିବର୍ତ୍ତନ ହୋଇପାରିବ



ବାଲିଆପାଳ,୮।୪ (ସଂଚାର ବ୍ୟୁରୋ)ଃ ଶିକ୍ଷକ ମାନଙ୍କର ଥିବା ବିଭିନ୍ନ ସମସ୍ୟା ସରକାରଙ୍କ ପାଖରେ ପହଞ୍ଚାଇବା, ଶିକ୍ଷକ ମାନଙ୍କ ମଧ୍ୟରେ ଏକତାକୁ ବଜାୟ ରଖିବା, ପୂଜ୍ୟପୂଜାର ସଂସ୍କୃତିକୁ ଦ୍ୱିଗୁଣିତ କରିବା, ଶିକ୍ଷକ ବର୍ଗୀକରଣର ସମାନତା ରକ୍ଷା କରି ଶିକ୍ଷକଙ୍କୁ ଚାପ ମୁକ୍ତ କରିବା ପାଇଁ ସରକାର ପଦକ୍ଷେପ ନିଅନ୍ତୁ ବୋଲି ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ସୁନାରୁଇ ଗଦାଧର ଗିରି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଶିକ୍ଷକ ସମନ୍ୱୟ ସମିତିର ପ୍ରତିଷ୍ଠା ଦିବସରେ ଅତିଥି ମାନେ ଉପରୋକ୍ତ ମତବ୍ୟକ୍ତ କରିଥିଲେ।ସଭା ପ୍ରାରମ୍ଭରେ ବ୍ଲକରେ ବିଭିନ୍ନ ବିଦ୍ୟାଳୟରୁ ନେଇଥିବା ୩୭ ଜଣ ଅବସରପ୍ରାପ୍ତ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ମାନଙ୍କୁ ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା।ସମିତିର ସଭାପତି ବିଶ୍ୱମ୍ବର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦିବସରେ ମୁଖ୍ୟ ଅତିଥି ଭାବେ ବାଲିଆପାଳ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନା, ମୁଖ୍ୟ ବକ୍ତା ଧ୍ରୁବ ଚରଣ ସଂସ୍କୃତ କଲେଜର ଅଧ୍ୟକ୍ଷ ପ୍ରୀୟବ୍ରତ ପଣ୍ଡା, ସମ୍ମାନୀତ ଅତିଥି ଭାବେ, ଅତିରିକ୍ତ ଶିକ୍ଷାଧିକାରୀ ନମିତା ପ୍ରଭା ସାମଲ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ। ଅନ୍ନପୂର୍ଣ୍ଣା ପ୍ରଧାନ, ସମିତିର ଉପଦେଷ୍ଟା ଅବସରପ୍ରାପ୍ତ ଶିକ୍ଷକ ଆଦିତ୍ୟ କୁମାର ରାଉତ, ମନ୍ମଥ କୁମାର ବିଶ୍ୱାଳ, ପ୍ରଭାତ ରଞ୍ଜନ ସାହୁ, ସମିତିର ସମ୍ପାଦକ ପୂର୍ଣ୍ଣେନ୍ଦୁ ଦାସ, ଆବାହକ ସୁଶାନ୍ତ କୁମାର ଗିରି, ସଦସ୍ୟ ସିଆରସିସି ଯଶୋବନ୍ତ ଜେନା, ଶିକ୍ଷକ ପ୍ୟାରିମୋହନ ବିଶ୍ୱାଳ, ସୁବାଷ ଚନ୍ଦ୍ର ଭଞ୍ଜ, ଦିଲ୍ଲୀପ କୁମାର ସାହୁ, ଶିବଶଙ୍କର ମୁଜୁମଦାର ମଞ୍ଚାସିନ ଥିଲେ। ସହକାରୀ ଶିକ୍ଷକ ରଞ୍ଜନ କୁମାର ମହାନ୍ତି ମନ୍ତ୍ରପାଠ କରିଥିବା ବେଳେ ନିତାଇ ଚରଣ ରାଉଳ ଅତିଥି ପରିଚୟ ଏବଂ ମଞ୍ଚ ଆହ୍ୱାନ କରିଥିଲେ। ବ୍ୟୋମକେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।ଏହି ଅବସରରେ ନବ ନିଯୁକ୍ତ ସିଆରସିସି ମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇ ଥିଲା। ଶିକ୍ଷକ ବିଜୟ କୁମାର ବାରିକ, ସନ୍ତୋଷ କୁମାର ଜେନା, ଉତ୍ତମ କୁମାର ପାତ୍ର, ପ୍ରଦୀପ କୁମାର ପଣ୍ଡା, ରବୀନ୍ଦ୍ର କୁମାର ପଣ୍ଡା ସମେତ ଗଦାଧର ଗିରି ଉଚ୍ଚ ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଶିକ୍ଷକ ସଂଘର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ୩ ଦିନିଆ ମାଦଳ ମହୁରୀ ଉତ୍ସବ ଉଦ୍‌ଘାଟିତ



ବାରିପଦା,୮।୪ (ସଂଚାର ବ୍ୟୁରୋ)ଃ ସ୍ଥାନୀୟ ସହିଦ ସ୍ମୃତି ଭବନରେ ଦୂର୍ଯ୍ୟ - ସରସ୍ୱତୀ ସାଂସ୍କୃତିକ ପରିଷଦ ଓ ସୌଖିନ କଳାକାର କ୍ଲବ ଆନୁକୂଲ୍ୟରେ ଆୟୋଜିତ ୩ ଦିନିଆ ମାଦଳ ମହୁରୀ ଉତ୍ସବ - ୨୦୨୬ ଉଦଘାଟିତ ହୋଇଯାଇଛି । ପରିଷଦର ମୁଖ୍ୟ ସଂଯୋଜକ କ୍ଷୀରୋଦ ବିହାରୀ ସିଟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ଅତିଥି ଭାବେ ଯୋଗଦେଇ ଆମ ଜିଲ୍ଲାର ଦୁଇ ବରପୁତ୍ର ଇ. ଅଶୋକ ବସା ଓ ଶିକ୍ଷାବିତ କିଶୋର କୁମାର ବସା, ଶିକ୍ଷାବିତ ପ୍ରୋ ମୋହିତ କୁମାର ଷଡ଼ଙ୍ଗୀ, ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଉତ୍ସବର ସଫଳତା କାମନା କରିବା ସହ ଏହି ଉତ୍ସବରେ ମଞ୍ଚସ୍ଥ ହେଉଥିବା ନାଟକରେ ଯୁବ କଳାକାର ଓ ନିର୍ଦ୍ଦେଶକଙ୍କୁ ସୁଯୋଗ ଦେଇଥିବାରୁ ଆୟୋଜକଙ୍କୁ ପ୍ରଶଂସା କରିଥିଲେ। ଏହି ଅବସରରେ ଉପସ୍ଥିତ ଅତିଥିଙ୍କୁ ତାଙ୍କର ସମାଜ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ସୋମନାଥ ସିଂହ ମଞ୍ଚ ପରିଚାଳନା କରିଥିଲେ । ପ୍ରଥମ ସନ୍ଧ୍ୟାରେ ନାଟ୍ୟକାର କ୍ଷୀରୋଦ ବିହାରୀ ସିଟଙ୍କ ରଚିତ ଦୁଇଟି ମନୋରଞ୍ଜନ ଧର୍ମୀ ନାଟକ ମଞ୍ଚସ୍ଥ ହୋଇଥିଲା । ଗୁହିରାମ ଜେନାଙ୍କ ନିର୍ଦ୍ଦେଶିତ 'ମହା ବିଭ୍ରାଟ' ନାଟକରେ ପ୍ରସନ୍ନ କୁମାର ମହାନ୍ତି, ସରୋଜ କୁମାର ଶତପଥି, ଘନଶ୍ୟାମ କର, ହିମାଂଶୁ ସାହୁ, ଜ୍ୟୋତିର୍ଜ୍ୟୋତି ସେଠି ଓ କାର୍ତ୍ତିକ ଚନ୍ଦ୍ର ବେହେରା ଅଭିନୟ କରିଥିବା ବେଳେ ଲଭରଜିତ ସାହୁ ମଞ୍ଚ ଓ ଧରମଜିତ ମହାପାତ୍ର ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ । ଧନଞ୍ଜୟ ସାହୁଙ୍କ ନିର୍ଦ୍ଦେଶିତ 'ରାଜଧାନୀରେ କରୋନା ଠକ' ନାଟକରେ ଧନଞ୍ଜୟ, ପ୍ରେମଦୀପ, ଅବିନାଶ, ସିଦ୍ଧାର୍ଥ, ଜ୍ୟୋତିଶଙ୍କର ଓ କାକୋଳି ଅଭିନୟ କରିଥିଲେ । ଚିନ୍ମୟ ଶେଜପଡା ଓଡିଶୀ ନୃତ୍ୟ, ସରନ୍ୟା ସାହୁ, ମୋନାଲିସା ସେଠି ଓ ଆଦ୍ୟାଶା ଗଜେନ୍ଦ୍ର ମହାପାତ୍ରଙ୍କ ସଂଗୀତ ତଥା ନଂ - ୧ ଡ୍ୟାନ୍ସ ଏକାଡେମୀର କୁନି କଳାକାରଙ୍କ ନୃତ୍ୟ ବେଶ ଆକର୍ଷଣୀୟ ହୋଇଥିଲା ।

ଡ଼ାକ୍ତରଖାନାର ଉନ୍ନତି ପାଇଁ ସାଧାରଣରେ ଦାବି

# ସିଏଚସି ମାନ୍ୟତା କେବେ ମିଳିବ ?




ବୈଶିଙ୍ଗା,୮।୪(ସଂଚାର ବ୍ୟୁରୋ)ଃ ମୟୂରଭଞ୍ଜ ମହାରାଜାଙ୍କ ଦ୍ୱାରା ୧୯୨୫ ମସିହାରେ ବୈଶିଙ୍ଗା ଓ ଏହାର ଆଖପାଖ ଅଞ୍ଚଳର ୫୦/୬୦ ଖଣ୍ଡ ମୌଜାର ଜନ ସାଧାରଣଙ୍କ ସ୍ୱାସ୍ଥ୍ୟସେବାକୁ ଦୃଷ୍ଟିରେ ରଖି ବୈଶିଙ୍ଗା ଠାରେ ଏକ ଆଞ୍ଚଳିକ ଡାକ୍ତରଖାନା ସ୍ଥାପନା କରଯାଇଥିଲା।ଏହି ଡାକ୍ତରଖାନାଟି ସ୍ଥାପନା ର ଶତବାର୍ଷିକୀ ପୂର୍ତ୍ତୀ ହୋଇ ସାରିଛି। ସ୍ୱାଧୀନତାର ୭୯ ବର୍ଷ ପୁରି ଯାଉଥିଲେ ମଧ୍ୟ ଆଜି ବି ସେଇ ଆଞ୍ଚଳିକ ଡାକ୍ତରଖାନାର ମାନ୍ୟତା ବଜାୟ ରଖିଛି। ଏଇ ୭୯ ବର୍ଷ ମଧ୍ୟରେ ଗଣତାନ୍ତ୍ରିକ ପଦ୍ଧତି ରେ କେତେ ସରକାର ଆମକୁ ଶାସନ କରି ଚାଲିଗଲେଣି। ମାତ୍ର ସ୍ୱାସ୍ଥ୍ୟସେବା ନାମରେ ସରକାର କେତେ କେତେ ଟଙ୍କା ବ୍ୟୟ ବରାଦ କରୁଛନ୍ତି ତାର ହିସାବ ନାହିଁ। ବୈଶିଙ୍ଗା ନିର୍ବାଚନ ମଣ୍ଡଳୀର ପ୍ରଥମ ଡାକ୍ତରଖାନା ବୈଶିଙ୍ଗା ଠାରେ ପ୍ରତିଷ୍ଠାର ବହୁ ବର୍ଷ ପରେ ଆଖପାଖ ପଞ୍ଚାୟତରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଦି ତତ୍କାଳୀନ ସରକାରଙ୍କ ଦ୍ୱାରା ସ୍ଥାପନା କରାଯାଇଛି। ମାତ୍ର ବୈଶିଙ୍ଗା ଡାକ୍ତରଖାନା ପ୍ରତି କାହାରି ନଜର ରହିଲା ନାହିଁ। ଏଥିପାଇଁ ଚାରିବର୍ଷ ତଳେ ଆଞ୍ଚଳିକ ବିକାଶ ପରିଷଦ ନାମରେ ଏକ ସଙ୍ଗଠନ ଗଠନ କରାଯାଇ ଡାକ୍ତରଖାନା ର ଉନ୍ନତ୍ତି ପାଇଁ ସଂଘର୍ଷ ଜାରି ରହିଥିଲା।କୋଭିଡ ର ଭୟାବହତା ବେଳେ ଟୀକାକରଣ ସମୟରେ ଯେଉଁଭଳି ଅବ୍ୟବସ୍ଥା ଡାକ୍ତରଖାନାରେ ଦେଖିବାକୁ ମିଳିଥିଲା ତାହାକୁ ଅନୁଧ୍ୟାନ କରି ଏହି ଡାକ୍ତରଖାନା ଟିକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିଣତ କରିବାପାଇଁ ଆଞ୍ଚଳିକ ବିକାଶ ପରିଷଦ ତରଫରୁ ପୂର୍ବ ସରକାରଙ୍କୁ ଅବଗତ କରା ଯାଇଥିଲା। ମାତ୍ର ଗୋଟିଏ ବ୍ଲକ୍‌ରେ ଗୋଟିଏ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ହେବା ପରିପେକ୍ଷୀରେ ବୈଶିଙ୍ଗା ଡାକ୍ତରଖାନାରେ ଟ୍ରମା ସେଣ୍ଟର କରା ଯିବାର ପ୍ରତିଶ୍ରୁତି ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ପ୍ରତିଶ୍ରୁତି ଅନୁଯାୟୀ ଜିଲ୍ଲା ର ସମସ୍ତ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଲାଗିଲା। ମାତ୍ର ବୈଶିଙ୍ଗା ଡାକ୍ତରଖାନାରେ ଟ୍ରମା ସେଣ୍ଟର ହୋଇପାରିଲାନାହିଁ।ଏହି ଡାକ୍ତରଖାନାର ଉନ୍ନତ୍ତି ପାଇଁ ମାନ୍ୟବର ବିଧାୟକ ସନାତନ ବିଜୁଳି ପୂର୍ବ ସରକାର ସମୟରେ ବାରମ୍ବାର ସରକାର ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନୂଆ ମୋହନ ସରକାର ଙ୍କ ଦୁଇ ବର୍ଷ କାର୍ଯ୍ୟକାଳ ମଧ୍ୟରେ ପୁଣି ସେହି ଅଭିଯୋଗ ଉଠାଇଥିଲେ ମଧ୍ୟ କିଛି କାର୍ଯ୍ୟକାରି ହୋଇ ପାରିନାହିଁ। ଜାତୀୟ ସ୍ୱାସ୍ଥ୍ୟ ମିଶନ ଆନୁକୂଲ୍ୟରେ ୨୦୨୩ ମସିହାରେ ପାଞ୍ଚ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ସେଥିମଧ୍ୟରୁ ଦୁଇ କୋଟି ମୂଲ୍ୟର ଏକ ବିଲ୍ଡିଂ ତିଆରି ତିନି ବର୍ଷ ଧରି ଚାଲିଛି, ସରିବାର ନାଁ ଧରୁନି। ବାକି ତିନି କୋଟି ଟଙ୍କା କେଉଁ କାର୍ଯ୍ୟରେ ଲାଗିଲା ତାର ହିସାବ ପ୍ରଶାସନ ପାଖରେ ନାହିଁ। ସୂଚନା ମାଗିଥିଲେ ମଧ୍ୟ ମିଳିପାରୁ ନାହିଁ। ଏବେ ଏକ ପାଚେରୀ ନିର୍ମାଣ ଚାଲିଛି ସତ ମାତ୍ର କିଏ କେଉଁ ଅନୁଦାନରୁ ହେଉଛି ତାର ଫଳକ ମଧ୍ୟ ନାହିଁ। ଡାକ୍ତର ସମସ୍ୟା ଲାଗି ରହିଛି, ଜଣେ ଆୟୁଷ ଡାକ୍ତର ଏକମାତ୍ର ସାହା ଓ ଭରଷା ପାଲଟିଛି। ଦୁଇଜଣ ଗଛଇଟ ମଧ୍ୟରୁ ଜଣେ ଉଚ୍ଚ ଶିକ୍ଷା ପାଇଁ ଯାଇଥିବା ବେଳେ ଆଉ ଜଣେ ଡେପୁଟେସନ ରେ ଅଛନ୍ତି। ଏଣୁ ସ୍ୱାସ୍ଥ୍ୟ ବ୍ୟବସ୍ଥା ସୁଧାରିବା ପାଇଁ ଦାବି ହେଉଛି।

ଖାଉଟି ପାଉନାହାନ୍ତି ହେଲେ କମ୍ପାନୀ କହୁଛି 'ଡେଲିଭରି ସଫଳ'!

# କଳାବଜାରୀ ନା ବଡ଼ ଧରଣର ଘୋଟାଲା ?




ବାଲିକୁଦା,୮।୪(ସଂଚାର ବ୍ୟୁରୋ)ଃ ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅନ୍ତର୍ଗତ କାଲିଓ ପଞ୍ଚାୟତରେ ଥିବା 'ବାବା ବୃକ୍ଷରାଜ ଏଚପି ଗ୍ୟାସ ବିତରଣ ସଂସ୍ଥା' ବିରୋଧରେ ଆସିଛି ସାଂଘାତିକ ଅଭିଯୋଗ। ସରକାରୀ ନିୟମକୁ ଜଳାଞ୍ଜଳି ଦେଇ ଖାଉଟିଙ୍କ ହକକୁ ଲୁଟ୍ କରାଯାଉଥିବା ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।ସରକାରୀ ନିର୍ଦ୍ଦେଶ ଅନୁଯାୟୀ, ଜଣେ ଉପଭୋକ୍ତା ପ୍ରତି ୪୫ ଦିନରେ ଗୋଟିଏ ସିଲିଣ୍ଡର ପାଇବାକୁ ହକଦାର। ମାତ୍ର ବାବା ବୃକ୍ଷରାଜ ଗ୍ୟାସ ଏଜେନ୍ସିର ଖାଉଟିମାନେ ଗ୍ୟାସ ବୁକିଂ ପାଇଁ ନିର୍ଦ୍ଧାରିତ ନମ୍ବରକୁ କଲ୍ କଲା ବେଳକୁ ସେମାନଙ୍କ ପାଖକୁ ଆଶ୍ଚର୍ଯ୍ୟଜନକ ମେସେଜ୍ ଆସୁଛି। ମେସେଜ୍‌ରେ ଦର୍ଶାଯାଉଛି ଯେ, 'ଆପଣ ଗ୍ୟାସ ପାଇସାରିଛନ୍ତି ଏବଂ ପରବର୍ତ୍ତୀ ଗ୍ୟାସ ୪୫ ଦିନ ପରେ ପାଇବେ।'ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ଯେ, ବିନା ଓ ଟି ପି ରେ କିମ୍ବା ଖାଉଟିଙ୍କ ଅଜାଣତରେ ଗ୍ୟାସ ଡେଲିଭରି କିଭଳି ଦେଖାଯାଉଛି ? ଉପଭୋକ୍ତାଙ୍କୁ ଗ୍ୟାସ ନଦେଇ କାଗଜପତ୍ରରେ ବିତରଣ ଦର୍ଶାଯାଇ ଏହାକୁ କଳାବଜାରରେ ଚଢ଼ା ଦରରେ ବିକ୍ରି କରାଯାଉଥିବା ନେଇ ଅଭିଯୋଗ ହେଉଛି। ଗ୍ୟାସ ପାଇ ନଥିଲେ ମଧ୍ୟ ବୁକିଂ ଲିମିଟ୍ ଶେଷ ଦେଖାଉଛି। ଖାଉଟିଙ୍କ କୋଟା ଗ୍ୟାସକୁ ଅଧିକ ଦରରେ ବାହାରେ ବିକ୍ରି କରାଯାଉଥିବା ସନ୍ଦେହ। ଏତେ ବଡ଼ ଅନିୟମିତତା ଚାଲିଥିଲେ ମଧ୍ୟ ସମ୍ପୃକ୍ତ ବିଭାଗ କାହିଁକି ଚୁପ୍ ବୋଲି ପ୍ରଶ୍ନ ଉଠୁଛି।ଏହି ସ୍କାମ୍ ପଛରେ କାହାର ହାତ ଅଛି ଏବଂ କେଉଁ ଅଧିକାରୀଙ୍କ ଛତ୍ରଛାୟା ତଳେ ଏହି କଳାବଜାରୀ ଚାଲିଛି, ତାହା ଏବେ ତଦନ୍ତ ସାପେକ୍ଷ। ସ୍ଥାନୀୟ ଜନସାଧାରଣ ଏହାର ଉଚ୍ଚସ୍ତରୀୟ ତଦନ୍ତ ସହ ଏଜେନ୍ସି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ବର୍ଷା, ଘଡଘଡି ଦେଖିଲେ ଘଣ୍ଟା ଘଣ୍ଟା ଅନ୍ଧାର

# କାହିଁକି ହୋଇପାରୁନି ବିଦ୍ୟୁତର ସୁଦୃଢ ଭିତ୍ତିଭୂମି ?



କାକଟପୁର/ଅସ୍ତରଙ୍ଗ,୮।୪ (ସଂଚାର ବ୍ୟୁରୋ)ଃ ଗୋଟିଏ ଦୁଇଟି ଘଡଘଡି ଓ ହାଲୁକା ବର୍ଷା ରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ରେ ବିଜୁଳି ଯୋଗାଣ ବ୍ୟବସ୍ଥା ଦୋହଲି ଯାଉଛି। ସନ୍ଧ୍ୟା ୬ରୁ ରାତି ୧୦ପର୍ଯ୍ୟନ୍ତ ଅସ୍ତରଙ୍ଗ ବ୍ଲକ ଅଞ୍ଚଳ ଅନ୍ଧାର ହୋଇଯାଇଥିଲା। ଏହା ପରେ କେତେ ଥର ବିଜୁଳି ସରବରାହ ଆଖି ମିଟିକା ମାରିଛି। ଆଗକୁ ଅଧିକ ଗ୍ରୀଷ୍ମ ଅନୁଭୂତ ହେବାକୁ ଥିବାରୁ ସେତେବେଳେ କେତେ ଥର ଯେ ଅଘୋଷିତ ବିଦ୍ୟୁତ କାଟ କରାଯିବ ତାହା ହିଁ ଏବେ ଅସ୍ତରଙ୍ଗ ବାସୀଙ୍କୁ ଚିନ୍ତାରେ ପକାଇଦେଇଛି। ଅପରପକ୍ଷେ, ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳ ରେ ଭୂତଳ ବିଦ୍ୟୁତ କେବୁଲ ବିଛାଯିବା ନେଇ ଯେଉଁ ସ୍ୱପ୍ନ ଦେଖାଇ ଦିଆଯାଇଥିଲା ତାହା ସ୍ୱପ୍ନ ଭିତରେ ରହିଯାଇଛି। ଏପଟେ ବିଜୁଳି ର ଲୁଚକାଳି ଓ ଅନ୍ୟାନ୍ୟ ସମସ୍ୟା କୁ ନେଇ ବାରମ୍ବାର ସରକାର ଙ୍କ ଦୃଷ୍ଟି କରିଛନ୍ତି ଅସ୍ତରଙ୍ଗ ବ୍ଲକ ଅଞ୍ଚଳବାସୀ। ତଥାପି ବିଦ୍ୟୁତ ବିଭାଗ ନିଦ ଭାଙ୍ଗୁନାହିଁ। ବରଂ ଯୋଜନା ବଦ୍ଧ ଭାବେ ବିଦ୍ୟୁତର ଭିତ୍ତିଭୂମି ସୁଦୃଢ଼ କରିବା ବଦଳରେ ଉକ୍ତ ବିଭାଗ ନାନା ଦାମୀ ଉପକରଣ କୁ ଚୋର ଙ୍କ ମୁହଁରେ ଆହାର କରିବାକୁ ଚକ୍ରାନ୍ତ କରୁଥିବାର ସନ୍ଦେହ ଦୃଢ଼ୀଭୂତ ହୋଇଛି। କାରଣ ଗତ କିଛି ବର୍ଷ ଭିତରେ ଅସ୍ତରଙ୍ଗ ବ୍ଲକର ବିଭିନ୍ନ କୋଣ ଅନୁକୋଣ ରୁ କୋଟି କୋଟି ଟଙ୍କାର ତାର, ଟ୍ରାନ୍ସଫର୍ମର, ଦାମୀ ଜିଆଇ ବିଦ୍ୟୁତ ଖୁଣ୍ଟ ଚୋରି ହୋଇସାରିଛି।

## ଓଡ଼ିଆ ପକ୍ଷ ଅବସରରେ ରକ୍ତଦାନ ଅଭିଯାନ

ସୁନ୍ଦରଗଡ଼,୮।୪ (ସଂଚାର ବ୍ୟୁରୋ)ଃ ଓଡ଼ିଆ ପକ୍ଷ ପାଳନର ସପ୍ତମ ଦିନରେ ରକ୍ତଦାନ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟ ପରିସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସୁନ୍ଦରଗଡ଼ ପୌରପାଳିକା, ଜିଲ୍ଲା ରେଡକ୍ରସ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୁଲ୍ୟରେ ଏହି ରକ୍ତଦାନ ଅଭିଯାନ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭା ଉପବାଚସ୍ପତି ତଥା ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ଯୋଗ ଦେଇ ଏହି ରକ୍ତଦାନ ଅଭିଯାନର ଶୁଭ ଉଦଘାଟନ କରିଥିଲେ। 'ରକ୍ତଦାନ ମହତ୍ ଦାନ, ରକ୍ତଦାନ ଦ୍ୱାରା ଆମେ ଅନେକ ଲୋକଙ୍କ ଜୀବନ ବଞ୍ଚେଇ ପାରିଥାଉ। ତେଣୁ ଏହି ମହତ୍ ଉଦ୍ଦେଶ୍ୟ ନିମନ୍ତେ ସମସ୍ତେ ସ୍ୱେଚ୍ଛାକୃତ ଭାବେ ଆଗଭର ହେବା ସହିତ ଅନ୍ୟ ମାନଙ୍କ ପାଇଁ ଏକ ପ୍ରେରଣା ହେବା ଆବଶ୍ୟକ ' ବୋଲି ଉପ ବାଚସ୍ପତି ଶ୍ରୀ ଭୋଇ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏହି ଅବସରରେ ସୁନ୍ଦରଗଡ଼ ପୌରାଧ୍ୟକ୍ଷା ଶ୍ରୀମତୀ ତନୟା ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ରକ୍ତ ଦାନର ମହନୀୟତା ଉପରେ ଆଲୋକପାତ କରିବା ସହିତ ରକ୍ତଦାନର ଉପାଦେୟତା ଉପରେ ମଧ୍ୟ ଆଲୋଚନା କରି ଥିଲେ।

# ଏସଆଇଏ ଅଧ୍ୟୟନ ପାଇଁ ସାଧାରଣ ଶୁଣାଣି



ସୁନ୍ଦରଗଡ,୮।୪ (ସଂଚାର ବ୍ୟୁରୋ)ଃ ଝାରସୁଗୁଡା ଜିଲ୍ଲା ଅନ୍ତର୍ଗତ ଝାରସୁଗୁଡା ତହସିଲର ତିଲେଇମାଲ ଗ୍ରାମରେ ୬୮.୪୮ ଏକର ଘରୋଇ ଜମି ଅଧିଗ୍ରହଣ ସମ୍ବନ୍ଧୀୟ ସାମାଜିକ ପ୍ରଭାବ ମୂଲ୍ୟାଙ୍କନ ଅଧ୍ୟୟନ ରିପୋର୍ଟ ଉପରେ ଗ୍ରାମବାସୀଙ୍କ ମତାମତ ଲୋଡ଼ିବା ପାଇଁ ୦୮.୦୪.୨୦୨୬ ରେ ତିଲେଇମାଲ ଗ୍ରାମର ମୁଣ୍ଡାଧିପା ଖେଳପଡ଼ିଆ ରେ ଏକ ସାଧାରଣ ଶୁଣାଣି କରାଯାଇଥିଲା। ଏନଟିପିସି ଦର୍ଲିପାଲିର ଆଗାମୀ ପର୍ଯ୍ୟାୟ-୨ (୧X୮୦୦ ମେଗା ୱାଟ) ପାଇଁ ଆଶ୍ ଡାଇକ୍ ସମ୍ପ୍ରସାରଣ ପାଇଁ ଏହି ଜମି ଅଧିଗ୍ରହଣ କରାଯିବାର ପ୍ରସ୍ତାବ ରହିଛି। ଝାରସୁଗୁଡାର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଭୂମି ଅଧିଗ୍ରହଣ ଅଧିକାରୀ- ଝାରସୁଗୁଡା, ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ଜିଲ୍ଲା ପ୍ରଶାସନର ଅନ୍ୟାନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ରାଜ୍ୟ ଶିଆ ଏସଆଇଏ ୟୁନିଟ୍-ଏନ ସି ଡ଼ି ଏସ , ଭୁବନେଶ୍ୱର ଦ୍ୱାରା ନିୟୋଜିତ ଜିଓ ଇନଭାଇଟେକ୍ ରିସର୍ଚ୍ଚ ଆଣ୍ଡ୍ କନସଲ୍ଟାନ୍ସି ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍, ଭୁବନେଶ୍ୱର, ସାମାଜିକ ପ୍ରଭାବ ମୂଲ୍ୟାଙ୍କନ ସର୍ଭେର ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲା। ଗ୍ରାମବାସୀ ମାନେ ଆଗାମୀ ପ୍ରକଳ୍ପକୁ ସ୍ୱାଗତ କରିବା ସହିତ ସେମାନଙ୍କ ଜୀବନ ଏବଂ ଜୀବିକା ଉପରେ ଏହାର ପ୍ରଭାବ ବିଷୟରେ ସେମାନଙ୍କର ମତାମତ ଉପସ୍ଥାପନ କରିଥିଲେ। ପ୍ରଦୂଷଣ ହ୍ରାସ କରିବା ପାଇଁ ପ୍ରୟାସ ବ୍ୟତୀତ ସ୍ଥାନୀୟ ଅଞ୍ଚଳରେ ବିକାଶମୂଳକ ଚିନ୍ତାଧାରାକୁ ସମାଧାନ କରିବାରେ ଏନଟିପିସି ଦର୍ଲିପାଲିର ପ୍ରୟାସକୁ ସେମାନେ ପ୍ରଶଂସା କରିଥିଲେ। ଏବଂ ଗ୍ରାମରେ ବିକାଶମୂଳକ ପଦକ୍ଷେପ ଗୁଡ଼ିକୁ ତୀବ୍ରତର କରିବା ଏବଂ ସ୍ଥାନୀୟ ଯୁବକମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ପ୍ରଦାନ କରିବା ପାଇଁ ଅନୁରୋଧ କରିଥିଲେ।

# ବଳ ଦେଖାଇଲା ବିଜେପିଃ ବାଇକ୍‌ରେ କର୍ମୀ

କଲ୍ୟାଣସିଂହପୁର,୮।୪ (ସଂଚାର ବ୍ୟୁରୋ)ଃ ରାୟଗଡ଼ା କଲ୍ୟାଣସିଂହପୁର ବ୍ଲକ୍‌ରେ ଭାଜପାର ୪୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଭାଜପା ମଣ୍ଡଳ ସଭାପତି ଅଜିତ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ସୋମବାର ସକାଳ ୧୦ରେ ବୁଢ଼ାଗୁଡ଼ା ଗ୍ରାମଦେବୀଙ୍କ ପାଖରେ ଭାଜପାର ସମସ୍ତ କର୍ମକର୍ତ୍ତା ପୂଜାର୍ଚ୍ଚନା କରିବା ପରେ ଏକ ବାଇକ୍ ଶୋଭାଯାତ୍ରାରେ ବାହାରି କ୍ରିଷ୍ଣାପାତ୍ରଗୁଡ଼ା, ନାରାୟଣପୁର, ସୀତାପୁର ହୋଇ କଲ୍ୟାଣସିଂହପୁରଠାରେ ପହଞ୍ଚିଥିଲେ। କଲ୍ୟାଣସିଂହପୁର ଟାଉନ ପରିକ୍ରମାକରି ପଡ଼େଇକାନିରେ ହେଉଥିବା ସଭାସ୍ଥଳରେ ପହଞ୍ଚିଥିଲେ। କାର୍ଯ୍ୟକ୍ରମରେ ଭାଜପା ଜିଲା ସମ୍ପାଦକ ଗୁଡୁଲା ସନ୍ଦୀପ, ରାମରାଓ କାଡ୍ରାକା, କୃଷ୍ଣ ସାମଲ, ଡି. ଶିବ ଆଚାରୀ, ଜି.କିରଣ କୁମାର, କାମାକ୍ଷା ପ୍ରସାଦ ପାଢ଼ୀ, କାମେଶ୍ୱର କରକରିଆଙ୍କ ସହ କଲ୍ୟାଣସିଂହପୁର ଭାଜପାର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# 'ଓଡ଼ିଆ ଭାଷା ପକ୍ଷ' ପାଳନ ଅବସରରେ ରକ୍ତଦାନ ଶିବିର



ଫୁଲବାଣୀ,୮।୪ (ସଂଚାର ବ୍ୟୁରୋ)ଃ 'ଓଡ଼ିଆ ଭାଷା ପକ୍ଷ-୨୦୨୬' ପାଳନ ଅବସରରେ ଆଜି ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଏକ ବିଶାଳ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଆମ ମାତୃଭାଷାର ଗୌରବ ଗାନ ସହ ଜୀବନ ରକ୍ଷା ଭଳି ମହତ କାର୍ଯ୍ୟକୁ ଯୋଡ଼ିବା ପାଇଁ ଏହି ଅଭିନବ ପ୍ରୟାସ କରାଯାଇଛି। ଏହି ଶିବିରକୁ କନ୍ଧମାଳ ଜିଲ୍ଲାପାଳ ଶ୍ରୀ ବେଦଭୂଷଣ ଉଦ୍‌ଘାଟନ କରିବା ସହିତ ନିଜେ ରକ୍ତ ଦାନ କରି ଯୁବପିଢ଼ିଙ୍କୁ ରକ୍ତଦାନ ପାଇଁ ଉତ୍ସାହିତ କରିଥିଲେ। ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଶମ୍ଭୁନାଥ ନନ୍ଦୀ, ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଶ୍ରୀ ଗଦାଧର ପାତ୍ର, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ପ୍ରବୀଣ କୁମାର ବାଣୁଆ ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହ ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ଯୁବପିଢ଼ିଙ୍କ ସଂକଳ୍ପବଦ୍ଧତାକୁ ପ୍ରଶଂସା କରିଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମଟି ଓଡ଼ିଆ ଭାଷାରେ ପରିଚାଳିତ ହୋଇ 'ଓଡ଼ିଆ ପକ୍ଷ'ର ଆଭିମୁଖ୍ୟକୁ ସାର୍ଥକ କରିଥିଲା।

ପଡ଼ିଆରେ ପଡ଼ିରହିଛି କୁଢ କୁଢ ଅଳିଆ ଆବର୍ଜନା

# ତହସିଲ ପ୍ରଶାସନକୁ ଦୃଷ୍ଟି ଦେବାକୁ ଦାବି



ନିଶ୍ଚିନ୍ତକୋଇଲି,୮।୪ (ସଂଚାର ବ୍ୟୁରୋ)ଃ ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ କେଣ୍ଟାଲୋ ପଞ୍ଚାୟତ ମଲ୍ଲିପୁର ଗ୍ରାମରେ ବିଜେ ଅସୁରେଶ୍ୱର ଶ୍ରୀ ଶ୍ରୀ ରଘୁନାଥଜୀଉଙ୍କ ପୀଠରେ ତା.୦୨.୦୪.୨୦୨୬ରିଖ ଦିନ ଦାଣ୍ଡଯାତ୍ରା ଉତ୍ସବ ମହାସମାରୋହରେ ପାଳିତ ହୋଇଥିଲା। ଏହି ଉତ୍ସବରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଏପରିକି ଦାଣ୍ଡଯାତ୍ରା ଉତ୍ସବକୁ ଦୃଷ୍ଟିରେ ରଖି ବହୁ ବ୍ୟବସାୟୀ ମାନେ ନାନା ପ୍ରକାର ବ୍ୟବସାୟ ଦୋକାନମାନ ପକାଇଥିଲେ। କିନ୍ତୁ ସବୁ ପରେ ଆଜକୁ ୬ଦିନ ବିତିଯାଇଥିଲେ ମଧ୍ୟ ଦାଣ୍ଡଯାତ୍ରା ଦାୟିତ୍ୱରେ ଥିବା ପ୍ରଶାସନ ପକ୍ଷରୁ ଉକ୍ତ ସ୍ଥାନକୁ ସଫେଇ କରିବା ପାଇଁ କୌଣସି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଫଳରେ ଉକ୍ତ ପଡ଼ିଆର ସମ୍ପୂର୍ଣ୍ଣ ଅଂଶରେ କୁଢ କୁଢ ଖାଇବା ଥାଳି, ଗ୍ଲାସ, ପ୍ଲାଷ୍ଟିକ ବୋତଲ, ପ୍ଲାଷ୍ଟିକ୍ ଜରି ଏବଂ ଅନ୍ୟାନ୍ୟ ବହୁ ଅଳିଆ ଆବର୍ଜନା ପଡ଼ିରହିଛି। ଯାହାଫଳରେ ପରିବେଶ ଦୂଷିତ ହେଉଥିବାର ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହୋଇଛି।

# ଲାଞ୍ଜିଗଡ଼ ଦ୍ୱାଦଶ ପଞ୍ଚାୟତ ସମିତି ବୈଠକ



## ବୈଠକକୁ ବର୍ଜନ କଲେ ସରପଞ୍ଚ ସଂଘ

ଲାଞ୍ଜିଗଡ଼,୮।୪(ସଂଚାର ବ୍ୟୁରୋ)ଃ ଲାଞ୍ଜିଗଡ଼ ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ଠାରେ ପଞ୍ଚାୟତ ସମିତିର ଦ୍ୱାଦଶ ଅଧିବେଶନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଲାଞ୍ଜିଗଡ ବିଡ଼ିଓ ଶଶାଙ୍କ ପାତ୍ର , ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ,ଲାଞ୍ଜିଗଡ ଜୋନ-୨ ଜିଲ୍ଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, କଳାହାଣ୍ଡି ସାଂସଦ ପ୍ରତିନିଧି ନରେନ୍ଦ୍ର ବେହେରା ପ୍ରମୁଖ ମଞ୍ଚାସିନ ଥିଲେ। ତେବେ ବୈଠକ ଆରମ୍ଭରୁ ସରପଞ୍ଚ ମାନେ ବ୍ଲକରେ ହେଉଥିବା ଅନିୟମିତତା ଓ ସେମାନେ ଦେଉଥିବା ପ୍ରସ୍ତାବ ଉପରେ ବ୍ଲକ୍ ପ୍ରସାଶନ ଗୁରୁତ୍ୱ ନ ଦେଇ ନିଜ ମନମୁତାବକ ବ୍ଲକ୍‌ର ସମସ୍ତ ଯୋଜନା ପ୍ରସ୍ତୁତ କରିବା ସହ ପଞ୍ଚାୟତ ପ୍ରତିନିଧିମାନଙ୍କ ସହମତି ଲୋଡୁ ନ ଥିବା ଅଭିଯୋଗ କରିବା ସହ ବୈଠକକୁ ବର୍ଜନ କରି ବାହାରି ଯାଇଥିଲେ। ଆଗାମୀ ଦିନରେ ବ୍ଲକ୍ ପ୍ରସାଶନକୁ ବିରୋଧ କରିବା ସହ ଦରକାର ପଡ଼ିଲେ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷେ ଜନପ୍ରତିନିଧିମାନେ ବୈଠକ ବର୍ଜନ ପରେ ମଧ୍ୟ ବ୍ଲକ୍ ପ୍ରଶାସନ କିଛି ପଞ୍ଚାୟତ ସମିତି ସଭ୍ୟ ଓ ବିଭାଗୀୟ ଅଧିକାରୀମାନଙ୍କ ଗହଣରେ ଲାଞ୍ଜିଗଡ଼ ବିଧାୟକ ପ୍ରଦିପ କୁମାର ଦିଶାରୀ ପହଞ୍ଚିବା ପରେ ପୁନର୍ବାର ବୈଠକ ଅନୁଷ୍ଠିତ ହୋଇଥିଲା। ଲାଞ୍ଜିଗଡ଼ ବିଡିଓ ଶ୍ରୀ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ବ୍ଲକ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କିରଣ ଚନ୍ଦ୍ର ସାହୁ ସ୍ୱାଗତ ଅଭିଭାଷଣ ସହିତ ବିବରଣୀ ପାଠ କରିଥିଲେ। ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ବିଜୁଳି, କୃଷି, ବନ ବିଭାଗ, କୁଟିଆ କନ୍ଧ ଉନ୍ନୟନ ସଂସ୍ଥା, ମନରେଗା, ଗ୍ରାମ୍ୟ ଗୃହ ନିର୍ମାଣ ସମେତ ଅନ୍ୟାନ୍ୟ ବିଭାଗ ସମ୍ପର୍କରେ ଆଲୋଚନା କରାଯାଇଥିଲା।

ବାଲିପାଟଣାରେ ଖାଉଟିଙ୍କ ହକ ଲୁଟୁଛନ୍ତି ବେଆଇନ ବିକ୍ରେତା

# ବୁକିଂ କଲେ ମିଳୁନି ଗ୍ୟାସ, କଳାବଜାରୀଙ୍କ ଗୋଦାମ ଭର୍ତ୍ତି



ବାଲିପାଟଣା,୮।୪(ସଂଚାର ବ୍ୟୁରୋ)ଃ ଗୋଟିଏ ପଟେମଧ୍ୟପ୍ରାଚ୍ୟରେ ଯୁଦ୍ଧ ପାଇଁ ତୈଳ ଓ ଗ୍ୟାସ ସଙ୍କଟ, ଅନ୍ୟପଟେ ସ୍ଥାନୀୟ ଅସାଧୁ କଳାବଜାରୀଙ୍କ 'ରାଜୁତି'। ବାଲିପାଟଣା ଓ ବନମାଳୀପୁର ଅଞ୍ଚଳରେ ଏବେ ସାଧାରଣ ଖାଉଟିଙ୍କ ହକକୁ ଲୁଟି ଚାଲିଛନ୍ତି ବେଆଇନ ଗ୍ୟାସ ବିକ୍ରେତା। ନିଜର ବ୍ୟକ୍ତିଗତ ମୁନାଫା ପାଇଁ କିଛି ଅସାଧୁ ଗୋଷ୍ଠୀ ରନ୍ଧନ ଗ୍ୟାସକୁ ବେଆଇନ ଭାବେ ମହଜୁଦ ରଖି ସାଧାରଣ ଲୋକ, ହୋଟେଲ ଓ ଦୋକାନୀ ମାନଙ୍କୁ ଚଢ଼ା ଦରରେ ବିକ୍ରି କରୁଥିବା ବେଳେ ପ୍ରଶାସନିକ ଶିଥିଳତା ଏହି ବେଆଇନ କାରବାରକୁ ଆହୁରି ଖୋରାକ ଯୋଗାଉଛି। ବିଶ୍ୱବ୍ୟାପୀ ଗ୍ୟାସ ଯୋଗାଣ ବାଧାପ୍ରାପ୍ତ ହେବାକୁ କିଛି ମୁଷ୍ଟିମେୟ ବେଆଇନ ସିଲିଣ୍ଡର ବିକ୍ରେତା ଏକ ସୁଯୋଗ ଭାବେ ଗ୍ରହଣ କରିଛନ୍ତି। ଏହି ମଧ୍ୟସ୍ଥିମାନେ ବିଭିନ୍ନ ଉପାୟରେ ଘରୋଇ ସିଲିଣ୍ଡରକୁ ନିଜ କବ୍‌ଜାକୁ ନେଇଯାଉଛନ୍ତି। ଯେଉଁ ସିଲିଣ୍ଡର ସାଧାରଣ ଖାଉଟିଙ୍କ ରୋଷେଇ ଘରକୁ ଯିବା କଥା, ତାହା ଏହି ବେଆଇନ ବିକ୍ରେତାଙ୍କ ଜରିଆରେ ହୋଟେଲ ଓ ଚା' ଦୋକାନରେ ପହଞ୍ଚୁଛି। ୨ ହଜାରରୁ ଉର୍ଦ୍ଧ୍ୱ ଟଙ୍କାରେ ସିଲିଣ୍ଡର ବ୍ରିକି ହେଉଥିବା ଦେଖିବାକୁ ମିଳିଛି। ଅଞ୍ଚଳର ଅନେକ ସ୍ଥାନରେ ବେଆଇନ ସିଲିଣ୍ଡର ବେଲଗାମ ବ୍ରିକି ଚାଲିଛି କିନ୍ତୁ ଯୋଗାଣ ବିଭାଗ ବେଫିକର। ବେଆଇନ ବିକ୍ରେତାମାନେ ଏହି ସିଲିଣ୍ଡର ଗୁଡ଼ିକୁ ବଜାର ଦରଠାରୁ ଅଧିକ ମୂଲ୍ୟରେ ସାଧାରଣ ଖାଉଟି, ହୋଟେଲ ମାଲିକ ଓ ଚା' ଦୋକାନୀ ମାନଙ୍କୁ ଯୋଗାଇ ଦେଉଛନ୍ତି। ଫଳରେ ଗରିବ ଖାଉଟି ଜଣକ ବୁକିଂ କରି ମଧ୍ୟ ସିଲିଣ୍ଡର ପାଉନଥିବା ବେଳେ ବେଆଇନ କାରବାର କରୁଥିବା ଲୋକଙ୍କ ଗୋଦାମ ଭର୍ତ୍ତି ହୋଇ ରହୁଛି। ଏହି ସମ୍ପୂର୍ଣ୍ଣ ଚକ୍ରବ୍ୟୂହ ସମ୍ପର୍କରେ ଯୋଗାଣ ବିଭାଗ ସବୁ ଜାଣି ମଧ୍ୟ ନିଦାବିଷ୍ଟ ସାଜିଛି। କେଉଁ ଅଦୃଶ୍ୟ ଚାପରେ କିମ୍ବା କେଉଁ ସ୍ୱାର୍ଥ ସାଧନ ପାଇଁ ବିଭାଗୀୟ ଅଧିକାରୀମାନେ ଏହି ବେଆଇନ ବିକ୍ରେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି, ତାହା ଏବେ ସନ୍ଦେହ ଘେରରେ। ମୁଖ୍ୟ ରାସ୍ତା ପାର୍ଶ୍ୱରେ ଏତେ ବଡ଼ ଦୁର୍ନୀତି ଚାଲିଥିବା ବେଳେ ଥରଟିଏ ଚଢ଼ାଉ ନହେବା ଅଧିକାରୀଙ୍କ ଦାୟିତ୍ୱହୀନତାକୁ ପଦାରେ ପକାଇଛି। ଗ୍ୟାସ ବୁକିଂ ପ୍ରକ୍ରିୟାରେ ଅହେତୁକ ବିଳମ୍ବ ଓ କଳାବଜାରୀଙ୍କ ପ୍ରାଦୁର୍ଭାବ ଯୋଗୁଁ ସାଧାରଣ ଜନତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।






# ଅଧିକ ସମୟ ପରିସ୍ରା ଚାପି ରଖନ୍ତୁନି

ଏମିତି ଅନେକ ବଦଭ୍ୟାସ ରହିଛି, ଯାହା ପରିହାର୍ଯ୍ୟ ହେଲେ ସୁଦ୍ଧା ତାହାକୁ ବେଳେବେଳେ ଦୂରେଇଦେବା ସମ୍ଭବ ହୋଇ ନଥାଏ। ସେଥି ମଧ୍ୟରୁ ପରିସ୍ରାକୁ ଦୀର୍ଘ ସମୟ ଧରି ଚାପି ରଖିବା ହେଉଛି ଅନ୍ୟତମ। ପରିସ୍ଥିତିରେ ପଡ଼ି ଦୀର୍ଘ ସମୟ ଧରି ପରିସ୍ରା ନଯିବାକୁ ଆମେ ବାଧ୍ୟ ହୋଇଥାଉ। ତେବେ ଏଭଳି ସାମାନ୍ୟ ତ୍ରୁଟି ସମୟକ୍ରମେ ଭୀଷଣ ସ୍ୱାସ୍ଥ୍ୟ ସମସ୍ୟା ଆଣିବାର ଆଶଙ୍କା ରହିଛି। ଏଭଳି 'ୟୁରିନାରି ଇନ୍‌କଣ୍ଟିନେନ୍‌ସ' ବା ଦୀର୍ଘ ସମୟ ଧରି ପରିସ୍ରା ନଯିବା ଅବସ୍ଥା ବିଶେଷ କରି ବରିଷ୍ଠ ନାଗରିକଙ୍କ ଠାରେ ଅଧିକ ଦେଖାଦେଇଥାଏ। ତେବେ ସମ୍ପ୍ରତି ଏହା ଯୁବପିଢ଼ିକୁ ମଧ୍ୟ ଆକ୍ରାନ୍ତ କରିବାରେ ଲାଗିଛି। ଅବଶ୍ୟ ଏହା ପଛରେ ଅନେକ କାରଣ ରହିଛି। କୌଣସି ଗୁରୁତ୍ୱପୂର୍ଣ୍ଣ ବୈଠକରେ ହେଉ ବା ଭୀଷଣ ଟ୍ରାଫିକ୍‌ରେ ହେଉ, ଜଣେ ସେଭଳି ସ୍ଥିତିରେ ଅଟକି ରହିଥିବା ସମୟରେ ଜୋର୍‌ରେ ପରିସ୍ରା ମାଡୁଥିଲେ ମଧ୍ୟ ତାହା ଚାପି ରଖିବାକୁ ବାଧ୍ୟ ହୋଇଥାଏ। ମାତ୍ର ଏଭଳି କରିବା ଦ୍ୱାରା ଆମ ଶରୀରରେ ମୂତ୍ର ଠୁଳ ହୋଇ ରହୁଥିବା ଥଳି ବା ମୂତ୍ରାଶୟର ସମ୍ବେଦନଶୀଳତା କମି ଆସିଥାଏ। ଫଳରେ ମୂତ୍ରାଶୟର ମାଂସପେଶୀଗୁଡ଼ିକ ଶିଥିଳ ହୋଇଯାଇ ମୂତ୍ରନଳୀ ସଂକ୍ରମଣ (ୟୁଟିଆଇ)ର ଆଶଙ୍କା ବଢ଼ାଇଥାଏ। ତେଣୁ ପରିସ୍ରା ମାଡ଼ିଲା ମାତ୍ରେ ସ୍ଥାନ-କାଳ-ପାତ୍ର ନମାନି ଶୌଚାଳୟ ଯାଇ ତୁରନ୍ତ ତାହାକୁ ଖଲାସ କରିବା ସ୍ୱାସ୍ଥ୍ୟ ପକ୍ଷେ ହିତକର ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦିଅନ୍ତି। ନିୟମିତ ପରିସ୍ରା ଯିବା ହେଉଛି ଶରୀରର ଏକ ପ୍ରାକୃତିକ ପ୍ରକ୍ରିୟା। ଏହା ବିରୋଧରେ ଗଲେ ପରିଣାମ ବିପଜ୍ଜନକ ହୋଇପାରେ। ସେହିପରି ସ୍ଥଳବିଶେଷରେ ଯଦି କେହି ନିଜର କାର୍ଯ୍ୟକ୍ଷେତ୍ରରେ ଅଧିକ ସମୟ ବ୍ୟସ୍ତ ରହିବାର ସମ୍ଭାବନା ରହିଥାଏ, ତେବେ ତଦନୁଯାୟୀ ଆଗୁଆ ଯୋଜନା କରି ନିର୍ଦ୍ଦିଷ୍ଟ ସମୟ ଅନ୍ତରରେ ପରିସ୍ରା ଯିବା ଆବଶ୍ୟକ।



# ମାତ୍ରାଧିକ ଥଣ୍ଡା ଅନୁଭବ ହୁଏ ଭିଟାମିନ୍ ବି୧୨ ଅଭାବରୁ

ଶୀତ ଋତୁ ଆସିବା ସହିତ ଆମ ସମସ୍ତଙ୍କ ପାଇଁ ସ୍ୱେଟର୍, ଜ୍ୟାକେଟ୍ ଓ ସ୍କାର୍ଫ ଆଦି ଶୀତବସ୍ତ୍ରର ପ୍ରାଥମିକତା ବଢ଼ିଯାଇଛି। ଆମମାନଙ୍କ ଭିତରୁ କେହି କେହି ହାଲୁକା ବା ପତଳା ସ୍ୱେଟରରେ ଶୀତର ମୁକାବିଲା କରିପାରୁଥିବା ବେଳେ ଅନେକଙ୍କୁ ଅପେକ୍ଷାକୃତ ଅଧିକ ଶୀତ ଅନୁଭୂତ ହୁଏ। ତେବେ ଶରୀର ଏଭଳି ଅଧିକ ଥଣ୍ଡା ଅନୁଭବ କରିବା ପଛରେ କିଛି ଜୀବସାର ବା ଭିଟାମିନ୍ ଦାୟୀ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଆମ ଶରୀରର ତାପମାତ୍ରା ସନ୍ତୁଳିତ ରହିବା ପ୍ରକ୍ରିୟାକୁ 'ଥର୍ମୋରେଗୁଲେସନ୍' କୁହାଯାଏ। ରକ୍ତରେ ଲୌହସାର, ଭିଟାମିନ୍ ବି୧୨ ଓ ଫୋଲେଟ୍ ବା ଭିଟାମିନ୍୯ ଆଦି ଖାଦ୍ୟସାର ଏହି ପ୍ରକ୍ରିୟାକୁ ପ୍ରଭାବିତ କରିଥାଏ। ସୁତରାଂ ଏହି ସବୁ ଖାଦ୍ୟସାରଗୁଡ଼ିକର ଅଭାବ ଘଟିଲେ ଆମ ଶରୀର ନିଜର ତାପମାତ୍ରାକୁ କାଏମ୍ ରଖିବା ଲାଗି ସଂଘର୍ଷ କରିଥାଏ। ଫଳସ୍ୱରୂପ ଆମକୁ ଅଧିକ ଥଣ୍ଡା ଅନୁଭୂତ ହୋଇଥାଏ। ଆମର ଲୋହିତ ରକ୍ତ କଣିକାରେ ଥାଇ ଶରୀରର ବିଭିନ୍ନ କୋଷ ପାଖକୁ ଅମ୍ଳଜାନ ପରିବହନ କରୁଥିବା ହିମୋଗ୍ଲୋବିନ୍‌ର ସୃଷ୍ଟି ପାଇଁ ଲୌହସାର ଏକ ଅତ୍ୟାବଶ୍ୟକ ଉପାଦାନ। କୋଷମାନଙ୍କ ପାଖକୁ ଯଥେଷ୍ଟ ପରିମାଣର ଅମ୍ଳଜାନ ପରିବାହିତ ନହେଲେ ଆମର ମାଂସପେଶୀ ଓ ତନ୍ତୁଗୁଡ଼ିକ ଯଥେଷ୍ଟ ପରିମାଣର ତାପ ଉତ୍ପନ୍ନ କରିପାରନ୍ତି ନାହିଁ। ଏଭଳି ସ୍ଥିତିକୁ ଲୌହସାର ଅଭାବ ଜନିତ ରକ୍ତହୀନତା କୁହାଯାଏ, ଯାହାର ଲକ୍ଷଣ ସ୍ୱରୂପ ଅଧିକ ଥଣ୍ଡା ଅନୁଭୂତ ହେବା ସହ ଦୁର୍ବଳ ଓ ଭୀଷଣ କ୍ଳାନ୍ତ ଲାଗିଥାଏ।

ସେହିପରି ଲୋହିତ ରକ୍ତକଣିକା ପ୍ରସ୍ତୁତି ସମେତ ସ୍ନାୟବିକ ପ୍ରଣାଳୀକୁ ସକ୍ରିୟ କରିବାରେ ଭିଟାମିନ୍୧୨ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସୁତରାଂ ଭିଟାମିନ୍୧୨ର ଅଭାବ ରହିଲେ ସୁସ୍ଥ ଲୋହିତ ରକ୍ତକଣିକା ଗଠନରେ ବ୍ୟାଘାତ ହୋଇଥାଏ। ଏଭଳି ସ୍ଥିତିକୁ ଭିଟାମିନ୍୧୨ ଅଭାବ ଜନିତ ରକ୍ତହୀନତା କୁହାଯାଏ, ଯାହାର ଲକ୍ଷଣ ସ୍ୱରୂପ, ଗୋଡ଼ ଓ ହାତ ମାତ୍ରାଧିକ ଥଣ୍ଡା ହୋଇ କୋଲ ମାରିଯାଏ। ସେହିପରି ଲୋହିତ ରକ୍ତକଣିକା ପ୍ରସ୍ତୁତିରେ ଭିଟାମିନ୍୧୨ ସହିତ ଭିଟାମିନ୍୯ର ମଧ୍ୟ ଭୂମିକା ରହିଛି। ସୁତରାଂ ଏହାର ଅଭାବ ଦେଖାଗଲେ ମଧ୍ୟ ଶରୀର ମାତ୍ରାଧିକ ଥଣ୍ଡା ଅନୁଭବ କରିଥାଏ। ଏଥି ସହିତ ଚର୍ମ ସ୍ୱାସ୍ଥ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ଭିଟାମିନ୍ ସି'ର ରକ୍ତରେ ଲୌହସାର ଶୋଷଣ ପ୍ରକ୍ରିୟାରେ ଅବଦାନ ରହିଛି। ତେଣୁ ଏହାର ଅଭାବ ରହିଲେ ମଧ୍ୟ ଅଧିକ ଥଣ୍ଡା ଲାଗିଥାଏ। ତେଣୁ ସମାନ ପରିବେଶରେ ଅନ୍ୟମାନଙ୍କ ତୁଳନାରେ ଆମକୁ ଯଦି ଅଧିକ ଥଣ୍ଡା ଲାଗୁଛି, ତେବେ ଆମ ରକ୍ତରେ ଉପରୋକ୍ତ ଖାଦ୍ୟସାରଗୁଡ଼ିକର ଅଭାବ ରହିଛି ବୋଲି ଧରିବାକୁ ହେବ। ତଦନୁଯାୟୀ ଆବଶ୍ୟକ ଖାଦ୍ୟ ଗ୍ରହଣ ପୂର୍ବକ ସେହି ଅଭାବକୁ ଭରଣା କରିପାରିଲେ ଥଣ୍ଡା ଅନୁଭବ କମିଯିବ।

# ଫଳକୁ ଧୋଇ ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକର



ଶୀତଦିନେ ମାର୍କେଟରେ ବିଭିନ୍ନ ପ୍ରକାରର ଫଳ ମିଳେ। ଏହି ଋତୁରେ ଭିନ୍ନ ଭିନ୍ନ ପ୍ରକାରର ତାଜା ଫଳ ଓ ପନିପାରିବା ଖାଇବାର ସୁଯୋଗ ପାଆନ୍ତି ଲୋକେ। କିନ୍ତୁ କେତେକ ଫଳ ବିକ୍ରେତା ଫଳଗୁଡ଼ିକୁ ଅଧିକ ଦିନ ସତେଜ ତଥା ତାଜା ରଖିବା ପାଇଁ ଏଥିରେ ଫର୍ମାଲିନ ପରି କ୍ଷତିକାରକ ରାସାୟନିକ ସାମଗ୍ରୀ ମିଶାଇଥାଆନ୍ତି, ଯାହାକୁ ଆପଣ ଖାଇବା ଦ୍ୱାରା ଏହା ଆପଣଙ୍କ ଶରୀରରେ ଅନେକ ରୋଗ ସୃଷ୍ଟି କରିଥାଏ। ତେବେ ଆସନ୍ତୁ ଜାଣିବା କ'ଣ କରିବା ଦ୍ୱାରା ଆମେ ଏହି କ୍ଷତିକାରକ ରାସାୟନିକ ସାମଗ୍ରୀରୁ ନିଜକୁ ରକ୍ଷା କରିପାରିବା। ଶରୀରକୁ ସୁସ୍ଥ ରଖିବା ସହ ଶରୀରକୁ ଆବଶ୍ୟକୀୟ ପୋଷଣ ଦେବା ପାଇଁ ଆମେ ଫଳ ଖାଇଥାଉ। ବିଶେଷଜ୍ଞଙ୍କ ଅନୁସାରେ ପ୍ରତେକ ଦିନ ଫଳ ଖାଇବା ଦ୍ୱାରା ଆମ ଶରୀରକୁ ଆବଶ୍ୟକ ପୋଷଣ ମିଳିଥାଏ। ହେଲେ ଆଜିକାଲି ମାର୍କେଟରେ ମିଳୁଥିବା ସବୁ ଜିନିଷକୁ ଅଧିକରୁ ଅଧିକ ବିକ୍ରି କରିବା ପାଇଁ ଦୋକାନୀମାନେ ବିଭିନ୍ନ ପ୍ରକାର କେମିକାଲ ବ୍ୟବହାର କରିଥାଆନ୍ତି। ଯାହା ଆମ ଆଖିକୁ ଦେଖିବା ଏବଂ ପାଟିକୁ ଖାଇବାକୁ ଭଲ ଲାଗିଲେ ବି ଆମ ଶରୀରକୁ ଯାଇ ଏହା ଅନେକ କ୍ଷତି ପହଞ୍ଚାଇଥାଏ। ସେହିପରି ଫଳକୁ ଦୀର୍ଘଦିନ ଯାଏଁ ସତେଜ ରଖିବା ପାଇଁ ଦୋକାନୀମାନେ ଫର୍ମାଲିନ ପରି କ୍ଷତିକାରକ କେମିକାଲର ବ୍ୟବହାର କରିଥାଆନ୍ତି, ଯାହାକୁ ଆମେ ଖାଇବା ଦ୍ୱାରା ଆମକୁ ଅନେକ ରୋଗ ହୋଇଥାଏ। କେବଳ ଫର୍ମାଲିନ ନୁହେଁ ବାହାରେ ଉଡୁଥିବା ଧୂଳିକଣା ଏବଂ ଦୂଷିତ ପଦାର୍ଥ ଫଳରେ ଲାଗିରହିଥାଏ। ଯାହାଦ୍ୱାରା ଆମେ ଫଳକୁ ନଧୋଇ ଖାଇବା ଦ୍ୱାରା ଅନେକ ଶାରୀରିକ ସମସ୍ୟା ଦେଖାଯାଇଥାଏ। ଏଭଳି ରାସାୟନିକ ସାମଗ୍ରୀ ମିଶ୍ରିତ ଫଳ ବା ପରିବା ଖାଇବା ଦ୍ୱାରା ଅନେକ ଗମ୍ଭୀର ଶାରୀରିକ ସମସ୍ୟାର ହେବାର ଆଶଙ୍କା ବଢ଼ିଯାଏ। କିଛି ଲୋକଙ୍କଠାରେ ମୁଣ୍ଡବିନ୍ଧା, ଚର୍ମ କୁଣ୍ଡାଇ ହେବା ଭଳି ସମସ୍ୟା ଦେଖାଦିଏ। ଲଗାତାର ରାସାୟନିକ ସାମଗ୍ରୀ ମିଶ୍ରିତ ଫଳ ବା ପରିବା ଖାଇବା ଦ୍ୱାରା ହରମୋନ ଅସନ୍ତୁଳନ, Neurological damage, ପ୍ରଜନନ ସମସ୍ୟା ଏବଂ କର୍କଟ ଭଳି ରୋଗ ହେବାର ଆଶଙ୍କ ବଢ଼ିଯାଏ।

ମାର୍କେଟରୁ ଫଳ କିଣିଲା ପରେ ପ୍ରଥମେ ଏହାକୁ ପାଣିରେ ଭଲ ଭାବରେ ଧୋଇବା ଉଚିତ୍। ପାଣିରେ ଭଲଭାବରେ ଧୋଇବା ଦ୍ୱାରା ଏଥିରେ ଲାଗିଥିବା ଦୂଷିତ ପଦାର୍ଥ ଏବଂ ଧୂଳିକଣା ସଫା ହୋଇଯାଇଥାଏ। କିନ୍ତୁ କ୍ଷତିକାରକ କେମିକାଲ ଛାଡିନଥାଏ। ଫଳକୁ କେମିକାଲ ମୁକ୍ତ କରିବା ପାଇଁ ହାଲକା ଗରମ ପାଣିରେ ଲୁଣ ବା ଭିନେଗାର ପକାଇ ୧୦ ମିନିଟ୍ ପାଇଁ ଫଳକୁ ବୁଡାଇ ରଖିଦିଅନ୍ତୁ। ୧୦ ମିନିଟ୍ ପରେ ଏହାକୁ କାଢି ଥଣ୍ଡା ପାଣିରେ ଆଉ ଥରେ ଧୋଇ ନିଅନ୍ତୁ ଏବଂ ଏହାର ସେବନ କରନ୍ତୁ। ଏପରି କରିବା ଦ୍ୱାରା କ୍ଷତିକାରାକ ଫର୍ମାଲିନ ଫଳରୁ ସମ୍ପୂର୍ଣ୍ଣ ଭାବେ ଛାଡିଯାଇଥାଏ। ଦୋକନୀମାନେ କେବଳ ଫଳରେ ଫର୍ମାଲିନର ବ୍ୟବହାର କରନ୍ତି ନାହିଁ। ବରଂ ବଜାରରେ ମିଳୁଥିବା ମାଛରେ ମଧ୍ୟ ଏହି କେମିକାଲ ବ୍ୟବହାର କରାଯାଇଥାଏ। ମାଛକୁ ଦୀର୍ଘଦିନ ପାଇଁ ସତେଜ ରଖିବା ପାଇଁ ଏହି ଫର୍ମାଲିନ ବ୍ୟବହାର କରାଯାଇଥାଏ। ବିଶେଷଜ୍ଞଙ୍କ ମତରେ ମାଛକୁ ପାଣିରେ ଅଧଘଣ୍ଟା ପର୍ଯ୍ୟନ୍ତ ରଖିବା ଦ୍ୱାରା ଏଥିରେ ରହିଥିବା ୬୦ ପ୍ରତିଶତ କେମିକାଲ କମ ହୋଇଥାଏ। ସେହିପରି ମାଛକୁ ୧ ଘଣ୍ଟା ଲୁଣପାଣିରେ ରଖିବା ଦ୍ୱାରା ସେଥିରୁ ୧୦୦ ପ୍ରତିଶତ କେମିକାଲ ନଷ୍ଟ ହୋଇଥାଏ।

# ମୁହଁରୁ ମଇଳା ଦୂରକରେ ହାଇଡ୍ରା ଫେସିଆଲ୍



ଆଜିକାଲିର ଆଧୁନିକା ତରୁଣୀ ଓ ମହିଳାମାନେ ଉଜ୍ଜଳ, ମସୃଣ ତ୍ୱଚା ପାଇଁ ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି। ମୁହଁରୁ କଳା, ଧଳା ଦାଗ ଦୂର କରିବାକୁ ଅର୍ଗାନିକ୍ ପିଲ୍‌ଠାରୁ ଆରମ୍ଭ କରି ଓପନପୋର୍ ବା ମୁହଁରୁ ଗାତ ଦୂର କରିବାକୁ ଓପନ୍‌ପୋର୍‌ସ ଟ୍ରିଟ୍‌ମେଣ୍ଟ୍, ଆଖି ତଳୁ କଳାଦାଗ ଦୂର ପାଇଁ ଅଣ୍ଡର୍ ଆଇ ଟ୍ରିଟ୍‌ମେଣ୍ଟ୍, କଳା ଓଠକୁ ସୁନ୍ଦର କରିବାକୁ ଲିପ୍ ଲାଇଟେନିଂ ଟ୍ରିଟ୍‌ମେଣ୍ଟ୍ ଓ ତ୍ୱଚାକୁ ଦାଗମୁକ୍ତ ଓ ଉଜ୍ଜ୍ୱଳ କରିବାକୁ ସ୍କିନ୍ ଗ୍ଲୋ ଟ୍ରିଟ୍‌ମେଣ୍ଟ୍ ଆଦି ଏବେ ସହରର ବିଭିନ୍ନ ପାର୍ଲରଗୁଡ଼ିକରେ କରାଯାଉଛି। ଏଥିସହ ତ୍ୱଚାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିବାକୁ ଏବେ ହାଇଡ୍ରା ଫେସିଆଲ୍, ମେଡିକାଲ୍ ଗ୍ରେଡ୍ ଫେସିଆଲ୍, କେମିକାଲ୍ ପିଲ୍, ଏଲ୍‌ଇଡି ଲାଇଟ୍ ଥେରାପି, ଟ୍ରିଟ୍‌ମେଣ୍ଟ କରୁଛନ୍ତି। ତେବେ ଏସବୁ ଭିତରୁ ହାଇଡ୍ରା ଫେସିଆଲ୍ ର ଚାହିଦା ବଢ଼ୁଛି।

ଏହି ଫେସିଆଲ୍‌ରେ ଏକ ଯନ୍ତ୍ର ମାଧ୍ୟମରେ ମୁହଁରୁ ସମସ୍ତ ପ୍ରକାରର ମଇଳା ବାହାର କରାଯାଏ। ଯାହାକି ସାଧାରଣ ଫେସିଆଲ୍‌ଠାରୁ ଅଧିକ ଭଲ ପ୍ରଭାବ ଦେଖାଇଥାଏ। ୩୦ ବର୍ଷ ପରେ ମୁହଁର ଚମକ ଧୀରେ ଧୀରେ କମିଯିବା ଫଳରେ ତ୍ୱଚାରେ କୁଞ୍ଚନ ସୃଷ୍ଟି ହୁଏ। ସବୁବେଳେ ମୁହଁକୁ ସଜେତ ରଖିବାପାଇଁ ଏହି ଫେସିଆଲ୍ ଖୁବ୍ ଭଲ। ଏହା ମୁହଁକୁ ଭିନ୍ନ ଏକ ଚମକ ଦିଏ ଓ ବିବାହ ତଥା ନିର୍ବନ୍ଧ ପୂର୍ବରୁ ମହିଳାମାନେ ଏହାକୁ କରାଇନେଲେ ଭଲ। ଚର୍ମକୁ ହାଇଡ୍ରେଟ୍ କରିବା ପାଇଁ ହାଇଡ୍ରା ଫେସିଆଲ୍ କାର୍ଯ୍ୟ କରିଥାଏ। ଏହି ଫେସିଆଲ୍‌ରେ ସୌନ୍ଦର୍ଯ୍ୟ ଉପକରଣ ସାହାଯ୍ୟରେ ଚେହେରାରେ ମୃତ କୋଷଗୁଡ଼ିକ ବାହାର କରାଯାଇଥାଏ। ଚର୍ମ ଭିତରେ ଆଣ୍ଟିଅକ୍ସିଡାଣ୍ଟ ସେରମ୍ ଭର୍ତ୍ତି କରାଯାଇଥାଏ। ଯେଉଁଥିପାଇଁ ଚର୍ମର ଚମକ ଫେରି ଆସିବାରେ ସାହାଯ୍ୟ କରେ। ଏହା ଦ୍ୱାରା କୌଣସି ପାର୍ଶ୍ୱପ୍ରତିକ୍ରିୟା ଦେଖାଦିଏ ନାହିଁ। ଏହି ଫେସିଆଲ୍ ଦ୍ୱାରା ମୁହଁରୁ କଳାଦାଗ, ବାର୍ଦ୍ଧକ୍ୟ, ମୁଖ ବ୍ରଣ, ଆକ୍‌ନେ ଆଦି ସମସ୍ୟାର ସମାଧାନ ହୋଇଥାଏ। ସମ୍ପୂର୍ଣ୍ଣ ମେସିନ୍ ସାହାଯ୍ୟରେ ଏହି ଫେସିଆଲ୍ କରାଯାଇଥାଏ। ଏଥିରେ ଏଲ୍‌ଇଡି ମାସ୍କକୁ ବ୍ୟବହାର କରାଯାଏ ଯେଉଁଥିରେ ଏକ ପ୍ରକାର ଲାଇଟ୍‌କୁ ତ୍ୱଚାରେ ପକାଯାଏ ଓ ପରେ ବିଭିନ୍ନ ସେରମ୍ ଓ କ୍ରିମ୍ ଆଦିକୁ ବ୍ୟବହାର କରାଯାଏ। ମସାଜ୍, କ୍ଲିନ୍‌ଜିଙ୍ଗ୍, ସ୍କ୍ରବିଙ୍ଗ୍, ଆଖି ଓ ନାକ ତଳ ସଫା ପାଇଁ ସୁପର୍‌ସୋନକ୍ ମେସିନ୍ ବ୍ୟବହାର କରାଯାଏ। ହେଆର୍ ହାକର୍ ପାର୍ଲରର ମୁଖ୍ୟ ଜିତୁ ଠାକୁର କୁହନ୍ତି ଯେ ୯ ମାସ ହେଲାଣି ଏହି ଫେସିଆଲ୍ ବଜାରକୁ ଆସିଛି। ଗ୍ରାହକଙ୍କ ରୁଚି ଅନୁଯାୟୀ ଓ ତ୍ୱଚା ଅନୁଯାୟୀ ଆମେ ଫେସିଆଲ୍ କିଟ୍ ବ୍ୟବହାର କରିଥାଉ। ଏହାର ଦାମ୍ ୩୫୦୦ରୁ ଆରମ୍ଭ ହୋଇ ୫୦୦୦ ପର୍ଯ୍ୟନ୍ତ ରହିଛି। O3+, ଲାଲୁସା ଓ ମେଟ୍ ଫେସିଆଲ୍‌ର ଚାହିଦା ଅଧିକ ରହିଛି। ପ୍ରତି ୨୦ ଦିନରେ ଥରେ ହାଇଡ୍ରା ଫେସିଆଲ୍ କରିବାଦ୍ୱାରା ମୁହଁର ମୃତ ଚର୍ମକୋଷଗୁଡ଼ିକ ନଷ୍ଟ ହୋଇ ଚର୍ମରେ ଆର୍ଦ୍ରତା ଭରିଥାଏ। ଏଥିରେ ଆମକୁ ହାତ ମାରିବାକୁ ପଡ଼ି ନଥାଏ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ମେସିନ୍ ହିଁ କରିଥାଏ। ତ୍ୱଚାର ଚର୍ମର ଆବଶ୍ୟକତା ଅନୁଯାୟୀ ମେସିନ୍‌ଟି ତା'ର କାର୍ଯ୍ୟ କରିଥାଏ ସେଥିପାଇଁ ଆଜିକାଲି ଅଧିକାଂଶ ମହିଳା ଏହି ଫେସିଆଲ୍‌କୁ ପସନ୍ଦ କରୁଛନ୍ତି ବୋଲି ଶ୍ରୀ ଠାକୁର କହିଛନ୍ତି।

## ଓଡ଼ିଆ ପକ୍ଷ ପାଳନ ଅବସରରେ ରକ୍ତଦାନ ଶିବିର



ନାଳଗିରି,୮।୪(ସଂଚାର ବ୍ୟୁରୋ): ନାଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷପାଳନ ଅବସରରେ ଯୁଥ୍ ରେଡ କ୍ରସ, ରେଡ ରିବନ୍ କ୍ଲବ୍, ଜାତୀୟ ସେବା ଶିବିର ଓ ସମ୍ବାଦ ଓଡ଼ିଶା ତରଫରୁ ମିଳିତ ଭାବରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ଶିବିରକୁ ଫକୀରମୋହନ ବିଶ୍ୱବିଦ୍ୟାଳୟର ପୁନର୍ବାର ନବନିଯୁକ୍ତ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉଦ୍ଘାଟନକରିଥିଲେ।ଏହି ଉଦ୍ଘାଟନିସମୟରେମହାବିଦ୍ୟାଳୟର ଅଧ୍ୟକ୍ଷା ମିସ୍ରାଶ୍ରୀପଞ୍ଚାଲୀନେନାଲିଗିରି ରକ୍ତଦାନ ସଂଘର ଚେୟାରମ୍ୟାନ ଶ୍ରୀଯୁକ୍ତ ବିଜୟ କୁମାର ପାତ୍ର ଉପସ୍ଥିତ ରହି ଥିଲେ। ନାଳଗିରି ଉପଖଣ୍ଡ ସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଏକ ମେଡ଼ିକାଲ ଟିମ୍ ଉକ୍ତ ରକ୍ତଦାନକୁ ସୁଚାରୁ ରୂପେ ସଂପନ୍ନ କରିଥିଲେ। ଏହି ରକ୍ତ ଦାନ ସମୟରେ ରିତା ସିଂ, ସରୋଜିନୀ ନାୟକ, ସ୍ମିତିପ୍ରଜ୍ଞା ମହାନ୍ତି, ଦେବଯାନୀ ହାଁସଦା, ବନିତା ପ୍ରଧାନ, ସ୍ୱାଗତିକା ସ, ଅର୍ପିତ ସ୍ୱାଇଁ, ବିଜୟିନୀ ମଲ୍ଲିକ, ରମାଦେବୀ ସିଂ, ଅର୍ଚ୍ଚନା ବାଗ, ବନିତା ଧାଳିକ, ଲକ୍ଷ୍ମୀମଣି ସିଂ, ସୁଲୋଚନା ସିଂ, ସସ୍ମିତା ଦାସ, ସରସ୍ୱତୀ ସିଂ, ଶ୍ରାବଣୀ କବି, ଗୁଣୀ ଯୁବରାଣୀ ରାଉତ୍, ମୋନାଲି ବିଶ୍ୱାଳ, ସୁଶାନ୍ତ ପରିଡ଼ା, ଅଭିଜିତ ପରିଡ଼ା, ହେମାଲତା ବେହେରା, ସିଦ୍ଧାର୍ଥ ବିଶ୍ୱାଳ ଓ ତପସ୍ୱିନୀ ପଣ୍ଡା ଓ ତପନ କୁମାର ଦାସବାବୁ ଉପସ୍ଥିତ ରହି ଶିବିରରେ ୨୩ ୟୁନିଟ ରକ୍ତ ପ୍ରଦାନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ୟୁଥ୍ ରେଡ କ୍ରସ ଓ ଜାତୀୟ ସେବା ଶିବିର କାଉନସେଲର ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ର ଓ ଅଧ୍ୟାପିକା ମୌସୁମୀ ଭୋଳ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ରୋଗୀଙ୍କ ଜୀବନ ସହ ଖେଳ
# ବିନା ବୀମା ଓ ଫିଟନେସ୍‌ରେ ଚାଲିଛି ଆମ୍ବୁଲାନ୍ସ

ଝାରସୁଗୁଡ଼ା,୮।୪(ସଂଚାର ବ୍ୟୁରୋ): ବିନା ବୀମା, ଫିଟନେସରେ ଚାଲିଥିଲା ଆମ୍ବୁଲାନ୍ସ । ଅପଡେଟ୍ କରିବା ପାଇଁ କହିବାରୁ ଚାରି ମାସର ଦରମା ଗଲା । ଏପରିକି ଚାକିରିରୁ ହାତ ଧୋଇବାକୁ ପଡ଼ିଲା ତିନି ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ । ଝାରସୁଗୁଡ଼ାର ଏକ ଘରୋଇ ହସ୍ପିଟାଲ୍ ନାଁରେ ଏମିତି କିଛି ସାଂଘାତିକ ଅଭିଯୋଗ ଆଣିଛନ୍ତି ତିନି ଆମ୍ବୁଲାନ୍ସ ଡ୍ରାଇଭର । ଝାରସୁଗୁଡ଼ାର ଏକ ଘରୋଇ ହସ୍ପିଟାଲ ନାଁରେ ଆସିଛି ଏମିତି ସଙ୍ଗୀନ ଅଭିଯୋଗ । ଏ ଯେଉଁଛି ସେହି ଆମ୍ବୁଲାନ୍ସ ଯାହା ଲୋକଙ୍କ ଜୀବନ ବଞ୍ଚାଏ । କିନ୍ତୁ ଏଠି ଇଏ ନିଜେ ଅସୁରକ୍ଷିତ । ଆମ୍ବୁଲାନ୍ସର ଫିଟନେସ୍ ବୈଧତା ନଭେମ୍ବର ୧, ୨୦୨୦ରୁ ସରିଯାଇଛି । ବୀମାର ବୈଧତା ଅକ୍ଟୋବର ୨, ୨୦୧୯ରୁ ଶେଷ ହୋଇଯାଇଛି । ଆମ୍ବୁଲାନ୍ସ ବିନା ପଞ୍ଜୀକରଣରେ ଚାଲୁଛି । ୨୦୨୩ରେ ଗୋଟିଏ ଚାଲାଣ କଟିଛି, ଯାହା ଏଯାଏଁ ପୈଠ କରାଯାଇନି । ଏମିତି ଅବସ୍ଥାରେ ରୋଗୀଙ୍କୁ ସେବା ଯୋଗାଉଥିଲା ଆମ୍ବୁଲାନ୍ସ । ଏହାକୁ ଅପଡେଟ୍ କରିବା ପାଇଁ କହିବାରୁ ହସ୍ପିଟାଲ୍‌ରେ କାମ କରୁଥିବା ୩ ଡ୍ରାଇଭରଙ୍କୁ ଏଭଳି ଦଣ୍ଡ ଭୋଗିବାକୁ ପଡ଼ିଛି । ତ୍ରିଲୋଚନ ଦାରିକ, ରୋମାଞ୍ଚ ପଟେଲ, ଏବଂ ଶେଖ ଶୁଲେମାନ ଏନେଇ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ । ସେମିତି କିଛି ତ' ହେଲାନି, ଓଲଟା ୩ ଜଣଙ୍କ ଦରମା ଗଲା, ଚାକିରିରୁ ବାହାର କରିଦିଆଯାଇଥିବା ଅଭିଯୋଗ ହୋଇଛି । ସିଡିଏମ୍‌ଓ, ଜିଲ୍ଲାପାଳ ସମସ୍ତଙ୍କୁ ଅଭିଯୋଗ ପରେ ଶେଖ ସୁଲେମାନଙ୍କୁ ଦରମା ତ' ମିଳିଛି କିନ୍ତୁ ତ୍ରିଲୋଚନ ଏବଂ ରୋମାଞ୍ଚଙ୍କୁ ଏଯାଏଁ ଦରମା ପାଇନାହାନ୍ତି । ସେପଟେ ଏକ ନୂଆ ଡ୍ରାଇଭର ସହାୟତାରେ ଆମ୍ବୁଲାନ୍ସ ପୁଣି ଚାଲିଛି । ଆମ୍ବୁଲାନ୍ସରେ ସାଇରନ୍ ନାହିଁ । ବୀମା ଓ ଫିଟ୍‌ନେସ୍ ଅପଡେଟ୍ ହୋଇନି । ଆମ୍ବୁଲାନ୍ସ ରାସ୍ତାରେ ଚାଲୁଛି କିପରି ? ନା ରୋଗୀ ଜୀବନ ସହ ଖେଳ ଚାଲିଛି ? ତାହା ଏକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯେଉଁ ଆମ୍ବୁଲାନ୍ସ ଜୀବନ ବଞ୍ଚାଏ, ସେହି ଆମ୍ବୁଲାନ୍ସ ଯଦି ନିଜେ ଅସୁରକ୍ଷିତ, ତାହେଲେ ଲୋକମାନେ କାହାକୁ ଭରସା କରିବେ ? ଏହା କେବଳ ଶ୍ରମିକ ଶୋଷଣ ନୁହେଁ, ଏହା ସର୍ବ ସାଧାରଣଙ୍କ ଜୀବନ ସହ ଖେଳ ବୋଲି ଅଭିଯୋଗ ହୋଇଛି ।



## ସଂସ୍କୃତି ଭବନରେ ଏଏଫସି ପକ୍ଷରୁ ଫସଲ ବିବିଧିକରଣ ଯୋଜନା କାର୍ଯ୍ୟକ୍ରମ



ଯାଜପୁର ରୋଡ଼,୮।୩(ସଂଚାର ବ୍ୟୁରୋ): ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ଯାଜପୁର ରୋଡ ସଂକୃତି ଭବନ ପରିସରରେ ଜିଲ୍ଲା ସ୍ତରୀୟ ଚାଷୀ ଓ କ୍ରେତା ମାନଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନା ପାଇଁ ଏ.ଏଫ.ସି ଇଣ୍ଡିଆ ଲିମିଟେଡ଼ ପକ୍ଷରୁ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ବୃହତ ଜଳସେଚନ ପକଳ୍ପ ଅଞ୍ଚଳର ଚାଷୀ ମାନଙ୍କୁ ସୁବିଧା ସୁଯୋଗ ଯୋଗାଇଦେବା ଓ ଉତ୍ପାଦ ଜିନିଷ ଗୁଡିକର ବିକ୍ରି ବ୍ୟବସ୍ଥା ସୁଦୃଢ଼ୀକରଣ ଉପରେ ଆଲୋଚନା କରାଯାଇଥିଲା। ଏହି ଆଲୋଚନାରେ ଅତିଥି ଭାବେ ଏଏଫସିର ରାଜ୍ୟ ସମନୋୟ ଅଧିକାରୀ ବିଭୁଦତ ପାଇକରାୟ, କୃଷି ବିଭାଗର ଅବସରପ୍ରାପ୍ତ ଡାଇରେକଟର ସରୋଜକାନ୍ତ ଦାସ, ଜିଲ୍ଲା କୃଷି ବିଭାଗର ମୁଖ୍ୟ ଭବାନୀ ଶଙ୍କର ମିଶ୍ର, ଏଡିଓ ଯାଜପୁର ପିୟୁଷ ପଲବ ପରିଡା, କୋରେଇ ସହକାରୀ ଉଦ୍ୟାନ ବିଭାଗ ଅଧିକାରୀ ଅମ୍ଲାନ କର, ଯୋଜନା କୃଷି ଅଧିକାରୀ ଜୋତିରଞ୍ଜନ ଦାସ, ଧର୍ମଶାଳା ସହକାରୀ ଉଦ୍ୟାନ ଅଧିକାରୀ ଶୁଭଶ୍ରୀ ସୁଭଦର୍ଶିନୀ ପ୍ରମୁଖ ଉପସ୍ଥିତ ରହି ଚାଷୀ ମାନଙ୍କୁ ଚାଷର ପ୍ରଣାଳୀ ଓ ବୃହତ ଉଠା ଜଳ ସେଚନର ମୁଖ୍ୟ ଉତ୍ସ ଓ ଚାଷୀ ମାନଙ୍କର ରହିଥିବା ମୁଖ୍ୟ ସମସ୍ୟା ଓ ଫସଲ ବିବିଧି କରଣ ଯୋଜନା ଉପରେ ପରାମର୍ଶ ଦେଇଥିଲେ।

## ରୋତ କଲେଜରେ ରକ୍ତଦାନ ଶିବିର



ବଲାଙ୍ଗିର,୮।୩(ସଂଚାର ବ୍ୟୁରୋ): ବଲାଙ୍ଗିର ଜିଲ୍ଲା ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ, ବାଣୀନିକେତନ, ରୋତରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜି ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ୟୁଥ ରେଡକ୍ରସ, ରେଡରିବନ୍ କ୍ଲବ, ଜାତୀୟ ସେବା ଯୋଜନା ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଦ୍ୱାରା ଆୟୋଜିତ ଏହି ଶିବିରକୁ ଅଧ୍ୟକ୍ଷ ଶ୍ରୀଯୁକ୍ତ ପ୍ରଦୀପ କୁମାର ଷଡଙ୍ଗୀ ଉଦଘାଟନ କରିଥିଲେ। ପ୍ରାରମ୍ଭରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇ ରକ୍ତଦାନର ଉପକାରିତା ଓ ତାର ଆବଶ୍ୟକତା ସଂପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯାଇଥିଲା। ଏହି ଶିବିରରେ ମହାବିଦ୍ୟାଳୟର ତିରିଶ ଜଣ ଛାତ୍ରଛାତ୍ରୀ, ଅଧ୍ୟାପକ ଓ କର୍ମଚାରୀ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରିଥିଲେ। ବଲାଙ୍ଗିର ରକ୍ତଭଣ୍ଡାରର ଡକ୍ଟର ଅଶୋକ କୁମାର ମିଶ୍ର, ଜ୍ୟୋତିର୍ମୟୀ ନାଏକ, ଶେଖ୍ ଅବଦୁଲ ଆସରଫ, ଦେବାଶିଷ ମିଶ୍ର, ସଜନ ରଣା ଓ ସୁଶିଲ ସୁନା ରକ୍ତ ସଂଗ୍ରହ କରିଥିଲେ। ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଦୈତାରି ଶବର, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଲେଫ୍ଟନାଣ୍ଟ ଗୋପାଳ ସାହୁ, ୟୁଥ ରେଡକ୍ରସର ସଂଯୋଜକ ଡକ୍ଟର ଲିଙ୍ଗରାଜ ମେହେର ଓ ରୁପେଶ ଷାଣ୍ଡଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରକୁ ସମସ୍ତ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ, ଅଧ୍ୟାପକ ଓ କର୍ମଚାରୀ ବିଶେଷ ସହଯୋଗ କରିଥିଲେ।

## ଅବସରପ୍ରାପ୍ତ ଶିକ୍ଷକ ସମ୍ବର୍ଦ୍ଧନା ଉତ୍ସବ



ବେତନଟୀ,୮।୩(ସଂଚାର ବ୍ୟୁରୋ): ବଡ଼ସାହି ନିର୍ବାଚନ ମଣ୍ଡଳୀର ସରକାରୀ ପ୍ରାଥମିକ ବିଦ୍ୟାଳୟ, ଘୁଷୁରିଆର ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ଗୁରୁଚରଣ ଭୂୟାଁ ଙ୍କ ସମ୍ମାନାର୍ଥେ ଏକ ବିଦାୟ ଉତ୍ସବ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ଏଥିରେ ଶିକ୍ଷକ ନେତା ରତିକାନ୍ତ ବେହେରା ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ ବାସୁଦେବ ନାପିତ, ବେଣୁଧର ଜେନା, ଦୁର୍ଯ୍ୟୋଧନ ସିଂ, ପ୍ରବୋଧ କୁମାର ଭୂୟାଁ ଙ୍କ ସହ କାର୍ଯ୍ୟରତ ଶିକ୍ଷକ ରଜତ କୁମାର ବେହେରା, ଅନୀଲ କୁମାର ଭୂୟାଁ, ବସନ୍ତ କୁମାର ବାରିକ ପ୍ରମୁଖ ମଞ୍ଚାସୀନ ଥାଇ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ରୂପେ ଯତୀନ୍ଦ୍ରନାଥ ଦଣ୍ଡପାଟ ଓ ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଶିକ୍ଷକ ନେତା ସଚ୍ଚିଦା ନନ୍ଦ ମହାନ୍ତି ବକ୍ତବ୍ୟ ଛଳରେ ଅନ୍ୟ ବକ୍ତାଙ୍କଭଳି ଅବସରପ୍ରାପ୍ତ ଶ୍ରୀ ଭୂୟାଁଙ୍କ ଗୁଣାବଳୀ ବର୍ଣ୍ଣନା କରିଥିଲେ। ଛାତ୍ରଛାତ୍ରୀଗଣ ସ୍ୱାଗତ ସଙ୍ଗୀତ ସହ ଗୁରୁବନ୍ଦନା। ଗାନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜନା ଓ ପରିଚାଳନାରେ ଶିକ୍ଷୟିତ୍ରୀ ଶାନ୍ତିଲତା ରାଜ ଓ ଶୁଭପ୍ରିୟା ମଲ୍ଲିକ ତଥା ବିଦ୍ୟାଳୟ ପରିଚାଳନା ସମିତି ସଭାପତି ରୂପାସିଂ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ନିକଟସ୍ଥ ସମସ୍ତ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଗ୍ରାମବାସୀ ଏବଂ ଘୁଷୁରିଆ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ବେଲପାଳ ଉ: ପ୍ରା: ବିଦ୍ୟାଳୟ, ଜୁଣପଦା ପ୍ରାଥମିକ ବିଦ୍ୟାଳୟ ତରଫରୁ ବିଦାୟୀ ଶିକ୍ଷକଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଶ୍ରୀ ଭୂୟାଁ ଛାତ୍ରଛାତ୍ରୀଗଣଙ୍କୁ ଶିକ୍ଷାଭିମୁଖୀ ହେବାକୁ ଉପଦେଶ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ସମ୍ବର୍ଦ୍ଧନା।

## ଓଡ଼ିଆ ପକ୍ଷରେ, ରକ୍ତଦାନ ଶିବିର



ସୁବର୍ଣ୍ଣପୁର,୮।୩(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ଜାଲୋଇ ଡିଗ୍ରୀ କଲେଜ ଓ ଆମ ଓଡ଼ିଶା ର ମିଳିତ ଆନୁକୂଲ୍ୟରେ 'ଓଡ଼ିଆ ପକ୍ଷ ୨୦୨୬' ପାଳନ ଉପଲକ୍ଷେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ସୁବର୍ଣ୍ଣପୁର ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବିରାମହାରାଜପୁର ର ମାନ୍ୟବର ବିଧାୟକ ଶ୍ରୀ ରଘୁନାଥ ଜଗଦଲା ଉଦଘାଟନ କରିଥିଲେ। ଏହି ଉପଲକ୍ଷେ କଲେଜରେ ସମସ୍ତ ଛାତ୍ରଛାତ୍ରୀ ଓ ସ୍ଥାନୀୟ ଅଭିଭାବକ ମାନଙ୍କ ଉପସ୍ଥିତିରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କଲେଜ ପରିଚାଳନା କମିଟିର ସଭାପତି ତଥା ବରିଷ୍ଠ ଓକିଲ ଶ୍ରୀବଳଦେବ ପ୍ରସାଦ ବେଦବାକ ସଭାପତିତ୍ୱ କରିଥିଲେ। ଉଲୁଣ୍ଡା ବ୍ଲକର 'ଆତ୍ମା' ଅନୁଷ୍ଠାନର ସଭାପତି ଶ୍ରୀବାସୁଦେବ ମିଶ୍ର, ବରିଷ୍ଠ ଇଂରାଜୀ ଅଧ୍ୟାପକ ଶ୍ରୀରଞ୍ଜନ ମହଲା, ଜାଲୋଇ ସରପଞ୍ଚ ଶ୍ରୀମତୀମିଶ୍ର ଓ କଲେଜ ଅଧ୍ୟକ୍ଷ ଶ୍ରୀଗିରିଧାରୀ ହୋତା ପ୍ରମୁଖ ଯୋଗ ଦେଇଥିଲେ।

## ପୁନର୍ଜୀବିତ ହେବ ଲୋପ ପାଉଥିବା ଲୋକକଳା
## ବ୍ଲକରେ 'ଓଡ଼ିଆ ପକ୍ଷ-୨୦୨୬' ପାଳିତ



ତୁମୁଡିବନ୍ଧ,୮।୪(ସଂଚାର ବ୍ୟୁରୋ): ଲୋପ ପାଉଥିବା ଲୋକକଳାକୁ ପୁନର୍ଜୀବିତ କରିବା ଉଦ୍ଦେଶ୍ୟରେ କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ 'ଓଡ଼ିଆ ପକ୍ଷ-୨୦୨୬' ଅନୁଯାୟୀ 'ଲୋକକଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ ବୁଧବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ତୁମୁଡିବନ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ବନ ବିହାରୀ ହରପାଲ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବାସନ୍ତି ମାଝି ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ନବୀନ ପାତ୍ର (ଜିଲ୍ଲା ପରିଷଦ ସଭ୍ୟ), ସନ୍ତୋଷ କୁମାର ସାହୁ (ବ୍ଲକ ଉପାଧ୍ୟକ୍ଷ), ପୂର୍ଣ୍ଣ ଚନ୍ଦ୍ର ପାଢ଼ୀ (ବ୍ଲକ ସଂସଦ ପ୍ରତିନିଧି), ନେତ୍ର ମାନସେଠ (ବ୍ଲକ କଳାକାର ସଂଘ ଉପସଭାପତି) ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଶ୍ରୀମତୀ ମାଝି କଳାକାରମାନଙ୍କୁ ଉଦବୋଧନ ଦେଇ କହିଥିଲେ ଯେ, ଆଜିର ଆଧୁନିକତା ଆମର କଳା, ସଂସ୍କୃତି ଓ ପରମ୍ପରାକୁ କ୍ଷତି ପହଞ୍ଚାଉଛି। ତେଣୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ତେ ମିଳିମିଶି ଲୋକକଳାକୁ ବଞ୍ଚାଇ ରଖିବାକୁ ସେ ଆହ୍ୱାନ ଦେଇଥିଲେ।

## ପ୍ରଥମ ବାର୍ଷିକ ପଞ୍ଚ ଶମ୍ଭୁ ମହାମିଳନ ଅନୁଷ୍ଠିତ

କନ୍ଧମାଳ,୮।୪(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ପକାରୀ ପଞ୍ଚାୟତ ରେ ପ୍ରଥମ ବାର୍ଷିକ ପଞ୍ଚ ଦଣ୍ଡ ମହାମିଳନ କାର୍ଯ୍ୟକ୍ରମ ମହାସମାରୋହ ରେ ଅନୁଷ୍ଠିତ ହୋଇଯାଇଛି। ଏହି ପଞ୍ଚ ଶମ୍ଭୁ ମହାମିଳନ କାର୍ଯ୍ୟକ୍ରମ କୁ ପଞ୍ଚ ଶମ୍ଭୁ ପରିଚାଳନା କମିଟି ଆୟୋଜନ କରିଥିବା ବେଳେ କମିଟି ର ସଭାପତି ତୁଣ୍ଡେରା କହଁର ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଚଳିତ ବର୍ଷ ପକାରୀ, କାଶିନିପଦର, ସୁମରବନ୍ଧ କେରେଙ୍ଗେଲି, ଓ ବାଲିଗଟା ପାଞ୍ଚଟି ଦଣ୍ଡ ଥଳ ନିଜ ନିଜର ପାରମ୍ପରିକ ଦଣ୍ଡ ନୃତ୍ୟ ପରିବେଷଣ କରିଥିଲେ । ସକାଳ ନଅ ଟା ସମୟରେ ସମସ୍ତ ଦଣ୍ଡ ଥଳ ମନ୍ଦିର ପରିକ୍ରମା କରିସାରିଲା ପରେ ବନ୍ଦନା ସାରି ଦିନ ଏଗାର ଟା ରେ ଧୂଳି ଦଣ୍ଡ ସହ ବିଭିନ୍ନ ନୃତ୍ୟ ପରିବେଷଣ ପରେ ଅପରାହ୍ନ ଚାରିଟା ସମୟରେ ଜଳ ଘାଟ ସାରି ସନ୍ଧ୍ୟା ପାଞ୍ଚଟା ସମୟରେ ଶିବ ମନ୍ଦିର ପ୍ରାଙ୍ଗଣରେ ପଞ୍ଚ ଶମ୍ଭୁ, ପଞ୍ଚ ଦଣ୍ଡ, ମିଳନ ଅନୁଷ୍ଠିତ ହୋଇଥିଲା । ରାତ୍ର ଏଗାର ଟା ସମୟରେ ଦଣ୍ଡ ଚରିତ୍ର ନାଚ ଅନୁଷ୍ଠିତ ହେବାକୁ ଥିବା ବେଳେ ସକାଳ ସାତ ଘଣ୍ଟା ସମୟରେ ବୀଣାକାର ମେଲଣ ସହ ଦଣ୍ଡ ମେଲାଣି ପର୍ବ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ଥିବା ପରିଚାଳନା କମିଟି ତରଫରୁ ସୂଚନା ମିଳିଛି ।

# ଜଙ୍ଗଲରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର



କନ୍ଧମାଳ,୮।୪(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ସାରଙ୍ଗଗଡ଼ ଥାନା ଅଧୀନରେ ଥିବା ସଲାଗୁଡା ଗାଁ ନିକଟରେ ଥିବା ମୁଣ୍ଡିକୂପା ଜଙ୍ଗଲ ର ଏକ ଆମ୍ବ ଗଛରୁ ଜଣେ ଯୁବକଙ୍କ ମୃତ ଦେହ କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଛି ସାରଙ୍ଗଗଡ଼ ପୋଲିସ ଓ ମୃତ ଜଣକ ଫିରିଙ୍ଗିଆ ଥାନା ଉପର ଦାଣ୍ଡିକିଆ ଗାଁ ର ସ୍ୱର୍ଗତ ନୀଳମ୍ବର କହଁର ଙ୍କ ପୁଅ କରୁଣାକର କହଁର ବୋଲି ଜଣାପଡ଼ିଥିବା ବେଳେ ସେ ଦୀର୍ଘ ବାର ବର୍ଷ ହେବ କେରଳ ର ଏକ କମ୍ପାନୀରେ ରହି କାମ କରି ଆସୁଥିଲେ ଓ ସୂଚନା ଅନୁସାରେ ବୁଧବାର ସକାଳୁ ସଲାଗୁଡା ଗାଁ ର କିଛି ଲୋକ ଜଙ୍ଗଲ କୁ କାଠ ଆଣିବା ପାଇଁ ଯାଇଥିବା ସମୟରେ ମୃତ ଦେହ ଝୁଲୁଥିବା ଦେଖି ପୋଲିସ କୁ ଖବର ଦେଇଥିଲେ ଓ ଖବର ପାଇଁ ସାରଙ୍ଗଗଡ଼ ଥାନା ଅଧିକାରୀ ସ୍ମିତା ଜେନା ଏକ ଟିମ ସହ ସାଇଟିଫିକ ଟିମ କୁ ଘଟଣା ସ୍ଥଳରେ ପହଂଚି ଶବ କୁ ଜବତ କରି ବ୍ୟବଚ୍ଛେଦ ପାଇଁ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟ କୁ ପଠେଇ ଦେଇ ଅଧିକ ତଦନ୍ତ ଜାରିରଖିଛନ୍ତି ଓ ସେପଟେ ଘଟଣାକୁ ନେଇ ସାରଙ୍ଗଗଡ଼ ଥାନା ରେ ୦୪/୨୦୨୬ ରେ ଏକ ଅପମୃତ୍ୟୁ ମାମଲା ମଧ୍ୟ ରୁଜୁ କରାଯାଇଥିବା ଥାନା ଅଧିକାରିଣୀ ସୂଚନା ଦେଇଛନ୍ତି ଓ ତେବେ ମୃତ ଯୁବକ ଜଣକ କାମକରିବା ପାଇଁ ଦୀର୍ଘ ବାର ରୁ ପନ୍ଦର ବର୍ଷ ଧରି କେରଳ ଯାଇ ନିଜ ଘରକୁ ଆସିନଥିବା ବେଳେ ହଠାତ ଏତେ ବର୍ଷ ପରେ ତାଙ୍କ ମୃତ ଦେହ ଜଙ୍ଗଲ ରୁ ଝୁଲନ୍ତା ଅବସ୍ଥାରେ ମିଳିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି ଓ ଏହା ଆତ୍ମ ହତ୍ୟା ନା ତାଙ୍କୁ କିଏ ହତ୍ୟା କରି ଆତ୍ମ ହତ୍ୟା ର ରୂପ ଦେବାକୁ ଚେଷ୍ଟା କରିଛି ତାହା ସନ୍ଦେହ ଘେରରେ ରହିଥିବା ବେଳେ ସାଇଟିଫିକ ଟିମ ର ତଦନ୍ତ ରିପୋର୍ଟ ଏବଂ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସମସ୍ତ ତଥ୍ୟ ସମାନା କୁ ଆସିବ ବୋଲି ସୂଚନା ଦେଇଛନ୍ତି ଥାନା ଅଧିକାରୀଣୀ ସ୍ମିତା ଜେନା।

## ଅଜଣା ବାଇକ ଧକ୍କାରେ ସ୍କୁଟି ଆରୋହୀ ଗୁରୁତର



ବୈଶିଙ୍ଗା,୮।୪(ସଂଚାର ବ୍ୟୁରୋ): ବୁଧବାର ସନ୍ଧ୍ୟାରେ ବୈଶିଙ୍ଗା ଥାନା ଅଧୀନ ୧୮ନଂ ଜାତୀୟ ରାଜପଥର ବଗଲପୁର ଛକ ନିକଟରେ ଏକ ସ୍କୁଟିରେ ମାଆ ଓ ପୁଅ ଦୁଇ ଜଣ ଆସୁଥିବା ବେଳେ ଆଉ ଏକ ବାଇକ ଆରୋହୀ ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ଘଟଣାରୁ ପ୍ରକାଶ ରୁପସା- ବାଖରାବାଦ ଗ୍ରାମର ସ୍ୱର୍ଗତ ନାରାୟଣ ବାଗ ଙ୍କ ସ୍ତ୍ରୀ ତୁଳସୀ ଦାସ ଏବଂ ପୁତ୍ର ଜୀବନ ବାଗ ନିଜର ସ୍କୁଟି ନଂ ଓଡି ୦୧ ଏଭି -୦୬୪୫ ରେ ବାରିପଦା ରୁ ରୁପସା ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ରାସ୍ତାରେ ଆସୁଥିବା ପତଡା ଗ୍ରାମର ଅମର ପଣ୍ଡା ଏହି ଦୁଇ ଜଣଙ୍କୁ ଏକ ଅଟୋ ଯୋଗେ ବୈଶିଙ୍ଗା ଡାକ୍ତରଖାନା ନେଇ ଆସିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କର ପରିବାର ଲୋକେ ଡାକ୍ତରଖାନା ପହଞ୍ଚି ଉନ୍ନତ ଚିକିତ୍ସା ପାଇଁ ନେଇ ଯାଇଥିଲେ।

## କାରରେ ଗଞ୍ଜେଇ ନେଇ ଜାଉଥିଲେ: ମାଡ଼ି ବସିଲା ପୁଲିସ

ନନ୍ଦପୁର,୮।୪(ସଂଚାର ବ୍ୟୁରୋ): କୋରାପୁଟ ଜିଲା ନନ୍ଦପୁର ପୋଲିସ ଏକ ଓଆର୦୨ ବିଜେଡ ୬୧୭୦ ନମ୍ବ ବିଶିଷ୍ଟ କାର ସମେତ ୨୧ କିଲୋ ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ଚାଲାଣ ମାମଲାରେ କାର ଚାଳକ ଓ ସହଯାତ୍ରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ନନ୍ଦପୁର ଥାନାଧିକାରୀ ତ୍ରିନାଥ ତୋଟାପାଡିଆଙ୍କ ସୂଚନା ମୁତାବକ ଗୁଇନ୍ଦା ସୂଚନା ଆଧାରରେ ନନ୍ଦପୁର ପୋଲିସ ଏମଡିଆର ୫୫ ରାସ୍ତା ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଛକ ନିକଟରେ ଦ୍ରୁତ ଗତିରେ ଆସୁଥିବା କାରକୁ ଅଟକାଇ ଯାଞ୍ଚ କରିବାରେ କାରରେ ଗଞ୍ଜେଇ ଥିବା ଜଣା ପଡ଼ିଥିଲା। କାରରେ ଥିବା ପଟାଙ୍ଗି ରେଣୁ ଗ୍ରାମର ଅଜିତ୍ ଧଡକା (୨୧) ଓ ଲମତାପୁଟ ବ୍ଲକ ବାଲେଲ ଗ୍ରାମର କିରଣ ଖରା (୨୨) ଙ୍କୁ ଅଟକ ରଖି ପଚରା ଉଚରା କରିଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗଞ୍ଜେଇର ଓଜନ କରାଯିବାରୁ ୨୧ କିଲୋ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ନନ୍ଦପୁର ଥାନାରେ କେସ ନ ୫୨/୨୦୨୬ ରେ ମାମଲା ରୁଜୁ କରି ବୁଧବାର ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗଞ୍ଜେଇ ଓ କାରକୁ ଜବତ କରାଯାଇଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

## ଦେଓଗାଁ ଚିନିକଳ ପୁନଃ କାର୍ଯ୍ୟକ୍ଷମ ଦାବି
## ଜିଲ୍ଲାପାଳ କାର୍ଯ୍ୟାଳୟ ଘେରିଲା ଚିନିକଳ ସଂଘର୍ଷ ସମିତି



ବଲାଙ୍ଗିର,୮।୪(ସଂଚାର ବ୍ୟୁରୋ): ପୂର୍ବ ଘୋଷଣା ଅନୁଯାୟୀ ଦେଓଗାଁ ଚିନିକଳ ସଂଘର୍ଷ ସମିତି ତରଫରୁ ଚିନିକଳ ପୁନରୁଦ୍ଧାର ପାଇଁ ଜିଲ୍ଲାପାଳଙ୍କ ଅଫିସ ସାମନାରେ ଏକ ଧାରଣା ତଥା ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିଲା। ଗତ ସାଧାରଣ ନିର୍ବାଚନ ରେ ଏହି ପ୍ରସଙ୍ଗକୁ ବିଜେପି ଦଳ ତାଙ୍କ ନିର୍ବାଚନି ଇସ୍ତାହାର ରେ ସ୍ଥାନିତ କରି ଏବଂ ସରକାରକୁ ଆସିବା ପରେ ବଲାଙ୍ଗିରସ୍ଥ ପଥରଚେପା ଠାର ଅନୁଷ୍ଠିତ କୃଷକ ଶକ୍ତି ମେଳା ରେ ଖୋଦ ମୁଖ୍ୟମନ୍ତ୍ରୀ ଏବଂ କୃଷିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ଚିନିକଳ ତୁରନ୍ତ ଖୋଲିବା ନେଇ ଦୃଢ଼କଣ୍ଠ ରେ ଘୋଷଣା କରିବା, ଜିଲ୍ଲାର ଚାଷି ସମାଜ, ଶ୍ରମିକ ଶ୍ରେଣୀ ତଥା ବୁଦ୍ଧିଜିବୀ ମହଲରେ ନୂତନ ଆଶାର ସଞ୍ଚାର କରିଥିଲା। ପ୍ରଶାସନିକ ସ୍ତରରେ ମଧ୍ୟ କିଛି ହଲଚଲ ଅନୁଭବ କରାଯାଉଥିଲା। କିନ୍ତୁ ନିକଟ ଅତୀତରେ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଭୁବନେଶ୍ୱର ଠାରେ କେବଳ ନୟାଗଡ଼ ଓ ବଡମ୍ବା ଚିନିକଳ ଚାଲିବା ନେଇ ସବୁଜ ସଂକେତ ଦେଇଥିଲେ। ଏହା ଦ୍ୱାରା ପୁନର୍ବାର ଦେଓଗାଁ ଚିନିକଳ ର ଭାଗ୍ୟ ଅନିଶ୍ଚିତତା ଭିତରକୁ ଚାଲିଗଲା।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରକ୍ତଦାନ ଶିବିର




ସୁବର୍ଣ୍ଣପୁର,୮।୪(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ଆୟୋଜିତ ରକ୍ତ ଦାନ ଶିବିର ରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ .ନୃପରାଜ ସାହୁ ଶୁଭାରମ୍ଭ କରିଥିଲେ। ଓଡ଼ିଆ ପକ୍ଷ ପାଳନ ଆମ ଓଡ଼ିଆ ଙ୍କ ପରିଚୟ ବୋଲି କହି ଆୟୋଜିତ ଏକ ସଚେତନତା। ସଭାରେ ମେଡିକାଲ୍ ସାଇନ୍ସ ବହୁ ଆଗକୁ ଯାଇଛି, ଆର୍ଟିଫିସିଆଲ ହାର୍ଟ ଲଗା ଯାଇ ପାରେ କିନ୍ତୁ କେବେ ବି ଆର୍ଟିଫିସିଆଲ ବ୍ଲଡ ମିଳିବା ଅସମ୍ଭବ ବୋଲି କହିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଉଷା ରାଣୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହିସଭାରେ ବିଶେଷ ଅତିଥିଭାବରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକ୍ଷକ ଡା.ଦୁର୍ଗାଦତ୍ତ ଦାଶ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ରୋଗ ନିୟନ୍ତ୍ରଣ ଡା ରମେଶ ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଯକ୍ଷ୍ମା ଡା ପଦ୍ମହଂସା ଦୋରା ବ୍ଲଡ଼ ବେଙ୍କ ଅଧିକାରୀ ଡା ମାନସ ରଞ୍ଜନ ଦାଶ, ଡି ପି ଏମ ଏନ ଏଚ ଏମ ରୂପକ କୁମାର ମହାପାତ୍ର, ବ୍ଲଡ ବ୍ୟାଙ୍କ ଅଧିକାରୀ ଡ଼ା ମାନସ ରଞ୍ଜନ ଦାଶ, ଏ ଡି ପି ଏଚ ସି ଓ ବୃନ୍ଦାବନ ସାହୁ ପ୍ରମୁଖ ଯୋଗ ଦେଇ ରକ୍ତ ଦାନ କରି ଅନ୍ୟର ଜୀବନ ବଞ୍ଚାଇବା ସହ ନିଜ ସ୍ୱାସ୍ଥ୍ୟକୁ ମଧ୍ୟ ସୁରକ୍ଷିତ ରଖି ପରିବା ବୋଲି କହିଥିଲେ।

## ପୋଲ ତଳୁ ମିଳିଲା ମୃତଦେହ

ବଲାଙ୍ଗୀର/ଲାଠୋର, ୮।୪(ସଂଚାର ବ୍ୟୁରୋ): ବଲାଙ୍ଗୀର ଜିଲା ଲାଠୋର ଥାନା ଅଧୀନ କରୁଆଁଝର କୋଉ ପୋଲତଳୁ ପୋଲିସ ବୁଧବାର ଏକ ମୃତଦେହ ଜବତ କରିଛି। ମୃତକ ଜଣକ ଲାଠୋର ଥାନା ଅଧୀନ ଫୁଲଝର ଗ୍ରାମର ହେମନ୍ତ ଶବର(୫୫) ବୋଲି ଜଣାପଡ଼ିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ମୃତଦେହ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ବର୍ଗଙ୍କୁ ହସ୍ତାନ୍ତର କରି ପୋଲିସ ତଦନ୍ତ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଥାନା ଅଧିକାରୀ ଅବିନାଶ ପ୍ରଧାନ କହିଛନ୍ତି। ପୋଲ ତଳେ ଯେଉଁ ଭଳି ଭାବରେ ମୃତଦେହ ପଡ଼ିଥିବାର ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ ।

## ମା'-ଭାଇଙ୍କୁ ମରଣାନ୍ତକ ଆକ୍ରମଣ
## ଅଭିଯୁକ୍ତଙ୍କୁ ଏକ ବର୍ଷ ସଶ୍ରମ କାରାଦଣ୍ଡ

ଦାରିଙ୍ଗବାଡି,୮।୪(ଅରୁଣ ସାହୁ): ଏକ ଘରୋଇ ହିଂସାକୁ ନେଇ ଦାରିଙ୍ଗବାଡି ପ୍ରଥମ ଶ୍ରେଣୀ ବିଚାର ବିଭାଗରେ ବିଚାର ହୋଇ ଅଭିଯୁକ୍ତଙ୍କୁ ଏକ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଶୁଣାଇଥିବା ଜଣାପଡ଼ିଛି। ଅଭିଯୁକ୍ତ ହେଲେ ଦାରିଙ୍ଗବାଡି ଥାନା ଅଞ୍ଚଳର ପ୍ରତାପ ଚନ୍ଦ୍ର ସାହୁ ବୋଲି ସରକାରୀ ଓକିଲ ଉମେଶ କର କହିଛନ୍ତି। ଏହି ଆଦେଶ ଦେଇଛନ୍ତି ପ୍ରଥମ ଶ୍ରେଣୀ ବିଚାର ବିଭାଗର ବିଚାରପତି ଶ୍ରେୟା ଶତପଥୀ। ପ୍ରକାଶ ଯେ, ଦାରିଙ୍ଗବାଡି ଥାନାରେ ଗତ ୨୦୨୨ ଏପ୍ରେଲ ୨୬ରେ ଘରୋଇ ହିଂସା ନେଇ ଅଭିଯୋଗ ହୋଇଥିଲା। ଘରର ବଡ଼ ପୁଅ ପ୍ରତାପ ତାଙ୍କ ସାନ ଭାଇ ଏବଂ ମା'ଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ ଏନେଇ ଥାନାରେ ଅଭିଯୋଗ ହୋଇଥିଲା ଥାନା କେଶ ନଂ (୭୨/୨୨)ମାମଲା ରୁଜୁ ହୋଇଥିଲା ପରେ ଏହା କୋର୍ଟ କେଶ ନଂ (୧୦୮/୨୦୨୨) ବିଚାର ବିଭାଗରେ ଉଭୟ ପକ୍ଷର ଶୁଣାଣି କରି ସାକ୍ଷ୍ୟ ପ୍ରମାଣକୁ ବିଚାର କରି ଏହି ଦଣ୍ଡାଦେଶ ହୋଇଥିଲା। ଏହି ମାମଲାକୁ ସରକାରୀ ଓକିଲ ଉମେଶ କର ଏବଂ ପ୍ରଦୀପ କୁମାର ସାହୁ ପରିଚାଳନା କରୁଥିଲେ। ଘରୋଇ ହିଂସାକୁ ନେଇ ଦଣ୍ଡଦେଶ ଏହା ଉକ୍ତ ଥାନା ଅଞ୍ଚଳରେ ପ୍ରଥମ ବୋଲି ଚର୍ଚ୍ଚା ହେଉଛି।

## ଭଦ୍ରକ ଜିଲ୍ଲାରେ ସରକାରୀ ଶିକ୍ଷକଙ୍କ ଟ୍ୟୁସନ ନିଶା
# ସରକାରୀ ନିର୍ଦ୍ଦେଶକୁ ଫୁଁ; ଜିଲ୍ଲା ଶିକ୍ଷାଧିକାରୀ ଜାଣି ଅଜଣା



ବିଭିନ୍ନ ବିଦ୍ୟାଳୟରେ ସରକାରୀ ଚାକିରୀ କରିଥିବା ଶିକ୍ଷକ ମାନେ। ପିଲା ମାନଙ୍କୁ ବିଦ୍ୟାଳୟରେ ଯାହା ପାଠ ପଢ଼ାଉଛନ୍ତି

ଧାମନଗର,୮।୩(ସଂଚାର ବ୍ୟୁରୋ): ଧାମନଗର ତଥା ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ କୌଣସି ସରକାରୀ ଶିକ୍ଷକ ଘରୋଇ ଟ୍ୟୁସନ କରି ପାରିବେ ନାହିଁ କି କୋଚିଂ ସେଣ୍ଟର କରି ପାଠ ପଢ଼ାଇ ପାରିବେ ନାହିଁ। ଏ ନିୟମ କୁ ଏବେ ଖୁଲମଖୁଲା ଉଲଂଘନ କରୁଛନ୍ତି ଭଦ୍ରକ ଜିଲ୍ଲା ଶିକ୍ଷାଧିକାରୀଙ୍କ ଅଧୀନରେ ଥିବା ଭଦ୍ରକ, ଭଣ୍ଡାରିପୋଖରୀ, ଧାମନଗର, ବନ୍ତ, ତିହିଡି, ଚାନ୍ଦବାଲି ବ୍ଲକ ଅଧିନସ୍ଥ ତାହା ତ ଜିଲ୍ଲା ଶିକ୍ଷାଧିକାରୀ ବେଶ ଭଲ ଭାବରେ ଜାଣିଥିବେ। ଛାତ୍ରଛାତ୍ରୀ ମାନଙ୍କୁ ଅଧିକ ନମ୍ବର ଦେବା, ପରୀକ୍ଷାରେ ସାହାଯ୍ୟ କରିବା, ଆଗୁଆ ବିଭିନ୍ନ ପରୀକ୍ଷାର ପ୍ରଶ୍ନପତ୍ର ଦେବାରେ ସହଯୋଗ କରିବା ଭଳି ଆଳ ଦେଖାଇ ନିଜର ଟ୍ୟୁସନ ହେଉ ବା କୋଚିଙ୍ଗ ସେଣ୍ଟର ପ୍ରତି ଆକର୍ଷିତ କରାଇ ସାଇଟ୍ ଶିକ୍ଷା ବ୍ୟବସାୟ ଆରମ୍ଭ କରିଦେଇଛନ୍ତି ତାହା ପୁଣି ଜିଲ୍ଲା ଶିକ୍ଷାଧିକାରୀ ସମେତ ବ୍ଲକ ଶିକ୍ଷାଧିକାରୀଙ୍କ ଗୋଚରରେ। ଯେଉଁ ଶିକ୍ଷକ ମାନଙ୍କୁ ସରକାର ବିଦ୍ୟାଳୟରେ ଭଲ ପାଠ ପଢ଼ାଇବା ପାଇଁ ଉଚ୍ଚ ଅଙ୍କର ବେତନ ପ୍ରଦାନ କରୁଅଛନ୍ତି ଅଥଚ ସେମାନେ ବିଦ୍ୟାଳୟରେ କମ୍ କିନ୍ତୁ କୋଚିଂ ଟ୍ୟୁସନରେ ଅଧିକ ପରିଶ୍ରମ କରୁ ଅଛନ୍ତି। ଏମିତି କି କିଛି ସରକାରୀ ଶିକ୍ଷକ କୋଚିଂ ସେଣ୍ଟର ମାଲିକ ହୋଇ ନିଜେ ପଢ଼ାଇବା ସହ ଅନ୍ୟ ବିଦ୍ୟାଳୟରୁ ଶିକ୍ଷକ ମାନଙ୍କୁ ଡକାଇ ଶିକ୍ଷା ବ୍ୟବସାୟ ପ୍ରଗତି କରୁଛନ୍ତି।

## ଧର୍ମପରାୟଣ ବ୍ୟକ୍ତିଙ୍କ ୧୦୫ବର୍ଷରେ ପରଲୋକ

ସୁବର୍ଣ୍ଣପୁର,୮।୩(ସଂଚାର ବ୍ୟୁରୋ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଗାଁର ଧର୍ମପରାୟଣ ବ୍ୟକ୍ତି ପବିତ୍ରା ନନ୍ଦ ଦେହୁରୀ(୧୦୫) ଙ୍କ ମଙ୍ଗଳବାର ଦିନ ଅପରାହ୍ନ ୧ଘଣ୍ଟା ସମୟରେ ପରଲୋକ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ପୁଅ ବୋହୂ, ନାତିନାତୁଣୀ ଓ ସମ୍ପର୍କୀୟ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସ୍ୱର୍ଗତ ଦେହୁରୀ ସମଲେଶ୍ୱରୀ ମନ୍ଦିର ର ଦେହୁରୀ ଥିଲେ ତୁର୍କା ପ୍ରଗଣା ରାଇଜର ଦେହୁରୀ ଥିଲେ। ତାଙ୍କ ଯୁବାବସ୍ଥାରୁ ଅଞ୍ଚଳ ପାଇଁ ସବୁବେଳେ ସଂଗ୍ରାମ କରୁଥିଲେ। ଘଣ୍ଟାପଡ଼ାରେ ପ୍ରାଥମିକ ବିଦ୍ୟାଳୟ, ହାଇସ୍କୁଲ, କଲେଜ, ପୋଷ୍ଟ ଅଫିସ, ପଞ୍ଚାୟତ, ପ୍ରାଥମିକ କୃଷି ସମବାୟ ସମିତି, ଥାନା ଆଦି ସ୍ଥାପନରେ ତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ସ୍କୁଲ ଓ କଲେଜର ପୃଷ୍ଠପୋଷ ଥିଲେ। ସେହିପରି ପୂର୍ବରୁ ସେ ପୋଷ୍ଟ ଅଫିସ ରେ କାର୍ଯ୍ୟ କରି ଘଣ୍ଟାପଡା ପଞ୍ଚାୟତ ଓ ସମବାୟ ସେବା ସମିତିରେ ସମ୍ପାଦକ ଥିଲେ। ସ୍ଥାନୀୟ ତେଲ ନଦୀକୂଳର ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ପୁଅ ଜୟ କୁମାର ଦେହୁରୀ ମୁଖାଗ୍ନି ଦେଇଥିଲେ।